# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଏପ୍ରିଲ ୪/୨୦୧୯ (୧୬ ପୃଷ୍ଠା) Sambalpur, Thursday, April 4/ 2019 ★★

୧୫ଶ ଭାଗ ୧୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**କିସ୍ ପାଇଁ ଦ୍ୱନ୍ଦ୍ୱରେ କିଆରା**

ଅଫର ମିଳିଥିବା ଏକ ଫିଲ୍ମରେ ୨-୩ଟି କିସ୍ ଶଟ୍ ଦେବାକୁ ହେବ ଜାଣି ଚିନ୍ତାରେ ପଡ଼ିଯାଇଛନ୍ତି ବଲିଉଡ ଅଭିନେତ୍ରୀ କିଆରା ଆଡଓ୍ୱାନୀ। ଫଳରେ ସେ ଫିଲ୍ମଟିକୁ ଗ୍ରହଣ କରିବା ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ।

୧୨

୧୪

**ଡାଙ୍ଗମେଇ ଗ୍ରେସ୍‌ଙ୍କ ଡବଲରେ ଭାରତ ବିଜୟୀ**

ଡାଙ୍ଗମେଇ ଗ୍ରେସ୍‌ଙ୍କ ଡବଲ ଗୋଲ ବଳରେ ଭାରତ ବୁଧବାର ଅନୁଷ୍ଠିତ ମହିଳା ଫୁଟବଲ ମ୍ୟାଚରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ପରାସ୍ତ କରିଛି ।








**ଆଜିର ସମ୍ପାଦକୀୟ**

## ନିରାମିଷ ଜେଲାଟିନ୍

**ଆଜିର ମନ୍ତବ୍ୟ**

"ଦେଶ ବିରୋଧୀଙ୍କ ସହ ଛିଡ଼ାହୋଇଛି କଂଗ୍ରେସ।

**-ରବିଶଙ୍କର ପ୍ରସାଦ, ବରିଷ୍ଠ ଭାଜପା ନେତା**

**କିଛି ତଥ୍ୟ**

୨୦୧୮-୧୯ ବର୍ଷର ଏପ୍ରିଲ-ଫେବୃୟାରୀ ସମୟରେ ଦେଶର ରପ୍ତାନି ୮.୮୫% ବୃଦ୍ଧି ଘଟି ୨୮୯.୪୭ ବିଲିୟନ ଡଲାର ଛୁଇଁଛି।

**- ବାଣିଜ୍ୟ ମନ୍ତ୍ରଣାଳୟ**

### ■ ପ୍ରାର୍ଥୀ ତାଲିକା ଘୋଷଣା ପରେ ଅଡୁଆରେ କଂଗ୍ରେସ

# ପ୍ରାର୍ଥୀ ହେବାକୁ ମନା କଲେ ଯୁଧିଷ୍ଠିର, ପୃଥ୍ୱୀବଲ୍ଲଭ

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ମଙ୍ଗଳବାର ବିଳମ୍ବିତ ରାତିରେ କଂଗ୍ରେସ ୨ ଲୋକ ସଭା ଓ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ବୁଧବାର ପୁନଃ ବେଗୁନିଆ ସମେତ ୯ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଦୁଇଦିନରେ ଦଳ ୧୭ ବିଧାନସଭା ଓ ୩ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଦଳ ପୂର୍ବରୁ ଘୋଷଣା କରିଥିବା ଦୁଇଜଣ ପ୍ରାର୍ଥୀଙ୍କୁ ମଧ୍ୟ ବଦଳାଇଛି। କଂଗ୍ରେସ ସେଣ୍ଟ୍ରାଲ ଇଲେକ୍ସନ କମିଟି ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ପ୍ରାର୍ଥୀଙ୍କ ନାମ ଘୋଷଣାରେ ବିଳମ୍ବ ଓ ଟିକେଟ ବଣ୍ଟନରେ ସ୍ୱଚ୍ଛତା ନ ଥିବା ଅଭିଯୋଗ କରି ଦଳରୁ ଅନେକ ପୁରୁଣା ନେତା ସିଧା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପିପିଲିର ବରିଷ୍ଠ ନେତା ଯୁଧିଷ୍ଠିର ସାମନ୍ତରାୟ ଓ ପୂର୍ବତନ ଏମପି ବିଭୁ ପ୍ରସାଦ ତରାଇ। ପ୍ରାର୍ଥୀ ନ ହେବାକୁ ଯୁଧିଷ୍ଠିର ସିଧା ମନା କରି ଦେଇଥିବାବେଳେ ଏଥର ଜଗତସିଂହପୁର ଜିଲାର ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ତରାଇ ବୁଧବାର ସନ୍ଧ୍ୟାରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ-ବିଜେଡି ମଧ୍ୟରେ ଗୁପ୍ତ ବୁଝାମଣା ହୋଇ ଦୁର୍ବଳ ପ୍ରାର୍ଥୀ ଦିଆଯାଇଥିବା ତରାଇ ଅଭିଯୋଗ କରିଛନ୍ତି। ସେହିପରି ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ କଂଗ୍ରେସ ଟିକେଟ୍ ଦେଇଥିବା ତରାଇ କହିବା ସହ ଉଦାହରଣ ଭାବେ ବାପି ସର୍ଖେଲଙ୍କ ନାମ ନେଇଛନ୍ତି।

ଗତ ଦୁଇଦିନରେ ଦୁଇଟି ପର୍ଯ୍ୟାୟରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ନିକଟରେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିବା ବେଳେ

☞ପୃଷ୍ଠା-୪



### ଦଳ ଛାଡ଼ିଲେ ତିର୍ତ୍ତୋଲ ପ୍ରାର୍ଥୀ ବିଭୁ ତରାଇ

### କଂଗ୍ରେସର ପ୍ରାର୍ଥୀ ତାଲିକା



**ଲୋକ ସଭା**

କଟକ: ପଞ୍ଚାନନ କାନୁନ୍‌ଗୋ
ଯାଜପୁର: ମାନସ ଜେନା
ସମ୍ବଲପୁର: ଶରତ ପଟ୍ଟନାୟକ

**ବିଧାନସଭା**

ବାଲେଶ୍ୱର: ମାନସ ଦାସ ପଟ୍ଟନାୟକ
ଧର୍ମଶାଳା: ସ୍ମୃତିରେଖା ପହି
ଯାଜପୁର: ସନ୍ତୋଷ କୁମାର ନନ୍ଦ
ହିନ୍ଦୋଳ: ତ୍ରିନାଥ ବେହେରା
କାମାକ୍ଷାନଗର: ଭବାନୀ ଶଙ୍କର ମହାପାତ୍ର
ବଡ଼ମ୍ବା: ବବି ମହାନ୍ତି
ପାରାଦୀପ: ଅରିନ୍ଦମ୍ ସର୍ଖେଲ
ପିପିଲି: ଯୁଧିଷ୍ଠିର ସାମନ୍ତରାୟ
ସମ୍ବଲପୁର : ଅଶ୍ୱିନୀ ପୂଜାହାରୀ
ଘଷିପୁରା: ନିରଞ୍ଜନ ପଟ୍ଟନାୟକ
କଟକ-ଚୌଦ୍ୱାର: ଜଗଦୀଶ ମହାନ୍ତି
କଟକ ସଦର: ଅଭିଷେକ ମହାନନ୍ଦ
ଜୟଦେବ: ସୁକାନ୍ତ ତିଆଡି ଭୋଇ
ଭୁବନେଶ୍ୱର ମଧ୍ୟ: ରାଜୀବ ପଟ୍ଟନାୟକ
ଭୁବନେଶ୍ୱର ଉତ୍ତର: ଇତୀଶ ପ୍ରଧାନ
ବେଗୁନିଆ: ପ୍ରଦୀପ ସାହୁ
ଚିଲିକା: ପ୍ରଦୀପ ସ୍ୱାଇଁ









❝ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଟକାଇବା ପାଇଁ ମହାମେଣ୍ଟ ହିଁ ବିକଳ୍ପ। ଏଥର ଜାତୀୟ ସ୍ୱାର୍ଥ ପାଇଁ ନିର୍ବାଚନ ଲଢୁଛି।
-ଏଚ୍. ଡି. ଦେବେଗୌଡ଼ା,
ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଅଧ୍ୟକ୍ଷ



## ସଂକ୍ଷେପରେ

### ନମୋ ଟିଭି : କେନ୍ଦ୍ରକୁ ଇସିଙ୍କ ରିପୋର୍ଟ ତଲବ

**ନୂଆଦିଲ୍ଲୀ,୩।୪(ପି.ଟି.):** ସାଧାରଣ ନିର୍ବାଚନର କିଛିଦିନ ପୂର୍ବରୁ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁଣଗାନ କରୁଥିବା ୨୪ ଘଣ୍ଟିଆ ଚ୍ୟାନେଲ୍ ନମୋ ଟିଭି ଆରମ୍ଭ କରାଯାଇଛି। ଏଥିଯୋଗୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ଆଣି ବିରୋଧୀ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାର ପ୍ରସାରଣ ଉପରେ ରୋକ୍ ଲଗାଇବା ପାଇଁ ଦାବି କରିଛନ୍ତି। ଫଳରେ ନିର୍ବାଚନ କମିଶନ (ଇସି) କେନ୍ଦ୍ର ସରକାରଙ୍କୁ ଏନେଇ ରିପୋର୍ଟ ତଲବ କରିଛନ୍ତି। ମାର୍ଚ୍ଚ ୩୧ରେ ନମୋ ଟିଭି ଚ୍ୟାନେଲରେ ପ୍ରଧାନମନ୍ତ୍ରୀଙ୍କ ବଛା ବଛା ଭାଷଣ ଓ ଭାଜପା ନେତାମାନଙ୍କ ସାକ୍ଷାତ୍କାର ପ୍ରସାରଣ କରାଯାଉଛି। ଡିଟିଏଚ୍ ଏବଂ କେବୁଲ ଟିଭି ପ୍ଲାଟ୍‌ଫର୍ମଗୁଡ଼ିକରେ ଏହା ଉପଲବ୍ଧ। ଭାଜପା ଗଣମାଧ୍ୟମର ଅପବ୍ୟବହାର କରି ଜନମତକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। ତେଣୁ ଉକ୍ତ ଚ୍ୟାନେଲକୁ ବନ୍ଦ କରାଯାଉ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହାକୁ ନେଇ ନିର୍ବାଚନ କମିଶନ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବଙ୍କୁ ମଙ୍ଗଳବାର ରାତିରେ ଏକ ନୋଟିସ ଜାରି କରିଛନ୍ତି। ନମୋ ଟିଭି ଚ୍ୟାନେଲ୍ ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିସ୍ତୃତ ବିବରଣୀ ସହ ରିପୋର୍ଟ ଦାଖଲ କରିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି। ରିପୋର୍ଟ ଦାଖଲ ପରେ ଏହା ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଛି କି ନାହିଁ ତାହା ଇସି ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜଣାପଡ଼ିଛି।

### ଭାରତକୁ ଆମେରିକା ଦେବ ୨୪ ରୋମିଓ ହେଲିକପ୍ଟର



ନୂଆଦିଲ୍ଲୀ/ୱାଶିଂଟନ,୩।୪: ଆମେରିକା ଖୁବ୍‌ଶୀଘ୍ର ଭାରତକୁ ୨୪ଟି ରୋମିଓ ସି-ହକ୍ ହେଲକପ୍ଟର ଯୋଗାଇବ। ଏହି ଏମ୍‌ଏଚ୍-୬୦-ଆର୍ ହେଲିକପ୍ଟରରୁ ଶତ୍ରୁ ଉପରକୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇପାରିବ। ଏଥିପାଇଁ ୨୪୦ କୋଟି ଆମେରିକୀୟ ଡଲାର ବ୍ୟୟ ହେବ। ଏନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର ମଞ୍ଜୁରୀ ମିଳିଛି। ଗତବର୍ଷ ଏଥିପାଇଁ ଲକ୍‌ହିଡ୍ ମାର୍ଟିନ୍ କମ୍ପାନୀ ସହିତ ଭାରତର ଚୁକ୍ତି ହୋଇଥିଲା। ଏହି ଆଣ୍ଟି-ସବ୍‌ମେରାଇନ୍ ଚପର ହେଲିକପ୍ଟର ଦ୍ୱାରା ଭାରତୀୟ ପ୍ରତିରକ୍ଷା କ୍ଷମତା ବୃଦ୍ଧିପାଇବ ବୋଲି କୁହାଯାଉଛି।



ତାମିଲନାଡୁର ଥୁଠୁକୁଡ଼ିରେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ଷ୍ଟାଲିନ୍ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି।



କୋଲକାତାର ଜରାଶଙ୍କରେ ସିପିଆଇଏମ୍ ଲୋକ ସଭା ପ୍ରାର୍ଥୀ କନିକା ବୋଷ ନିର୍ବାଚନ ପ୍ରଚାର ବେଳେ ଜଣେ ରିକ୍ସାବାଲାଙ୍କ ସହ କଥା ହେଉଛନ୍ତି।



ମହାରାଷ୍ଟ୍ରର ନାଗପୁରରେ ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପ୍ରଚାର କରୁଛନ୍ତି।

# ମୋଦି, ଦିଦି ମୁହାଁମୁହିଁ

**କୋଲକାତା,୩।୪(ଆଇଏଏନ୍‌ଏସ୍)**

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ସରଗରମ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗଡ଼ ପଶ୍ଚିମବଙ୍ଗରେ ଦଳର ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୁଖ୍ୟମନ୍ତ୍ରୀ ମମତା ନିଜ ରାଜନୈତିକ ବ୍ରାଣ୍ଡକୁ ବଜାୟ ରଖିବା ପାଇଁ ରାଜ୍ୟରୁ ଦାରିଦ୍ର୍ୟ ହଟାଇବାକୁ ଚାହୁଁନାହାନ୍ତି। ପଶ୍ଚିମବଙ୍ଗର ବିକାଶ ପଥରେ ସେ ଜଣେ ସ୍ପିଡ୍-ବ୍ରେକର୍ (ଅବରୋଧକାରୀ) ବୋଲି ମୋଦି ଅଭିହିତ କରିଛନ୍ତି।

ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର କରି ମୋଦି ଏକ ସଭାକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଅନ୍ୟ ରାଜ୍ୟଗୁଡ଼ିକରେ ଯେଭଳି ଦ୍ରୁତଗତିରେ ବିକାଶ ପାଇଁ ଆମେ କାର୍ଯ୍ୟ କରିଛୁ ପଶ୍ଚିମବଙ୍ଗରେ ସେପରି ହୋଇପାରି ନ ଥିବାରୁ ଦୁଃଖିତ। ପଶ୍ଚିମବଙ୍ଗରେ ଜନସାଧାରଣଙ୍କ

**ମମତା ସ୍ପିଡ୍ ବ୍ରେକର୍**



ବିକାଶ ପଥରେ ଏକ ସ୍ପିଡ୍-ବ୍ରେକର ଅଛନ୍ତି। ଲୋକେ ଏଠି ତାଙ୍କୁ ଦିଦି ନାମରେ ଜାଣନ୍ତି। ସେ ରାଜ୍ୟରେ ଆୟୁଷ୍ମାନ୍ ଭାରତ, ପିଏମ୍-କିଷାନ ଏବଂ ରିୟଲ ଇଷ୍ଟେଟ୍ (ରେଗୁଲେଶନ୍ ଆଣ୍ଡ ଡେଭଲପ୍‌ମେଣ୍ଟ) ଆକ୍ଟ, ୨୦୧୬ ଭଳି କେନ୍ଦ୍ରର ଅନେକ ଜନମଙ୍ଗଳକାରୀ ଯୋଜନାକୁ ଅଟକାଇଦେଇଛନ୍ତି। ଗରିବଙ୍କ ପ୍ରତି ମମତାଙ୍କ ଦରଦ ନାହିଁ। ଗରିବଙ୍କୁ ନେଇ ରାଜନୀତି କରିବାରେ ସେ

**ମୋଦି ଏକ୍ସପାଏରି ବାବୁ**



ସିଦ୍ଧହସ୍ତ। ରାଜ୍ୟରୁ ଦାରିଦ୍ର୍ୟ ହଟିଗଲେ ଦିଦିଙ୍କ ରାଜନୀତି ଶେଷ ହୋଇଯିବ। ଏଥିଲାଗି ଟିଏମ୍‌ସିର ଚିଟଫଣ୍ଡ ଲୁଟେରା ଏମ୍‌ପି ଏବଂ ମନ୍ତ୍ରୀମାନଙ୍କ ସହ ମମତା ଅଛନ୍ତି ବୋଲି ମୋଦି ସମାଲୋଚନା କରିଛନ୍ତି। ସେହିପରି ବିରୋଧୀ କଂଗ୍ରେସ ଓ ବାମପନ୍ଥୀଙ୍କୁ ଟାର୍ଗେଟ କରି ମୋଦି କହିଛନ୍ତି, ଏମାନେ ମଧ୍ୟ ସମାନ କାମ କରନ୍ତି। ଏମାନେ ଦାରିଦ୍ର୍ୟ ଓ ଦରିଦ୍ରଙ୍କୁ ଚାହାନ୍ତି। ଲୋକେ ଗରିବ ହୋଇ ରହିଲେ ସେମାନେ ରାଜନୈତିକ ଫାଇଦା ଉଠାଇହେବ ବୋଲି ବିକାଶରେ ବାଧାସୃଷ୍ଟି କରନ୍ତି। ଟିଏମ୍‌ସି, ସିପିଆଇଏମ୍ ଏବଂ କଂଗ୍ରେସ ବିକାଶର ସୁବିଧାରୁ ଗରିବଙ୍କୁ ବଞ୍ଚିତ କରିବା ପାଇଁ ଷଡ଼ଯନ୍ତ୍ର ଚରୁଛନ୍ତି। ଏହି ଦଳଗୁଡ଼ିକ ଗୋଟିଏ ମୁଦ୍ରାର ଅନେକ ପାର୍ଶ୍ୱ। ସଚ୍ଚୋଟ ଚୌକିଦାର ବିରୋଧରେ ଲଢ଼େଇ କରିବା ହିଁ ସେମାନଙ୍କ ଲକ୍ଷ୍ୟ ବୋଲି ମୋଦି କହିଛନ୍ତି। ପରେ ପ୍ରଧାନମନ୍ତ୍ରୀ କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଦଳୀୟ ପ୍ରଚାର କରି ଜାତୀୟ ନିରାପତ୍ତା ଓ ଆତଙ୍କବାଦ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛନ୍ତି।

ଅନ୍ୟପକ୍ଷରେ ମମତା ଏହାର ଜବାବରେ ମୋଦିଙ୍କୁ 'ଏକ୍ସପାଏରି ବାବୁ' ବୋଲି ଅଭିହିତ କରିଛନ୍ତି। କୁଚ୍‌ବିହାର ଜିଲାର ଏକ ସଭାରେ ମମତା କହିଛନ୍ତି, ମୁଁ ତାଙ୍କୁ ପ୍ରଧାନମନ୍ତ୍ରୀ ବୋଲି କହିବି ନାହିଁ। ତାଙ୍କ ସରକାରର ଅବଧି ଶେଷ ହୋଇଆସୁଥିବାରୁ ତାଙ୍କୁ ଏକ୍ସପାଏରି ବାବୁ ଡ଼ାକିବା ଉଚିତ ହେବ। ବିଗତ ୫ ବର୍ଷରେ ସେ କ'ଣ କରିଛନ୍ତି ପ୍ରଥମେ ତା'ର ହିସାବ ଦିଅନ୍ତୁ। ମୁଁ ମୋଦି ନୁହେଁ କି ତାଙ୍କ ଭଳି ମିଛ କୁହେ ନାହିଁ ବୋଲି ମମତା ବର୍ଷିଛନ୍ତି।

### ଅରୁଣାଚଳ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରୁ ୧.୮ କୋଟି ଜବତ



**ଇଟାନଗର,୩।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅରୁଣାଚଳ ପ୍ରଦେଶ ଗସ୍ତର ଅବ୍ୟବହିତ ପୂର୍ବରୁ ସେଠାକାର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ସୁରକ୍ଷା ଗାଡ଼ିରୁ ୧.୮ କୋଟି ଟଙ୍କା ଜବତ ହୋଇଛି। ନିର୍ବାଚନ କମିଶନ (ଇସି) ପେମାଙ୍କ ବିରୋଧରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବୁଧବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ହେଲେ ପେମା ଅଭିଯୋଗକୁ ଖଣ୍ଡନ କରିବା ସହ ଜଣେ ଭାଜପା ପ୍ରାର୍ଥୀଙ୍କ କାର୍‌ରୁ ଟଙ୍କା ଜବତ ହୋଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପୂର୍ବାହ୍ନ ୧୦ଟାରେ ଅରୁଣାଚଳର ପାସିଘାଟକୁ ଭାଜପାର ନିର୍ବାଚନୀ ପ୍ରଚାରରେ ଯାଇଥିଲେ। ମଙ୍ଗଳବାର ରାତିରେ ପେମା, ଉପମୁଖ୍ୟମନ୍ତ୍ରୀ ଚୋୱା ମେନ୍ ଓ ରାଜ୍ୟ ଭାଜପା ସଭାପତି ତପିର ଗାଓଙ୍କୁ ସୁରକ୍ଷା ଦେଉଥିବା ଦୁଇଟି କାର୍‌ରୁ ନଗଦ ୧.୮ କୋଟି ଟଙ୍କା ଜବତ ହୋଇଛି। ତପିର ୱେଷ୍ଟ ଅରୁଣାଚଳରୁ ଭାଜପା ପ୍ରାର୍ଥୀ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟଙ୍କା କାରବାର ହୋଇଛି। ଏହା ଆଦର୍ଶ ଆଚରଣବିଧି ଉଲ୍ଲଂଘନ। ମୁଖ୍ୟମନ୍ତ୍ରୀ ପେମା ଇସ୍ତଫା ଦିଅନ୍ତୁ। ଇସି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

■ ସ୍ୱଚ୍ଛ ଗଙ୍ଗା ଅଭିଯାନ ବିଫଳ

# ଖର୍ଚ୍ଚ ହୋଇନି ୮୨% ପାଣ୍ଠି

**ନୂଆଦିଲ୍ଲୀ,୩।୪**

ନରେନ୍ଦ୍ର ମୋଦି ସରକାରଙ୍କ ସ୍ୱଚ୍ଛ ଗଙ୍ଗା ଅଭିଯାନ ବିଫଳ ହୋଇଛି। ସ୍ୱଚ୍ଛ ଗଙ୍ଗା ପାଣ୍ଠି (ସିଜିଏଫ୍)ର ୮୦%ରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି ବୋଲି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି।

୨୦୧୪ ସେପ୍ଟେମ୍ବରରେ କେନ୍ଦ୍ର କ୍ୟାବିନେଟ ଗଙ୍ଗାନଦୀକୁ ସ୍ୱଚ୍ଛ କରିବା ପାଇଁ ସିଜିଏଫ୍ ଗଠନ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଉଦ୍ଦେଶ୍ୟ ଥିଲା ସାଧାରଣ ଜନତା, ପ୍ରବାସୀ ଭାରତୀୟ, ଭାରତୀୟ ବଂଶୋଦ୍ଭବ, ଘରୋଇ କମ୍ପାନୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକଠାରୁ ଅର୍ଥ ସଂଗ୍ରହ କରି ଗଙ୍ଗାକୁ ସ୍ୱଚ୍ଛ କରାଯିବ। ୨୦୧୫ରେ ଏହା ପ୍ରତିଷ୍ଠା ହେବା ଦିନଠାରୁ ୨୦୧୮ ଡିସେମ୍ବର ମଧ୍ୟରେ ୨୪୩.୨୭ କୋଟି ଟଙ୍କା ସିଜିଏଫ୍‌କୁ ବିଭିନ୍ନ ସୂତ୍ରରୁ ମିଳିଛି। ମାତ୍ର ଅଦ୍ୟାବଧି ୪୫.୨୬ କୋଟି ଟଙ୍କା ଅର୍ଥାତ୍ ମୋଟ ଅର୍ଥର ୧୮% ଗଙ୍ଗାକୁ ସ୍ୱଚ୍ଛ କରିବାରେ ଖର୍ଚ୍ଚ ହୋଇଛି। ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ (ଏନ୍‌ଏମ୍‌ସିଜି) ଉପରେ ନିୟନ୍ତ୍ରକ

**୪ ବର୍ଷରେ ମାତ୍ର ୨ ଥର ବସିଛି ଟ୍ରଷ୍ଟ ବୈଠକ**

ଓ ମହାଲେଖା ପରୀକ୍ଷକ (ସିଏଜି) ଦେଇଥିବା ରିପୋର୍ଟରେ ମଧ୍ୟ ଏହା ସ୍ପଷ୍ଟ କରିଥିଲେ। ସିଜିଏଫ୍‌ର ଏକ ସ୍ୱଳ୍ପ ଭାଗ ଖର୍ଚ୍ଚ ହୋଇଛି ବୋଲି ସିଏଜି କହିବା ସହ ଗଙ୍ଗାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କେନ୍ଦ୍ର ସରକାରଙ୍କୁ ତାଗିଦ କରିଥିଲେ। ଏହାସତ୍ତ୍ୱେ ମାତ୍ର ୧୮% ଖର୍ଚ୍ଚ ହେବାର କାରଣ ହେଉଛି ସିଜିଏଫ୍ ପରିଚାଳନା ପାଇଁ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଗଠିତ ଟ୍ରଷ୍ଟର ବୈଠକ ୪ ବର୍ଷରେ କେବଳ ୨ ଥର ବସିଛି। ପ୍ରଥମ ବୈଠକ ୨୦୧୫ ମେ ୨୯ରେ ବସିଥିବାବେଳେ ୨୦୧୮ ମେ ୪ରେ ଦ୍ୱିତୀୟ ବୈଠକ ଆୟୋଜିତ ହୋଇଥିଲା। ବୋର୍ଡ ଟ୍ରଷ୍ଟିମାନଙ୍କ ବୈଠକ ନିୟମିତ ବସୁ ନ ଥିବାରୁ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିବାରେ ବିଳମ୍ବ ହେବା ସହ ପାଣ୍ଠି ଖର୍ଚ୍ଚ ହୋଇପାରୁନାହିଁ ବୋଲି ଜାତୀୟ ସ୍ତରର ଏକ ନ୍ୟୁଜ୍ ୱେବ୍‌ସାଇଟ୍ ଆର୍‌ଟିଆଇରେ ମିଳିଥିବା ସୂଚନାରୁ ସ୍ପଷ୍ଟ କରିଛି।



**ଫୁର୍‌ସତ**

# ୫୭ ବର୍ଷରେ ଜୟାପ୍ରଦା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଜୟାପ୍ରଦା ବୁଧବାର ୫୭ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୬୨ ଏପ୍ରିଲ୍ ୩ରେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀରେ ଜନ୍ମଗ୍ରହଣ କରିଥିଲେ। ୧୪ ବର୍ଷ ବୟସରେ ଜୟାପ୍ରଦା ତେଲୁଗୁ ଫିଲ୍ମ ଭୂମିକୋଷମ୍‌ରେ ୩ ମିନିଟ୍ ପାଇଁ ଅଭିନୟ କରିଥିଲେ। ଏଥିପାଇଁ ତାଙ୍କୁ ୧୦ ଟଙ୍କାର ପାରିଶ୍ରମିକ ମିଳିଥିଲା। ବଲିଉଡ୍‌ରେ ସେ ୩୦ ବର୍ଷ ଧରି ୩ ଶହରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି। ମେଗାଷ୍ଟାର ଜିତେନ୍ଦ୍ର, ରାଜେଶ ଖାନ୍ନା ଓ ଅମିତାଭ ବଚ୍ଚନଙ୍କ ସହିତ ସେ ଅନେକ ଫିଲ୍ମରେ କାମ କରିଛନ୍ତି। ଜଣେ ସଫଳ ଅଭିନେତ୍ରୀ ଭାବେ ସେ ଖ୍ୟାତି ହାସଲ କରିଥିବାବେଳେ ରାଜନୀତି କ୍ଷେତ୍ରରେ ମଧ୍ୟ ବେଶ୍ ପରିଚିତ। ଏଥର ସେ ଉତ୍ତରପ୍ରଦେଶର ରାମପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି।

# ୧୧୩ ନିୟୁତ ଲୋକ ଭୋକିଲା

**ଜାତିସଂଘ:** ପୃଥିବୀରେ ୫୩ଟି ଦେଶର ୧୧୩ ନିୟୁତ ଲୋକ ଭୋକରେ ରହିଛନ୍ତି। ବିଶେଷକରି ଏହିସବୁ ଦେଶରେ ଅନ୍ତର୍ବିବାଦ, ଜଳବାୟୁ ସମ୍ପର୍କିତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆର୍ଥିକ ଅଭାବ ଖାଦ୍ୟ ସଂକଟ ସୃଷ୍ଟି କରୁଛି ବୋଲି ଜାତିସଂଘ ଓ ୟୁରୋପୀୟ ୟୁନିୟନ୍(ଇୟୁ)ର ମିଳିତ ରିପୋର୍ଟରେ କୁହାଯାଇଛି।

ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ), ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ଏବଂ ୟୁରୋପୀୟ ୟୁନିୟନ୍ 'ଗ୍ଲୋବାଲ ରିପୋର୍ଟ ଅନ୍ ଫୁଡ୍ କ୍ରାଏସେସ୍



୨୦୧୯'ରେ ଦର୍ଶାଯାଇଛି ଯେ, ଦୀର୍ଘ ୩ବର୍ଷ ମଧ୍ୟରେ ବିଶ୍ୱରେ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ୧୦୦ ନିୟୁତକୁ ଟପି ଯାଇଛି। ସେମାନଙ୍କ ନିମନ୍ତେ ଖାଦ୍ୟ, ପୁଷ୍ଟି ଏବଂ ଜୀବନଜୀବିକାର ସହାୟତା ଜରୁରୀ ହୋଇପଡ଼ିଛି। ୨୦୧୮ରେ ଉତ୍କଟ ଖାଦ୍ୟ ସଂକଟର ସମ୍ମୁଖୀନ ହୋଇଥିବା ଦେଶଗୁଡିକ ହେଲେ ୟେମେନ୍, ଦି ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଦି କଙ୍ଗୋ, ଆଫଗାନିସ୍ତାନ, ଇଥିଓପିଆ, ସିରିଆ, ସୁଦାନ, ଦକ୍ଷିଣ ସୁଦାନ ଓ ଉତ୍ତର ନାଇଜେରିଆ। ଏହି ୮ଟି ଦେଶର ସମୁଦାୟ ଜନସଂଖ୍ୟାର ଦୁଇତୃତୀୟାଂଶ ଅର୍ଥାତ୍ ପାଖାପାଖି ୭୨ ନିୟୁତ ଲୋକ ଉତ୍କଟ ଖାଦ୍ୟାଭାବର ସମ୍ମୁଖୀନ ହୋଇଛନ୍ତି।

**ଇତିହାସର ଆଇନାରେ**

### ଏପ୍ରିଲ ୪ର ପ୍ରମୁଖ ଘଟଣା

୨୦୦୯ ଏପ୍ରିଲ ୪ରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ)ର ସଦସ୍ୟ ହୋଇଥିଲା ଫ୍ରାନ୍ସ। 'ନାଟୋ'କୁ ନର୍ଥ ଆଟଲାଣ୍ଟିକ୍ ଆଲିଆନ୍ସ କୁହାଯାଏ। ୨୯ଟି ଉତ୍ତର-ଆମେରିକୀୟ ଏବଂ ୟୁରୋପୀୟ ଦେଶକୁ ନେଇ ଏହି ଆନ୍ତଃସରକାରୀ ସାମରିକ ମେଣ୍ଟ ଗଠିତ। ୧୯୪୯ ଏପ୍ରିଲ ୪ରେ ନାଟୋ ଅନ୍ତର୍ଭୁକ୍ତ ଦେଶଗୁଡ଼ିକ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

୨୦୧୩ ଏପ୍ରିଲ ୪ରେ ଠାଣେରେ କୋଠା ଭୁଶୁଡ଼ିବା ଯୋଗୁ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଠାଣେ ହେଉଛି ଭାରତର ଏକ ମେଟ୍ରୋପଲିଟାନ୍ ସହର। ଏହା ନମେସେକ୍ ଜିଲାର ମୁଖ୍ୟ କାର୍ଯ୍ୟାଳୟ। ଏହା ଭାରତର ୧୬ଶ ଜନବହୁଳ ନଗରୀ। ୨୦୧୧ ଜନଗଣନା ଅନୁଯାୟୀ ଉକ୍ତ ସହରର ଲୋକସଂଖ୍ୟା ୧୮ଲକ୍ଷ ୯୦ ହଜାର। ସହର ଚାରିପାଖରେ ୩୫ଟି ହ୍ରଦ ଥିବାରୁ ଏହାକୁ 'ସିଟି ଅଫ୍ ଲେକ୍ସ' ମଧ୍ୟ କୁହାଯାଏ।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୧.୫ |
| ଚାନ୍ଦବାଲି | ୩୭.୮ | ୨୫.୦ |
| କଟକ | ୩୭.୨ | ୨୩.୪ |
| ପାରାଦ୍ୱୀପ | ୩୧.୯ | ୨୬.୮ |
| ଭୁବନେଶ୍ୱର | ୩୬.୬ | ୨୫.୮ |
| ଗୋପାଳପୁର | ୩୧.୦ | ୨୫.୭ |
| ପୁରୀ | ୩୨.୮ | ୨୬.୪ |
| ଅନୁଗୋଳ | ୪୦.୩ | ୨୦.୦ |
| ବାରିପଦା | ୩୬.୫ | ୨୨.୮ |
| ଝାରସୁଗୁଡ଼ା | ୩୯.୬ | ୧୯.୬ |
| କେନ୍ଦୁଝର | ୩୬.୭ | ୧୯.୯ |
| ସମ୍ବଲପୁର | ୩୯.୪ | ୧୯.୪ |
| ସୁନ୍ଦରଗଡ଼ | ୩୯.୫ | ୨୧.୦ |
| ହୀରାକୁଦ | ୩୮.୫ | ୨୧.୧ |
| ତାଳଚେର | --- | ୨୫.୩ |
| ଭବାନୀପାଟଣା | ୪୦.୦ | ୨୪.୦ |
| ବଲାଙ୍ଗୀର | ୩୯.୫ | ୨୨.୦ |
| କୋରାପୁଟ | ୩୬.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୧.୦ | ୨୧.୫ |
| ମାଲକାନଗିରି | ୪୧.୦ | ୨୦.୫ |
| ସୋନପୁର | ୪୦.୬ | ୨୦.୨ |
| ଦାରିଙ୍ଗିବାଡ଼ି | ୩୩.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ସଲମାନ୍‌ଙ୍କ ନୃତ୍ୟ ଭାଇରାଲ୍



**ମୁମ୍ବାଇ:** 'ଦବଙ୍ଗ ୩'ର ଶୁଟିଂସେଟ୍‌ରେ ସୁପରଷ୍ଟାର ସଲମାନ୍ ଖାଁଙ୍କ ନୃତ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସଲମାନ୍ ବର୍ତ୍ତମାନ ମଧ୍ୟପ୍ରଦେଶର ଇନ୍ଦୋରରେ ଦବଙ୍ଗ ୩ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଉକ୍ତ ଫିଲ୍ମର ଟାଇଟଲ୍ ସଙ୍ଗ୍‌ରେ ସଲମାନ୍‌ଙ୍କ ନୃତ୍ୟାଭିନୟ ଭାଇରାଲ୍ ହୋଇଥିବା ବେଳେ ପ୍ରଶଂସକମାନେ ସଲମାନଙ୍କ ନୃତ୍ୟଶୈଳୀ ଉପରେ ମତାମତ ଦେଇଛନ୍ତି। ନର୍ମଦା ନଦୀକୂଳରେ ଉକ୍ତ ଫିଲ୍ମର ଶୁଟିଂ ଚାଲିଛି। ସଲମାନ୍ ନୀଳଶାର୍ଟ ଏବଂ ଜିନ୍ସ ପରିଧାନ କରିବା ସହିତ ଏକ ସନ୍‌ଗ୍ଲାସ ପିନ୍ଧି ଚୁଲ୍‌ବୁଲ୍ ପାଣ୍ଡେ ଅବତାର ନେଇଛନ୍ତି। ଦବଙ୍ଗ ୩ ଶୁଟିଂ ଲାଗି ଇନ୍ଦୋରବାସୀ ଖୁବ୍ ଉତ୍ସାହିତ ହୋଇପଡ଼ିଛନ୍ତି। ଏଥିପାଇଁ ନିଜ ଜନ୍ମସ୍ଥାନକୁ ଫେରିଆସିଥିବାରୁ ସଲମାନ୍ ତାଙ୍କ ଭାଇ ଅର୍‌ବାଜ୍ ଖାନ୍‌ଙ୍କ ସହିତ ଏକ ଫଟୋ ସୋସିଆଲ୍ ମିଡିଆରେ ପକାଇ ଟୁଇଟ୍ କରିଛନ୍ତି। ମଧ୍ୟପ୍ରଦେଶ ପର୍ଯ୍ୟଟନ ମନ୍ତ୍ରୀ ସୁରେନ୍ଦ୍ର ସିଂ ବାଘେଲ ଦବଙ୍ଗ ୩ର ଶୁଟିଂ ପାଇଁ ସମଗ୍ର ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। 'ଦବଙ୍ଗ ୩'କୁ କୋରିଓଗ୍ରାଫର ତଥା ଫିଲ୍ମନିର୍ମାତା ପ୍ରଭୁଦେବା ଉଚ୍ଚପ୍ରଶଂସା କରିଛନ୍ତି। ଅନୁରାଗ କାଶ୍ୟପଙ୍କ ନିର୍ଦ୍ଦେଶିତ ଫିଲ୍ମ ଦବଙ୍ଗ ପ୍ରଥମେ ୨୦୧୦ରେ ରିଲିଜ୍ ହୋଇଥିଲା। ଏହାପରେ ଦବଙ୍ଗ ୨ର ନିର୍ଦ୍ଦେଶନା ଦେଇଥିଲେ ଅର୍‌ବାଜ୍ ଖାନ୍।

ଦବଙ୍ଗ ଫିଲ୍ମରେ ଚୁଲ୍‌ବୁଲ୍ ପାଣ୍ଡେ ନାମକ ଜଣେ ପୋଲିସ ଅଫିସରଙ୍କ କାହାଣୀ ବର୍ଣ୍ଣିତ ହୋଇଛି। ଉକ୍ତ ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସୋନାକ୍ଷୀ ସିହ୍ନା, ଅର୍‌ବାଜ୍ ଏବଂ ମାହି ଗିଲ୍।




## ଅମିୟ ଦାସ ହେଲେ ଭାଜପା ରାଜ୍ୟ ଉପସଭାପତି

ଭୁବନେଶ୍ୱର,୨୯।୩ (ବ୍ୟୁରୋ): ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ନିଜ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ଯୋଜନା କରିଛି। ଦଳ କିଛି ନେତାଙ୍କୁ ବୁଧବାର ଗୁରୁ ଦାୟିତ୍ୱ ପ୍ରଦାନ କରିଛି। ଦଳ ପ୍ରସନ୍ନ ପାଢ଼ୀ, ପ୍ରହ୍ଲାଦ ଦୋରା ଏବଂ ଅମିୟ ଦାସଙ୍କୁ ରାଜ୍ୟ ଉପସଭାପତି ଏବଂ ନ୍ୟାୟବ୍ରତ ରାଉତ ଓ ଜୀବନ ସାହୁଙ୍କୁ ରାଜ୍ୟ ପ୍ରବକ୍ତା ଭାବେ ଦାୟିତ୍ୱ ଦିଆଯାଇଛି।




NATIONAL EGG CO-ORDINATION COMMITTEE — 03.04.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 88 | 142 | 152 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers




## ଆଜି ଆସୁଛନ୍ତି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା

**ଭୁବନେଶ୍ୱର,୩।୪ (ବ୍ୟୁରୋ):** ଭାଜପାର ବିଜୟ ସଂକଳ୍ପ ସମାବେଶ ସଭାରେ ଯୋଗଦେଇ ଗୁରୁବାର ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ସେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣା କଟକ ପଡିଆରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ୧୨ଟା ୩୦ରେ ନୂଆପଡା ଜିଲା କୋମନା ବ୍ଲକର କୁଲୁଆଡିହିଠାରେ ଏବଂ ଅପରାହ୍ନ ୩ଟାରେ ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକର ଅଙ୍କୁଶ ପଡିଆଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଯୋଗଦେବେ ବୋଲି ରାଜ୍ୟ ଭାଜପା ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ଏପ୍ରିଲ ୫ରେ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଦଳୀୟ ନିର୍ବାଚନ ପ୍ରଚାର କରିବାକୁ ଆସୁଛନ୍ତି। ମୌର୍ଯ୍ୟ ଆସନ୍ତା ଶୁକ୍ରବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ହାଇସ୍କୁଲ ପଡିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବେ ।

### ସ୍କାଏମେଟ୍‌ର ପୂର୍ବାନୁମାନ: ବୃଷ୍ଟିପାତକୁ ପ୍ରଭାବିତ କରିବ ଏଲ୍ ନିନ୍ୟୋ

## ଏବର୍ଷ ସାଧାରଣଠାରୁ କମ୍ ମୌସୁମୀ

ନୂଆଦିଲ୍ଲୀ,୩।୪(ଆଇଏଏନ୍‌ଏସ୍)

ଚଳିତବର୍ଷ ମୌସୁମୀ ବାୟୁ ସାଧାରଣଠାରୁ କମ୍ ଅର୍ଥାତ୍ ଦୀର୍ଘ ଅବଧି ଅନୁପାତ (ଏଲ୍‌ପିଏ)ର ୯୩% ବହିବ। ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ଏଲ୍ ନିନ୍ୟୋ ଯୋଗୁ ଦେଶର ପୂର୍ବାଞ୍ଚଳ ଓ କେନ୍ଦ୍ରୀୟ ଅଞ୍ଚଳର ଅନେକ ଭାଗରେ ବୃଷ୍ଟିପାତ ହାର କମିବ ବୋଲି ବୁଧବାର ପାଣିପାଗ ପୂର୍ବାନୁମାନକାରୀ ଘରୋଇ ସଂସ୍ଥା ସ୍କାଏମେଟ୍ ପକ୍ଷରୁ କୁହାଯାଇଛି।

ଭାରତରେ ୯୬%ରୁ ୧୦୪% ବର୍ଷା ହେଲେ ତାକୁ ହାରାହାରି ବା ସାଧାରଣ ବୃଷ୍ଟିପାତ କୁହାଯାଏ। ୫୦ ବର୍ଷର ରେକର୍ଡ ଅନୁଯାୟୀ ୪ ମାସର ମୌସୁମୀ ଋତୁରେ ୮୮୭ ମିଲିମିଟର ବର୍ଷାକୁ ସାଧାରଣ ବୋଲି ବିବେଚନା କରାଯାଏ। ସ୍କାଏମେଟ୍ ଅନୁସାରେ ଏବର୍ଷ ମୌସୁମୀ ଧିମେଇ ଆସିବ ଓ ଜୁଲାଇରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଋତୁର ଦ୍ୱିତୀୟାର୍ଦ୍ଧରେ ଭଲ ବୃଷ୍ଟିପାତ ହେବ। ଅଗଷ୍ଟ ଓ ସେପ୍ଟେମ୍ବରରେ ସାଧାରଣ ବର୍ଷା ହେବ ବୋଲି ନୂଆଦିଲ୍ଲୀରେ ସ୍କାଏମେଟ୍ ପରିଚାଳନା ନିର୍ଦ୍ଦେଶକ ଜତିନ ସିଂ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଜତିନ କହିଛନ୍ତି, ଏଲ୍ ନିନ୍ୟୋ ଯୋଗୁ ପ୍ରଶାନ୍ତ ମହାସାଗର ହାରାହାରିଠାରୁ ଅଧିକ ଉଷ୍ମ ହୋଇଛି। ଏହା ମୌସୁମୀକୁ ପ୍ରଭାବିତ କରିବ। ସ୍କାଏମେଟ୍ (ପାଣିପାଗ ବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ) ଉପାଧ୍ୟକ୍ଷ ମହେଶ ପାଲାୱତ କହିଛନ୍ତି, ଏଲ୍ ନିନ୍ୟୋ ଦୁର୍ବଳ ହେଲେ ସ୍ଥିତିରେ ଉନ୍ନତି ଆସିବା ସହ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧରେ ବୃଷ୍ଟିପାତ ହାର ବୃଦ୍ଧିପାଇବ।



ବୃଷ୍ଟିପାତ ହ୍ରାସ ଯୋଗୁ କର୍ନାଟକ, ମହାରାଷ୍ଟ୍ରର ବିଦର୍ଭ ଓ ମରାଠୱାଡ଼ା, ଦକ୍ଷିଣପଶ୍ଚିମର ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ପ୍ରଭାବିତ ହେବ। ଅନ୍ୟପକ୍ଷରେ ଛତିଶଗଡ଼, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଅଧିକ ବର୍ଷା ହେବ ବୋଲି ସ୍କାଏମେଟ୍ (ପାଣିପାଗ ବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ) ଅଧ୍ୟକ୍ଷ ଜି.ପି. ଶର୍ମା ସୂଚନା ଦେଇଛନ୍ତି। ତେବେ ମୌସୁମୀ ପ୍ରବାହ କେବେ ଆରମ୍ଭ ହେବ ତାହା ବର୍ତ୍ତମାନ କହିହେବ ନାହିଁ। ମୋଟାମୋଟି ଭାବେ ସାରାଦେଶର ବୃଷ୍ଟିପାତ ସହ ଏହାର କିଛି ସମ୍ପର୍କ ନାହିଁ। ଜୁନ୍‌ରେ ବୃଷ୍ଟିପାତ ଏଲ୍‌ପିଏର ୭୭% (୧୨୬ ମି.ମି.) ରହିବ। ଜୁଲାଇରେ ଏହା ୯୧% (୨୬୩ ମି.ମି.)କୁ ଛୁଇଁବ। ଅଗଷ୍ଟରେ ସ୍ଥିତିରେ ଉନ୍ନତି ଆସିବା ସହ ୧୦୨% (୨୬୬ ମି.ମି.) ବର୍ଷା ହେବାକୁ ଥିବାବେଳେ ସେପ୍ଟେମ୍ବରରେ ୯୯%(୧୭୧ ମି.ମି.) ବର୍ଷା ହେବ। ସେହିପରି ଦିଲ୍ଲୀରେ ଚଳିତ ଗ୍ରୀଷ୍ମରେ ତାପମାତ୍ରା ନିୟନ୍ତ୍ରଣରେ ରହିବ ବୋଲି ସ୍କାଏମେଟ ପକ୍ଷରୁ କୁହାଯାଇଛି।





କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ରୋହନ୍
ପରିବାରବର୍ଗ



ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ‘ମିଳିତ ଉଦ୍ୟମରେ ସାହିତ୍ୟ ଆଗେଇବ’



ବାର୍ଷିକ ସ୍ମରଣିକା ‘କର୍ଷିକା’କୁ ଉନ୍ମୋଚନ କରୁଛନ୍ତି ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ, ଲେଖକ ସଦାନନ୍ଦ ତ୍ରିପାଠୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ କୃଷି ମହାବିଦ୍ୟାଳୟର ୫୮ତମ ବାର୍ଷିକ ସାହିତ୍ୟ ଉତ୍ସବ ‘ଅନୁଭୂତି’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଜଣାଶୁଣା ଲେଖକ ସଦାନନ୍ଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ଅନେକ ଶିକ୍ଷଣୀୟ କଥା ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ କୁମ୍ଭକର୍ଣ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସାହିତ୍ୟ ମରିଯାଉଛି। କିନ୍ତୁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାରୁ ସେ ଆୟୋଜକଙ୍କୁ ପ୍ରଶଂସା କରିବା ସହ ମିଳିତ ଉଦ୍ୟମରେ ସାହିତ୍ୟ ଆଗେଇପାରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ବାର୍ଷିକ ସ୍ମରଣିକା ‘କର୍ଷିକା’କୁ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜେଏମଏମ ପକ୍ଷରୁ ପ୍ରାର୍ଥୀ ଘୋଷଣା



ଅଞ୍ଜନୀ ସୋରେନ



ମହେଶଚନ୍ଦ୍ର ହେମ୍ବ୍ରମ



କଳିଙ୍ଗ କେଶରୀ ଜେନା

**ବାରିପଦା ଅଫିସ,୩।୪**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ପକ୍ଷରୁ ବୁଧବାର ରାଜ୍ୟର ଗୋଟିଏ ଲୋକସଭା ଓ ୫ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ଦଳ ପକ୍ଷରୁ ମୟୂରଭଞ୍ଜ ଲୋକସଭା ଆସନରେ ଅଞ୍ଜନୀ ସୋରେନ ଏବଂ ଏହି ଲୋକସଭା କ୍ଷେତ୍ର ଅଧୀନ ସାରସକଣା ବିଧାନସଭା ଆସନରେ ମହେଶଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷି ବିଧାନସଭା ଆସନରେ ସୁନ୍ଦର ମୋହନ ସିଂ, ମୋରଡା ବିଧାନସଭା ଆସନରେ କଳିଙ୍ଗ କେଶରୀ ଜେନା ଏବଂ ରାଇରଙ୍ଗପୁର ବିଧାନସଭା ଆସନରେ ସୁନାରାମ ଟୁଡୁଙ୍କ ପ୍ରାର୍ଥୀ କରାଯାଇଛି। ସେହିପରି ସୁନ୍ଦରଗଡ ଜିଲା ବୀରମିତ୍ରପୁର ବିଧାନସଭା ଆସନରେ ସେବିୟନ ଆଇନ୍ଦଙ୍କୁ ଦଳ ପ୍ରାର୍ଥୀ କରିଛି। ମୟୂରଭଞ୍ଜ ଲୋକସଭା ଆସନ ପ୍ରାର୍ଥୀ ଅଞ୍ଜନୀ ସୋରେନ ହେଉଛନ୍ତି ଜେଏମଏମ କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନଙ୍କ ଝିଅ। ସେହିପରି ସାରସକଣା ବିଧାୟକ ପ୍ରାର୍ଥୀ ଜେଏମଏମ ରାଜ୍ୟ ସଭାପତି ରହିଛନ୍ତି। ମୋରଡା ବିଧାୟକ ପ୍ରାର୍ଥୀ କଳିଙ୍ଗ କେଶରୀ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟରେ କଂଗ୍ରେସ ଓ ଜେଏମଏମ ମିଳିତ ଭାବେ ନିର୍ବାଚନ ଲଢ଼ିବା ନେଇ ପୂର୍ବରୁ ଆଲୋଚନା କରାଯାଇଥିଲା। ହେଲେ ଏଯାଏ ଚୁଡାନ୍ତ ନିଷ୍ପତ୍ତି ହୋଇ ନାହିଁ।

### ପ୍ରାର୍ଥୀ ତାଲିକା

| ଲୋକସଭା | |
|---|---|
| ମୟୂରଭଞ୍ଜ | ଅଞ୍ଜନୀ ସୋରେନ |
| **ବିଧାନସଭା** | |
| ସାରସକଣା | ମହେଶଚନ୍ଦ୍ର ହେମ୍ବ୍ରମ |
| ମୋରଡା | କଳିଙ୍ଗ କେଶରୀ ଜେନା |
| ରାଇରଙ୍ଗପୁର | ସୁନାରାମ ଟୁଡୁ |
| ବାଙ୍ଗିରିପୋଷି | ସୁନ୍ଦରମୋହନ ସିଂ |
| ବୀରମିତ୍ରପୁର (ସୁନ୍ଦରଗଡ ଜିଲା) | ସେବିୟନ ଆଇନ୍ଦ |

କଂଗ୍ରେସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଲୋକସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ଏହି ଦଳ ଉକ୍ତ ଲୋକସଭା କ୍ଷେତ୍ରର କେବଳ ବାରିପଦା, ଯଶିପୁର ଓ ଉଦଳା ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି।

## ପ୍ରଥମ ପୃଷ୍ଠାରୁ...

# ପ୍ରାର୍ଥୀ ହେବାକୁ ମନା କଲେ ...

ଯାଜପୁର ଲୋକ ସଭା ଆସନରୁ ମାନସ ଜେନା ଏବଂ ସମ୍ବଲପୁର ଲୋକ ସଭା ଆସନରୁ ପୂର୍ବତନ ମନ୍ତ୍ରୀ ଶରତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଉଭୟ ତାଲିକାରୁ ଦୁଇଟି ଆସନର ପ୍ରାର୍ଥୀ ମୁହଁ ମୋଡ଼ିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ବେଗୁନିଆରୁ ଦଳ ପ୍ରାର୍ଥୀ କରିଥିଲା। ସେ ତାଙ୍କର ପ୍ରଥମ ରାଜନୈତିକ ଭାଗ୍ୟ ପରୀକ୍ଷା କରିଥାଆନ୍ତେ। ପ୍ରାର୍ଥୀ ଘୋଷଣା ହେବା ପରେ ସେ ଚଳିତ ନିର୍ବାଚନ ଲଢିବେ ନାହିଁ ବୋଲି ବୁଧବାର ପୂର୍ବାହ୍ନରେ ଘୋଷଣା କରିବା ପରେ ଦଳ ଅଡୁଆରେ ପଡ଼ିଯାଇଥିଲା। ତାଙ୍କ ବଦଳରେ ଦଳ ବେଗୁନିଆରୁ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି। ସେହିପରି ସମ୍ବଲପୁର ବିଧାନସଭା ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଅଶ୍ୱିନୀ ଗୁରୁ ନିର୍ବାଚନ ଲଢିବାକୁ ମନାକରିବା ପରେ ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପ୍ରାର୍ଥୀ କରିଛି। ଗତ କିଛି ମାସ ହେବ ପୂଜାହାରୀ ଚର୍ଚ୍ଚାରେ ଥିଲେ। ତାଙ୍କ କାର୍ଯ୍ୟଶୈଳୀକୁ ବିରୋଧ କରି ଭିମ୍‌ସାରରେ କନିଷ୍ଠ ଡାକ୍ତରମାନେ ପୂଜାହାରୀଙ୍କୁ ହଟାଇବାକୁ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ ରୋଗୀସେବା ପ୍ରଭାବିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂଜାହାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପରେ ତାଙ୍କୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୯ ଫେବୃୟାରୀ ୯ରେ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ସେହିପରି ଘଷିପୁରାରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ବେଳେ କଟକ-ଚୌଦ୍ୱାରରୁ ରାଜସ୍ଥାନର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଗଦୀଶ ମହାନ୍ତି, କଟକ ସଦର ଆସନରେ ରତ୍ନାକର ବେହେରାଙ୍କୁ ବଦଳାଯାଇ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱର୍ଗତା ଅସୀମା ମହାନନ୍ଦଙ୍କ ପୁଅ ଅଭିଷେକ ମହାନନ୍ଦଙ୍କୁ ଟିକେଟ ଦିଆଯାଇଛି। ସେହିପରି ଜୟଦେବ ବିଧାନସଭା ଆସନ ପାଇଁ ସୁକାନ୍ତ ତିଆଡି ଭୋଇ, ଭୁବନେଶ୍ୱର-ମଧ୍ୟ ପାଇଁ ରାଜୀବ ପଟ୍ଟନାୟକ, ଭୁବନେଶ୍ୱର-ଉତ୍ତର ପାଇଁ ଛାତ୍ର କଂଗ୍ରେସ ସଭାପତି ଇତୀଶ ପ୍ରଧାନ ଏବଂ ଚିଲିକା ବିଧାନସଭା ଆସନରେ ପ୍ରଦୀପ ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଛି।

କଂଗ୍ରେସର ବିଳମ୍ବିତ ଟିକେଟ ବଣ୍ଟନକୁ ନେଇ ଦଳୀୟ ନେତାମାନେ କ୍ଷୁବ୍ଧ ହେଉଛନ୍ତି। ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଅନେକ ଦଳୀୟ ପ୍ରାର୍ଥୀ ମଙ୍ଗୁନାହାନ୍ତି, ଯାହାକି ରାଜ୍ୟ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଇତିମଧ୍ୟରେ ବିଭିନ୍ନ କାରଣ ପାଇଁ ୫ଟି ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇବାକୁ କଂଗ୍ରେସ ବାଧ୍ୟ ହୋଇଛି। କଟକ ସଦର ପାଇଁ ପୂର୍ବରୁ ରତ୍ନାକର ବେହେରାଙ୍କୁ ବଦଳାଇ ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ସମ୍ବଲପୁରରୁ ଅଶ୍ୱିନୀ ଗୁରୁଙ୍କୁ ବଦଳାଇ ଅଶ୍ୱିନୀ ପୂଜାହାରୀ, ରାଉରକେଲାରୁ ମୁକ୍ତକାନ୍ତ ମଣ୍ଡଳଙ୍କୁ ବଦଳାଇ ବୀରେନ ସେନାପତି, ବେଗୁନିଆରୁ ପୃଥ୍ୱୀବଲ୍ଲଭଙ୍କୁ ବଦଳାଇ ପ୍ରଦୀପ ସାହୁ ଏବଂ ହିଞ୍ଜିଳିରୁ ରାମକୃଷ୍ଣ ପଣ୍ଡାଙ୍କୁ ପରିବର୍ତ୍ତନ କରି ଶମ୍ଭୁନାଥ ପାଣିଗ୍ରାହୀଙ୍କୁ ଦଳ ଟିକେଟ ଦେଇଛି। ଅନ୍ୟପକ୍ଷରେ ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କୁ ଦଳ ସେହି ଆସନରୁ ଟିକେଟ ଦେଇଥିଲେ ମଧ୍ୟ ସେ ନିର୍ବାଚନ ଲଢିବାକୁ ମନାକରି ଦେଇଛନ୍ତି। ଟିକେଟ ବଣ୍ଟନରେ ବିଳମ୍ବକୁ ନେଇ ସେ ସିଧା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆଡକୁ ଅଙ୍ଗୁଳି ଉଠାଇଛନ୍ତି। ଅନ୍ୟଠାରୁ ଟଙ୍କା ନେଇ ତାଙ୍କ ପ୍ରାର୍ଥିତ୍ୱକୁ ଝୁଲାଇ ରଖାଗଲା। ପିସିସି ସଭାପତି ଏଭଳି କାର୍ଯ୍ୟ କରିଛନ୍ତି। ଏତେ କମ୍ ସମୟରେ ନିର୍ବାଚନ ଲଢିବାକୁ ସେ ପ୍ରସ୍ତୁତ ନୁହଁନ୍ତି। ତାଙ୍କ କର୍ମୀଙ୍କ ସହ କଥାବାର୍ତ୍ତା କରି ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଯୁଧିଷ୍ଠିର ନିର୍ବାଚନ ନ ଲଢିବା କଂଗ୍ରେସ ପାଇଁ ଏକ ଶକ୍ତ ଧକ୍କା। ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ସିଧା ମୁକାବିଲା ବିଜେଡିର ପ୍ରଦୀପ ମହାରଥୀଙ୍କ ସହିତ ହୋଇ ଆସୁଥିଲା। ଯୁଧିଷ୍ଠିର ମହାରଥୀଙ୍କୁ କଡ଼ା ଟକ୍କର ଦେଉଥିଲେ। ଯୁଧିଷ୍ଠିର ନିର୍ବାଚନ ନ ଲଢ଼ିଲେ ବିଜେଡି ପ୍ରାର୍ଥୀଙ୍କୁ ସୁହାଇବ ବୋଲି ଚର୍ଚ୍ଚା ହେଉଛି। ବିଜେଡି ଓ ଭାଜପାଠାରୁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ପିସିସି ସଭାପତି ୨୦୧୮ ଅଗଷ୍ଟରେ କହିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କଂଗ୍ରେସ ରାଜ୍ୟର ସବୁ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରିନାହିଁ। ଯୁଧିଷ୍ଠିର ମନା କରିବା ପରେ ପିପିଲି ଆସନ ପାଇଁ ପ୍ରାର୍ଥୀ ଖୋଜିବା କଂଗ୍ରେସ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି।

# ଜାତୀୟ ରାଜପଥ ମରାମତି କାମରେ ଅନିୟମିତତା

**ଆରଡ଼ି, ୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବୋଡ଼କ- ଷାଠିବାଙ୍କୁଡ଼ା ମଧ୍ୟରେ ଥିବା ବୈତରଣୀ ନଦୀର ପୂର୍ବ ପାର୍ଶ୍ୱସ୍ଥ ୨୦ ନମ୍ବର ଜାତୀୟ ରାଜପଥରେ ଦୀର୍ଘ ୪ ମାସ ତଳେ ଦବିଥିବା ରାସ୍ତାର ମରାମତି କାମ ପ୍ରାୟ ଶେଷ ହେବା ଉପରେ। ଏବେ ମରାମତି ସ୍ଥାନରେ ରାସ୍ତାପାର୍ଶ୍ୱରେ ମାଟି ପକାଯାଉଛି। ତେବେ ଏହି ରାସ୍ତା ମରାମତି କାମକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ମରାମତି ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା, ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାମ ହେବାର ନିୟମ ଥିବାବେଳେ ପୂର୍ବରୁ କାମ ଠିକ୍ ଭାବେ କରି ନ ଥିବା ଜଣେ ସରପଞ୍ଚଙ୍କୁ କିପରି କାମ ଦିଆଯାଇଛି, ସେନେଇ ଷାଠିବାଙ୍କୁଡା ଓ ବୋଡ଼କ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏତଦ୍‌ବ୍ୟତୀତ ସେଠାରେ ବାରମ୍ବାର ରାସ୍ତା ଧସୁଥିବାର କାରଣ ନ ଖୋଜି ଏକ୍ସପର୍ଟ ଟିମ୍ ଯୋଗାଇ ନ ଦେଇ ବିଭାଗ ପକ୍ଷରୁ ମନମୁଖୀ ଭାବେ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ଉଲ୍ଲେଖନୀୟ ଯେ, ଏହି ରାଜପଥରେ ପ୍ରାୟ ୩ ଥର ରାସ୍ତା ମରାମତି ହୋଇ ସାରିଥିଲେ ବି ପୁନଶ୍ଚ ଦବିଯିବା ଓ ନଦୀଗର୍ଭ ଆଡ଼କୁ ଢଳିବା ନଦୀକୂଳିଆବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ରାସ୍ତା ବିପଜ୍ଜନକ ସ୍ଥିତିରେ ଥିବାବେଳେ ବିଭାଗୀୟ ଅଧିକାରୀମାନେ ମରାମତିରେ ବିଳମ୍ବ ହେବ ବୋଲି କହିଆସୁଥିଲେ। ଏବେ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଦ୍ୱାରା ସେହି ରାସ୍ତାକାମ କରାଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ସ୍ଥାନୀୟ ଜଣେ ରାଜନେତା ସହଯୋଗ କରିଥିଲେ। ସେହି ବ୍ୟକ୍ତି କାମ କରୁଥିବା ଦେଖି ଷାଠିବାଙ୍କୁଡା ଓ ବୋଡ଼କ ଗ୍ରାମର ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ୨୦୧୭ ଶେଷ ବେଳକୁ ଏଠାରେ ସେହି ବ୍ୟକ୍ତି ଜଣଙ୍କ ରାସ୍ତା ମରାମତି କାମ କରିଥିଲେ। ବର୍ଷକ ମଧ୍ୟରେ ଉକ୍ତ ରାସ୍ତାର ଦବିଥିବା ଓ ଭୁଶୁଡ଼ିଥିବା ସ୍ଥାନରେ ମରାମତି କାମ ସେ କିପରି ପାଇଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସରପଞ୍ଚଙ୍କ ଘର ଆଗରେ ବ୍ଲାଙ୍କ ଫାୟାରିଂ

**ବୌଦ୍ଧ, ୩।୪(ସ୍ୱ.ପ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଧୀନ ଖୁଣ୍ଟିଗୋରା ପଞ୍ଚାୟତର ସରପଞ୍ଚ ପ୍ରହ୍ଲାଦ ସେଠୀଙ୍କ ଘର ଆଗରେ ବୁଧବାର ରାତି ୧୦ଟା ବେଳେ ବ୍ଲାଙ୍କ ଫାୟାରିଂ ହୋଇଛି। ସରପଞ୍ଚ ସେଠୀ ଘରୁ ବାହାରକୁ ବାହାରୁଥିବା ବେଳେ ୩/୪ଜଣ ଦୁର୍ବୃତ୍ତ ସେଠାକୁ ଆସି ଫାୟାରିଂ କରିଥିଲେ। ଫଳରେ ସରପଞ୍ଚ ଘର ଭିତରକୁ ପଳାଇ ଯାଇଥିଲେ। ଏଥିରେ କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। କଣ୍ଟାମାଳ ଥାନା ଏସ୍‌ଆଇ କିଶନ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଦୁର୍ବୃତ୍ତମାନଙ୍କ ପତ୍ତା ମିଳିପାରିନାହିଁ। ସୂଚନାଯୋଗ୍ୟ, ସରପଞ୍ଚ ସେଠୀ ଗତ କିଛିଦିନ ତଳେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ।

# ରାଜ୍ୟରେ ୪୦ ଲକ୍ଷ ଦିବ୍ୟାଙ୍ଗ ଭୋଟର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

- ମତଦାନ କେନ୍ଦ୍ରରେ ନାହିଁ ମୌଳିକ ସୁବିଧା
- ୯୦ ପ୍ରତିଶତ ଦିବ୍ୟାଙ୍ଗ ସୁଗମ୍ୟ ନିର୍ବାଚନ ବିଷୟରେ ଅବଗତ ନାହାନ୍ତି

ସାଧାରଣ ନିର୍ବାଚନକୁ ଆଉ ମାତ୍ର ଅଳ୍ପଦିନ ଥିବାବେଳେ ମତଦାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଉପରେ ନିର୍ବାଚନ କମିଶନ ଗୁରୁତ୍ୱ ଦେଇଛନ୍ତି। ଚଳିତବର୍ଷ ଓଡ଼ିଶାରୁ ପ୍ରାୟ ୩.୧୮କୋଟିରୁ ଊର୍ଦ୍ଧ୍ୱ ଭୋଟର ଭୋଟ ଦେବାକୁ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୪୦ଲକ୍ଷ ରହିଛନ୍ତି ଦିବ୍ୟାଙ୍ଗ ମତଦାତା। ଆର୍‌ପିଡବ୍ଲ୍ୟୁଡି ଆକ୍ଟ ୨୦୧୬ ଅନୁସାରେ ବର୍ତ୍ତମାନ ଦିବ୍ୟାଙ୍ଗଙ୍କ ପ୍ରକାରଭେଦକୁ ୭ରୁ ୨୧ ପ୍ରକାରକୁ ବଢ଼ାଇ ଦିଆଯାଇଛି। ସେହି ଅନୁଯାୟୀ ଦେଖିବାକୁ ଗଲେ, ଓଡ଼ିଶାରେ ଏବେ ପ୍ରାୟ ୭୦ଲକ୍ଷ ଦିବ୍ୟାଙ୍ଗ ଲୋକ ବାସ କରୁଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୪୦ଲକ୍ଷ ଚଳିତ ନିର୍ବାଚନରେ ମତଦାନ ପାଇଁ ଯୋଗ୍ୟ ଅଟନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ, ଏ ପର୍ଯ୍ୟନ୍ତ ସମସ୍ତ ଦିବ୍ୟାଙ୍ଗଙ୍କୁ ଭୋଟର ତାଲିକାଭୁକ୍ତ କରାଯାଇନାହିଁ। ସେହିଭଳି ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ଆବଶ୍ୟକ, ଅତ୍ୟାବଶ୍ୟକ ମୌଳିକ ସୁବିଧା ଏଠାରେ ଉପଲବ୍ଧ ନାହିଁ। ରାଜ୍ୟର କୌଣସି ଭୋଟଗ୍ରହଣ କେନ୍ଦ୍ର ଦିବ୍ୟାଙ୍ଗ ସୁଗମ୍ୟ ହୋଇ ନ ଥିବାବେଳେ ଅଧିକାଂଶ ଦିବ୍ୟାଙ୍ଗ ନିଜ ଅଧିକାର ଓ ମତଦାନ ସମ୍ପର୍କରେ ଅବଗତ ନାହାନ୍ତି।

ସ୍ୱାଭିମାନ ଏବଂ ଓଡ଼ିଶା ଷ୍ଟେଟ୍ ଡିଜାବିଲିଟି ନେଟ୍‌ୱର୍କ ପକ୍ଷରୁ ବୁଧବାର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ୱାଭିମାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଓଡ଼ିଶାରେ ଏ ପର୍ଯ୍ୟନ୍ତ ସୁଦ୍ଧା ଜିଲାସ୍ତରରେ ନିର୍ବାଚନ କମିଟିର ବ୍ୟବସ୍ଥା ହୋଇନାହିଁ। ଦିବ୍ୟାଙ୍ଗଙ୍କଠାରୁ ନିଆଯାଇଥିବା ମତ ଅନୁଯାୟୀ, ୯୦ ପ୍ରତିଶତ ଦିବ୍ୟାଙ୍ଗ ସୁଗମ୍ୟ ନିର୍ବାଚନ ବିଷୟରେ ଅବଗତ ନାହାନ୍ତି। ବ୍ରେଲି ଇଭିଏମ୍‌ର ବ୍ୟବସ୍ଥା ହୋଇ ନ ଥିବାବେଳେ ଏ ବିଷୟରେ କାହା ପାଖରେ ଖବର ନାହିଁ। ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ବଧିରମାନଙ୍କ ପାଇଁ ସାଙ୍କେତିକ ଭାଷାର କିଛି ସୂଚନା ଦିଆଯାଇନାହିଁ। ଠିକ୍ ଭାବରେ କୌଣସି ବି ବୁଥ୍‌ରେ ର୍ୟାମ୍ପ୍‌ର ବ୍ୟବସ୍ଥା ନାହିଁ। ରାଜନୈତିକ ଦଳଗୁଡ଼ିକ ଦିବ୍ୟାଙ୍ଗଙ୍କ ଅଧିକାରକୁ ଗୁରୁତ୍ୱ ଦେଉ ନ ଥିବାବେଳେ ଗମନାଗମନ ବ୍ୟବସ୍ଥା ନ ଥିବାରୁ ଅଧିକାଂଶ ଦିବ୍ୟାଙ୍ଗ ଭୋଟ ଦେବାକୁ ଯାଉନାହାନ୍ତି। ସାଙ୍କେତିକ ବୋର୍ଡରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ, କୌଣସି ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନେଥେଇ ଫୁଲୀର କାନରେ କାପ,
କାନ କରୁଥିଲା କପ୍ କପ୍।**

ମହିଳାମାନେ ସାଧାରଣତଃ ଗହଣା ପ୍ରିୟ ହୋଇଥାନ୍ତି। ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। କାନରେ ସାମାନ୍ୟ ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନ ହେଲେ ନାହିଁ
ମନେ ପଡ଼ିଗଲେ ହାଇଁପାଇଁ।**

କିଛି ବ୍ୟକ୍ତି ପରିଚିତ ବା ସମ୍ପର୍କୀୟ ବ୍ୟକ୍ତିଙ୍କ ସହ ଦିନେ କାଳେ ସମ୍ପର୍କ ରଖି ନ ଥାନ୍ତି କି ଭଲରେ ମନ୍ଦରେ କେବେ ପଚାରି ନ ଥାନ୍ତି। କିନ୍ତୁ ହଠାତ୍ ମନେ ପଡ଼ିଗଲେ ବା ଦେଖା ହୋଇଗଲେ ନିଜରହୋଇ କଥା କହିଥାନ୍ତି। ସ୍ନେହ, ଶ୍ରଦ୍ଧା ଭାବ ଅଜାଡ଼ି ଦେଇଥାନ୍ତି। ଯେଉଁ ସମ୍ପର୍କରେ କୌଣସି ଆନ୍ତରିକତା ନ ଥାଏ ସେଭଳି ସମ୍ପର୍କ ମୂଲ୍ୟହୀନ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


# CLASSIFIEDS

real estate

**SALE**

ଭୁବନେଶ୍ୱର ପଟିଆ Big Bazarରୁ 3.5km. ଦୂରତାରେ ବାସୋପଯୋଗୀ plot 1200 sqft.କୁ 4,20,000/- immediate registration/ possession. 9937686826. D-66313

ଭୁବନେଶ୍ୱର Infosys-II ପଛପଟେ ପାଚେରିସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

Conversion Demarcation Plot Sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର ୧୨୦୦ ବର୍ଗଫୁଟକୁ 6,60,000/- 9861281504. D-66320

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100’ ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Excellent ST plots adjacent to four lane 100ft. road, Pitapalli-Cuttack bypass at Kantabada (Kateni chhack) 4km from SUM hospital, Bhubaneswar. Contact: 8339076535. D-66420

ସୁନ୍ଦରପଦା Hitech plaza frontରେ Govt. Roadକୁ ଲାଗି ଘରବାରି ପ୍ଲଟ ବିକ୍ରିହେବ sqft. 800/-, 1,000/-. 9777236619. D-66324

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (Grand bazar) NH5ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** କିଣନ୍ତୁ। **9938737955.** D-66323

Land 1000 sqft. at Sisupal 1km. from Lingaraj Temple, sale price 12 lakhs. Contact: Hindustan Jewellers, Bhubaneswar. D-65628

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

to-let

For commercial 800 sqft. Kharvel Nagar 1500 Master canteen 2000 Cuttack Road. Contact: Hindustan Jewellers, Bhubaneswar. D-65629

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ରବି ରେବତୀ ନକ୍ଷତ୍ରରେ ରହି ଦ୍ୱାଦଶସ୍ଥ ହେତୁ ଭ୍ରମଣର ସୁଯୋଗ ଲାଭ କରିବେ। ଘରର ଅଟକି ରହିଥିବା କେତେକ କାମକୁ ସମ୍ପନ୍ନ କରିବା ସକାଶେ ପଛେଇଯିବେ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ପାଇ କାମକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ, ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ଏକାଦଶସ୍ଥ ଚନ୍ଦ୍ର ହେତୁ ବନ୍ଧୁମାନଙ୍କ ପରାମର୍ଶ ଅନୁଯାୟୀ ହଠାତ୍ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୁଡିଏ କାମ ହାତକୁ ନେବା ଦ୍ୱାରା ଟେନଶନ ବୃଦ୍ଧି ପାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ, ମାତ୍ର ତାହା ନିଜ ସପକ୍ଷରେ ଯିବାର ସମ୍ଭାବନା ରହିଛି।

**ମିଥୁନ**
ମଙ୍ଗଳ ଲାଭାଧିପ ହୋଇ ଦ୍ୱାଦଶସ୍ଥ ଯୋଗୁ କୌଣସି ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପ୍ରଶାସନିକ, ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଆଜିର ଯାତ୍ରା, ପରିବହନ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ମାନ୍ଦା ହେବ ନାହିଁ।

**କର୍କଟ**
ବୁଧ ଅଷ୍ଟମସ୍ଥ ରହି ବନ୍ଧୁମାନଙ୍କ ଦ୍ୱାରା ବିବାଦୀୟ କ୍ଷେତ୍ରରୁ ଆପଣଙ୍କ ପ୍ରାପ୍ୟ ଆଣିବାରେ ସମର୍ଥ ହେବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇପାରନ୍ତି। କର୍ମକ୍ଷେତ୍ରର କିମ୍ବା ଆନୁଷ୍ଠାନିକ କାମରେ ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବ। ବ୍ୟବସାୟ ଓ ନିର୍ମାଣ, ପରିବହନରେ ସଫଳତା ହାସଲ କରିବେ।

**ସିଂହ**
ବୃହସ୍ପତି ଶୁଭଭାବେ ଗୁରୁସୌରୀ ଯୋଗ ସୃଷ୍ଟିକରି ଆପଣଙ୍କୁ ଅର୍ଥ, ସମ୍ମାନ, ପ୍ରତିଷ୍ଠାଦି ଗୌରବ ବିମଣ୍ଡିତ କରିପାରନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଆପଣ କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚାହୁଁଥିବା ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**
ଚତୁର୍ଥସ୍ଥ ଶନି ଆପଣଙ୍କ କର୍ମକ୍ଷେତ୍ର ପାଇଁ କିଛିଟା ପ୍ରତିବନ୍ଧକ ସୃଷ୍ଟିକଲେ ମଧ୍ୟ ପାରିବାରିକ ଜୀବନ ପାଇଁ କୌଣସି ଅସୁବିଧା ରହିବ ନାହିଁ। ସ୍ୱକୀୟ କାର୍ଯ୍ୟଦକ୍ଷତା ହେତୁକ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ଅନୁକମ୍ପା ଲାଭ କରିପାରନ୍ତି। ବିଶେଷ କାରଣରୁ ଖର୍ଚ୍ଚାନ୍ତ ସାଙ୍ଗକୁ ମନସ୍ତାପ କରିବାକୁ ପଡିପାରେ। ସାମାଜିକ ସ୍ତରରେ ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ।

**ତୁଳା**
ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି। ନିଜ ଲୋକଙ୍କ ପରୋକ୍ଷ ବିରୁଦ୍ଧାଚରଣ ହେତୁ ଚିନ୍ତାରେ ରହିବାକୁ ପଡିବାର ସୂଚନା ରହିଛି। ପ୍ରଶାସନିକ କାର୍ଯ୍ୟ, ଆଇନ, ସଭାସମିତି ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ବିଛା**
ଦୈହିକ ସୁସ୍ଥତା ସାଙ୍ଗକୁ ନୂତନ କର୍ମରେ ଅନୁପ୍ରବେଶ ମନର ସ୍ଥିତିକୁ ସଂଯମିତ ରଖିବ। ସାଙ୍ଗ ପ୍ରଭାବରେ ପ୍ରଭାବିତ ହୋଇ କିଛି ମନ୍ତବ୍ୟକୁ କେନ୍ଦ୍ରକରି ଜଣେ ବୟସ୍କ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରିପାରନ୍ତି। ଯାତ୍ରାରେ କିମ୍ବା କିଣାବିକାରେ ସତର୍କ ନ ହେଲେ ଠକେଇର ଶିକାର ହୋଇପାରନ୍ତି। ବନ୍ଧୁ, ପରିଜନଙ୍କ ସାହାଯ୍ୟ ଦ୍ୱାରା ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ**
ଆଜିର ଶୁଭଯୋଗ ପ୍ରଭାବରେ ଆପଣଙ୍କର କୌଣସି କାମ ଅଟକି ରହିବନାହିଁ। କିନ୍ତୁ ମୂଳା ନକ୍ଷତ୍ର ସକାଶେ ପାରିବାରିକ ଦୁଶ୍ଚିନ୍ତା ବଢିଯିବା ଦ୍ୱାରା କାମଗୁଡିକ ମଧ୍ୟ ଶୃଙ୍ଖଳିତ ହେବ ନାହିଁ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ମଧ୍ୟ ରହିଛି।

**ମକର**
ଆଜି ଜଣେ ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭଖବର ମନକୁ ଆମୋଦିତ କରିବାର ସୂଚନା ରହିଛି। ଆପଣଙ୍କ ପ୍ରତ୍ୟେକ କାମ ସକାଶେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ସାମୟିକ ଭାବେ ଆତ୍ମୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପୁରାତନ ରୋଗର ନିରାକରଣ ସକାଶେ ମାନସିକ ବ୍ୟଗ୍ରତା ସୃଷ୍ଟି ହୋଇପାରେ।

**କୁମ୍ଭ**
ବୁଧଙ୍କ ପ୍ରଭାବରେ ଅପ୍ରିୟସତ୍ୟ ଭାଷଣ ହେତୁ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ମାତ୍ର ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ କିନ୍ତୁ ପ୍ରତିବନ୍ଧକ ଲାଗିରହିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ପଡୋଶୀ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମୀନ**
ଶୁଭାଶୁଭ ମିଶ୍ରିତଫଳ ଆଜି ଦିନଟିରେ ଅନୁଭୂତ ହେବ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଚେଷ୍ଟା କଲେ ସଫଳତା ହାସଲ କରିପାରିବେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି। ତରବରିଆ ଭାବେ କୌଣସି କାମ ନ କରି ଦେଖି ଚାହିଁ ପଦକ୍ଷେପ ନିଅନ୍ତୁ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଏପ୍ରିଲ ୪ ତାରିଖ,ସବେ-ମେରାଜ,(ପୂର୍ବରାତ୍ରି, ଅମାବାସ୍ୟାର ନିଶାପାଳନ), ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୧୦।୨୬ମି. ଗତେ ଘ୧୧।୫୬ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୫୬ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୧୪ମି. ମଧ୍ୟେ ଘ୧୧।୪୪ମି. ଗତେ, ଘ୧।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୨୨ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ନିଆଁ
### ୮୦ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ

**ବାରିପଦା ଅଫିସ,୩।୪:** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟରେ ବୁଧବାର ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ୧୧ କେଭି ବିଦ୍ୟୁତ୍ ସଂଯୋଗ ଟ୍ରାନ୍ସଫର୍ମରରେ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ କାର୍ଯ୍ୟାଳୟର ପ୍ରାୟ ୧୦ଟି ଫ୍ୟାନ, ୪ ଟି ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ୭ କମ୍ପ୍ୟୁଟର ଏବଂ ବିଭିନ୍ନ ବିଦ୍ୟୁତ୍ ସାମଗ୍ରୀ ପୋଡି ଯାଇଛି। ଶର୍ଟସର୍କିଟ ପ୍ରଭାବରେ କାର୍ଯ୍ୟାଳୟରେ ହଠାତ ନିଆଁ ଲାଗିଯିବାରୁ କର୍ମଚାରୀମାନେ ଭୟଭୀତ ହୋଇପଡିଥିଲେ। ସେମାନେ କାର୍ଯ୍ୟାଳୟ ବାହାରକୁ ପଳାଇ ଆସିଥିଲେ। ସମଗ୍ର ପରିବେଶ ଧୂଆଁରେ ଭରି ଯାଇଥିଲା। ଏହି କାର୍ଯ୍ୟାଳୟ ସଂଲଗ୍ନ ବ୍ଲକର କେତେକ ସରକାରୀ କ୍ୱାର୍ଟର୍ସରେ ବିଭିନ୍ନ ବିଦ୍ୟୁତ୍ ସାମଗ୍ରୀ ପୋଡିଯାଇଥିବା ଜଣାପଡିଛି। ସେହିପରି ବ୍ଲକ କାର୍ଯ୍ୟାଳୟକୁ ଲାଗିଥିବା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ମଧ କେତେକ ବିଦ୍ୟୁତ୍ ଉପକରଣ ପୋଡି ଯାଇଛି। କ୍ଷୟକ୍ଷତିର ପରିମାଣ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିବାରୁ ଏକ ବଡ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିଛି। ବିଦ୍ୟୁତ୍ ବିଭାଗ ଏସଡିଓ ଗିରିଧାରୀ ଦାସ କହିଛନ୍ତି, ତଦନ୍ତ ପରେ ଅଗ୍ନିକାଣ୍ଡ ଶର୍ଟସର୍କିଟ ଯୋଗୁ ଘଟିଥିବାଜଣାପଡିଛି। ସ୍ଥାନୀୟ ଟ୍ୟାକ୍ସିଷ୍ଟାଣ୍ଡ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ କୌଣସି ଏକ ଗାଡି ଧକ୍କାଦେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### ବିମାନ ବନ୍ଦରରୁ ୯ଲକ୍ଷ ଟଙ୍କାର ସୁନା ଜବତ
### ବୋତାମରେ ଲୁଚାଇ ଆଣିଥିଲେ ଦୁଇଜଣ ଯାତ୍ରୀ



**ଭୁବନେଶ୍ୱର, ୩।୪(ବ୍ୟୁରୋ):** କଡ଼ା ଯାଞ୍ଚ ସତ୍ତ୍ୱେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦର ଦେଇ ବିଦେଶରୁ ଭାରତକୁ ସୁନା ଚାଲାଣ ହେଉଛି। କଷ୍ଟମ ବିଭାଗର ଅଧିକାରୀମାନେ ଦୁଇଜଣ ବିମାନ ଯାତ୍ରୀଙ୍କଠାରୁ ୨୭୮.୮୩ ଗ୍ରାମର ସୁନା ଜବତ କରିଛନ୍ତି। ଜବତ ସୁନାର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରୁ ଏୟାର ଏସିଆ (ଏଫଡି୧୧୨) ବିମାନ ଭୁବନେଶ୍ୱରରେ ପହଞ୍ଚିବା ପରେ କଷ୍ଟମ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଇଥିଲା। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଦୁଇଜଣ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ଅଧିକ ଯାଞ୍ଚ କରାଯିବାରୁ ସେମାନେ ପିନ୍ଧିଥିବା ଓ ଆଣିଥିବା ପୋଷାକ ବୋତାମରେ ଗୋଲେଇ ଆକାରର ସୁନା ମିଳିଥିଲା। ଉକ୍ତ ସୁନାରେ ଧଳା ରଙ୍ଗ ଲେପ ଦିଆଯାଇଥିଲା। ଉକ୍ତ ଦୁଇଜଣ ଯାତ୍ରୀଙ୍କୁ ଅଟକ ରଖାଯାଇ ଚୋରି ସୁନା ଚାଲାଣରେ ସମ୍ପର୍କରେ ଅଧିକ ତଦନ୍ତ ଚଳାଇଛି କଷ୍ଟମ ବିଭାଗ।

## ■ ମୋଦି, ଶାହଙ୍କୁ ନବୀନଙ୍କ କଡ଼ା ସମାଲୋଚନା
# 'ବାତ୍ୟାରେ ଆସିଲେନି, ଭୋଟ ପାଇଁ ଆସୁଛନ୍ତି'

**ବ୍ରହ୍ମପୁର ଅଫିସ,୩।୪**

ନିର୍ବାଚନ ତାରିଖ ଘୋଷଣା ପରଠୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ବାରମ୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆକ୍ରମଣ କରୁଛନ୍ତି। ବୁଧବାର ମୋଦି ଏବଂ ଶାହଙ୍କ ଉପରକୁ ଓଲଟା ଆକ୍ରମଣ କରିଛନ୍ତି ନବୀନ ପଟ୍ଟନାୟକ। ବ୍ରହ୍ମପୁର ସହର ଉପକଣ୍ଠ ତଥା ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କନିଷିରେ ଆୟୋଜିତ ଏକ ନିର୍ବାଚନ ସଭାରେ ନବୀନ କହିଛନ୍ତି, ସେମାନେ (ମୋଦି ଏବଂ ଶାହ)ବାତ୍ୟା କିମ୍ବା ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ କେବେ ଓଡ଼ିଶା ଆସିନାହାନ୍ତି। ଏବେ ନିର୍ବାଚନ ଚାଲିଥିବା ଯୋଗୁ ଓଡ଼ିଶାବାସୀଙ୍କ ଭୋଟ୍ ପାଇ ଆସୁଛନ୍ତି। ମୁଁ ତୁମ ସାଥିରେ ରହିଥିଲି, ରହିଥିବି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଗଞ୍ଜାମ ଜିଲାରେ ବୁଧବାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ। କନିଷିରେ ଆୟୋଜିତ ନିର୍ବାଚନୀ ସଭାରେ ସେ କହିଥିଲେ, ମୁଁ କିଛି ତଥ୍ୟ ଆପଣଙ୍କ ବିଚାର ପାଇଁ ରଖୁଛି। ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି ହେଲା, ଆସିଲେ ନାହିଁ, ମରୁଡି ହେଲା, ଆସିଲେ ନାହିଁ। କିନ୍ତୁ, ଭୋଟ ପାଇଁ ଆସିଗଲେ। ଭାଜପାର ବଡ଼ ବଡ଼ ନେତାମାନେ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ବୋଲି କହି ନବୀନ ପଟ୍ଟନାୟକ ମୋଦି ଏବଂ ଶାହଙ୍କୁ ସମାଲୋଚନା କରିଥିଲେ। ଏଥି ସହ ସେ କହିଥିଲେ, ଆପଣମାନେ ତାଙ୍କୁ ପଚାରନ୍ତୁ। କୁଆଡେ ଗଲା ଶୀତଳାପଲ୍ଲୀ ରେଲୱେ ୱାଗନ ଫ୍ୟାକ୍ଟ୍ରି, କୁଆଡେ ଗଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ପ୍ରତିଶ୍ରୁତି କୁଆଡେ ଗଲା ମହିଳା



ବ୍ରହ୍ମପୁରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋରେ ଯାଉଛନ୍ତି।

- ■ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ବର୍ଷକୁ ୨ କୋଟି ଚାକିରି କୁଆଡ଼େ ଗଲା
- ■ ଶୀତଳାପଲ୍ଲୀ ରେଲୱେ ୱାଗନ୍ କାରଖାନା କଥା ଉଠାଇଲେ
- ■ କୃଷକ ନୁହଁ, ବୀମା କମ୍ପାନୀ କୃଷି ବୀମା ଫାଇଦା ପାଉଛନ୍ତି
- ■ 'କାଳିଆ' ବିରୋଧୀଙ୍କୁ ଚାଷୀମାନେ ଉଚିତ ଜବାବ୍ ଦେବେ

ସଂରକ୍ଷଣ ପ୍ରତିଶ୍ରୁତି, କାହିଁକି ବୀମା ପାଇଁ ଚାଷୀ ହଇରାଣ ହେଉଛନ୍ତି, ଆଉ ବୀମା କମ୍ପାନୀ ଲାଭବାନ ହେଉଛି। କାହିଁକି ବନ୍ୟା, ବାତ୍ୟାରେ ଓଡିଶାକୁ ସହଯୋଗ ମିଳୁନାହିଁ, କାହିଁକି ଅନୁସୂଚିତ ଜାତି ଏବଂ ଜନଜାତି ପିଲାଙ୍କ ସ୍କଲାର୍‌ଶିପ୍‌କୁ ବନ୍ଦ କଲେ, କୁଆଡେ ଗଲା ପ୍ରତି ବର୍ଷ ୨ କୋଟି ଚାକିରି। ୫ ବର୍ଷରେ ୧୦ କୋଟି ଚାକିରି, ପ୍ରତି ତିନୋଟି ଘରୁ ଜଣେ ଚାକିରି ପାଇଥିବା କଥା ହେଲାକି, ଆପଣଙ୍କ ନିଜ ଗାଁରେ ଦେଖନ୍ତୁ, ନିର୍ବାଚନ ଆସିଲେ ଆସିବେ। ବଡ ବଡ କଥା କହିବେ। ତା' ପରେ ଦେଖା ମିଳିବ ନାହିଁ। ସାଢେ ୪ କୋଟି ଓଡିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି ଆଉ ରହିବି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଯୋଜନା ସବୁ ବର୍ଗ ପାଇଁ ଅଛି ବୋଲି ନବୀନ କହିଥିଲେ। ଏଥିସହ କାଳିଆ ଯୋଜନା ନେଇ ମଧ୍ୟ ମତ ରଖିଥିଲେ ନବୀନ। ସେ କହିଥିଲେ, କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକାର ପାଇଲେ। ଆଉ ୨୦ ଲକ୍ଷ ଚାଷୀଙ୍କର ତାଲିକା ପ୍ରସ୍ତୁତ ହୋଇଛି। ଦୁଃଖର କଥା, ଚାଷୀଙ୍କ ହକ୍‌କୁ କିଛି ବିରୋଧୀ ଦଳ ବିରୋଧ କରୁଛନ୍ତି। ଚାଷୀ ଭାଇମାନେ ତାଙ୍କୁ ନିର୍ବାଚନରେ ଉଚିତ ଜବାବ ଦେବେ। ସବୁ ଯୋଗ୍ୟ ଚାଷୀ ଏହି ଯୋଜନାର ଲାଭ ପାଇବେ। ଜଣେ ବି ଯୋଗ୍ୟ ଚାଷୀଙ୍କୁ ବଞ୍ଚିତ ହେବାକୁ ଦେବି ନାହିଁ ବୋଲି ନବୀନ କହିଥିଲେ।

ଏହି ଅବସରରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ କହିଥିଲେ, ଦେଶର ସର୍ବଶ୍ରେଷ୍ଠ ଗୁଣ୍ଡା ଏବଂ ଗୁଜରାଟରୁ ତଡ଼ିପାର ହୋଇଥିବା ନେତା, ଏଇଠି ଓଡ଼ିଶାକୁ ଆସି କହୁଛନ୍ତି– ନବୀନଙ୍କୁ ବଙ୍ଗୋପସାଗରରେ ଫିଙ୍ଗିଦିଅ। ଚଳିତ ନିର୍ବାଚନରେ ସେମାନଙ୍କ ଅବସ୍ଥା କ'ଣ, ତାହା ଲୋକମାନେ ସ୍ଥିରକରି ସାରିଲେଣି। ଓଡ଼ିଶାରେ କେବଳ ନବୀନ। ବାକି ସବୁ ପବନ ବୋଲି ଚନ୍ଦ୍ରଶେଖର କହିଥିଲେ। ସେହିଭଳି ସଭାରେ ଅଧ୍ୟକ୍ଷତା କରିଥିବା ଗୋପାଳପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ କହିଥିଲେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ବେଳେ ରାଜ୍ୟ ଋଣଭାରରେ ବୁଡ଼ି ରହିଥିଲା। ଦାରିଦ୍ର୍ୟ ଏବଂ ଅନାହାର ଚରମ ସୀମାରେ ଥିଲା। କିନ୍ତୁ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ଆଜି ବିକାଶଶୀଳ ରାଜ୍ୟ ହୋଇପାରିଛି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଦାରିଦ୍ୟ ଦୂରୀକରଣରେ ରାଜ୍ୟ ଢ଼େର ଉନ୍ନତି କରିଛି। ଏଣୁ ପୁଣି ଥରେ ବିଜେଡ଼ିକୁ ଭୋଟ୍‌ଦେଇ ଓଡ଼ିଶାକୁ ବିକାଶ ପଥରେ ଆଗେଇ ନେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆସିକା ଅଞ୍ଚଳର ବହୁ ଭାଜପା ନେତା ବିଜେଡ଼ିରେ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଅର୍ଚ୍ଚିତା ଏବଂ ହାସ୍ୟ ଅଭିନେତା ପ୍ରଜ୍ଞା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଏହା ପରେ ବ୍ରହ୍ମପୁର ସହରରେ ଏକ ରୋଡ୍ ଶୋ ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ବସ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ ରେ ସହର ଭ୍ରମଣ କରିଥିଲେ। ତାଙ୍କୁ ସହରର ପ୍ରମୁଖ ଛକଗୁଡ଼ିକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା, ଗୋପାଳପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀଙ୍କ ସମେତ ବିଜେଡିର ବହୁ ବରିଷ୍ଠ ନେତା ରୋଡ୍ ଶୋ'ରେ ଉପସ୍ଥିତ ଥିଲେ।

### ବାସିଖାଦ୍ୟ ଖାଇ ୬୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

**ବାରିପଦା ଅଫିସ,୩।୪**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କମଳି ଏସଏସଡି ସରକାରୀ ହାଇସ୍କୁଲ ଛାତ୍ରୀନିବାସର ୬୫ରୁ ଉର୍ଦ୍ଧ୍ୱଛାତ୍ରୀ ବାସିଖାଦ୍ୟ ଖାଇ ଝାଡାବାନ୍ତିରେ ପୀଡିତ ହେବା ଘଟଣା ନେଇ ଅଭିଭାବକମାନେ ଉଦ୍‌ବେଗ୍ ପ୍ରକାଶ କରିଛନ୍ତି। ବାସିଖାଦ୍ୟ ଖାଇବା ପରେ ରବିବାର ରାତିରୁ ଏହି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଆଣି ସୋମବାର ଡୁକୁରା ସିଏଚସିରେ ଭର୍ତ୍ତିକରିଥିଲେ। ଚିକିତ୍ସା ପରେ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ଅନେକେ ସୁସ୍ଥ ହୋଇଛନ୍ତି। ତେବେ ପ୍ରାୟ ୧୦ ଜଣ ଛାତ୍ରୀ ବୁଧବାର ସୁଦ୍ଧା ଚିକିତ୍ସାଳୟରେ ରହିଥିବା ଜଣାପଡିଛି। ମଙ୍ଗଳବାର ଏହି ବିଦ୍ୟାଳୟର ଛାତ୍ରୀନିବାସକୁ ଏକ ଡାକ୍ତରୀ ଦଳ ଯାଇ ଖାଦ୍ୟ ନମୁନା ସଂଗ୍ରହ କରଫେରିଛନ୍ତି। ଜିଲା ପ୍ରଶାସନ ଏହି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

### ଆମ୍ବୁଲାନ୍ସ ଧକ୍କାରେ ୨ ମୃତ

**ବାରିପଦା ଅଫିସ,୩।୪**

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ କରଞ୍ଜିଆଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘରୋଇ ଆମ୍ବୁଲାନ୍ସ ଧକ୍କାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବଡସାହି ବ୍ଲକ ଉଠାଣି ନୂଆଗାଁର ହୃଷୀକେଶ ସରଘରିଆ ଏବଂ ବିଶିକେଶନ ପୃଷ୍ଟି। ଏହି ଦୁଇଜଣ ବାରିପଦାରେ ନିଜ କାର୍ଯ୍ୟ ସାରି ରାତିରେ ଘରକୁ ଫେରୁଥିଲେ। ଏତିକି ବେଳେ ଏକ ଘରୋଇ ଆମ୍ବୁଲାନ୍ସ(ନଂ.ଓଡି–୧୧–ଏସ ୦୩୮୯) ଉଦଳାରୁ ରୋଗୀ ନେଇ ବାରିପଦା ଚିକିତ୍ସାଳୟକୁ ଆସୁଥିଲା। ଯୁବକମାନେ ଯାଉଥିବା ମୋଟରସାଇକେଲକୁ ଆମ୍ବୁଲାନ୍ସ ଧକ୍କା ଦେବା ଫଳରେ ଉଭୟ ଯୁବକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ନବୀନ ନିବାସ ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ବୁଧବାର ଜଣେ ମହିଳା ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସେତେବେଳେ ସେଠାରେ ନେତା ଓ କର୍ମୀଙ୍କ ଭିଡ଼ ଲାଗି ରହିଥିଲା। ସେ ତାଙ୍କ ଦେହରେ ପେଟ୍ରୋଲ ଢାଳିନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ମୁତୟନ ସୁରକ୍ଷାକର୍ମୀ ଓ ଅନ୍ୟମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ତେବେ ଉକ୍ତ ମହିଳା ଜଣକ କାନ୍ଦିକାନ୍ଦି ମୟୂରଭଞ୍ଜ ଜିଲା ଉଦଳାର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଉଦଳା ଆର୍‌ଏମ୍‌ସି ଅଫିସରେ ପିଅନ ଚାକିରି କରାଇ ଦେବାକୁ କହି ତାଙ୍କଠାରୁ ଦେଢଲକ୍ଷ ଟଙ୍କା ନିଆଯାଇଥିଲା। ସେ ନିଜ ଜମି ବିକ୍ରି କରି ଉକ୍ତ ଟଙ୍କା ଦେଇଥିଲେ ମଧ ତାଙ୍କୁ ଚାକିରି ମିଳି ନ ଥିଲା। ଏପରିକି ୨୦୧୪ରେ ଘରକୁ ଡାକି ତାଙ୍କୁ ବଳାତ୍କାର କରାଯାଇଥିଲା। ଏନେଇ ସେ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ସ୍ଥାନୀୟ ପୋଲିସ ମାମଲା ରୁଜୁ କରି



ଆତ୍ମାହୁତି ଉଦ୍ୟମବେଳେ ମହିଳାଙ୍କୁ ସୁରକ୍ଷାକର୍ମୀମାନେ ଉଦ୍ଧାର କରୁଛନ୍ତି।

ପୂର୍ବତନ ବିଧାୟକଙ୍କ ସେକ୍ରେଟେରୀଙ୍କୁ ଗିରଫ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ମହିଳା ଜଣକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ ତାଙ୍କୁ କୌଣସି ନ୍ୟାୟ ମିଳିନାହିଁ। ଗତ ଶନିବାର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସି ନବୀନ ନିବାସ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା କର୍ମୀମାନେ ଭିତରକୁ ଛାଡ଼ି ନ ଥିଲେ। ଏହି ସମୟରେ ଆତ୍ମହତ୍ୟା କରିବାକୁ ଧମକ ଦେବାରୁ ତାଙ୍କୁ ପୋଲିସ ଏୟାରପୋର୍ଟ ଥାନାକୁ ନେଇ ପରେ ଛାଡ଼ି ଦେଇଥିଲା। ତେବେ ଅଭିଯୋଗ ସଂକ୍ରାନ୍ତରେ ବିଧାୟକ ପ୍ରାର୍ଥୀ ସୋରେନ କହିଛନ୍ତି, ୨୦୧୪ରେ ଉଦ୍ଦେଶ୍ୟମୂଳକ ଭାବେ ମହିଳା ଜଣକ ତାଙ୍କ ନାମରେ ଏକ ମିଥ୍ୟା ଅଭିଯୋଗ ଆଣିଥିଲେ। ଜଣେ ଆଡିସନାଲ ଏସ୍‌ପି ର୍‍ୟାଙ୍କର ପୋଲିସ ଅଧିକାରୀ ଉକ୍ତ ଘଟଣାର ତଦନ୍ତ କରିଥିଲେ। ଏଥିରେ ସମ୍ପୃକ୍ତି ନ ଥିବା ତଦନ୍ତରୁ ଜାଣିବା ପରେ ଚାର୍ଜସିଟରୁ ତାଙ୍କ ନାମକୁ ବାଦ୍ ଦେଇଥିଲେ। ଏପରିକି ଘଟଣା ଘଟିବା ଦିନ ସେ ବାରିପଦାର ଏକ ଦଳୀୟ କାର୍ଯ୍ୟରେ ଥିଲେ। ଅଭିଯୋଗ ଆଣିଥିବା ମହିଳା ଜଣେ ବିଧାୟକ ପ୍ରାର୍ଥୀଙ୍କ ସମ୍ପର୍କୀୟ ଅଟନ୍ତି। ଜଣେ ଅସନ୍ତୁଷ୍ଟ ଟିକେଟ ଆଶାୟୀଙ୍କ ସମର୍ଥକ ଓ ବିରୋଧୀମାନେ ମିଶି ଉକ୍ତ ମହିଳାଙ୍କ ସହଯୋଗରେ ମୋତେ ବଦନାମ କରାଇବାକୁ ଏହି ଷଡଯନ୍ତ୍ର କରିଛନ୍ତି। ଏହି ଘଟଣାରେ ମୋର କୌଣସି ସଂପୃକ୍ତି ନାହିଁ। ଏହା ଏକ ଭିତ୍ତିହୀନ ଅଭିଯୋଗ ବୋଲି ସୋରେନ କହିଛନ୍ତି। ଅନ୍ୟପକ୍ଷରେ ଡିସିପି ଅନୁପ ସାହୁ କହିଛନ୍ତି, ମହିଳାଙ୍କୁ ଉଦ୍ଧାର ପରେ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ବିପଦମୁକ୍ତ ଅଛନ୍ତି। ତେବେ ସେ ଯେଉଁ ଅଭିଯୋଗ ଆଣିଛନ୍ତି ଓ ସେ କେଉଁ କାରଣରୁ ଏପରି ଉଦ୍ୟମ କଲେ ତାହାର ତଦନ୍ତ କରାଯାଉଛି ବୋଲି ସାହୁ କହିଛନ୍ତି।

## ପୂଜା ପରେ ଚକରେ ଲାଗିଲା ଅଖ

**ପୁରୁଣା ଭୁବନେଶ୍ୱର, ୩। ୪(ଡି.ଏନ.ଏ.)**

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥ ପାଇଁ ବୁଧବାର ରଥଖଳାରେ ମହାରଣାମାନଙ୍କ ଦ୍ୱାରା ତିଆରି ହୋଇଥିବା ନୂଆ ଚକ, ଅଖକୁ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ପାଳିଆ ପୂଜାପଣ୍ଡା, ବିଜୟ ପୂଜାପଣ୍ଡାଙ୍କ ସହ ପତ୍ରୀ, ଚର୍ଚ୍ଚେଇତ ସେବକମାନେ ଉପସ୍ଥିତ ରହିଥିଲେ। ଏଥିରେ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ସର୍ଦାରୀ ମହାରଣା ବଟକୃଷ୍ଣ ମହାରଣାଙ୍କ ସମେତ ସୋମନାଥ ମହାରଣା, ବୁବୁ ମହାରଣା ପ୍ରମୁଖ ପାଳିଆ ସେବାୟତ ଉପସ୍ଥିତ ଥିଲେ। ବୁଧବାର ରଥଚକରେ ଏହି ଅଖଗୁଡ଼ିକ ପୂଜାର୍ଚ୍ଚନା ପରେ ଲାଗି କରାଯାଇଥିଲା। ସୂଚନାଥାଉ କି ଚଳିତବର୍ଷ ୪୦ ବର୍ଷ ପରେ ୪ଟି ଯାକ ନାହାକା ପରିବର୍ତ୍ତନ କରାଯାଇ ନୂତନ ଭାବେ ନିର୍ମାଣ କରାଯାଇଛି। ଏଭଳି ୧୫ବର୍ଷ ପରେ ଦୁଇଟି ନୂଆ ପାଞ୍ଚଦଣ୍ଡା ଏବଂ ନୂଆ ଓରା ରଥରେ ଲାଗି ହେବା ପାଇଁ ନିର୍ମାଣ କରାଯାଇଥିବା ବଟକୃଷ୍ଣ କହିଛନ୍ତି।



ଚକରେ ଅଖ ଲାଗିବା ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ନିର୍ଣ୍ଣାୟକ ଭୂମିକା ନେବେ ଚାଷୀ

**ବରଗଡ଼ ଲୋକ ସଭା ଆସନ**

**ବରଗଡ଼,୩।୪ (ସୁନୀତ ମିଶ୍ର)**

ବରଗଡ଼ ଲୋକ ସଭା ଆସନରେ ୨୦୧୪ନିର୍ବାଚନ ଭଳି ଏଥର ମଧ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କଲେ ଏଠାରେ ଶାସକ ବିରୋଧୀ ହାୱା ଯୋଗୁ ଲୋକମାନେ ଭାଜପା ଆଡକୁ ଅଧିକ ଢଳୁଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ସରକାରୀ ଯୋଜନାର ଲାଭ ଠିକ୍ ଭାବରେ ସବୁ ହିତାଧିକାରୀଙ୍କ ନିକଟରେ ନ ପହଞ୍ଚି ପାରିବା ଯୋଗୁ ଶାସକ ଦଳ ବିରୋଧରେ ଲୋକମାନଙ୍କ ଭିତରେ ବ୍ୟାପକ ଅସନ୍ତୋଷ ରହିଛି। ବିଶେଷକରି ଚାଷୀଙ୍କ ପାଇଁ ସରକାର ଆଣିଥିବା କାଳିଆ ଯୋଜନାର ବିଫଳତା ଓ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ପାଇଁ ଘୋଷଣା କରିଥିବା ବିଭିନ୍ନ ଯୋଜନା ଲାଗୁ ନ ହେବା ବିଜେଡିକୁ ଅଡୁଆରେ ପକାଇପାରେ ବୋଲି ଆଲୋଚନା ହେଉଛି। ଜିଲାର ୬୦ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବାରୁ ଏଥର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ବିଜେଡି ପ୍ରତି ଅସନ୍ତୁଷ୍ଟ ଥିବା ଲୋକେ ଭାଜପା ମୁହାଁ ହେଉଥିବା କୁହାଯାଉଛି। ତେବେ ପ୍ରାର୍ଥୀ ତାଲିକା ଘୋଷଣା ନ ହେବା ପର୍ଯ୍ୟନ୍ତ ଭାଜପାର ଯେଉଁ ସ୍ଥିତି ଥିଲା ସେଥିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। କାରଣ ଟିକେଟ ଆଶାୟୀ ଥିବା ସୁବାସ ଚୌହ୍ୱାନଙ୍କୁ ଟିକେଟ ନ ମିଳିବା ପରେ ସେ ଏବେ ବିଜେଡିରେ ମିଶିଥିବାବେଳେ ଭାଜପାର ୯ ଜିଲା ପରିଷଦ ସଭ୍ୟ ମଧ ଦଳ ଛାଡ଼ିଛନ୍ତି। ଅପରପକ୍ଷରେ କଂଗ୍ରେସର ସ୍ଥିତି ଏଠାରେ ଦୁର୍ବଳ ହେବାରେ ଲାଗିଛି। ଗତ ନିର୍ବାଚନରେ କଂଗ୍ରେସ ଯେଉଁ ହାରରେ ଭୋଟ ପାଇଥିଲା ତାହା ଚଳିତ ନିର୍ବାଚନରେ କମ୍ ହୋଇପାରେ ବୋଲି ଆଲୋଚନା ହେଉଛି।

ବରଗଡ଼ ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଧରିତ୍ରୀ ପକ୍ଷରୁ ପରିଦର୍ଶନ କରାଯାଇଥିଲା। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ଧପାଲି ପଞ୍ଚାୟତ ଝୁଲପାଲି ଗ୍ରାମର ପବନ ପ୍ରଧାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ନବୀନ ପଟ୍ଟନାୟକ ଏଥର ଏଠାରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ସମସ୍ତେ ତାଙ୍କୁ ଏଠି ପ୍ରାୟ ଭୋଟ ଦେବେ। କାରଣ ଭାଜପା ଓ କଂଗ୍ରେସ ବିଜେଡି ବିରୋଧରେ ସେମିତି ପୁରୁଖା ନେତାଙ୍କୁ ପ୍ରାର୍ଥୀ କରିପାରିନାହାନ୍ତି। ଏଠାର ଲୋକେ ଜଣେ ସ୍ଥାନୀୟ ବାସିନ୍ଦାଙ୍କୁ ବିଧାୟକ ଭାବେ ଦେଖିବାକୁ ଚାହୁଁଥିଲେ। ଯିଏ ନିର୍ବାଚନ ପରେ ଲୋକମାନଙ୍କ ପାଖରେ ରହିପାରିବ, ଯାହାଙ୍କ ପାଖକୁ ଯାଇ ଲୋକେ ସମସ୍ୟା କଥା କହି ପାରୁଥିବେ। ହେଲେ ମୁଖ୍ୟମନ୍ତ୍ରୀ ଜିତିଲା ପରେ ଭୁବନେଶ୍ୱରରେ ରହିବେ। ଏଥିରେ ଏଠିକା ଲୋକଙ୍କ କ'ଣ ଲାଭ ବୋଲି ସେ କହିଛନ୍ତି। ଏଠାରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଆସ୍ଥାରେ ନୁହେଁ ଟଙ୍କାରେ ଜିତିବେ। ଗତ ଦିନରେ ମୁଖ୍ୟମନ୍ତ୍ରୀ ଯାହା ପ୍ରତିଶ୍ରୁତି ଦେଇଥିଲେ କିଛି ପୂରଣ କରିନାହାନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କୁଆଡ଼େ ଗଲା। ଯାହାଦ୍ୱାରା ୧୦ହଜାର ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇଥାଆନ୍ତା। ଏହି ଜିଲାର ଶତକଡ଼ା ୬୦ ପ୍ରତିଶତ ଲୋକ ହେଉଛନ୍ତି ଚାଷୀ। ସେମାନଙ୍କ ବୀମାରାଶି ସରକାର ଆଜି ପର୍ଯ୍ୟନ୍ତ ଦେଲେ ନାହିଁ। ଏଠାରେ ଲୋକମାନେ ବିଧାନସଭା ପାଇଁ ବିଜେଡିକୁ ଭୋଟ ଦେବେ ମାତ୍ର ଲୋକ ସଭା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାର ବହୁ ସମ୍ଭାବନା ରହିଛି ବୋଲି ପବନ କହିଛନ୍ତି।

ବରଗଡ ଲୋକ ସଭା ଆସନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛନ୍ତି। ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ଏଥର ପ୍ରାର୍ଥୀ କରିଛି। ହେଲେ ପ୍ରସନ୍ନଙ୍କୁ ନେଇ ଲୋକଙ୍କ ମନରେ ବ୍ୟାପକ ଅସନ୍ତୋଷ ଭରି ରହିଛି। ବିଗତ ଦିନରେ ପ୍ରସନ୍ନ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ରହିଥିଲେ ସୁଦ୍ଧା ସେ ଜିଲାବାସୀଙ୍କ ପାଇଁ ସେମିତି କିଛି କରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ପାରିବାରିକ ରାଜନୀତିକୁ ଗୁରୁତ୍ୱ ଦେଇ ସେ ନିଜ ଫାଇଦା ଦେଖିଥିବା ଲୋକେ ଯୁକ୍ତି ରଖିଛନ୍ତି। ସେହିପରି ଭାଜପା ପକ୍ଷରୁ ପଶ୍ଚିମ ଓଡିଶାର ଟାଣୁଆ ନେତା



ପ୍ରଦୀପ କୁମାର ଦେବତା



ପ୍ରସନ୍ନ ଆଚାର୍ଯ୍ୟ



ସୁରେଶ ପୂଜାରୀ

ସୁରେଶ ପୂଜାରୀ ଏଥର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ସୁରେଶଙ୍କୁ ପଶ୍ଚିମ ଓଡିଶାର ଘରେ ଘରେ ଲୋକେ ଚିହ୍ନନ୍ତି। ତାଙ୍କ ପ୍ରାର୍ଥିତ୍ୱକୁ ମଧ ଲୋକେ ପସନ୍ଦ କରୁଛନ୍ତି। ହେଲେ ପ୍ରାର୍ଥୀ ଚୟନରେ ଭାଜପା ବଡ଼ ଭୁଲ୍ କରିଥିବା ଲୋକେ ଅଭିଯୋଗ କରୁଛନ୍ତି। ଜଣେ ନୁହେଁ ପ୍ରତି ଜାଗାରେ ଲୋକେ ସମାନ ଅଭିଯୋଗ ଉଠାଇଛନ୍ତି। ବରଗଡ଼ ଅଞ୍ଚଳର ବ୍ୟବସାୟୀ ପ୍ରସନ୍ନ ମିଶ୍ର କହିଛନ୍ତି, ସୁବାସ ଚୌହ୍ୱାନଙ୍କୁ ଭାଜପା ଟିକେଟ ନ ଦେବା ସବୁଠାରୁ ବଡ ଭୁଲ୍। ଗତ ସାଧାରଣ ନିର୍ବାଚନରେ ସୁବାସ ମାତ୍ର ୧୦ହଜାର ଭୋଟ୍‌ରେ ପରାଜିତ ହୋଇଥିଲେ। ପଞ୍ଚାୟତ ନିର୍ବାଚନରେ ଭାଜପାକୁ ସଫଳତା ମିଳିବା ପଛରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ପ୍ରତି ଗାଁରେ ଲୋକେ ସୁବାସଙ୍କୁ ପସନ୍ଦ କରୁଥିଲେ। ହେଲେ ଠିକଣା ସମୟରେ ତାଙ୍କ ଟିକେଟ କାଟିଦେବା ଏବଂ ସେ ବିଜେଡିରେ ଯୋଗଦେବା ଭାଜପାକୁ ବହୁ ପଛକୁ ଠେଲି ଦେଇଛି ବୋଲି ପ୍ରସନ୍ନ କହିଛନ୍ତି। ବରଗୁଡା ପଞ୍ଚାୟତ ହଳଦିପାଲି ଗ୍ରାମର ପ୍ରହଲ୍ଲାଦ ରଣା କହିଛନ୍ତି, ଏମ୍‌ପି ଭାବେ ଆମେ ପଦ୍ମରେ ଭୋଟ ଦେବୁ। ସବୁଠି ମାତ୍ର ୨୦ପ୍ରତିଶତ ଲୋକଙ୍କୁ କାଳିଆ ଟଙ୍କା ମିଳିଛି। ସେମାନଙ୍କୁ ହିଁ ପିଏମ୍ କିଷାନ ଯୋଜନା ଅର୍ଥ ମିଳିଛି। ତେଣୁ ଲୋକେ ଏହାର ଜବାବ୍ ଦେବାକୁ ମନସ୍ଥ କରିଛନ୍ତି। କିନ୍ତୁ ସୁବାସଙ୍କୁ ଟିକେଟ ନ ମିଳିବା ସବୁଠାରୁ ବଡ ଅସୁବିଧା। ସେ ଆର୍‌ଏସ୍‌ଏସ୍‌ର ଜଣେ କୋର୍ ସଦସ୍ୟ। ତାଙ୍କୁ ଟିକେଟ ମିଳିଥିଲେ ଲୋକେ ଏଥର ଚିନ୍ତାକରି ନ ଥାନ୍ତେ। ସହରାଞ୍ଚଳରେ ଲୋକମାନେ ଭାଜପା ପ୍ରତି ଆକୃଷ୍ଟ ହୋଇଛନ୍ତି। ହେଲେ ଗ୍ରାମାଞ୍ଚଳରେ ଭାଜପାକୁ ଆହୁରି ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ଏହି ଆସନରୁ ପ୍ରଦୀପ କୁମାର ଦେବତାଙ୍କୁ ଲୋକ ସଭା ପ୍ରାର୍ଥୀ କରିଛି। ହେଲେ କଂଗ୍ରେସ ଏ ପର୍ଯ୍ୟନ୍ତ ଲୋକଙ୍କ ଆସ୍ଥାଭାଜନ ହୋଇପାରି ନାହିଁ। ଇତିମଧ୍ୟରେ ପୂର୍ବତନ ବିଧାୟକ ତଥା ବରଗଡର ଟାଣୁଆ ନେତା ସାଧୁ ନେପାକ ମଧ କଂଗ୍ରେସ ଟିକେଟରୁ ବଞ୍ଚିତ ହେବା ପରେ ବିଜେଡିରେ ଯୋଗ ଦେଇଛନ୍ତି। ଯାହା ବିଜେଡିକୁ ବେଶ୍ ସୁହାଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଜିଲାର ଜଣାଶୁଣା ଚାଷୀ ନେତା ଲିଙ୍ଗରାଜ କହିଛନ୍ତି ଯେ, ବିଜେଡି ବହୁ ବିରୋଧୀଙ୍କୁ ଦଳରେ ସାମିଲ କରିଛି। ସୁବାଷ ଓ ସାଧୁ ନେପାକ ବିଜେଡିରେ ସାମିଲ ହୋଇଗଲେ। ସୁବାସ ବରଗଡରେ ୧୯ ଜିଲା ପରିଷଦଙ୍କୁ ଜିତାଇଥିଲେ। ସେମାନଙ୍କ ମଧ୍ୟରୁ ୯ଜଣ ବିଜେଡିରେ ଯୋଗ ଦେଇଛନ୍ତି। ହେଲେ ପଡୋଶୀ ରାଜ୍ୟ ଛତିଶଗଡରେ କଂଗ୍ରେସ କ୍ଷମତାକୁ ଆସି କୃଷିଋଣ ଛାଡ, ଧାନର ଏମ୍‌ଏସପି ବୃଦ୍ଧି କରିଛନ୍ତି। ଏହାସହ କଂଗ୍ରେସ ଓଡିଶାରେ ସରକାରକୁ ଆସିଲେ ଏହି ପ୍ରତିଶ୍ରୁତି ପୂରଣ କରିବ ବୋଲି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। କିନ୍ତୁ କଂଗ୍ରେସ ନେତାମାନେ ଏହି କଥାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। ବିଜୁ ଯୁବ ବାହିନୀକୁ ଲୋକେ ବିଜେଡିରେ ବୋଲି ଭାବୁଛନ୍ତି। ଏନେଇ ମଧ ଲୋକେ ଅସନ୍ତୁଷ୍ଟ। ଆମେ କୃଷକମାନଙ୍କୁ ଚଳିତ ନିର୍ବାଚନରେ ନୋଟାରେ ବାଡେଇବାକୁ କହୁଛୁ। କାରଣ ଏଥର ନିର୍ବାଚନରେ ଚାଷୀ ଭୋଟ ହିଁ ଏଠାରେ ମୁଖ୍ୟ ଭୂମିକା ତୁଲାଇବ ବୋଲି ଲିଙ୍ଗରାଜ କହିଛନ୍ତି।

# ନିରାମିଷ ଜେଲାଟିନ୍



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଖାଦ୍ୟ କ୍ଷେତ୍ରରେ ନୂଆ ଜିନିଷ ଘଟିଲାଣି, ଯାହା ଖୁବ୍ ଉତ୍ସାହଜନକ ଓ ତାହା ଏ ପୃଥିବୀକୁ ରକ୍ଷା କରିବାରେ ସାହାଯ୍ୟ କରିବ। ଆଜିକାଲି କୋଷବିଭାଜନ ମାଧ୍ୟମରେ ମାଂସ ତିଆରି କରାଯାଇପାରୁଛି, ଯାହାକୁ ମାଂସାହାରୀମାନେ ଖାଇପାରିବେ କିନ୍ତୁ ସେଥିପାଇଁ କୌଣସି ଜୀବହତ୍ୟା କରିବାକୁ ପଡ଼ିବ ନାହିଁ। ସେହି ସମାନ ପଦ୍ଧତିରେ କ୍ଷୀର ମଧ୍ୟ ତିଆରି କରାଯାଇପାରିଲାଣି। ଏକ କମ୍ପାନୀ ବିନା କୁକୁଡ଼ାରେ କୁକୁଡ଼ା ଅଣ୍ଡାର କେଶର ତିଆରି କରିବାକୁ ଆରମ୍ଭ କରିଛି। ଏବେ ଆସିବା ଜେଲାଟିନ୍ (ସିରିସ- ପ୍ରାଣୀର ଚର୍ମ, ଅସ୍ଥି, ସ୍ନାୟୁ ଇତ୍ୟାଦିରୁ ତିଆରି ହେଉଥିବା ସ୍ୱଚ୍ଛ ସ୍ୱାଦହୀନ ପଦାର୍ଥ ଯାହା ରନ୍ଧନକଳା, ଔଷଧର କ୍ୟାପ୍‌ସୁଲ ଓ ଫଟୋଗ୍ରାଫି ଇତ୍ୟାଦିରେ ବ୍ୟବହୃତ ହୁଏ) ପ୍ରସଙ୍ଗକୁ।

ଗତ ପାଞ୍ଚବର୍ଷ ହେଲା ମୁଁ ସରକାରଙ୍କ ଆଗରେ ଦାବି କରି ଆସୁଛି ଔଷଧ କ୍ୟାପ୍‌ସୁଲଗୁଡ଼ିକୁ ନିରାମିଷ କରିବା ଲାଗି ଏକ ଆଇନ ପ୍ରବର୍ତ୍ତନ କରିବାକୁ। ମୋ ପରି ଲକ୍ଷ ଲକ୍ଷ ଲୋକ ଔଷଧ ଖାଇପାରୁ ନାହାନ୍ତି, କାରଣ କ୍ୟାପ୍‌ସୁଲ ତିଆରି ହେଉଛି ଗୋରୁ ଓ ଘୁଷୁରିଙ୍କ ହାଡ଼ଗୁଣ୍ଡରେ। ଭାରତର ମହା ଔଷଧ ନିୟନ୍ତ୍ରକ (ଡିସିଜିଇ) ଅନେକ କମିଟି ଗଠନ କରିଛନ୍ତି। ଏହି କମିଟିଗୁଡ଼ିକ ଦ୍ୱାରା ଅନେକ ତଥ୍ୟ ଉପସ୍ଥାପନ କରାଯାଇଛି, ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ଏବଂ ଶେଷରେ ଡିଜିସିଇ ଆମ କଥାରେ ସମ୍ମତ ହୋଇଛନ୍ତି ଯେ କ୍ୟାପ୍‌ସୁଲଗୁଡ଼ିକ ନିରାମିଷାଶୀ ହେବା ଆବଶ୍ୟକ। ତା'ପରେ ଜେଲାଟିନ୍ ଶିଳ୍ପ ଲବି କରିବା ଆରମ୍ଭ କରିଦେଲେ ଏବଂ ଯୁକ୍ତି ବାଢ଼ିଲେ ଯେ ଜେଲାଟିନ୍‌ର ନିରାମିଷ ବିକଳ୍ପ ମିଳୁନାହିଁ ଏବଂ ତାହା ବ୍ୟୟବହୁଳ ହେବ ଇତ୍ୟାଦି, ଯାହା ସବୁ ସତ୍ୟ ନୁହେଁ। ତା'ପରେ ରାଜନୈତିକ ନିର୍ଦ୍ଦେଶନାମା ଆସିଲା ଯେ ଏବେ ଏହା କରିବା ସମ୍ଭବ ନୁହେଁ, କାରଣ ନିର୍ବାଚନ ପାଖ ହୋଇ ଆସୁଥିବାରୁ ଏହାର ଅନେକ ରାଜନୈତିକ କୁପ୍ରଭାବ ପଡ଼ିବ। ଏହାର ଅର୍ଥ ହେଉଛି ରାଜନେତାମାନଙ୍କର କିଛି ବନ୍ଧୁ ଜେଲାଟିନ୍ ଶିଳ୍ପ ଚଳାଉଛନ୍ତି। ସୁତରାଂ ଆମର ସବୁ ଉଦ୍ୟମ ବିଫଳ ହୋଇଗଲା ଏବଂ ସେଥିପାଇଁ ମୁଁ ବହୁତ ଦୁଃଖିତ।

ଗୋରୁ, ଘୁଷୁରି, ମାଛ ପ୍ରଭୃତିଙ୍କ ଚମଡ଼ା, ହାଡ଼, ପେଶୀ ଇତ୍ୟାଦିରୁ ଜେଲାଟିନ୍ ତିଆରି ହୁଏ। ଏହା ଗରମ ପାଣିରେ ଦ୍ରବୀଭୂତ ହୁଏ ଏବଂ ଥଣ୍ଡା ହୋଇଗଲେ ଜେଲ୍‌ରେ ପରିଣତ ହୁଏ। ବିଭିନ୍ନ ପ୍ରକାର ମିଠାଇ, ମାର୍ଶମାଲୋ, କେକ୍ ଓ ଜେଲି ପ୍ରଭୃତିରେ ଏହା ବ୍ୟବହୃତ ହୁଏ। ଆଇସକ୍ରିମ୍, ସମସ୍ତ ଚାଇନିଜ୍ ଫୁଡ୍, ସୁପ୍, କ୍ରିମ୍ ଚିଜ୍, ୱାଇନ୍, ବିୟର, ଆପ୍‌ଲ ଜୁସ୍, ଭିନେଗାର, ପିଲ୍ କ୍ୟାପ୍‌ସୁଲ, ଫ୍ରଷ୍ଟେଡ୍ ସିରିୟଲ, ୟୋଘର୍ଟ (ଦହି ଜାତୀୟ ଖାଦ୍ୟପଦାର୍ଥ) ପ୍ରଭୃତିରେ ମଧ୍ୟ ଜେଲାଟିନ୍ ବ୍ୟବହୃତ ହୁଏ। ଖାଦ୍ୟ ଓ ମୃଦୁ ପାନୀୟ ଶିଳ୍ପ ସବୁଠାରୁ ଅଧିକ ଜେଲାଟିନ୍ କିଣନ୍ତି। ତା' ତଳକୁ ଅଛି ପୌଷ୍ଟିକ ଔଷଧୀୟ ପଦାର୍ଥ, ଔଷଧ, ଫଟୋଗ୍ରାଫି ଏବଂ ଫେସ୍ କ୍ରିମ୍, ଶାମ୍ପୁ, ହେୟାର ସ୍ପ୍ରେ, ସାବୁନ୍ ଓ ନେଲ୍ ପଲିଶ୍ ପ୍ରଭୃତି ପ୍ରସାଧନ ସାମଗ୍ରୀର ଶିଳ୍ପ।

ଜେଲାଟିନ୍‌ର ଭିଗନ୍ ବିକଳ୍ପଗୁଡ଼ିକ ହେଉଛି ଅଗର ଅଗର, ପେକ୍‌ଟିନ୍, ଷ୍ଟାର୍ଚ୍ଚ ଓ ଗମ୍। କିନ୍ତୁ ଜେଲାଟିନ୍ ବ୍ୟବହାର କରୁଥିବା କମ୍ପାନୀଗୁଡ଼ିକ କହନ୍ତି ଯେ, ଏଗୁଡ଼ିକର ସମାନ ରାସାୟନିକ ଓ ଯାନ୍ତ୍ରିକ ଗୁଣ ନାହିଁ। ଏଗୁଡ଼ିକ ମଧ୍ୟ ସାମାନ୍ୟ ମହଙ୍ଗା। କିନ୍ତୁ ବର୍ତ୍ତମାନ ୨୦୧୫ ମସିହାରେ ପ୍ରତିଷ୍ଠିତ ଜେଲ୍‌ଜେନ୍ ନାମକ କମ୍ପାନୀ ଖାଦ୍ୟ, ଔଷଧ ଓ ପ୍ରସାଧନ ସାମଗ୍ରୀ ପାଇଁ ଅଣ-ପ୍ରାଣିଜ ଜେଲାଟିନ୍ ଉତ୍ପାଦନ କରୁଛି। ଜେଲ୍‌ଜେନ୍‌ର ସହପ୍ରତିଷ୍ଠାତାମାନେ ହେଉଛନ୍ତି ଆଣବିକ ଜୀବବିଜ୍ଞାନୀ ନିକ୍ ଔଜୁନୋଭ, ପିଏଚ୍‌ଡି ଏବଂ ଆଲେକ୍ସ ଲୋରେଷ୍ଟାନି, ପିଏଚ୍‌ଡି ଯେଉଁମାନେ ରଟ୍‌ଗର ଓ ବ୍ୟାକ୍ଟେରିଆଲ ପାଥୋଜେନେସିସ୍‌ରେ ଔଷଧ ବିଷୟରେ ଅଧ୍ୟୟନ କରିଛନ୍ତି। ପ୍ରିନ୍ସଟନରେ ଅଧ୍ୟୟନ କଲାବେଳେ ସେମାନେ ନିଜକୁ ନିଜେ ପ୍ରଶ୍ନ ପଚାରିଲେ: ଖାଉଟି ସାମଗ୍ରୀର ଶିଳ୍ପଗୁଡ଼ିକ କାହିଁକି ମେଡିସିନ୍ ପରି ସିନ୍ଥେଟିକ୍ ବାୟୋଲୋଜି ଦ୍ୱାରା ଉପକୃତ ହେବେ ନାହିଁ? ଇନ୍‌ସୁଲିନ୍ ତିଆରି କରିବା ପାଇଁ ଆମକୁ ଯଦି ଆଉ ଘୁଷୁରିକୁ ମାରି ତା'ର ଅଗ୍ନ୍ୟାଶୟ କାଢ଼ିନେବାକୁ ପଡୁନାହିଁ, ତା'ହେଲେ ଜେଲାଟିନ୍ ଓ କୋଲାଜେନ୍ ପାଇଁ କାହିଁକି ଆମେ ପ୍ରାଣୀଙ୍କ ଉପରେ ନିର୍ଭର କରିବା? ଜେଲ୍‌ଟର (ପୂର୍ବ ନାମ ଜେଲ୍‌ଜେନ୍) ହେଉଛି କାଲିଫର୍ନିଆର ଏକ କମ୍ପାନୀ ଚାହିଁଲା ଅଣ-ପ୍ରାଣିଜ ଜେଲାଟିନ୍ ତିଆରି କରି ବଜାରରେ ବିକ୍ରି କରିବାକୁ। ଏହା ସର୍ବୋତ୍ତମ ସ୍କିନ୍‌କେୟାର ସାମଗ୍ରୀ ପାଇଁ ଡିଜାଇନର ଭିଗନ୍ କୋଲାଜେନ୍ ତିଆରି କରି ୨୦୧୮ରେ ସିଇଡବ୍ଲ୍ୟୁ ବିଉଟି ଇନୋଭେଶନ୍ ଆୱାର୍ଡ ପାଇଥିଲା। ସିଇଡବ୍ଲ୍ୟୁ ହେଉଛି କସ୍ମେଟିକ୍ ଏକ୍‌ଜିକ୍ୟୁଟିଭ୍ ୱମେନ୍ – ୮,୬୦୦ରୁ ଉର୍ଦ୍ଧ୍ୱ ସୌନ୍ଦର୍ଯ୍ୟ ଶିଳ୍ପ ପ୍ରଫେଶନାଲ, ଯେଉଁମାନଙ୍କର ବଜାରରେ ଉପଲବ୍ଧ ସର୍ବୋତ୍ତମ ପ୍ରସାଧନ ସାମଗ୍ରୀ ବିଷୟରେ ଜ୍ଞାନ ଅଛି।

ସାନ୍ ଫ୍ରାନ୍ସିସ୍କୋର ଉକ୍ତ କମ୍ପାନୀ ପୃଥିବୀବ୍ୟାପି ଜେଲାଟିନ୍‌ର ପ୍ରବଳ ଚାହିଦା ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯେଉଁସବୁ ଯନ୍ତ୍ରପାତି ଦ୍ୱାରା ପ୍ରାଣୀଙ୍କ ଚର୍ମ, ଅସ୍ଥି ପ୍ରଭୃତିରୁ ଜେଲାଟିନ୍ ପ୍ରସ୍ତୁତ ହେଉଛି, ଜେଲ୍‌ଜେନ୍ ସେହି ଯନ୍ତ୍ରପାତିକୁ ବ୍ୟବହାର କରି ଅଣୁଜୀବମାନଙ୍କ ଦ୍ୱାରା ଶସ୍ତା, ନିରାପଦ, ପରିବେଶ-ଅନୁକୂଳ ଓ ଅଣ-ପ୍ରାଣିଜ ଜେଲାଟିନ୍ ପ୍ରସ୍ତୁତ କରୁଛି। ଖାଦ୍ୟ ଓ ପ୍ରଯୁକ୍ତିରେ ଯେଉଁମାନେ ଅର୍ଥନିବେଶ କରୁଥିଲେ ସେମାନେ ବହୁସଂଖ୍ୟାରେ ଏହି କମ୍ପାନୀରେ ପୁଞ୍ଜିନିବେଶ କରିବାକୁ ଆଗେଇ ଆସିଛନ୍ତି।

ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ ସେମାନେ ଖାଉଥିବା ମିଠା ସହ ମାଛ ଓ ଘୁଷୁରି ଚମଡ଼ା ଚୋବାଉଛନ୍ତି। ସେମାନେ ଯେତେବେଳେ ଏହା ଜାଣିବେ, ମାଂସାହାରୀ ହେଲେ ବି ଅଧିକାଂଶ ଏହା ଖାଇବେ ନାହିଁ। କାରଣ ଧାର୍ମିକ ଦୃଷ୍ଟିରୁ ମୁସଲମାନମାନେ ଘୁଷୁରିମାଂସ ଖାଆନ୍ତି ନାହିଁ ଏବଂ ହିନ୍ଦୁମାନେ ଗୋରୁମାଂସ ଖାଆନ୍ତି ନାହିଁ। ତା'ଛଡ଼ା ଏହାଦ୍ୱାରା ପ୍ରାଣୀମାନଙ୍କର ରୋଗ ମଣିଷକୁ ସଂକ୍ରମିତ ହେବାର ଭୟ ରହିଛି। ବର୍ତ୍ତମାନ ନିରାମିଷ ଓ ଭିଗନ୍ ବଜାର ବୃଦ୍ଧିପାଇବାରେ ଲାଗିଛି। ଜେଲାଟିନ୍‌ର ଅଣ-ପ୍ରାଣିଜ ବିକଳ୍ପର ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପ୍ରାଣିଜ ଜେଲାଟିନ୍‌ର ଶସ୍ତା ବିକଳ୍ପ ଉପଲବ୍ଧ ହେଲେ ଏହାର ବଜାର ଚାହିଦା ବୃଦ୍ଧି ପାଇବା ସ୍ୱାଭାବିକ। ବର୍ତ୍ତମାନ କିନ୍ତୁ ଏହାର ଦାମ୍ ଅଧିକ ରହିଛି। ଜେଲ୍‌ଟର ଅଣୁଜୀବଙ୍କ ଦ୍ୱାରା ଜେନେଟିକ୍ ଇଞ୍ଜିନିୟରିଂ ପଦ୍ଧତିରେ କୋଲାଜେନ୍ ପ୍ରସ୍ତୁତ କରୁଛି ଏବଂ ସେଥିରୁ କିଣ୍ୱନ ପଦ୍ଧତିରେ ଜେଲାଟିନ୍ ତିଆରି କରୁଛି। ଏଥିପାଇଁ କୌଣସି ପ୍ରାଣୀଙ୍କୁ ହତ୍ୟା କରିବାକୁ ପଡୁନାହିଁ। ଜେଲ୍‌ଟର କମ୍ପାନୀର ଅଣ-ପ୍ରାଣିଜ କୋଲାଜେନ୍ (ଏନ୍-କୋଲେଜ୍) ୨୦୧୮ ଏପ୍ରିଲରେ ବଜାରକୁ ଆସିଛି। ୨୦୨୦ ସୁଦ୍ଧା ସେମାନେ ଯଥେଷ୍ଟ ପରିମାଣରେ ବ୍ୟବସାୟ-ଭିତ୍ତିକ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏବେ ସେମାନେ ବିକ୍ରି କରିବା ଆରମ୍ଭ କରିସାରିଲେଣି।

ପୃଥିବୀରେ ବର୍ତ୍ତମାନ ୪୦ କୋଟିରୁ ଅଧିକ ନିରାମିଷାଶୀ ଓ ଭିଗନ୍ ଅଛନ୍ତି ଯେଉଁମାନେ ଖାଦ୍ୟପଦାର୍ଥରେ ଜେଲାଟିନ୍ ଥିବା ସନ୍ଦେହ କରି ତନ୍ନତନ୍ନ କରି ପ୍ୟାକେଟ୍ ଉପର ଲେଖାକୁ ପଢ଼ନ୍ତି। ଏହାଦ୍ୱାରା କମ୍ପାନୀମାନେ ତାଙ୍କ ଗ୍ରାହକ ହରାଉଛନ୍ତି। ତେଣୁ ଜେଲ୍‌ଜେନ୍ କମ୍ପାନୀ ଓ ସେହିପରି ଅନ୍ୟ କମ୍ପାନୀଗୁଡ଼ିକ ଦ୍ୱାରା ଅଣ-ପ୍ରାଣିଜ ଶସ୍ତା ଜେଲାଟିନ୍ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଲେ ସେମାନେ ନିଶ୍ଚୟ ପ୍ରାଣିଜ ଜେଲାଟିନ୍ ବ୍ୟବହାର ବନ୍ଦ କରିଦେବେ। ଆପଣ ଯଦି ଏହି ଅଣ-ପ୍ରାଣିଜ ଜେଲାଟିନ୍‌ର ବିତରକ ହେବାକୁ ଚାହାନ୍ତି, ତେବେ ନିମ୍ନୋକ୍ତ ଠିକଣାରେ ଯୋଗାଯୋଗ କରିପାରନ୍ତି: ଫୋନ୍: 415-325-3560, ଇମେଲ୍: info@geltor.com, San Leandro, California, United States.

Email: gandhim@nic.in

# ଆ-ଚରଣ ବିଧି



ଡ. କୁଳାଙ୍ଗାର

ସିଏ ସେଇ ଭୋଟର, ଯିଏ ପାଞ୍ଚବର୍ଷରେ ଥରେ ଶକ୍ତିଶାଳୀ ପାଲଟିଯାଏ। ଅବଶ୍ୟ କେତେଟା ଦିନ ପାଇଁ ମିଳୁଥିବା ଦମ୍ଭ ପୁଣି ଉଭେଇଯାଇ ତାକୁ ସାଧାରଣ ଜନତାରେ ପରିଣତ କରିଦେଇଥାଏ। ତଥାପି ସିଏ ଖୁସି ହୁଏ। ସକାଳୁ ସକାଳୁ ସିଏ ରାତି ସାରା ଭଲରେ ଶୋଇଥିଲେ ବି ସକାଳର କାକରଭିଜା କଅଁଳ ସୂର୍ଯ୍ୟକିରଣର ପ୍ରଭାବରେ ଖଟିଆଟାରେ ଗଡୁଗଡୁ ଶୋଇପଡ଼ିଥିଲା। ତା' ପାଦରେ କାହା ହାତର ସ୍ପର୍ଶ ପାଇ ନିଦଟା ତା'ର ଭାଙ୍ଗିଗଲା। ଦେଖିଲା ବେଳକୁ ନେତା ମହୋଦୟ ତା' ପାଦକୁ ଛୁଇଁ ମୁରୁକୁନିଆ ହସ ହସି ଛିଡ଼ା ହୋଇଛନ୍ତି।

ତାକୁ ଆଉ ବୁଝିବାକୁ ବାକି ରହିଲାନି କି ତାଙ୍କ ଅଞ୍ଚଳରେ ମତଦାନ ଆଉ ଅଳ୍ପଦିନ ବାକି! ତେବେ ନେତା ମହୋଦୟ ତା' ପାଦ ଛୁଇଁବାରେ ସିଏ ଉତ୍ସାହିତ ହେଲା ନାହିଁ। କାରଣ ନେତା ମହୋଦୟଙ୍କ ପାଖକୁ ସିଏ ବହୁ ଦିନରୁ ଧାଇଁଚି! କାହିଁକି ଧାଇଁଚି?

କାହିଁକି ଆଉ ଧାଇଁବ? ସେମିତି କିଛି ଅସାଧ୍ୟ ସାଧନ କରିବାର ଅଛି ବୋଲି ତ ସିଏ ନେତାଙ୍କ ପାଖକୁ ଯିବାକୁ ବାଧ୍ୟହେଲା। ତା'ର ଅଭିଜ୍ଞତା କହୁଛି କି ସେମିତି ବଡ଼ ଅସୁବିଧା ନ ପଡ଼ିଲେ ଲୋକେ ନେତାଙ୍କ ପାଖକୁ ଯିବା ଅନୁଚିତ! କାରଣ ସିଏ ନିଜେ ଯାଇ ନାମ ନେଇଛି। କେମିତି ନାମ ନେଇଛି ଆସନ୍ତୁ ସେ କଥା ଜାଣିବା।

ନିଜ ପୁଅଟା ପାଇଁ ଚାକିରି ଖଣ୍ଡେ କରାଇଦେବାକୁ ସିଏ ନାନା ଉପାୟ କଲା ପରେ ମଧ୍ୟ ଯେବେ ପିଲାଟା ନିଜର ଦକ୍ଷତା ପ୍ରଦର୍ଶନ କରିପାରିଲା ନାହିଁ ସିଏ ଏଥର ବିକଳ୍ପ ବାଟ ଖୋଜିଲା। ବିବିଧ ପରାମର୍ଶ ପାଇ ବିଫଳହେବା ପରେ ତାକୁ କେହି ଜଣେ କହିଲା, ତୁ ନେତାଙ୍କ ପାଖକୁ ଯାଉନୁ। ନେତା ଚାହିଁଲେ ଆମ୍ବଗଛରେ ଲେମ୍ବୁ ଫଳିବ। କ୍ଷମତାରେ ଥିବା ନେତା ମହାବଳ ବାଘ ପରି, ସିଏ ଯାହା କହିବେ ତାହା ଅକାଟ୍ୟ। ତାଙ୍କ କଥାକୁ କିଏ ବା ଅମାନ୍ୟ କରିବ?

ସିଏ ଏହା ଶୁଣି ଯଥାଶୀଘ୍ର ନେତାଙ୍କ ପାଖରେ ହାଜରହେଲା। ଓହୋ.. ନେତାଙ୍କ ପାଖରେ କି ଗହଳି। ଠାକୁରଙ୍କୁ ସିନା ସହଜରେ ଦର୍ଶନ କରିହେବ, କିନ୍ତୁ ନେତାଙ୍କୁ ଭେଟିବା ମୁସ୍କିଲ। ଏତେ ଲୋକଙ୍କ ଗହଳିରେ ନେତା ବିରକ୍ତ ହେଉଥାଆନ୍ତି। କେତେବେଳେ ତାଙ୍କ ପାଟିରୁ ଦେଶୀ ସଂସ୍କୃତ ତ କେତେବେଳେ ଦୁଇ ଅକ୍ଷରୀ ଇଂଲିଶ ବାହାରୁଥାଏ। ତଥାପି ନିଜ ନିଜର କାର୍ଯ୍ୟ ହାସଲ ଉଦ୍ଦେଶ୍ୟରେ ସମସ୍ତେ ସବୁକିଛି ସହି ଯାଉଥାଆନ୍ତି। ଏଥର ତା' ପାଳି ପଡ଼ିଲା। ନେତା ତାକୁ ଧମକେଇଲା ପରି ପଚାରିଲେ- ହୁଁ.. ଜଲ୍‌ଦି କହ..! ତୋର କ'ଣ ହେଲା? ସିଏ ପୁଅର ଚାକିରି କଥା କହିଲା। ନେତା ତା' କଥା ଶୁଣି କହିଲେ, ହଉ ଦେଖିବା। ଏମିତି ଦେଖିବେ ଦେଖିବେ କହି ଦିନ ବହିଗଲା, ହେଲେ ସେ ଦେଖିଲେ ନାହିଁ!

ତା'ର ଏ ଅବସ୍ଥା ଦେଖି ନେତାଙ୍କର ପାଖଲୋକ ଜଣେ କହିଲା- ଭାଇ, ତମେ ଏମିତି ଦଶଥର ଛାଡ଼ିକି ଦଶହଜାର ଥର ଆସିଲେ ବି ଟଙ୍କା ନ ଦେଲେ କାମ ହେବ ନାଇଁ!

ସିଏ ପଚାରିଲା- କ'ଣ ହେଲା.. ମୋ କାମ କରିବା ପାଇଁ ନେତା ଟଙ୍କା ନେବେ? ଲୋକଟି ମୁଣ୍ଡ ଟୁଙ୍ଗାରି ହଁ କଲା।

ସିଏ ପୁଣି ପଚାରିଲା- କାହିଁକି, ସିଏ ବା ଆମ ସେବକ!

ଲୋକଟି କହିଲା- ଟିକେ ମନେପକାଉନ, ତମେ କ'ଣ ତାଙ୍କୁ ମାଗଣାରେ ଭୋଟ ଦେଇଥିଲ?

ଲୋକଟିର କଥା ଶୁଣି ସିଏ ବୁଝିଗଲା। ଆଉ ତା' ପରଦିନ ଦାବି ମୁତାବକ ନୋଟ୍ ବିଡ଼ା ନେଇ ନେତାଙ୍କର ଖାସ୍ ଲୋକଟିକୁ ଧରାଇଦେଲା। ତା' ପରେ ମଧ୍ୟ କାମ ହେଲା ନାଇଁ। ବର୍ଷ ପରେ ବର୍ଷ ଗଡ଼ି ଚାଲିଲା। ପୁଣି ନିର୍ବାଚନ ଆସିବା ବେଳ ହେଲା।

ସିଏ କହିଲା- ହଉ, ମୋ କାମ ତ କଲନାଇଁ, ଏଥର ମୋ ଟଙ୍କାଟା ହେଲେ ଫେରାଇ ଦିଅ। ନେତା କହିଲେ- ହଉ ଦେଖିବା। ଟଙ୍କା ମାଗିବା ପାଇଁ ସିଏ ବହୁଥର ଧାଇଁଲା। ଆଜି ଦେବେ କାଲି ଦେବେ କହି ଦେଲେ ନାଇଁ। ଦିନେ ନେତାଙ୍କର ଲୋକଟି କହିଲା- ଆଜି ତମ ଟଙ୍କାଟା ମିଳିଥାଆନ୍ତା ଯେ ବଡ଼ ଅଡୁଆ ହୋଇଗଲା। କଥା କ'ଣ କି କାଲି ସନ୍ଧ୍ୟାରୁ ଆଚରଣବିଧି ଲାଗୁ ହୋଇଯାଇଛି।

ସିଏ ପଚାରିଲା- ଆହେ, ସେଇଟା ପୁଣି କ'ଣ?

ନେତାଙ୍କ ଚେଲା କହିଲା- ମାନେ, ଏବେ କାହାକୁ କିଛି ଦେବା କଥା ତ ଛାଡ଼ ନେତା ଯଦି ପ୍ରତିଶ୍ରୁତି ଦେବେ ତଥାପି ବିରୋଧୀମାନେ ହୋହଲ୍ଲା କରି ନେତାଙ୍କ ବିରୋଧରେ ଅଭିଯୋଗ କରିବସିବେ। ତେଣୁ ତମେ ଯାଅ। ନେତାଙ୍କ ପାଇଁ ଲାଗ। ସିଏ ଯେମିତି ଜିତିବେ। ଆଉ ନିର୍ବାଚନ ସରିଗଲେ ଆଚରଣବିଧି ଉଠିଯିବ। ଆଉ ତମ ଟଙ୍କା ଫେରି ପାଇବା ପାଇଁ କିଛି ଅସୁବିଧା ହେବ ନାଇଁ।

ସେଦିନ ସିଏ ଅଧା ଅବୁଝା ହୋଇ ଫେରିଥିଲା। ଫେରିବା ବାଟରେ ଜଣେ ଶିକ୍ଷକଙ୍କ ସହ ଭେଟ ହୋଇଗଲା। ସିଏ ଶିକ୍ଷକଙ୍କୁ ଆଚରଣର ଅର୍ଥ କ'ଣ ବୋଲି ପଚାରିଲା!

ଶିକ୍ଷକ ମହୋଦୟ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରିବାକୁ ଯାଇ କହିଲେ- ଆଚରଣର ଦୁଇଟି ଅର୍ଥ ହୋଇପାରିବ। ଗୋଟିଏ ହେଉଛି ଆ-ଚରଣ! 'ଆ' ମାନେ ଆସ, 'ଚରଣ' ମାନେ ପାଦ। ଏମିତିରେ ଅର୍ଥଟି ହେଉଛି ଚରଣ ତଳକୁ ବା ପାଦ ତଳକୁ ଆସିବା। ଅନ୍ୟ ଅର୍ଥରେ ଆଚରଣ ମାନେ ଢଙ୍ଗଢାଙ୍ଗ ବା ଆଚାର ବ୍ୟବହାର।

ସିଏ ଆଜି ନେତାଙ୍କୁ ତା' ପାଦ ତଳେ ଦେଖି ମନେ ମନେ ଭାବିଲା- ଠିକ୍ ଠିକ୍... ଆ-ଚରଣ ବିଧି ତା' ହେଲେ ଲାଗୁ ହୋଇଯାଇଛି। ମାଷ୍ଟ୍ରେ କହିବା ମୁତାବକ ଆଜି ନେତା ମୋ ପାଦ ତଳେ। ଖାଲି କ'ଣ ସେତିକି.. ନେତାଙ୍କର ଆଚରଣ ମାନେ ଢଙ୍ଗଢାଙ୍ଗରେ ମଧ୍ୟ ଘୋର ପରିବର୍ତ୍ତନ ଦେଖାଦେଇଛି। ରୁକ୍ଷତା ଛାଡ଼ି ସିଏ କୋମଳ ହୋଇଛନ୍ତି। କୋପ ରୂପ ଛାଡ଼ି ସିଏ ଶାନ୍ତ ଲାଗୁଛନ୍ତି। ସେ ମନେମନେ ଭାବିଲା- ଆହା ଏ ଆଚରଣବିଧିଟା ଆଦୌ ନ ଉଠି ସବୁବେଳେ ଏମିତି ଲାଗି ରହନ୍ତାନି!

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମ୍ବୋ, ଡା-ଅଲରା, ନରସିଂହପୁର, କଟକ, ମୋ- ୯୩୩୮୪୮୧୩୦୯

## ଏଇ ଭାରତରେ

ଭାରତ ଏକ କୃଷିପ୍ରଧାନ ଦେଶ। ଏଠିକାର ଚାଷ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ବର୍ଷା ନ ହେଲେ ଚାଷୀ ହତାଶ ହୋଇପଡେ। ବର୍ଷା ନ ହେବାରୁ ଅଧିକାଂଶ ସ୍ଥାନରେ ଯଜ୍ଞର ଆୟୋଜନ କରାଯାଇଥାଏ। କୁହାଯାଏ ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କଲେ ଭଲ ବର୍ଷା ହୁଏ। ହେଲେ ମଧ୍ୟପ୍ରଦେଶରେ ରହିଛି ଏଭଳି ଏକ ପରମ୍ପରା, ଯେଉଁଠି ଅଧିକାଂଶ ଗାଁର ଲୋକେ ବର୍ଷା ହେବା ଲାଗି ଜୀବନ୍ତ ବ୍ୟକ୍ତିଙ୍କୁ କୋକେଇରେ ଲଦି ଶୋଭାଯାତ୍ରାରେ ନେଇଥାଆନ୍ତି। ସ୍ଥାନୀୟ ଲୋକଙ୍କ ମତରେ ଯେଉଁ ଗାଁରେ କମ୍ ବର୍ଷା ହୁଏ ଅବା ବର୍ଷା ହେବାକୁ ବିଳମ୍ବ ହୁଏ ସେହିସବୁ ଗାଁର ଲୋକେ ଏମିତି ଶୋଭାଯାତ୍ରା ବାହାର କରିଥାଆନ୍ତି। ଶୋଭାଯାତ୍ରା ପାଇଁ ଏକ କୋକେଇର ବ୍ୟବସ୍ଥା କରାଯାଏ। ଏହାକୁ ଫୁଲରେ ସଜାଇ ଜଣେ ଜୀବନ୍ତ ବ୍ୟକ୍ତିଙ୍କୁ ସେଥିରେ ଶୁଆଇ ଦିଆଯାଏ। ମୃତ ବ୍ୟକ୍ତିଙ୍କ ଶୋଭାଯାତ୍ରା ଭଳି ଏଥିରେ ଗ୍ରାମବାସୀ ସାମିଲ ହୋଇ କୋକେଇକୁ ଗାଁ ପରିକ୍ରମା କରାଇଥାଆନ୍ତି। ଜୀବନ୍ତ ବ୍ୟକ୍ତିଙ୍କ ଏହିଭଳି ଶୋଭାଯାତ୍ରା କଲେ ଇନ୍ଦ୍ରଦେବ ପ୍ରସନ୍ନ ହୋଇ ଗାଁରେ ଆବଶ୍ୟକ ପରିମାଣର ବର୍ଷା କରାଇଥାଆନ୍ତି ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

# ଓଡ଼ିଆ ସାହିତ୍ୟରେ ସଂକଟ



ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଆ ଭାଷା ତଥା ସାହିତ୍ୟ ଘୋର ସଂକଟ ଦେଇ ଗତି କରୁଛି ବୋଲି ଆଲୋଚନା ହୁଏ। ଅବଶ୍ୟ କିଛି ଭାଷାପ୍ରେମୀ ଓଡ଼ିଆ ଭାଷାର ସଙ୍କଟ କଥାଟିକୁ ଏକ ସହରୀ ଆଲୋଚନା ରୂପେ ଅଭିହିତ କରି ଓଡ଼ିଆ ଭାଷା ବେଶ୍ ସୁଦୃଢ଼ ଅଛି ବୋଲି ଦାବି କରନ୍ତି। ଅବଶ୍ୟ ସାହିତ୍ୟ ସମ୍ବନ୍ଧରେ କିନ୍ତୁ ସେ ପ୍ରକାର ଦମ୍ଭୋକ୍ତି ଶୁଣିବାକୁ ମିଳେ ନାହିଁ।

ଓଡ଼ିଆ ସାହିତ୍ୟର ମୂଳ ସଂକଟ ହେଲା ଯୁବପିଢ଼ିଙ୍କ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ପ୍ରତି ଅନାଗ୍ରହ। ଏହି ଅନାଗ୍ରହ ବହୁ ପରସ୍ପର ସହ ସଂଶ୍ଳିଷ୍ଟ ସମସ୍ୟାଗୁଡ଼ିକର ସମ୍ମିଳିତ ଫଳ। ଅଭିଭାବକମାନଙ୍କ ପ୍ରେରଣାର ଅଭାବ, ଇଚ୍ଛୁକ ଯୁବତୀଯୁବକଙ୍କ ଓଡ଼ିଆ ଭାଷାଜ୍ଞାନ ସମ୍ବନ୍ଧରେ ଆତ୍ମବିଶ୍ୱାସର ଅଭାବ, ମେଧାବୀ ଛାତ୍ରୀଛାତ୍ରଙ୍କ ଅଣସାହିତ୍ୟ କ୍ଷେତ୍ରରେ ଯୋଗଦାନ, ସାହିତ୍ୟ ଓ ସାହିତ୍ୟିକମାନଙ୍କ ପ୍ରତି ସାମାଜିକ ଓ ସରକାରୀ ସ୍ୱୀକୃତି ଏବଂ ସମ୍ମାନର ଅଭାବ ଭଳି ଅନେକ ଆନୁଷଙ୍ଗିକ ସମସ୍ୟା ଏହି ମୂଳ ସମସ୍ୟାର ଜନନୀ। ତେବେ ପ୍ରଶ୍ନ ଉଠିପାରେ ମେଧା ସହ ସାହିତ୍ୟର ସମ୍ପର୍କ କ'ଣ? କହିବା ବାହୁଲ୍ୟ ଯେ, ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟିକମାନେ ପ୍ରାୟତଃ ଉଚ୍ଚଶିକ୍ଷିତ। ସାହିତ୍ୟ ଖାଲି ଏକ ପ୍ରେରଣାପ୍ରସୂତ କାର୍ଯ୍ୟ ହୋଇ ରହିନାହିଁ। ଆଧୁନିକ ସାହିତ୍ୟ ରଚନା କ୍ଷେତ୍ରରେ ପ୍ରେରଣା ସହିତ ଗବେଷଣା ଓ ଅଧ୍ୟୟନର ମଧ୍ୟ ସମ୍ପର୍କ ଅଛି। ସାହିତ୍ୟକୁ ଗମ୍ଭୀରତାର ସହ ନେଉ ନ ଥିବା ଲେଖକମାନଙ୍କ ଲେଖା ଏହି ଦୃଷ୍ଟିରୁ ତା'ର ଦାରିଦ୍ର୍ୟ ପ୍ରକାଶ କରେ। ଆନୁଷ୍ଠାନିକ ଶିକ୍ଷା ଥାଉ ବା ନ ଥାଉ ସାହିତ୍ୟ ସୃଷ୍ଟି ପାଇଁ ପ୍ରୟୋଜନ ଏକ ବୁଦ୍ଧିଦୀପ୍ତ ମନ, ଭାଷା ଓ କ୍ଷେତ୍ର ନିର୍ବିଶେଷରେ ବ୍ୟାପକ ଆତ୍ମ ଅଧ୍ୟୟନ, ଘଟିଯାଉଥିବା ଘଟଣାବଳୀକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଦକ୍ଷତା। ଆଜିର ଯୁବପିଢ଼ିଙ୍କ ମଧ୍ୟରେ ଯେଉଁମାନଙ୍କ ଭିତରେ ଏ ଦକ୍ଷତା ଅଛି ସେମାନେ ବିଜ୍ଞାନ ଓ କାରିଗରିମୁହାଁ।

ତଥାପି ଯୁବଗୋଷ୍ଠୀର ଯେଉଁ ସଦସ୍ୟମାନେ ସାହିତ୍ୟମନସ୍କ ହୋଇ ରହିଛନ୍ତି ବା ସାହିତ୍ୟ ପ୍ରତି ସମର୍ପିତ ହେବାକୁ ଚାହାନ୍ତି ସେମାନେ ଅନ୍ୟ ସମସ୍ୟାରେ ପୀଡ଼ିତ। ଗୋଟିଏ ପ୍ରମୁଖ ସମସ୍ୟା ହେଲା ଅନୁଭୂତିର ଅଭାବ। ଅର୍ଥାତ୍ ନିଜେ ଅଙ୍ଗେ ନିଭାଇଥିବା ଘଟଣାର ସ୍ୱଳ୍ପତା ଯୋଗୁ ପଢ଼ା ବା ଶୁଣା କାହାଣୀ ବା କଳ୍ପିତ କାହାଣୀ ଦେଇ ସାହିତ୍ୟ ରଚନା କରାଯାଉଥିବାରୁ ଭାବନାର ତୀବ୍ରତାର ଅଭାବ ପାଠକମାନେ ଅନୁଭବ କରୁଛନ୍ତି। ସେଥିପାଇଁ ଆଜିର ଲେଖା, ସେ କବିତା ହେଉ ଅବା ଗଳ୍ପ, ମନକୁ ଛୁଉଁନାହିଁ। ଖାଲି ପ୍ରତ୍ୟକ୍ଷ ଅନୁଭୂତିର ଅଭାବ ନୁହେଁ, ଆଜିକାଲି ଅନେକ ଲେଖକ ଏକ ସୀମିତ ବଳୟରେ ଜୀବନଯାପନ କରୁଛନ୍ତି। ଖୁବ୍ କମ୍ ଯୁବ ଲେଖକଙ୍କ ଜୀବନ ଘଟଣାବହୁଳ ଏବଂ ବୈଚିତ୍ର୍ୟ ତଥା ସଂଘାତ, ସଂଘର୍ଷରେ ଭରା। କୁହାଯାଇପାରେ ଯେ, ଜୀବନର ଘଟଣାବହୁଳତା ଆନୁଷ୍ଠାନିକ ଶିକ୍ଷାର ଅଭାବକୁ ପୂରଣ କରିପାରେ, ଯାହାର ପ୍ରକୃଷ୍ଟ ଉଦାହରଣ ଫକୀରମୋହନ ସେନାପତି। ଏକ ଘଟଣାବହୁଳ ଜୀବନ ଏବଂ ବାଲ୍ୟକାଳରୁ ଶେଷଜୀବନ ପର୍ଯ୍ୟନ୍ତ ବିଭିନ୍ନ ସଂଘର୍ଷରେ 'ସମୃଦ୍ଧ' ଫକୀରମୋହନଙ୍କ ସାରସ୍ୱତ ଜୀବନକୁ ନିମ୍ନପ୍ରାଥମିକ ଶିକ୍ଷା କବଳିତ କରିପାରିନାହିଁ।

ଯୁବଲେଖକମାନଙ୍କ ଦୈନନ୍ଦିନ ସାମାଜିକ ଜୀବନ ଖାଲି ସୀମିତ ନୁହେଁ ସେମାନଙ୍କ ବୌଦ୍ଧିକ, କଳାତ୍ମକ, ସାଂସ୍କୃତିକ ଜୀବନ ମଧ୍ୟ ସୀମିତ। ଓଡ଼ିଆ ସାହିତ୍ୟ ସାଧନା କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଅନେକ ଯୁବଲେଖକ ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶାର ଇତିହାସ, କଳା, ଲୋକକଥା, ପୁରାଣ, ପରମ୍ପରା, ସାମାଜିକ ତଥା ଭୌଗୋଳିକ ବୈଚିତ୍ର୍ୟ ସମ୍ବନ୍ଧରେ ସେତେ ଅଭିଜ୍ଞ ଭଳି ଜଣାପଡ଼ନ୍ତି ନାହିଁ। ଅର୍ଥାତ୍ ଅତୀତ ଓ ବର୍ତ୍ତମାନ ଉଭୟ ବିଷୟରେ ସୀମିତତା ସେମାନଙ୍କ ଲେଖାକୁ ପ୍ରଭାବିତ କରୁଛି। ନିଜ ରଚନାରେ ପ୍ରାଚୀନ ରଚନା ଅବା ପୌରାଣିକ ରଚନା ଅବା ଲୋକକଥାକୁ ଉପମା ହିସାବରେ ବା ଏକ ପ୍ରସଙ୍ଗ ହିସାବରେ ଉତ୍‌ଥାପନ କରି ନିଜ ଲେଖାର ପରିଧିକୁ ସେମାନେ ଆହୁରି ଅଧିକ ବ୍ୟାପକ ତଥା ସମୃଦ୍ଧ କରିପାରନ୍ତେ, ଯାହା ପାଠକମାନଙ୍କୁ ଭିନ୍ନ ସ୍ୱାଦ ଦେଇପାରନ୍ତା। ଏହା ସହିତ ସଂସ୍କୃତ ସାହିତ୍ୟ ବା ରଚନାରେ କାମଚଳା ପ୍ରବେଶରୁ ବଞ୍ଚିତ ଯୁବଗୋଷ୍ଠୀଙ୍କ ସାହିତ୍ୟ ସେହି ଅନୁପାତରେ ପ୍ରଭାବିତ। ଖାଲି ସଂସ୍କୃତ ନୁହେଁ ଇଂଲିଶ ଏବଂ ଅନ୍ୟ ଭାରତୀୟ ଭାଷାରେ ଲିଖିତ ସାହିତ୍ୟ ବିଷୟକ ପ୍ରତ୍ୟକ୍ଷ ବା ପରୋକ୍ଷ ଜ୍ଞାନ ଜଣେ ସଫଳ ସାହିତ୍ୟିକଙ୍କ ପାଇଁ ନିତାନ୍ତ ଜରୁରୀ।

ଓଡ଼ିଆ ସାହିତ୍ୟର ଦୁରବସ୍ଥା ଜାଣିବା ପାଇଁ କ୍ୟାମ୍ପସ ସାହିତ୍ୟ ଉପରେ ନଜର ପକାଇବା ଠିକ୍ ହେବ। ସେ ମନୋଜ ଦାସ ହୁଅନ୍ତୁ ଅବା ରମାକାନ୍ତ ରଥ ବା କହ୍ନେଇଲାଲ ଦାସ, ଓଡ଼ିଶାର ପ୍ରାୟ ସମସ୍ତ ବରିଷ୍ଠ ଲେଖକ ସେମାନଙ୍କର ପ୍ରତିଭାର ଛାପ ବହୁ ଆଦ୍ୟ ବୟସରୁ ଛାଡ଼ିବା ଆରମ୍ଭ କରି ଦେଇଥିଲେ। ମନୋଜ ଦାସଙ୍କ ପ୍ରଥମ କବିତା ପୁସ୍ତିକା 'ଶତାବ୍ଦୀର ଆର୍ତ୍ତନାଦ' ତାଙ୍କ ୧୫ ବର୍ଷ ବୟସରେ, ସେ ନବମ ଶ୍ରେଣୀରେ ପଢ଼ିବାବେଳେ ପ୍ରକାଶିତ ହୋଇଥିଲା। ସ୍କୁଲ ନ ହେଲେ ବି କଲେଜରେ ଅଧ୍ୟୟନ କାଳରେ ସେମାନେ ସେମାନଙ୍କ ସାରସ୍ୱତ ଗୁଣାତ୍ମକତା ପ୍ରଦର୍ଶନ କରି ପାରିଥିଲେ। ଆଜି ଯଦି ଓଡ଼ିଶାର କଲେଜଗୁଡ଼ିକର ସାହିତ୍ୟ ମୁଖପତ୍ର ଉପରେ ଦୃଷ୍ଟି ଦିଆଯାଏ ତା'ହେଲେ ଜଣଙ୍କୁ ନିରାଶ ହେବାକୁ ପଡ଼ିବ୍। ନା ଛାତ୍ରୀଛାତ୍ରମାନଙ୍କ କୌଣସି ଲେଖା ପ୍ରଭାବିତ କରିବ ନା ଅଧ୍ୟାପକମାନଙ୍କର। ଯାହା ବି କିଛି ଗତାନୁଗତିକ ଧାରାରେ ପ୍ରକାଶିତ ହୁଏ, ତାହା ଅତି ଅପରିପକ୍ୱ ଏବଂ ସାଧାରଣ, ଭବିଷ୍ୟତ ନିର୍ମାଣର ସମ୍ଭାବନା ତା' ଭିତରେ ନାହିଁ।

ଆଜି ସାହିତ୍ୟ ପତ୍ରିକାଗୁଡ଼ିକୁ ତେଣୁ ସେହି ବରିଷ୍ଠ ତଥା ପ୍ରତିଷ୍ଠିତ ଲେଖକମାନଙ୍କ ଉପରେ ଭରସା କରିବାକୁ ପଡୁଛି। ସ୍ଥଳବିଶେଷରେ କିଛି ପ୍ରତିଷ୍ଠିତ ଦିବଂଗତ ଲେଖକଙ୍କ ଲେଖା ବା ବରିଷ୍ଠ ଲେଖକମାନଙ୍କ ପୁରୁଣା ଲେଖାକୁ ବିଭିନ୍ନ ଆଳରେ ପ୍ରକାଶ କରାଯାଉଛି, ଯାହା ପଛରେ ଲୁଚି ରହୁଛି ସମ୍ପାଦକମାନଙ୍କ ଅସହାୟତା। ଓଡ଼ିଶାର ଗୋଟିଏ ଲୋକପ୍ରିୟ ଗଳ୍ପ ପତ୍ରିକାର ସମ୍ପାଦକ କ୍ଷୋଭର ସହ ଲେଖିଥିଲେ, ଆଗରୁ ନବପ୍ରତିଭା ଅନ୍ୱେଷଣକ୍ରମରେ ଶତାଧିକ ଲେଖା ମିଳୁଥିଲାବେଳେ ଆଜିକାଲି ତାହା ଦୁଇ ଅଙ୍କରେ ସୀମିତ ହେଲାଣି ଯେଉଁଥିରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବାଛିବାକୁ ସଂଘର୍ଷ କରିବାକୁ ପଡୁଛି।

ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ, ଆଜିକାଲି ଯୁବ ଲେଖକଙ୍କ ଲେଖାସମୂହ ମଧ୍ୟରେ ଏକ କେନ୍ଦ୍ରୀୟ ଭାବଧାରା ଦେଖିବାକୁ ମିଳୁନାହିଁ। ସେମାନଙ୍କ ଲେଖାରୁ ସେମାନଙ୍କ ଜୀବନଦର୍ଶନ, ବିଶ୍ୱାସ ବା ଦୃଷ୍ଟିଭଙ୍ଗୀ ଜାଣିବା ସମ୍ଭବ ନୁହେଁ। ଅଧିକାଂଶ ଲେଖା ବିକ୍ଷିପ୍ତ ଚିନ୍ତନ ପରି ଜଣାପଡ଼େ। ସ୍ୱାଧୀନତୋତ୍ତର କାଳରେ କେତେକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଯାହାକୁ ନେଇ ଉଭୟ ପାଠକ ଓ ଲେଖକ ଆନ୍ଦୋଳିତ ଥିଲେ, ତାହା ହିଁ ଥିଲା ସାହିତ୍ୟର କଥାବସ୍ତୁ। ତାହା ଉପନିବେଶବାଦର ବା ସାମନ୍ତବାଦର ଚାବୁକ ହୋଇପାରେ, ମଣିଷକୃତ ଦାରିଦ୍ର୍ୟ, ଅଜ୍ଞତା, ବ୍ୟାଧି, ଅନ୍ଧବିଶ୍ୱାସର କରାଳ ଚିତ୍ର ହୋଇପାରେ। ପରବର୍ତ୍ତୀ ସମୟରେ ଉଭୟେ ପାଠକ ଓ ଲେଖକ ଭୋଗୁଥିବା ସମାନ ଦଶାସମ୍ବଳିତ କଥା ସାହିତ୍ୟରେ ତାହା ଦେଖିବାକୁ ମିଳିଲା ନାହିଁ। ଖରାପ ସମୟ ଦେଇ ଗତି କରୁଥିବା ସାହିତ୍ୟରେ ସଙ୍କଟ ଆହୁରି ଘନୀଭୂତ ହେଲା।

ମୋ-୯୪୩୭୩୭୬୨୧୯

## ଚିରନ୍ତନୀ

ଘେନି ଆଜି ସେହି ନିଦାରୁଣ ପରିଚୟ,
ସମ୍ମୁଖେ ମୁହିଁ ଉଭା ତୋର ଚିର ଭୟ!
ମୁହିଁ ସେ ଜୀବନ, ମୁହିଁ ତୋର ମହା-ଶୋକ
ଘେନି ପରିଚୟ ହେ ଭୀରୁ ହେ ପଳାତକ।
ପାଶେ ଆସି ତା'ର ବଢ଼ାଇଲି ଧୀରେ କର
ଆଶ୍ଳେଷ ମମ ଯାଚିଲି ନିବିଡ଼ତର।

(ଜୀବନର ସ୍ୱର୍ଣ୍ଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 3 | | | | 6 | | A | 1 | | 8 | | | | |
| | | | E | | | | C | | 6 | | | A | 8 | 9 |
| | | | 8 | | | | | | 2 | | | 0 | 7 | |
| | | | | | B | | | 9 | 4 | 3 | 1 | | | |
| | | | | 1 | | | B | | | 7 | 5 | C | 4 | |
| | B | | | 8 | C | 2 | | | | | 9 | | | D |
| | | | | | | D | | | | | | | C | B |
| | | 0 | | 2 | | | | | 7 | | | 1 | A | |
| 2 | | 1 | D | | | 4 | 5 | | | B | | 7 | | |
| C | | A | | E | 0 | | | | | | | | | 6 |
| 8 | | | | | | A | | D | | | C | | 5 | |
| 6 | | | | 4 | 5 | | 7 | E | | | 8 | D | | |
| | | | | | 2 | C | | 4 | 1 | | D | | | |
| | A | 7 | | C | | 1 | | | | E | | | 0 | 2 |
| | | | | 6 | | | 3 | | 5 | | | | 9 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | B | C | D | 3 | 2 | 8 | 6 | 9 | 5 | 0 | A | E | 4 | 1 |
| D | 1 | 2 | 6 | A | 5 | E | 3 | 4 | 8 | 7 | 9 | C | B | 0 |
| 6 | 8 | 3 | 0 | 1 | 4 | 7 | C | B | 2 | E | D | A | 9 | 5 |
| E | 4 | 0 | B | 9 | C | 5 | A | 2 | 3 | 1 | 6 | 8 | D | 7 |
| 9 | 5 | A | 7 | 8 | E | D | 0 | 1 | B | C | 4 | 2 | 3 | 6 |
| A | 0 | 1 | 9 | D | 6 | 4 | 8 | 3 | C | 2 | E | 5 | 7 | B |
| 3 | 6 | 9 | C | E | 8 | B | 1 | 5 | 7 | 4 | 0 | D | 2 | A |
| C | E | D | 5 | 2 | B | 0 | 7 | 6 | 1 | A | 3 | 9 | 8 | 4 |
| B | 7 | 4 | A | 0 | 1 | 9 | 2 | E | D | 5 | 8 | 3 | 6 | C |
| 8 | 2 | 5 | 3 | 4 | 7 | A | D | C | 6 | 9 | B | 1 | 0 | E |
| 4 | D | E | 1 | 6 | 9 | 3 | B | 7 | A | 8 | C | 0 | 5 | 2 |
| 1 | C | 7 | 8 | B | 0 | 2 | 4 | A | 9 | D | 5 | 6 | E | 3 |
| 5 | 3 | B | 4 | C | D | 1 | 9 | 0 | E | 6 | 2 | 7 | A | 8 |
| 0 | 9 | 6 | 2 | 5 | A | C | E | 8 | 4 | 3 | 7 | B | 1 | D |
| 2 | A | 8 | E | 7 | 3 | 6 | 5 | D | 0 | B | 1 | 4 | C | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ଥାୟୀ ସମାଧାନ ଯୁଦ୍ଧ ନୁହେଁ

ମହାଶୟ,

ସାରା ବିଶ୍ୱରେ ଆତଙ୍କବାଦର ଚେର ପାକିସ୍ତାନରୁ ଲମ୍ବିଥିବା ବେଳେ ଭାରତକୁ ସବୁଠୁ ଅଧିକ ଆତଙ୍କବାଦୀ ଆକ୍ରମଣର ସାମ୍ନା କରିବାକୁ ପଡୁଛି। ତେବେ ଏହାର ସ୍ଥାୟୀ ସମାଧାନ ଯୁଦ୍ଧ ନୁହେଁ। କଶ୍ମୀର ଯୁବକମାନଙ୍କୁ ଜୈସ୍ ଓ ଲଶ୍କର-ଇ-ତୋଇବା ଯେପରି ଅର୍ଥ, ଅସ୍ତ୍ର ଦେଇ ବିପଥଗାମୀ କରୁଛନ୍ତି ଓ ତାଙ୍କୁ ହୁରିୟାତ୍ ନେତାମାନେ ସମର୍ଥନ ଦେଉଛନ୍ତି ତାକୁ ମଧ୍ୟ ବନ୍ଦ କରିବାକୁ ହେବ। ଭାରତକୁ ଖଣ୍ଡ ଖଣ୍ଡ କରିବା ପାଇଁ ଯେଉଁ ଲବି କାମ କରୁଛି ତା' ପଛରେ କେତେକ ରାଜନୈତିକ ଦଳର ସମର୍ଥନ ରହିଛି। ଅତିଶୀଘ୍ର ସେହି ଲବିକୁ ଧ୍ୱଂସ କରିବାକୁ ହେବ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବିଶ୍ୱବିଦ୍ୟାଳୟ ଦାବି ପୂରଣ କରାଯାଉ

କେନ୍ଦୁଝର ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଜିଲାବାସୀ ଦୀର୍ଘ ୩୦ ବର୍ଷ ଧରି ଦାବି କରି ଆସୁଛନ୍ତି। ବାରିପଦା ଓ ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ହେଲା। ହେଲେ କେନ୍ଦୁଝରରେ ବିଶ୍ୱବିଦ୍ୟାଳୟ ହୋଇପାରିଲା ନାହିଁ। ଜିଲାବାସୀ ଧରଣୀଧର ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଦାବି କରୁଛନ୍ତି। ଜିଏମ୍ କଲେଜ, ଖଲିକୋଟ କଲେଜ, ରମାଦେବୀ କଲେଜ, ବଲାଙ୍ଗୀର କଲେଜ ଓ କଳାହାଣ୍ଡି କଲେଜକୁ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ କରାଯାଇଥିଲେ ମଧ୍ୟ କେଉଁ କାରଣରୁ କେନ୍ଦୁଝରର ଦାବିକୁ ଅଣଦେଖା କରାଯାଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଅନ୍ତୁ।

-ଉମ୍ବରୁଧର ଘଣା, ନୂଆଦିଲ୍ଲୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୪ ଏପ୍ରିଲ ୧୯୯୪

- ଉଗାଣ୍ଡା ରାଷ୍ଟ୍ରପତି ଓଏରୀ ମୁସେଭେନିଙ୍କ କ୍ଷମତାସୀନ ଦଳ ଦେଶର ନୂତନ ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମାଙ୍କ ନିର୍ଦ୍ଦେଶକ୍ରମ ଗୋଆ ରାଜ୍ୟପାଳ ଭାନୁପ୍ରକାଶ ସିଂଙ୍କ ଇସ୍ତଫା।

■ ବିଜେଡି-କଂଗ୍ରେସ ମଧ୍ୟରେ କଡ଼ା ଟକ୍କର

# ମନୋହରଙ୍କ ପାଇଁ ଅଡୁଆ ମନୋହର

ସଦାଶିବ ପ୍ରହରାଜ
ନବରଙ୍ଗପୁର,୩।୪

ନବରଙ୍ଗପୁର ଜିଲା ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ କବଜାରେ ରହିଛି। ଏଠାରୁ କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝି ଲଗାତର ୨ ଥର ଜିତିଛନ୍ତି। ଏହି ଆସନକୁ ନିଜ କବଜାକୁ ଆଣିବା ପାଇଁ ଏଥର ବିଜେଡି ରଣନୀତିରେ ପରିବର୍ତ୍ତନ କରିଛି। ପୂର୍ବରୁ ପ୍ରାର୍ଥୀ ହୋଇ ଆସୁଥିବା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକଙ୍କୁ ବିଜେଡି ଏଥର ଟିକେଟ ଦେଇ ନାହିଁ। ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଗଡ ଭାଙ୍ଗି ୨ଥର ନିର୍ବାଚିତ ହୋଇଥିବା ମନୋହର ରନ୍ଧାରୀଙ୍କୁ ବିଜେଡି ଏଠାରୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ପଦ୍ମନ ନାୟକଙ୍କୁ ପ୍ରାର୍ଥୀ କରିଛି । ସ୍ୱାଧୀନ ପ୍ରାର୍ଥୀ ଭାବେ ମନୋହର ରନ୍ଧାରୀ ନାମରେ ଆଉ ଜଣେ ପ୍ରାର୍ଥୀ ହୋଇଛନ୍ତି। ବିଏସପିରୁ ଡମ୍ବୁସିଂ ମାଝୀ ପ୍ରାର୍ଥୀ ହୋଇଛନ୍ତି। ଡାବୁଗାଁ ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ମନୋହର ଓ ଭାଜପାର ପଦ୍ମନ ନୂଆଁ ମୁହଁ ହୋଇଥିବା ବେଳେ ଭୁଜବଳ ପୁରୁଣା। ମନୋହର (ବିଜେଡି)ଏଠାରୁ ନିର୍ବାଚନ ଲଢ଼ିବା ପାଇଁ ଗତ ୮ ମାସ ଧରି ସଙ୍ଗଠନ କରିଛନ୍ତି। ତେବେ ଆଶାୟୀ ଥିବା ମୋତିରାମ ନାୟକଙ୍କୁ ଟିକେଟ ନ ମିଳିବାରୁ ସେ ଓ ତାଙ୍କ ସମର୍ଥକମାନେ ମନୋହର(ବିଜେଡି)ଙ୍କୁ ସମର୍ଥନ ଓ ସହଯୋଗ କରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର। ଏଭଳି ସ୍ଥିତିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଉ ଜଣେ ମନୋହର ନିର୍ବାଚନୀ ମଇଦାନରେ ଲଢେଇ କରୁଛନ୍ତି। ୨ ଜଣ ପ୍ରାର୍ଥୀଙ୍କ ସମାନ ନାମ ହୋଇଥିବାରୁ ଏହା ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଇବ। କଂଗ୍ରେସକୁ ଏହା ସୁହାଇବ ବୋଲି କୁହାଯାଉଛି। ତେବେ ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। କିନ୍ତୁ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବ ବୋଲି ଅନୁମାନ କରାଯାଉଛି।

ବିଜେଡି ସରକାର ଆଦିବାସୀଙ୍କ ଶିକ୍ଷା ପାଇଁ ନେଇଥିବା ପଦକ୍ଷେପ, ନାରୀ ସଶକ୍ତୀକରଣ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇଥିବା,ଚାଷୀଙ୍କ ପାଇଁ କାଳିଆ ଯୋଜନା, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ଡାବୁଗାଁରେ ସମାଧାନ ହୋଇଥିବା ଲୋ-ଭୋଲଟେଜ ସମସ୍ୟା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ନେଇ ନିର୍ବାଚନୀ ବୈତରଣୀ ପାର ହେବେ ବୋଲି ମନୋହର କହିଛନ୍ତି।

ଜଳସେଚନ ସୁବିଧା ନ ଥିବା, ପିଇବା ପାଣି ସମସ୍ୟା, ଜଙ୍ଗଲ ଜମି ବିବାଦ, ବିଦ୍ୟୁତ କାଟ, ନାରୀ ନିର୍ଯାତନା ଓ ଦାଦନ ଶ୍ରମିକ ସମସ୍ୟା, ଉଚ୍ଚଶିକ୍ଷା ପାଇଁ ସରକାରୀ ଶିକ୍ଷାନୁଷ୍ଠାନ ନଥିବା ଆଦି ଅଭିଯୋଗ ଆଣି ଭୁଜବଳ ନିର୍ବାଚନ ପ୍ରଚାର କରୁଛନ୍ତି। କଂଗ୍ରେସ ସରକାର ଆସିଲେ କୃଷି ଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା, ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କା, ଯୁବକଙ୍କୁ ରୋଜଗାର ଗ୍ୟାରେଣ୍ଟିକୁ ପ୍ରସଙ୍ଗ କରି ଭୋଟରଙ୍କ ନିକଟକୁ ଯାଉଥିବା ଭୁଜବଳ କହିଛନ୍ତି।

ବିପର୍ଯ୍ୟସ୍ତ ଶିକ୍ଷା,ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନିର୍ବାଚନୀ ପ୍ରସଙ୍ଗ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଆସନ୍ତା ୨୦୨୨ ସୁଦ୍ଧା ଜଣେ ମଧ୍ୟ ଗରିବ ରହିବେ ନାହିଁ। ଆସନ୍ତା ୫ ବର୍ଷରେ ସମସ୍ତ ଗରିବଙ୍କୁ ଜମି ଓ ଘର ଯୋଗାଇ ଦିଆଯିବ କହି ଭାଜପା ପ୍ରାର୍ଥୀ ପଦ୍ମନ ଭୋଟରଙ୍କ ନିକଟରେ ପହଞ୍ଚୁଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନ ସେତେଟା ସୁଦୃଢ ନଥିଲେ ମଧ୍ୟ ୧ ତାରିଖରେ ଉମରକୋଟ ଠାରେ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନିର୍ବାଚନୀ ପ୍ରଚାର ପରେ ଡାବୁଗାଁ ନିର୍ବାଚନ ମଣ୍ଡଳୀ ଉପରେ କିଛିଟା ପ୍ରଭାବ ପକାଇଛି ବୋଲି କୁହାଯାଇଛି।

## ଡାବୁଗାଁ ନିର୍ବାଚନମଣ୍ଡଳୀ



ଭୁଜବଳ ମାଝି　ପଦ୍ମନ ନାୟକ　ମନୋହର ରନ୍ଧାରି

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| ଭୁଜବଳ ମାଝି | କଂଗ୍ରେସ | ୪୪୭୨୩ |
| ମୋତିରାମ ନାୟକ | ବିଜେଡି | ୩୭୩୪୯ |
| ମୋହନ ମାଝୀ | ଭାଜପା | ୨୨୫୪୩ |

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ଭୁଜବଳ ମାଝି | କଂଗ୍ରେସ | ୬୨୨୫୭ |
| ମୋତିରାମ ନାୟକ | ବିଜେଡି | ୫୬୮୬୦ |
| ଶଶିଧର ମାଝୀ | ଭାଜପା | ୧୦୮୫୩ |

### ଡାବୁଗାଁ ନିର୍ବାଚନମଣ୍ଡଳୀର ପରିସୀମା

ଡାବୁଗାଁବିଧାନସଭା ନିର୍ବାଚନମଣ୍ଡଳୀ କୋଷାଗୁମୁଡା ବ୍ଲକର ୧୫ଟିପଞ୍ଚାୟତ, ପାପଡ଼ାହାଣ୍ଡି ବ୍ଲକର ୨୩ଟି ପଞ୍ଚାୟତ ଏବଂ ଡାବୁଗାଁ ବ୍ଲକର ୧୨ ଟି ପଞ୍ଚାୟତକୁ ନେଇ ଗଠିତ।

**ମୋଟ ଭୋଟର ସଂଖ୍ୟା ୧,୯୩,୯୩୮**

| | | |
|---|---|---|
| ମହିଳା ଭୋଟର ୯୯,୧୨୧ | ପୁରୁଷ ଭୋଟର ୯୪,୮୦୪ | ଅନ୍ୟାନ୍ୟ ୧୩ |

■ ବୁଡ଼ାନ୍‌ଙ୍କ ଇସ୍ତଫା ଗୃହୀତ ଦାବି

# ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଭାଜପା ନେତାଙ୍କ ଉଦ୍ୟମ

ଭୁବନେଶ୍ୱର,୩।୪(ବ୍ୟୁରୋ)

ଭାଜପା ପକ୍ଷରୁ ମୟୂରଭଞ୍ଜ ଜିଲା ସାରସକଣା ପ୍ରାର୍ଥୀ ହୋଇଥିବା ବୁଡାନ ମୁର୍ମୁଙ୍କ ସରକାରୀ ଚାକିରୀରୁ ଇସ୍ତଫା ପତ୍ର ଗୃହୀତ ହୋଇନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ଏହା ଅଟକି ରହିଛି। ଯାହା ଫଳରେ ବୁଡାନ ପ୍ରାର୍ଥୀପତ୍ର ଦାଖଲ କରିପାରୁ ନାହାନ୍ତି। ଗତ ଅକ୍ଟୋବରରୁ ବୁଡାନ ଇସ୍ତଫା ଦେଇଥିଲେ ବି, ରାଜ୍ୟ ସରକାର ଜାଣିଶୁଣି ମଞ୍ଜୁର କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଏହି କ୍ରମରେ ଦଳର ଉପସଭାପତି ସମୀର ମହାନ୍ତି, ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ଏବଂ ବୁଡାନ୍ ବୁଧବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। ହେଲେ ଶେଷ ଖବର ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କ ସାକ୍ଷାତ୍ ହୋଇପାରିନାହିଁ। ସେମାନେ ନବୀନ ନିବାସକୁ ଯିବା ସମୟରେ ତାଙ୍କୁ ମୁଖ୍ୟ ଫାଟକ ସମ୍ମୁଖରେ ପୋଲିସ ଅଟକାଇଥିଲା। ପୋଲିସ ସେମାନଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ମାନଙ୍କ ପାଇଁ ହୋଇଥିବା ଟେଣ୍ଟ ହାଉସ ନିକଟରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା।

ପ୍ରାୟ ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ନବୀନ ନିବାସରେ ସମ୍ମୁଖରେ ବସିବା ପରେ ଭାଜପା ନେତୃବୃନ୍ଦ ଦଳୀୟ କାର୍ଯ୍ୟାଳୟକୁ ଫେରିଥିଲେ। ମଙ୍ଗଳବାର ଏହି ଘଟଣାକୁ ନେଇ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା।


**CHINMAYA VIDYALAYA (E.M.)**
**(C.B.S.E Pattern), AT- Sunamunda, Dist- Deogarh**
**Mob :- 9437418466, 9437501782**

Inviting well experienced and qualified Trained candidates for the post of Principal & Accountant. Direct Interview on 7th April 2019 at 10 A.M. in the premises of Chinmay Vihar, Deogarh (Near Collector New Race) Prevision of T.A./D.A.

| Sl No | No Post | Qualification | Salary |
|---|---|---|---|
| 01 | Principal | M.A., MSC. B.A., B.SC with BED/ M.ED. | Negotiable |
| 02 | Accountant | B.COM / M.COM | Negotiable |

**Rama Chandra Mahapatra**
**Secretary**



**DECLARATION ABOUT CRIMINAL CASES**

As per the judgement dated 25th September 2018 of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: Rajendra Dholakia, W.No- 08, At/Po- Khariar Road, Dist- Nuapada (Odisha)
Name of the political party: BJD, Name of the Election- Legislative Assembly
Name of Constituency: Nuapada-71, Odisha
I Rajendra Dholakia a candidate for the above mentioned election declare for public information the following details about my criminal antecedents:

| Sl No | Pending criminal cases | | | Details about cases of conviction for criminal offences | |
|---|---|---|---|---|---|
| | Name of court | Case No. and status of case | Section (s) of Acts concerned and brief description of offence(s) | Name of court & date (s) of order (s) | Description of offence (s) & punishment imposed |
| 1 | Court of Mrs. Renu | 4694/2016 | 138 NI Act. | JMIC, Gurgaon | Cheque Bounce |
| 2 | Jonk Police Station | 50/2019 | 506/171 E/34 IPC | Nuapada | |

**Sd./- Rajendra Dholakia**


# ନବୀନବାବୁ ଯୋଜନା ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି: ଧର୍ମେନ୍ଦ୍ର

ଆର.ଉଦୟଗିରି,୩।୪(ଡି.ଏନ.ଏ.)

ଓଡ଼ିଶାବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି। କେନ୍ଦ୍ରରେ ମୋଦି ସରକାର ଏବଂ ଓଡ଼ିଶାରେ ଭାଜପା ସରକାର ପ୍ରତିଷ୍ଠା ହେଲେ ରାଜ୍ୟର ବିକାଶ ହେବ। ବିକାଶ ପାଇଁ ଡବଲ ଇଞ୍ଜିନବାଲା ସରକାର ଆବଶ୍ୟକ। ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଆର.ଉଦୟଗିରରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ସେ ଆହୁରି କହିଥିଲେ, ଓଡ଼ିଶାରେ ୧୯ ବର୍ଷ ଶାସନରେ ରହି ନବୀନବାବୁ କେବଳ ବିଭିନ୍ନ ଯୋଜନା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏଠି ନିଯୁକ୍ତିର ସୁଯୋଗ ନ ଥିବାରୁ ଶିକ୍ଷିତ ଯୁବକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କେନ୍ଦ୍ର ସରକାର ମାତ୍ର ୫ ବର୍ଷ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଉଜ୍ଜ୍ୱଳା, ସୌଭାଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ ରୂପାୟନ କରି ବିକାଶର ଧାରାକୁ ବଜାୟ ରଖିଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ କେହି ଜଣେ ହେଲେ ବି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ନାହିଁ। ଭୂମିହୀନଙ୍କୁ ଜମିପଟ୍ଟା, ଗରିବ ପରିବାରକୁ ପକ୍କାଘର ପ୍ରଦାନ କରାଯିବ। ତେଣୁ ଅଞ୍ଚଳର ବିକାଶ ସହ ରାଜ୍ୟର ହିତ ପାଇଁ ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ମୋହନା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲ୍ଲିକଙ୍କୁ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁରୋଧ କରିଥିଲେ।



ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ସମାବେଶରେ ଉଭୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ବିଧାୟିକା ବାସନ୍ତୀ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ମଣ୍ଡଳ, ଜିଲା ସଭାପତି କେ. ଭେଙ୍କଟ ରମଣାରାଓ, ମହେନ୍ଦ୍ରଗଡ଼ ସରପଞ୍ଚ ବୀର ଭାସ୍କର ପାଇକ, ବ୍ଲକ ଉପାଧ୍ୟକ୍ଷ ନବୀନ ରଇତ, ଆର.ଉଦୟଗିରି ମଣ୍ଡଳ ସଭାପତି ଭୂଷଣ ପୂଜାରୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୂର୍ବାହ୍ନ ୧୦ଟାରେ ଆର.ଉଦୟଗିରିରେ ପହଞ୍ଚିବାର ଥିଲା। ତେବେ କୌଣସି କାରଣରୁ ବିଳମ୍ବ ହେବାରୁ ଅପରାହ୍ନ ୩.୨୦ମି.ରେ ହେଲିକପ୍ଟରରେ ଆସି ଆର.ଉଦୟଗିରି ମିନି ଷ୍ଟାଡିୟମରେ ଓହ୍ଲାଇଥିଲେ। ସେଠାରୁ ନେତା ଓ କର୍ମୀମାନେ ତାଙ୍କୁ ଆତସିଂ ଛକ ପେଣ୍ଠୁଲୁ ପଡ଼ିଆକୁ ପାଛୋଟି ନେଇଥିଲେ।

# ଯୁବ କଂଗ୍ରେସ କର୍ମୀଙ୍କୁ ଏସ୍‌ଡିପିଓଙ୍କ ମାଡ଼

■ ପ୍ରତିବାଦରେ ଥାନା ଘେରାଉ

ମାଲକାନଗିରି,୩।୪ (ଡି.ଏନ୍.ଏ.)

ମାଲକାନଗିରି ଜିଲା କଂଗ୍ରେସ କମିଟିର ନବରଙ୍ଗପୁର ଯୁବ ସଂସଦୀୟ ମଣ୍ଡଳୀର ସମ୍ପାଦକଙ୍କୁ ବୁଧବାର ଏସ୍‌ଡିପିଓ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଥାନା ଘେରାଉ କରାଯାଇଥିଲା। ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ମାର୍କାପାଲ୍ଲିଠାରେ କଂଗ୍ରେସର ଏକ ନିର୍ବାଚନୀ ପ୍ରଚାରରେ ଛତିଶଗଡ ମନ୍ତ୍ରୀ ଲାଖମା କବାସୀ ଯୋଗ ଦେଇଥିଲେ। ସେଠାରୁ ମନ୍ତ୍ରୀ ସଭା ସାରି ଫେରୁଥିବା ସମୟରେ କୌଣସି କାରଣରୁ କଂଗ୍ରେସର ନବରଙ୍ଗପୁର ଯୁବ ସଂସଦୀୟ ମଣ୍ଡଳୀର ସମ୍ପାଦକ ରବି ରାଜେଶଙ୍କୁ ମାଲକାନଗିରି ଏସ୍‌ଡିପିଓ ହୃଷିକେଶ ଟି. କିଲାରି ଚାପୁଡା ମାରିଥିବା ଅଭିଯୋଗ ହୋଇଛି। ଉତ୍ତ୍ୟକ୍ତ କଂଗ୍ରେସ କର୍ମୀମାନେ ମାଲକାନଗିରି ଥାନା ଘେରାଉ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ଦାବି କରିଛି। ଜଣେ ଉପରିସ୍ଥ ଅଧିକାରୀଙ୍କ ଏଭଳି ଆଚରଣକୁ କଂଗ୍ରେସ କର୍ମୀମାନେ ନିନ୍ଦା କରିଛନ୍ତି। ଏନେଇ ଆଗାମୀ ଦିନରେ ଦଳ ନିର୍ବାଚନ କମିଶନଙ୍କୁ ଜଣାଇବ । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଏ ସମ୍ପର୍କରେ ଏସଡିପିଓ କିଲାରିଙ୍କୁ ପଚାରିବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ମାଲକାନଗିରି ଆଇ.ଆଇ.ସି ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, କଂଗ୍ରେସର ଏତଲା ପାଇଛି। ଏହାର ତଦନ୍ତ କରାଯାଉଛି।


**DIRECTORATE OF TECHNICAL EDUCATION & TRAINING, ODISHA,**
**KILLAMAIDAN, BUXIBAZAR, CUTTACK-753001**
email:dacdtetodisha@gmail.com Website: http://www.dtetorissa.gov.in

No.: 01-KK

**NOTICE**

**DIPLOMA ADMISSION – 2019**

**Admission to 1st Semester Diploma in Engineering/ Technology/ Part-Time, Lateral Admission to 3rd Sem. Engineering/ Technology & 1st Sem./ 1st Year Non-Engineering/ Film & TV Courses.**

ONLINE Applications are invited from eligible candidates for admission to 1st Semester Diploma Courses in Engineering/ Technology, Lateral Admission of the eligible candidates to 3rd Semester Diploma Engineering/ Technology/ Courses, 1st Semester / 1st year Non-Engineering, Film & Television (available at BPFTIO, Cuttack) / Part Time Diploma Courses for the session 2019-20.

ELIGIBILITY:

A) (i) **Admission to 1st Semester of Engineering / Technology :** Pass in HSC examination/ 10th standard examination conducted/ declared equivalent by BSE, Odisha and obtained at least 35% marks in aggregate, securing 30% marks in each subject at the qualifying examination with Mathematics, Science & English subjects.

(ii) **Admission to Part-Time programme of Engineering / Technology (4 years Course):** Educational qualification as mentioned above at **A (i)** and 2 years ITI after 10th Standard **or** Educational qualification as mentioned above at **A(i)** and minimum of Two (02) years full time work experience in a registered Firm/Company/ Industry/Educational and/ Government, Autonomous Organizations in the relevant field in which admission is sought.

(iii) **Admission to 3rd Semester under Lateral Entry Scheme for eligible candidates :** Pass in +2 Science Examination from CHSE, Odisha or its equivalent examination with PCM / +2 Vocational (2 years course) in any Engineering Trade / 2 years ITI in Engineering Trade with pass in HSC examination / 10 standard examination conducted / declared equivalent by BSE, Odisha securing 30% mark in each subject at the qualifying examination.

**Age:** Minimum 14 years for all courses except Mining/Drilling and Minimum 16 years for Mining/Drilling as on 01.07.2019. No Upper Age limit.

**Reservation:** Reservation under different categories will be applicable for Odisha State candidates only as per norms specified by Government of Odisha.

**Outside State Candidates:** Outside State candidates fulfilling eligibility criteria are also eligible for:

(i) Admission to 1st Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only.

(ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution having approval from the competent authority after exhaustion of State Merit list.

B) **Admission to Film & TV Courses (Available at BPFTIO, Cuttack) :**

(i) **Cinematography / Sound & TV Engineering:** 10+2 Science from any State Board/ ICSE/ CBSE or equivalent declared by CHSE, Odisha with minimum 35% marks in aggregate.

(ii) **Film & Video Editing:** 10+2 Science / Arts / Commerce from any State Board/ ICSE/ CBSE or equivalent declared by CHSE, Odisha with minimum 35% marks in aggregate.

**Age:** 16 to 28 years as on 01.06.2019. For SC/ST candidates, upper age limit is relaxed by 3 years.

C) **Admission to Non-Engineering Diploma Courses:**

(i) **Modern Office Management (MOM) :** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha securing 30% marks in each subject at the qualifying examination.

(ii) **Pharmacy :** Pass in +2 Science Examination from CHSE, Odisha or its equivalent examination and obtained at least 35% marks in aggregate with Physics, Chemistry, Biology or Mathematics as approved by PCI securing 30% marks in each subject at the qualifying examination.

(iii) **HM&CT:** Pass in +2 Examination from CHSE, Odisha or its Equivalent examination with Science/ Arts/ Commerce recognized by CHSE, Odisha and obtained at least 35% marks in aggregate securing 30% marks in each subject at the qualifying examination.

(iv) **Beauty Culture (BC):** Educational qualification is same as 1st Semester of Engineering/Technology course.

**Age:** Minimum 14 years for BC & 16 years for other as on 01.07.2019. No Upper Age limit.

*N.B. 1) Reservation under different categories will be applicable as specified by Government of Odisha.*

*2) Candidate appearing in the qualifying examination may also apply. However he/she has to produce the said pass certificate (with minimum marks as mentioned above) at the time of document verification, **if not validated online**. For more details, refer to the Information Brochure available in the website*: http://www.dtetorissa.gov.in

**IMPORTANT NOTES:** Candidates should read the Information Brochure and apply through **ONLINE mode only** along with required DATA & application fee of (i) **Rs.200/-** for **ST, SC, PC & FEMALE** (ii) **Rs.300/-** for **MALE** candidates and the payment can be made through **ATM cum DEBIT/ Credit Card/ Net Banking only** through Internet by logging on to **website:** http://www.dtetorissa.gov.in

**IMPORTANT DATES**

**RECEIPT of ONLINE** Application Form (Phase-I) **(3rd Sem.(L.E.): 04-04-2019 to 12-06-2019**
**(1st Sem./Year): 04-04-2019 to 20-06-2019**

*NB: (i) The details of counseling procedure shall be available in local news paper and in our official website:* http://www.dtetorissa.gov.in *before commencement of the counseling schedule. (ii) Document verification is mandatory for participation in the counseling process, if not validated online (iii) For any specific query, contact Diploma Admission Call Centre Phone No. 155335/1800-345-6770(Toll Free)-(From 9AM to 6 PM)*

*Sd/-*
*Director of Technical Education & Training, Odisha*

*advt.no.1/dac-19*　**14004/11/0001/1920**



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଜଣେ ଗୁରୁତର

**ବୌଦ୍ଧ,୩।୪(ସ୍ୱ.ପ୍ର):** ବୌଦ୍ଧ ବଘିଆପଡା ରାସ୍ତାର ଏରଡା ନିକଟରେ ଏକ କାର୍ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ବୌଦ୍ଧରୁ ବଘିଆପଡା ଆଡକୁ ଯାଉଥିବା ଏକ କାର୍‌ର ଆଗ ଚକ ଏରଡା ନିକଟରେ ଫାଟିଯିବାରୁ ଗାଡିଟି ଏକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଚୈତନ୍ୟ ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟକୁ ଅଣାଯାଇଥିବା ଜଣାପଡିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଭେଡେନ ଅଞ୍ଚଳରେ ହାତୀ, ଲୋକେ ଭୟଭୀତ

**ଅତାବିରା, ୩।୪ (ଡି.ଏନ.ଏ):** ଭେଡେନ ବ୍ଲକ ଅଞ୍ଚଳରେ ହାତୀପଲ ପଶିଥିବାରୁ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବର୍ତ୍ତମାନ ଉକ୍ତ ହାତୀ ପପଙ୍ଗା ପାହାଡରେ ଥିବା ଜଣାପଡିଛି । ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସୂଚନା ଅନୁସାରେ, ଦୁଇ ପଟ ହାତୀ ଅତାବିରା ବ୍ଲକ ପୋଡବାଡି, ଲରମ୍ବା ଅଞ୍ଚଳକୁ ଆସିଥିଲେ । ବନ ବିଭାଗ ଅଧିକାରୀ କର୍ମଚାରୀମାନେ ଲରମ୍ବା ଅର୍ଜୁର୍ନମୁଣ୍ଡା ନିକଟରେ ହାତୀପଲଙ୍କୁ ସୋମବାର ଦିନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନଜରରେ ରଖିଥିଲେ । କିନ୍ତୁ ହାତୀପଲ ରାତିରେ ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଇ ଚାଲିଯାଇଥିଲେ । ବନ ବିଭାଗର ୪ଟି ସ୍କ୍ୱାଡ୍ ବୁଗବୁଗା, ବାବେବିରା, ପୋଡବାଡି, ଡାଲବ, ହାଟପଦା, ଲିମ୍ପଛୋଡ ଆଦି ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ଆଉ ହାତୀଙ୍କ ସନ୍ଧାନ ପାଇପାରି ନ ଥିଲେ । ହାତୀଙ୍କ ସନ୍ଧାନ କରିପାରି ନ ଥିବାରୁ ଲରମ୍ବା, ଖୁଣ୍ଟୁଲିପାଲି ବିଦ୍ୟୁତ ସେକ୍ସନର ଶତାଧିକ ଗ୍ରାମକୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିଲା । ଫଳରେ ଗ୍ରାମବାସୀ ଅନ୍ଧାରରେ ଭୟଭୀତ ଅବସ୍ଥାରେ ରହିଥିଲେ । ହାତୀପଲ ଭେଡେନ ବ୍ଲକ ପପଙ୍ଗା କଲୋନୀ ଦେଇ ବାଦି ଅଞ୍ଚଳକୁ ଯାଇଥିବା ବନ ବିଭାଗ ସୂଚନା ପାଇ ଘଟଣାସ୍ଥଳକୁ ପହଞ୍ଚି ହାତୀଙ୍କୁ ଖୋଜା ଖୋଜି କରିଥିଲେ । ଅନ୍ୟପଟରେ ହାତୀ ଆତଙ୍କ ଯୋଗୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ସ୍କୁଲ, କଲେଜକୁ ଯାଇପାରୁନାହାନ୍ତି। ହାତୀପଲ ବିନିକା ଅଞ୍ଚଳକୁ ଯାଇଥିବା ଅନୁମାନ କରାଯାଉଥିବା ରେଞ୍ଜର ମହେନ୍ଦ୍ର ପାତ୍ର କହିଛନ୍ତି ।

ବୌଦ୍ଧରେ ନିର୍ବାଚନ ପ୍ରଚାର ସରଗରମ

# ସହର ଛାଡ଼ି ନେତାଏ ଗାଁମୁହାଁ

**ବୌଦ୍ଧ,୩।୪(ସ୍ୱ.ପ୍ର)**

ବୌଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ଦୀର୍ଘ ୧୮ ବର୍ଷ ଧରି ଏହାକୁ ଶାସକ ବିଜେଡି ଦଳ ଅକ୍ତିଆର କରି ରଖିଛି । କିନ୍ତୁ ଚଳିତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଏଥର କଡା ଟକ୍କର ହେବାକୁ ଯାଉଛି । ବିଜେଡିର ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଦଳୀୟ କର୍ମୀଙ୍କୁ ଅଣଦେଖା ନେଇ ହରଭଙ୍ଗା ବ୍ଲକର ବହୁ ଟାଣୁଆ ନେତା ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ସେହିପରି ୨୦୧୪ ନିର୍ବାଚନରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ଜିଲାର ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର ପୁନର୍ବାର ବିଜେଡି ଛାଡି କଂଗ୍ରେସ ଦଳକୁ ଫେରିଯାଇଛନ୍ତି। ଏଭଳି ପରିସ୍ଥିତିରେ ବାଚସ୍ପତି ଅମାତ ଚଳିତ ନିର୍ବାଚନ ଜିତିବାକୁ ନାନା କୌଶଳ ଆପଣେଇଛନ୍ତି। ସେ ବର୍ତ୍ତମାନ ଗାଁ ଗାଁରେ ପ୍ରଚାର ଆରମ୍ଭ କରିବା ସହ ଦଳର ଅସନ୍ତୁଷ୍ଟ ନେତାଙ୍କୁ ମନାଇବାକୁ ଲାଗି ପଡିଛନ୍ତି । ଏହାସହ ଅନ୍ୟ ଦଳର ଅସନ୍ତୁଷ୍ଟ ନେତାଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ସେହିପରି ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ଦଳର କିଛି ବରିଷ୍ଠ ନେତା ବିରୋଧ କରି ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ଏହି ଅସନ୍ତୁଷ୍ଟ ନେତାଙ୍କୁ ମନାଇବା ସହ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଇବାରେ ସଫଳ ହୋଇଥିଲା । ତଥାପି ଦଳରେ ଏବେବି ଅନ୍ତଃକନ୍ଦଳ ଲାଗିଥିବା ବେଳେ ଦଳ ପକ୍ଷରୁ କିନ୍ତୁ ଜୋରଦାର ପ୍ରଚାର ଚାଲିଛି । ଗୁରୁବାର ଭାଜପାର ପ୍ରଚାର ପାଇଁ ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା ବୌଦ୍ଧ ନିର୍ବାଚନ ମଣ୍ଡଳୀର ପୁରୁଣାକଟକ ଠାରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ଏପଟେ କଂଗ୍ରେସ ଓ ସିପିଆଇ ମିଳିତ ପ୍ରାର୍ଥୀ ଭାବେ ଶ୍ରମିକ ନେତା ଅବକାଶ ସାହୁଙ୍କୁ ଟିକେଟ ଦିଆଯାଇଥିବା ବେଳେ ସେ ମଧ୍ୟ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ନିଜ ସମର୍ଥକଙ୍କ ସହ ଘର ଘର ବୁଲି ପ୍ରଚାରରେ ଲାଗିପଡିବା ସହ ବୌଦ୍ଧର ବିକାଶ ପାଇଁ ପରିବର୍ତ୍ତନର ନାରା ଦେଇ ଭୋଟ ଭିକ୍ଷା କରୁଛନ୍ତି । ବୌଦ୍ଧ ନିର୍ବାଚନରେ ମଣ୍ଡଳୀରେ କଟା ଟକ୍କର ହେଉଥିବା ବେଳେ ଭୋଟର କାହାକୁ ବିଧାୟକ




ଅତିଥିଙ୍କ ଗହଣରେ ଜାଗୃତି ଶାଖାର କର୍ମକର୍ତ୍ତାମାନେ ।

## ଜାଗୃତି ଶାଖାର ଶପଥ ସମାରୋହ

**ବରଗଡ଼ ଅଫିସ୍,୩।୪**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ଜାଗୃତି ଶାଖାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ସଭାନେତ୍ରୀ ଅନୁରାଧା ଅଗ୍ରୱାଲ ଏବଂ ସମ୍ପାଦିକା ପ୍ରୀତି ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରଶ୍ମୀ ବାଲୋଦିଆ ଓ ନିତୁ ଅଗ୍ରୱାଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପ୍ରାନ୍ତୀୟ ମାରୱାଡ଼ି ସମ୍ମିଳନୀର ଅଧ୍ୟକ୍ଷ ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟବକ୍ତା ଏବଂ ରାଜେନ୍ଦ୍ର ଜୈନ, ଅନୁରାଧା ଅଗ୍ରୱାଲ, ଜଗଦିଶ ଗୋଲପୁରୀଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଜାଗୃତି ଶାଖାର କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ । ଫକୀର ଭୋଇ ନାମକ ଜଣେ ଦିବ୍ୟାଙ୍ଗଙ୍କୁ ଏକ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା । ସଂସ୍ଥାର ଲୋକ ସମ୍ପର୍କ ଅଧିକାରୀ ଅଞ୍ଜୁ ଅଗ୍ରୱାଲ ବିବରଣୀ ପାଠ କରିଥିବାବେଳେ ନିଶା ଲାଠ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଟବଣା ହାତୀପଲଙ୍କ ଉପଦ୍ରବ

**ବଡ଼ସାହି, ୩।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାକୁ ପଶି ଆସି ବାଟବଣା ହୋଇଥିବା ଝାଡ଼ଖଣ୍ଡହାତୀପଲ ମଙ୍ଗଳବାର ରାତିଠାରୁ ବଡ଼ସାହି ବ୍ଲକର ଭୀମିଦା-ମାଣତ୍ରୀ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲରେ ୩ଟି ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଶାବକ ହାତୀ ରହିଥିବା ଜଣାପଡ଼ିଛି। ସେମାନେ ନୀଳଗିରି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଘଉଡାଇବାରୁ ବାଟବଣା ହୋଇଥିବା କୁହାଯାଉଛି। ବୁଧବାର ଏହିହାତୀପଲ ଗଙ୍ଗାହାର ନଦୀ ସଂଲଗ୍ନ ଉଅଁଡ଼ିହ ପାଳ ଜମିରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ପାଳଜମିରେ ଚାଷ ହୋଇଥିବା ବ୍ୟାପକ ପନିପରିବା ଫସଲ ସେମାନେ ନଷ୍ଟ କରି ଦେଇଛନ୍ତି । ଦେଖଣାହାରୀ ଲୋକେ ଭିଡ଼ ଜମାଉଥିବାରୁ ସେମାନେ କୁଆଡ଼େ ନ ଯାଇ ସ୍ଥିର ଭାବେ ରହିଛନ୍ତି। ଡୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନକର୍ମଚାରୀ ଜଗିରହିଛନ୍ତି। ରାତିରେ ବେତନଟୀ ଓ ଉଦଳା ରେଞ୍ଜ କର୍ମଚାରୀ ପହଞ୍ଚିଲେ ହାତୀପଲଙ୍କୁ ଘଉଡ଼ାଇ ଚେଙ୍ଗୁଆ-ମଙ୍ଗଳପୁର ଦେଇ ନୀଳଗିରି ଅଭିମୁଖେ ଛଡାଯିବ ବୋଲି ଜଣାପଡ଼ିଛି।

## ଯାତ୍ରୀବାହୀ ବସ୍ ଓଲଟି ୪ ଗୁରୁତର

**ତେଲକୋଇ, ୩।୪(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତ ଅଧୀନ ମଲଣ୍ଡା ଗ୍ରାମ ବୁଲାଣିରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୪ ଜଣ ଗୁରୁତର ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଉକ୍ତ ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ସେମାନଙ୍କୁ ତେଲକୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଗଙ୍ଗାରାମ ତିରିଆ (୫୦), ସୂର୍ଯ୍ୟ ବେହେରା (୫୨), କିରାଣୀ ଚମ୍ପିଆ (୬୦), ମୁନୀ ସୋରେନ(୪୨) ରହିଛନ୍ତି। ସେମାନଙ୍କୁ କଟକ ଚିକିତ୍ସାଳୟକୁ ନିଆଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମଦ ଜବତ, ୨ ଗିରଫ

**ବରଗଡ଼ ଅଫିସ୍,୩।୪**

ସାଧାରଣ ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗ ଚୋରାମଦ କାରବାର ଧରପଗଡ଼ରେ ତତ୍ପର ହୋଇ ଉଠିଛି । ଏହି କ୍ରମରେ ବରଗଡ଼ ସହର ଓ ଆଖପାଖ ଅଞ୍ଚଳରେ ଚଢ଼ାଉ କରି ୨୨୦ ପ୍ୟାକେଟ୍ ପାଉଚ୍ ମଦ, ୮୦ ବୋତଲ ବିୟର, ୨୫ ବୋତଲ ବିଦେଶୀ ମଦ ଜବତ କରାଯାଇଛି । ଏହା ସହିତ ଚୋରାମଦ କାରବାର କରୁଥିବ ଅଭିଯୋଗରେ ବରପାଲି ଥାନା ବରମକେଲା ଗ୍ରାମର ପ୍ରସନ୍ନ କୁମ୍ଭାର ଏବଂ ବରଗଡ଼ ସଦର ଥାନା ଅନ୍ତର୍ଗତ ହଳଦୀପାଲି ଛକର ଢ଼ାବା ମାଲିକ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ପୂର୍ବ ତଟ ରେଳପଥ

**ଚୁକ୍ତି ଭିତ୍ତିରେ ଫାର୍ମାସିଷ୍ଟ/ଇସିଜି(ECG) ଟେକ୍‌ନିସିଆନ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ନିଯୁକ୍ତି ବିଜ୍ଞାପନ ସଂଖ୍ୟା. 1/2019-Med/Para-med., ତା.28.03.2019ରିଖ

ପୂର୍ବ ତଟ ରେଳପଥର କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର ନିମନ୍ତେ ଚୁକ୍ତି ଭିତ୍ତିରେ ପାରା-ମେଡ଼ିକାଲ ଷ୍ଟାଫ୍ (Paramedical Staff)ର ନିମ୍ନ ବର୍ଣ୍ଣିତ ପଦବୀଗୁଡ଼ିକରେ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଯୋଗ୍ୟତା, ବୟସସୀମା, ଅଭିଜ୍ଞତା ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରାସଙ୍ଗିକ ପ୍ରମାଣପତ୍ର / ପ୍ରଶଂସାପତ୍ର ଏବଂ ପ୍ରତ୍ୟେକଙ୍କ ସ୍ୱ-ସତ୍ୟାପିତ ହୋଇଥିବା ପ୍ରତ୍ୟେକ ନକଲ ସହିତ ନିମ୍ନ ପ୍ରଦତ୍ତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସାକ୍ଷାତକାର ନିମନ୍ତେ ବୋର୍ଡ ନିକଟରେ ଉପସ୍ଥିତ ହୋଇପାରିବେ ।

**(କ୍ରମ ସଂ.1)** ପଦବୀ ନାମ : ଫାର୍ମାସିଷ୍ଟ, ପଦବୀ ସଂଖ୍ୟା : **02**-ଅଣସଂରକ୍ଷିତ, ବୟସସୀମା : **20-35** ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ **10+2** କିମ୍ବା ସମତୁଲ୍ୟ ସହିତ ଫାର୍ମାସୀରେ ଦୁଇ ବର୍ଷୀୟ ଡିପ୍ଲୋମା ଏବଂ ଭାରତୀୟ ଫାର୍ମାସୀ କାଉନ୍‌ସିଲ୍ କିମ୍ବା ରାଜ୍ୟ ଫାର୍ମାସୀ କାଉନ୍‌ସିଲ୍ ଦ୍ୱାରା ପଞ୍ଜିକରଣ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.**29,200/-** ସହିତ ଲାଗୁହେଉଥିବା ଭତ୍ତା ।

**(କ୍ରମ ସଂ.2)** ପଦବୀ ନାମ : ଇସିଜି (ECG) ଟେକ୍‌ନିସିଆନ, ପଦବୀ ସଂଖ୍ୟା : **01**-ଅଣସଂରକ୍ଷିତ, ବୟସସୀମା : **18-33** ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ **10+2** / ସ୍ନାତକ ଅଥବା ଯେକୌଣସି ସ୍ୱୀକୃତି ପ୍ରାପ୍ତ ସଂସ୍ଥାରୁ ଇସିଜି(ECG) ଲାବୋରେଟୋରୀ / କାର୍ଡିଓଲୋଜି / କାର୍ଡିଓଲୋଜି ଟେକ୍‌ନିସିଆନ୍ / କାର୍ଡିଓଲୋଜି ଟେକ୍‌ନିକ୍ସ (Techniques)ରେ ଡିଗ୍ରୀ / ଡିପ୍ଲୋମା ପ୍ରମାଣପତ୍ରଧାରୀ । ପ୍ରମାଣପତ୍ର ସର୍ବନିମ୍ନ ଏକ ବର୍ଷର ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ । ଉପରୋକ୍ତ ଯୋଗ୍ୟତା ଡିଷ୍ଟାନ୍ସ ଲର୍ଣ୍ଣିଂ ମୋଡ୍ (Distance Learning Mode) ମାଧ୍ୟମରେ ସମ୍ପାଦିତ ନ ହୋଇ ପୂର୍ଣ୍ଣକାଳୀନ ଅବଧି ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.**25,500/-** ସହିତ ଲାଗୁହେଉଥିବା ଭତ୍ତା ।

**ଚୁକ୍ତି ଅବଧି :** ଏହି ନିଯୁକ୍ତି **ତା.30.06.2019**ରିଖ ପର୍ଯ୍ୟନ୍ତ କିମ୍ବା ରେଲୱେ ରିକୃଟମେଣ୍ଟ ବୋର୍ଡ ଦ୍ୱାରା ପଦୋନ୍ନତି / ନିୟମିତ ନିଯୁକ୍ତି ମାଧ୍ୟମରେ ବିଭାଗୀୟ ପ୍ରାର୍ଥୀମାନଙ୍କ ଦ୍ୱାରା ଖାଲି ପଦବୀଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ଯେଉଁଟି ଶୀଘ୍ର ହେବ । ରେଲୱେ ବୋର୍ଡ ଦ୍ୱାରା ଆବଶ୍ୟକ ସ୍ଥଳେ ସ୍କିମ୍‌ର ସଂପ୍ରସାରଣ ହେବା କ୍ଷେତ୍ରରେ ପରବର୍ତ୍ତୀ ସଂପ୍ରସାରଣ ଉପରେ ବିଚାର କରାଯାଇପାରେ ।

| 'ୱାକ୍-ଇନ୍-ଇଣ୍ଟରଭ୍ୟୁ'ର ସ୍ଥାନ | ତାରିଖ / ରିପୋର୍ଟ କରିବା ସମୟ / "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ତା.18.04.2019ରିଖ / 0930 ଘଟିକା ଠାରୁ 1000 ଘଟିକା ପର୍ଯ୍ୟନ୍ତ / ଇଣ୍ଟରଭ୍ୟୁ 1000 ଘଟିକା ଠାରୁ ଆରମ୍ଭ |

ବି.ଦ୍ର. ଦରଖାସ୍ତ ଫର୍ମାଟ୍ ତଥା ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ : **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ/ ଭୁବନେଶ୍ୱର

PR - 03/K/19-20

# CLASSIFIED DISPLAY

**ALL EDITION-B/W (Every Day)** | For Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନ୍‌ସିସ ବେକନ



# ନାମାଙ୍କନପତ୍ର ଦାଖଲ ପାଇଁ ଭିଡ





ବୁଧବାର ସମ୍ବଲପୁର ଜିଲାପାଳ ଶୁଭମ ସକସେନାଙ୍କ ନିକଟରେ ଭାଜପା ଲୋକସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି (ବାମ)। ସମ୍ବଲପୁର ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଜୟନାରାୟଣ ମିଶ୍ର ଓ ନାଉରୀ ନାୟକ ନାମାଙ୍କନ ପତ୍ର ଦେଉଛନ୍ତି (ମଝି)। ସମ୍ବଲପୁରରେ ରେଙ୍ଗାଲି କଂଗ୍ରେସ ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି ।





ସମ୍ବଲପୁର ରେଙ୍ଗାଲି ବିଧାନସଭା ବିଜେଡି ପ୍ରାର୍ଥୀ ରୀନା ତନ୍ତି ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଛନ୍ତି (ବାମ)। ସମ୍ବଲପୁର ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ଜୟବ୍ରତ ଦେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି (ମଝି)। ସମ୍ବଲପୁରରେ ଜଣେ ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିବା ବାଦ୍ୟ ଦଳ।

**ସମ୍ବଲପୁର, ୩।୪ (ବ୍ୟୁରୋ)**

ସମ୍ବଲପୁରରେ ବୁଧବାର ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଲୋକସଭା ଓ ବିଧାନସଭା ପ୍ରାର୍ଥୀମାନେ ସମର୍ଥକଙ୍କ ସହ ସହର ପରିକ୍ରମା କରି ଜିଲାପାଳ ଏବଂ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ୧୦୦ ମିଟର ଦୂରରୁ ଶୋଭାଯାତ୍ରା ବନ୍ଦ ହୋଇଥିଲା । ଏହାପରେ ପ୍ରାର୍ଥୀମାନେ ନିଜ ପ୍ରସ୍ତାବକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିଲେ । ଏହି କ୍ରମରେ ଭାଜପାର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ନାଉରୀ ନାୟକ ସାମିଲ ଥିଲେ । ନିତେଶ ଗଙ୍ଗଦେବ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଶୁଭମ ସକସେନାଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଡା. ରାଜକୁମାର ବଡପଣ୍ଡା, ଅଜିତ ପ୍ରଧାନ ତାଙ୍କ ପ୍ରସ୍ତାବକ ରହିଛନ୍ତି । ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ଆସନର ଭାଜପା ପ୍ରାର୍ଥୀ ନାଉରୀ ନାୟକ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଜୟନାରୟଣଙ୍କ ପ୍ରସ୍ତାବକ ଭାବେ ସୁଧାଂଶୁ ମହାପାତ୍ର, ସୁଧାଂଶୁ ମିଶ୍ର, ସୁରେଶ ଚନ୍ଦ୍ର ବାବୁ, ଘନଶ୍ୟାମ ପାଣିଗ୍ରାହୀ ରହିଛନ୍ତି । ସେହିପରି ନାଉରୀଙ୍କ ପ୍ରସ୍ତାବକ ଭାବେ ସଜ୍ଜନ ପୌଦାର, ମଣ୍ଟୁ ଅଗ୍ରୱାଲ, ପ୍ରକାଶ ପ୍ରଧାନ, ମନୋଜ ସାହୁ ରହିଛନ୍ତି । ଇଷ୍ଟଦେବୀ ସମଲେଶ୍ୱରୀଙ୍କ ପୀଠରେ ନିତେଶ, ଜୟ ଓ ନାଉରୀ ପୂଜାର୍ଚ୍ଚନା କରି କ୍ଷେତରାଜପୁର ମାରୱାଡି ଧର୍ମଶାଳାଠାରୁ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଶୋଭାଯାତ୍ରା ବଡବଜାର, ସମଲେଶ୍ୱରୀ ମନ୍ଦିର ଛକ, କମଳିବଜାର, ବାଲିବନ୍ଧା, କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା, ମାରୱାଡି ପଡା, ହାଟପଡା, ଦଲେଇପଡା, ମ୍ୟୁନିସିପାଲଟି ଛକ, କଚେରୀ ରୋଡ ପରିକ୍ରମା କରିଥିଲା। ସେହିପରି ରେଙ୍ଗାଲି ବିଜେଡି



ସମ୍ବଲପୁରରେ ବିଜେଡ଼ି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ସମର୍ଥକଙ୍କ ଭିଡ଼ ।




ସମ୍ବଲପୁରରେ ନାମାଙ୍କନପତ୍ର ଦାଖଲ ବେଳେ ଜଣେ ପ୍ରାର୍ଥୀଙ୍କ ସମର୍ଥନ କରି କିନ୍ନରମାନେ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ।

ପ୍ରାର୍ଥିନୀ ରିନା ତନ୍ତି ସମର୍ଥକଙ୍କ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ । ଜତିନ୍ଦ୍ର ସାହୁ ଓ ସତ୍ୟନାରାୟଣ କୁମାର ତାଙ୍କ ପ୍ରସ୍ତାବକ ଭାବେ ଥିଲେ । ଆନନ୍ଦ ଜେନା, ରାଜକିଶୋର ଦାଶ, ଇଂ. ଗାନ୍ଧୀ ବେହେରାଙ୍କ ସମେତ ସମ୍ବଲପୁର ସହରର ବରିଷ୍ଠ ଓ କନିଷ୍ଠ ନେତା, କର୍ମୀମାନେ ସାମିଲ ଥିଲେ । ସେହିପରି ଜେଲ ଛକଠାରୁ ରେଙ୍ଗାଲି ବିଧାନସଭା କଂଗ୍ରେସ ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ ସମର୍ଥକଙ୍କ ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୁବାଷ ଚନ୍ଦ୍ର ବିଶ୍ୱାଳ ତାଙ୍କ ପ୍ରସ୍ତାବକ ରହିଛନ୍ତି । ବରିଷ୍ଠ ନେତା ସୁରେଶ୍ୱର ମିଶ୍ର, ସୁଧୀର କୁମାର ପଣ୍ଡା, ସୁତାପା ମିତ୍ର, ସୁନିତା ବାଗ, ଗୋବିନ୍ଦ ମିଶ୍ର, ରେଣୁ କରିମ, ଗୋପାଳ ପଣ୍ଡା, କ୍ଷୀରୋଦ ସିଂଦେଓ, ଲିଙ୍ଗରାଜ ଦାଶ, ଦିଲୀପ ଭୋଇ, କିଶୋର ବେହେରା, ପ୍ରମୋଦ ମିଶ୍ର, ଲାଲମୋହନ ସାଠିଆ, ଜୟନାରାୟଣ ମିଶ୍ର, ବିଜିତେନ୍ଦ୍ର ପ୍ରଧାନ, ସୁରଞ୍ଜିନୀ ବାରିକ ପ୍ରମୁଖ ସାମିଲ ଥିଲେ । ସ୍ୱାଧୀନ ପ୍ରାର୍ଥୀ ଜୟବ୍ରତ ଦେ କାଳିବାଡିରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ । ସାକ୍ଷୀପଡା ଛକ, ଜିଲାସ୍କୁଲ ଛକ, ଜେଲ ଛକ, କଚେରୀ ଛକ ପରିକ୍ରମା କରି ଉପଜିଲାପାଳ ଅଫିସ ପରିସରରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ । ଜୟବ୍ରତଙ୍କ ସମର୍ଥକମାନେ ପ୍ଲାକାଡ ଧରି ଦୁଲଦୁଲିର ତାଳରେ ନୃତ୍ୟ କରିଥିବା ଦେଖିବାକୁ ମିଳିଥିଲା । ସେହିପରି କିନ୍ନରମାନେ ମଧ ସାମିଲ ହୋଇ ସ୍ଲୋଗାନ ଦେଇଥିଲେ। ଆନନ୍ଦିତ ଦାଶ, ଡା. ପୁରୁଷୋତ୍ତମ ଅଗ୍ରୱାଲ, ଆଇନଜୀବୀ ସୁରେନ୍ଦ୍ର ମହାନ୍ତି, କାଳିବାଡି ଟ୍ରଷ୍ଟ ସଭାପତି ସଞ୍ଜିବ ସୋମ, ଇଂ. ନିର୍ମଳ କୁମାର ଦାଶ, ଜି ରାଜୀବ, ଅଭିକାନ୍ତ ସବଲାକା, ଭାସ୍କର ଝା, ଶିବ ନାରାୟଣ ମୁଣ୍ଡା, ଶେଖ ମଜିଦ ପ୍ରସ୍ତାବକ ଭାବେ ରହିଛନ୍ତି । ଏଥିସହ ଲକ୍ଷ୍ୟ ଘର ଗଣତାନ୍ତ୍ରିକ ଦଳର ସମ୍ବଲପୁର ବିଧାୟକ ପ୍ରାର୍ଥୀ ଭାବେ ସୁବଳ ସିଂ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ରମେଶ ସିଂ, ଉମା କିଶାନ, ସୁରେନ୍ଦ୍ର ସିଂ ପ୍ରସ୍ତାବକ ଅଛନ୍ତି । ସମ୍ବଲପୁର ଲୋକସଭା କ୍ଷେତ୍ର ସକାଶେ ସ୍ୱାଧୀନ ପ୍ରାର୍ଥୀ କାହ୍ନୁରାମ ସାନବଡ ଜିଲାପାଳଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ମାନଗୋବିନ୍ଦ ପ୍ରଧାନ ପ୍ରସ୍ତାବକ ଓ ଗିରିଧାରୀ ସାହୁ, ଶୋଭାମଣୀ ପ୍ରଧାନ, ମହମ୍ମଦ ଜାହିର, ପ୍ରେମଶିଳା ବାଗ, କଣ୍ଟେଶ୍ୱର ବେସନ, ଚନ୍ଦ୍ରମଣି କୁମାର, ନିତୁ କୁମାର, ବାଞ୍ଛାନିଧି ବାଗ ସମର୍ଥକ ରହିଛନ୍ତି । ଗୁରୁବାର ତୃତୀୟ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ କରିବାର ଶେଷ ତାରିଖ ରହିଛି । ତେଣୁ ବିଜେଡି ଲୋକସଭା ପ୍ରାର୍ଥୀ ନଳିନୀ ପ୍ରଧାନ, କଂଗ୍ରେସ ଲୋକସଭା ପ୍ରାର୍ଥୀ ଶରତ ପଟ୍ଟନାୟକ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ପ୍ରଫେସର ଅଶ୍ୱିନୀ ପୂଜାରୀ ନାମାଙ୍କନ ପତ୍ର ଦାଖଲ କରିବାକୁ ଦଳ ପକ୍ଷରୁ ସୂଚୀତ କରାଯାଇଛି ।

### କୁଚିଣ୍ଡା ନିର୍ବାଚନ ମଣ୍ଡଳୀ

## କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ



କୁଚିଣ୍ଡା ଉପଜିଲାପାଳଙ୍କୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶୋଭାରାମ ପ୍ରଧାନ ନିଜ ନାମାଙ୍କନପତ୍ର ଦେଉଛନ୍ତି ।

**କୁଚିଣ୍ଡା, ୩।୪ (ଡି.ଏନ.ଏ.)**

କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ (ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ) ବିଧାୟକ ଆସନରୁ କଂଗ୍ରେସ ପ୍ରାର୍ଥୀ ଶୋଭାରାମ ପ୍ରଧାନ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପଡିଆଠାରୁ ଏକ ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ଗହଣରେ ଆସି କୁଚିଣ୍ଡା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ତାଙ୍କର ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେ । କୁଚିଣ୍ଡା ଏନଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, ଅଖିଳ ପ୍ରତାପ ସିଂ, ବିରଞ୍ଚି ସାହୁ, ଆରତୀ ନାୟକ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ସ୍ୱାଧୀନ ପ୍ରାର୍ଥୀ ଜୟଲାଲ

**ରେଢାଖୋଲ,୩।୪(ଡି.ଏନ.ଏ)**

ରେଢାଖୋଲ ବିଧାନସଭା ଆସନ ପାଇଁ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଜୟଲାଲ ବେହେରା ବୁଧବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଜୟଲାଲ ତାଙ୍କ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ହେଁ ପ୍ରାର୍ଥୀପତ୍ର ଦାଖଲ କରିପାରି ନଥିଲେ। ନାମାଙ୍କନ ପତ୍ର ସଂପୂର୍ଣ୍ଣ ହୋଇ ନ ଥିବାରୁ ଦାଖଲ କରି ନ ଥିଲେ ବୋଲି କହିଥିଲେ। ସାହାସପୁରର ପୂର୍ବତନ ସରପଞ୍ଚ ଶିବ ସାହୁ, ବିଜେଡିର ପୂର୍ବତନ ଜିଲା ସଭାପତି ରାଧାକାନ୍ତ ବହିଦାର, ପାର୍ଥସାରଥି ସାହୁ, ମନୋଜ ମିଶ୍ର ପ୍ରମୁଖ ଜୟଲାଲଙ୍କ ସହିତ ପ୍ରାର୍ଥୀପତ୍ର ଦାଖଲବେଳେ ଉପସ୍ଥିତ ଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କଲେ ଆଲଫା

**ରେଢାଖୋଲ,୩।୪(ଡି.ଏନ.ଏ)**

ଭାଜପାର ବିଦ୍ରୋହୀ ପ୍ରାର୍ଥୀ ସମର କୁମାର ପ୍ରଧାନ (ଆଲଫା)ବୁଧବାର ସ୍ୱାଧୀନ ପ୍ରାର୍ଥୀ ଭାବେ ରେଢାଖୋଲ ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ୨ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମର୍ଥକଙ୍କ ଗହଣରେ ସ୍ଥାନୀୟ ରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପୂର୍ବକ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବରିଷ୍ଠ ଆଇନଜୀବୀ ଜଗନ୍ନାଥ ବିଶ୍ୱାଳ, ନୀଳମାଧବ ମହାକୁଡ, କୁମାରେଶ ସ୍ୱାଇଁ, ସ୍ୱରୁପ ସମ୍ପଦ ପ୍ରଧାନ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ ବେଳେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ । ଭାଜପାରୁ ରେଢାଖୋଲ ଆସନ ପାଇଁ ସମର କୁମାର ପ୍ରଧାନ ଟିକେଟ ଆଶାୟୀ ଥିଲେ । ହେଲେ ଶେଷ ସମୟରେ ଦେବେନ୍ଦ୍ର ମହାପାତ୍ରଙ୍କୁ ରେଢାଖୋଲରୁ ପ୍ରାର୍ଥୀ ଭାବେ ଭାଜପା ଘୋଷଣା କରିଥିଲା। ଦେବେନ୍ଦ୍ରଙ୍କୁ ପ୍ରାର୍ଥୀ ଘୋଷଣା ହେବେ ପରେ ସମରଙ୍କ ସହିତ ଅନ୍ୟତମ ଆଶାୟୀ ଗୋବିନ୍ଦ ଅଗ୍ରୱାଲ, ପ୍ରତାପ କୁମାର ପ୍ରଧାନଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ଭୀମ ଭୋଇ ଛକରେ ଗୋବିନ୍ଦ ଅଗ୍ରୱାଲଙ୍କ ସମର୍ଥକମାନେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସମର ସ୍ୱାଧୀନ ପ୍ରାର୍ଥୀ ହେବା ପରେ ସେ ରେଢାଖୋଲର ସ୍ଥାନୀୟ ପ୍ରାର୍ଥୀ ହୋଇଥିବା ଯୋଗୁ ଭାଜପାର ପ୍ରାର୍ଥୀ ଦେବେନ୍ଦ୍ର ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବା ଆଶଙ୍କା ଦେଖା ଦେଇଛି। ଅପର ପକ୍ଷରେ ଅନ୍ୟତମ ବିଦ୍ରୋହୀ ଗୋବିନ୍ଦ ମଧ ଗୁରୁବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବେ।



ରେଢାଖୋଲ ଉପଜିଲାପାଳଙ୍କୁ ସ୍ୱାଧୀନ ପ୍ରାର୍ଥୀ ସମର କୁମାର ପ୍ରଧାନ (ଆଲଫା)ବୁଧବାର ନିଜ ନାମାଙ୍କନପତ୍ର ପ୍ରଦାନ କରୁଛନ୍ତି ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନସିସ ବେକନ

## ସଂକ୍ଷେପରେ

### ବିଗବଜାରରେ ଅଗ୍ନିଶମ ବିଭାଗର ଚଢ଼ାଉ

**ସମ୍ବଲପୁର, ୩।୪ (ବ୍ୟୁରୋ)-** ସମ୍ବଲପୁର ଫାର୍ମରୋଡ ସ୍ଥିତ ବିଗବଜାରରେ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଅଗ୍ନିଶମ ବିଭାଗ ରେଞ୍ଜ ଅଧିକାରୀ ମନୋରଞ୍ଜନ ଭୋଳଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ଏଥିରେ ୧୬ଜଣ କର୍ମଚାରୀ ଓ ଅଧିକାରୀ ସାମିଲ ଥିଲେ । ସେମାନେ ଚଢ଼ାଉ ବେଳେ ସୁରକ୍ଷାର ବିଭିନ୍ନ ଦିଗ ଯାଞ୍ଚ କରାଯାଇଥିଲା । ସେହିପରି ବିଗବଜାରର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଆଁ ଲାଗିଲେ କିପରି ଯଥାଶୀଘ୍ର ଲିଭା ଯାଇପାରିବ ସେ ନେଇ ସଚେତନ କରାଯାଇଥିଲା ।

### ଭିସୁଟରେ କର୍ମଶାଳା

**ସମ୍ବଲପୁର,୩।୪(ବ୍ୟୁରୋ)-** ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ମେକାନିକାଲ ଇଞ୍ଜିନିୟରିଂ ପକ୍ଷରୁ ସପ୍ତାହ ବ୍ୟାପି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଋତୁପର୍ଣ୍ଣା ପଣ୍ଡା ଓ ପ୍ରଫେସର ଏସ.କେ. ସ୍ୱାଇଁ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଶୁଭାରମ୍ଭ କରିଥିଲେ । ଡ. ପ୍ରଜ୍ଞାପରମିତା ମହାନ୍ତି ଓ ଡ. ସ୍ୱାଗତିକା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ୭୦ ଜଣ ଛାତ୍ରୀଛାତ୍ର, ଶିକ୍ଷକ ଓ ପିଏଚଡି ଛାତ୍ରୀଛାତ୍ର ସାମିଲ ଥିଲେ । ରାଉରକେଲା ଏନଆଇଟିର ଡ. ଅନିନ୍ଦ୍ୟ ବସୁ ବକ୍ତାଭାବେ ଯୋଗ ଦେଇଥିଲେ । ଡ. ଦେବସ୍ମିତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆସନ୍ତା ୬ ତାରିଖ କର୍ମଶାଳା ଉଦ୍‌ଯାପିତ ହେବ।

### ଦୁର୍ଘଟଣାରେ ଶିକ୍ଷୟିତ୍ରୀ ମୃତ

**ସମ୍ବଲପୁର, ୩।୪ (ବ୍ୟୁରୋ)-** ସମ୍ବଲପୁର ଧନୁପାଲି ଛକଠାରେ ବୁଧବାର ସକାଳେ ୬ଟାରେ ଟ୍ରକ୍ ଦୁର୍ଘଟଣାରେ ସ୍କୁଲ ଯାଉଥିବା ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ସଙ୍ଘମିତ୍ରା ମହାପାତ୍ର । ସେ ଭତରା ସାଇବିହାର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ସ୍ତ୍ରୀ। ଧମା ସ୍ଥିତ ମଥୁରାପ୍ରସାଦ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟରତ ଥିଲେ । ସନ୍ଧ୍ୟାରେ କମଲିବଜାର ରାଜଘାଟଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏ ନେଇ ଧନୁପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ସିଜି ୦୪ ଏମଏମ-୨୭୪୮)କୁ ଜବତ କରାଯାଇଛି।

### ଅନାମିକା କ୍ଲବ, ବୀରବଜରଙ୍ଗ ବଳି ବିଜୟୀ

**ସମ୍ବଲପୁର,୩।୪ (ବ୍ୟୁରୋ)-** ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ନକଆଉଟ କ୍ରିକେଟ ପ୍ରତିଯୋଗିତା ବୁଧବାର ମ୍ୟାଚରେ ଅନାମିକା କ୍ଲବ ଓ ବୀର ବଜରଙ୍ଗ ବଳି ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଅନାମିକା କ୍ଲବ ବନାମ ଗୋପବନ୍ଧୁ କ୍ଲବ ମଧରେ ହୋଇଥିଲା । ଏଥିରେ ଅନାମିକା କ୍ଲବ ୩ ଉଇକେଟରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ବୀରବଜରଙ୍ଗ ବଳି ୩୬ ରନ ବ୍ୟବଧାନରେ ରୟାଲ କ୍ଲବକୁ ହରାଇଥିଲା । ସୟଦ ଜାକି ଓ ସଦାମ ମ୍ୟାଚ ପରିଚାଳନା କରିଥିଲେ । ନବୀନ ରାଉଳ ସ୍କୋରର ଥିଲେ ।






ବିଜେଡି ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନିଜର ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି(ବାମ)। କୋଶଳ ଜନତା ଦଳ ବିଧାୟିକା ପ୍ରାର୍ଥିନୀ ଅଳକା ପ୍ରଧାନ ଶୋଭାଯାତ୍ରାରେ ଯାଉଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ବିଜେଡି, କୋଶଳ ଜନତା ଦଳ ପ୍ରାର୍ଥୀ

**ଦେବଗଡ,୩।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ୨୦୧୯ ନିମନ୍ତେ ଦେବଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ସ୍ଥାନୀୟ କଚେରୀ ଠାରେ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସର ବ୍ରଜବନ୍ଧୁ ଭୋଇଙ୍କ ଉପସ୍ଥିତିରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ଦଳ ତରଫରୁ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଶତାଧିକ ଦଳୀୟ ସମର୍ଥକ ତଥା କର୍ମୀଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ଦୁଲଦୁଲି ବାଜା, ମହିଳା ସଂକୀର୍ତ୍ତନ,ପୁରୁଷ ସଂକୀର୍ତ୍ତନ ଦଳ, ସାଉଣ୍ଡ ସିଷ୍ଟମ, ଘଣ୍ଟବାଦ୍ୟ ସହ ଦଳୀୟ ସ୍ଲୋଗାନ ଦେଇ ନଗର ପରିକ୍ରମା କରିବା ପରେ କଚେରୀ ନିକଟସ୍ଥ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଧାୟକ ପ୍ରାର୍ଥୀ ବିଶ୍ୱାଳ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ପ୍ରାର୍ଥିପତ୍ର ଦାଖଲ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସଂଜିତ ମହାନ୍ତି, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ନିବେଦିତା ନାୟକ, ଜିଲା ପରିଷଦ ସଭ୍ୟା ନିଶାନୀ ବେହେରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌରାଧକ୍ଷା ଅନୀତା ପାତ୍ର, ଜିଲା ବିଜେଡି ସଭାନେତ୍ରୀ ପ୍ରମିଳା ଟିଗା, କାମାକ୍ଷା ଗଙ୍ଗଦେବ, ବିଜେଡି କୃଷକ ସେଲ ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ,ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବିଭୂତି ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା ଆୟୋଜନରେ ସୁଜିତ ପ୍ରଧାନ, ଆଲୋକ ଅମାନ୍ତ, ବିଷ୍ଣୁପ୍ରସାଦ ଅମାତ୍ୟଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ । ସେହିପରି କୋଶଳ ଜନତା ଦଳ ପକ୍ଷରୁ ବିଧାୟିକା ପ୍ରାର୍ଥିନୀ ଅଳକା ପ୍ରଧାନ ନିଜର ସମର୍ଥକ ତଥା ଦଳର ସଭାପତି ପର୍ଶୁରାମ ବେହେରା, ଦୟାନିଧି ବେହେରା,ଦଳଗୋବିନ୍ଦ ସାମଲ, ମହେଶ୍ୱର ପ୍ରଧାନଙ୍କ ସହ ଅନ୍ୟ କର୍ମୀଙ୍କ ଗହଣରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ ।

# କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ

**ସମ୍ବଲପୁର, ୩।୪ (ବ୍ୟୁରୋ)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନରେ ବୁଧବାର ରାଜ୍ୟ ବ୍ୟାପି ସିଜିନାଲ କର୍ମଚାରୀ ୱାଚର, ମେଟ, ବନ୍ଧେଇ ଶ୍ରମିକ, କେନ୍ଦୁପତ୍ର ତୋଳାଳିମାନେ ବିଭିନ୍ନ ଦାବିରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସେମାନେ କଳାବ୍ୟାଜ ପରିଧାନ କରି ରାଜ୍ୟ ସରକାରଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହି କ୍ରମରେ ବୁଧବାର ସମ୍ବଲପୁର ମୋତିଝରନସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସ ସମ୍ମୁଖରେ ପ୍ରତିକାତ୍ମକ ଆନ୍ଦୋଳନ କରାଯାଇଥିଲା । ରାଜ୍ୟ ସଂଘ ସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ଗୋକୁଳ ମେହେର, ରେଞ୍ଜ ସମ୍ପାଦକ ଭକ୍ତବନ୍ଧୁ ମାଝୀ, ଡିଲେଶ୍ୱର ପ୍ରଧାନ, ତରଣୀସେନ ସାହୁ, ରଣଧିର ସାହୁ, ଲକ୍ଷ୍ମଣ ସାହୁ, ପାଣ୍ଡବ ପ୍ରଧାନ, ରସାନନ୍ଦ କାଣ୍ଡ, ବିରଞ୍ଚି ମାଝୀ, ଆନନ୍ଦ ମିର୍ଦ୍ଧା, କୃଷ୍ଣ ବାଗ, ରାଜେନ୍ଦ୍ର ସାହୁ, ସତ୍ୟନାରାୟଣ ମହାକୁଳ, ସାଲିନୀ ଟପ୍ପୋ, ଏଡଲିନ୍ ସାମତ ସାମିଲ ଥିଲେ ।




ସମ୍ବଲପୁର ମୋତିଝରନସ୍ଥିତ ରେଞ୍ଜ ଅଫିସରେ କେନ୍ଦୁପତ୍ର ଶ୍ରମିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି ।

■ ଭାଜପାର ୪ ବିଧାୟକ ପ୍ରାର୍ଥୀ ଘୋଷଣା

# ନିଆଳିରୁ ଛବି, ବସ୍ତାରୁ ରଘୁ

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଚମ୍ପୁଆ: ମୁରଲୀ ଶର୍ମା
ଭୋଗରାଇ: ମାନସ ମହାନ୍ତି
ବସ୍ତା: ରଘୁନାଥ ମହାନ୍ତି
ନିଆଳି: ଛବି ମଲ୍ଲିକ

■ ଜଗତ୍‌ସିଂହପୁର ଲୋକ ସଭା ଆସନକୁ ନେଇ ଚର୍ଚ୍ଚା

ଭାଜପା ପକ୍ଷରୁ ବୁଧବାର ରାତିରେ ୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ନିକଟରେ ବିଜେଡି ଛାଡି ପଦ୍ମ ଧରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ଦଳ ବସ୍ତାରୁ ପ୍ରାର୍ଥୀ କରିଛି। ସେହିପରି ନିଆଳିରୁ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ଏବଂ ପରେ ଭାଜପାରେ ଯୋଗ ଦେଇଥିବା ଛବି ମଲ୍ଲିକଙ୍କୁ ଦଳ ସେହି ଆସନରୁ ପ୍ରାର୍ଥୀ କରିଛି।

ବର୍ତ୍ତମାନ ସୁଦ୍ଧା ଭାଜପା ପକ୍ଷରୁ ୧୪୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦିଆସରିଛି। କେବଳ କେନ୍ଦ୍ରାପଡା ଓ କାକଟପୁର ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ପୂର୍ବରୁ କାକଟପୁର ପାଇଁ ତୁଷାରକାନ୍ତି ବେହେରାଙ୍କ ନାମ ଘୋଷଣା କରାଯାଇଥିଲା । ହେଲେ ତୁଷାର ମଙ୍ଗଳବାର ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ସେଠାରେ ଭାଜପା ଏକ ନୂଆ ପ୍ରାର୍ଥୀ ଦେବ। ସେହିପରି ଭାଜପା ୨୦ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଥିବାବେଳେ ଜଗତ୍‌ସିଂହପୁର ଆସନ ପାଇଁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡାନ୍ତ ହୋଇପାରି ନାହିଁ। ଏହି ଲୋକ ସଭା ଆସନ ପାଇଁ ପୂର୍ବତନ ଏମ୍‌ପି ତଥା କଂଗ୍ରେସର ତିର୍ତ୍ତୋଲ ପ୍ରାର୍ଥୀ ବିଭୂ ପ୍ରସାଦ ତରାଇଙ୍କୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। କାରଣ ବିଭୂ ବୁଧବାର ସନ୍ଧ୍ୟାରେ କଂଗ୍ରେସରୁ ଇସ୍ତଫା ଦେବା ସହ ବିଜେଡି ଓ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ଉଭୟ ଦଳ ବିରୋଧରେ ବିଷୋଦ୍‌ଗାର କରିଥିବାରୁ ବିଭୂ ଭାଜପାରେ ସାମିଲ ହୋଇ ଟିକେଟ୍ ପାଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଚମ୍ପୁଆ ଆସନ ପାଇଁ ଭାଜପା ମୁରଲୀ ଶର୍ମାଙ୍କୁ ଟିକେଟ ଦେଇଛି। ଏହି ଆସନରେ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ଭୋଗରାଇ ଆସନରେ ମାନସ ମହାନ୍ତି ଭାଜପାର ପ୍ରାର୍ଥୀ ହୋଇଛନ୍ତି।

# ବେଆଇନ ବନ୍ଧୁକ, ଗୁଳି ସହ ଜଣେ ଗିରଫ

**ରେଙ୍ଗାଲି, ୩।୪ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ଗ୍ରାମରେ ପୋଲିସ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ଏକ ବନ୍ଧୁକ ଓ ୩ଟି ଗୁଳି ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତି ଗିରଫ ହୋଇଛନ୍ତି। ସେ ହେଲେ ମହମ୍ମଦ ସାମି (୪୬)। ବୁଧବାର ରାତିରେ ସମ୍ବଲପୁର ଅଇଁଠାପାଲିସ୍ଥିତ ନିଜ ଅଫିସରେ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ଏହି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତରିଆ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ବନ୍ଧୁକ ଓ ମାରଣାସ୍ତ୍ର ଯାଞ୍ଚ କରି ଜବତ କରାଯାଉଛି।



ଅଭିଯୁକ୍ତ ମହମ୍ମଦ ସାମି ।

# ଦୁର୍ଘଟଣାରୁ ବର୍ତ୍ତିଲା କୋଇଲା ବୋଝେଇ ଟ୍ରକ

**ଡୁଙ୍ଗୁରିପାଲି,୩।୪ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାମପୁର ରୋଡରେ ବୁଧବାର ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ମିଳିଥିବା ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶାଖାପାଟନାରୁ ଝାରସୁଗୁଡ଼ା ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ (ନଂ.ୟୁପି ୮୧ ବିଟି ୪୬୪୫) ଡୁଙ୍ଗୁରିପାଲି ରାମପୁର ରୋଡ ରେଳ ଫାଟକ ନିକଟରେ ଅନ୍ୟ ଏକ ଗାଡିକୁ ସାଇଡ ଦେବା ଯାଇ ରାସ୍ତା କଡରେ ଦବି ଯାଇ ଅଧା ଓଲଟିବା ଅବସ୍ଥାରେ ରହିଯାଇଥିଲା । ଅପରାହ୍ନରେ ଏକ କ୍ରେନ ସାହାର୍ଯ୍ୟରେ ଟ୍ରକକୁ ବାହାର କରାଯାଇଥିଲା ।

# କେନ୍ଦ୍ରୀୟ ବିଦ୍ୟାଳୟର ଆଞ୍ଚଳିକ ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୩।୪ (ବ୍ୟୁରୋ)**

ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ପକ୍ଷରୁ ଆଞ୍ଚଳିକ ସନ୍ତରଣ ପ୍ରତିଯୋଗିତା ବୁଧବାର ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ ଅନୁଷ୍ଠିତ ହୋଇଯାଇଛି। ୧୪,୧୭ ବର୍ଷରୁ କମ ବାଳିକା ଓ ବାଳକମାନଙ୍କ ମଧ୍ୟରେ ଇଭେଣ୍ଟ ହୋଇଥିଲା । ସେମାନେ ୫୦ ଓ ୧୦୦ ମିଟର ଫ୍ରିଷ୍ଟାଇଲ, ବ୍ରେଷ୍ଟ ଷ୍ଟ୍ରୋକ, ବ୍ରେକଷ୍ଟ୍ରୋକ୍ ଇଭେଣ୍ଟରେ ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀମାନେ ସର୍ବଭାରତୀୟ କେନ୍ଦ୍ରୀୟ ବିଦ୍ୟାଳୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇପାରିବେ । ଶୋହନ ବାରିକ, ଅଶୁଂମାନ ମାରଲି, ସୁମିତ କୁମାର ପଣ୍ଡା, ଭୂପତି ବଢ଼େଇ, ସୋମପ୍ରିତ ପାଣ୍ଡେ, ଗୌତମ ମହାନ୍ତି, ପ୍ରିୟାଂଶୁ ଦାଶ, ଆଦ୍ୟାଶା ବନଛୋର, ମହିକା ମହାକୁଡ, ସୁଭାଙ୍ଗି ବାଗ ପ୍ରମୁଖ ସାମିଲ ଥିଲେ । ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାୟକ, ଚିନ୍ତନ ନାୟକ, ବଦ୍ରିନାରାୟଣ ପୁରୋହିତ, ଦିଲାବର ହୁସେନ, କେନ୍ଦ୍ରୀୟ ବିଦ୍ୟାଳୟ ଖେଳ ଶିକ୍ଷକ ଜୟକୃଷ୍ଣ ପାତ୍ର ଓ ଅଧକ୍ଷ ମନିଶ କୁମାର ଶ୍ରୀବାସ୍ତବଙ୍କ ତତ୍ତ୍ୱାବଧାନରେ ଇଭେଣ୍ଟ ହୋଇଥିଲା ।



ସମ୍ବଲପୁର ଡା. ଝସକେତନ ସୁଇମିଂ ପୁଲଠାରେ ଅତିଥି ଓ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ ।

# ଜିଲା କୃଷକ ସଂଘର୍ଷ ସମିତିର ଚାଷୀ ମହାସଭା

**ଦେବଗଡ଼, ୩।୪(ସ୍ୱ.ପ୍ର.)**

ବାରକୋଟ ବ୍ଲକ ଅଧୀନ ଦନ୍ତାରିବହାଲ ଗ୍ରାମରେ ଜିଲା କୃଷକ ସଂଘର୍ଷ ସମିତିର ଏକ ଚାଷୀ ମହାସଭା ଆୟୋଜନ ହୋଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ନୂତନ କର୍ମକର୍ତ୍ତା ଚୟନ ବୁଧବାର ଆୟୋଜନ କରାଯାଇଥିଲା। ଚାଷୀ ନେତା ରୋହିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହ ସର୍ବସମ୍ମତିକ୍ରମେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଦାବି ମୁତାବକ ଆସନ୍ତା ବର୍ଷ ମଧ୍ୟରେ ଦେବଗଡ ଜିଲାର ୩ ଟି ବ୍ଲକ ମଧ୍ୟରେ ୩ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ଜିଲା ସଭାପତି ଭାବେ ସର୍ବସମ୍ମତିକ୍ରମେ ସେମ୍ ହେମରମ୍, ଉପସଭାପତି ସଚ୍ଚିଦାନନ୍ଦ ବେହେରା, ସମ୍ପାଦକ ଗୁଣନିଧୀ ବେହେରା, ସହ ସମ୍ପାଦକ ସୌଭାଗ୍ୟ ସାହୁଙ୍କୁ ଚୟନ କରାଯାଇଥିଲା। ସଦସ୍ୟ ଭାବେ ଭାଗିରଥୀ କୁମୁରା, ପ୍ରଭାତ କୁମାର ସାହୁ, ଦେବରାଜ ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ବେଦବର ଭୋଇ, ରାମଚନ୍ଦ୍ର ପ୍ରଧାନ, ବିରଞ୍ଚି ନାରାୟଣ ସାହୁ, ସିଦ୍ଧେଶ୍ୱର ପ୍ରଧାନ, ଟଙ୍କଧର ପ୍ରଧାନଙ୍କ ସମେତ ବହୁସଂଖ୍ୟକ ଚାଷୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ସଂସ୍କୃତ ଶିକ୍ଷକ ସମ୍ମିଳନୀ

**ଦେବଗଡ଼, ୩।୪ (ସ୍ୱ.ପ୍ର.)**

ସ୍ଥାନୀୟ ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟରେ ଦେବଗଡ଼ ଜିଲା ସଂସ୍କୃତ ଶିକ୍ଷକମାନଙ୍କର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଦୈତାରି ପ୍ରସାଦ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦାୟୀ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ, ସଂସ୍କୃତ ଶିକ୍ଷକ ଚୈତନ୍ୟ କୁମାର ମିଶ୍ର ଓ ଚକ୍ରଧର ଦାସଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସଂସ୍କୃତ ଭାଷାର ବିକାଶ ସାଧନ ପାଇଁ ଶପଥ ନେବା ସହ କାର୍ଯ୍ୟକ୍ରମରେ ସକ୍ରୀୟ ସହଯୋଗ କରିଥିଲେ। ଦୃଷ୍ଟିକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ମଞ୍ଚାସୀନ ଅତିଥି ବୃନ୍ଦ।

# ଅଘରିଆ ସମାଜର ରାଜ୍ୟସ୍ତରୀୟ ମହାସମ୍ମିଳନୀ ଉଦ୍‌ଯାପିତ

**ବାମରା, ୩।୪ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କେଶାଇବାହାଲସ୍ଥିତ ପିଡିଆର କଲେଜ ପ୍ରାଙ୍ଗଣରେ ଚାଲିଥିବା ଅଘରିଆ ସମାଜର ରାଜ୍ୟସ୍ତରୀୟ ମହା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ପଞ୍ଚମ ମହା ସମ୍ମିଳନୀକୁ ସମାଜର ରାଜ୍ୟ ସଭାପତି ଗଙ୍ଗାଧର ନାଏକ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବାଇକ ଶୋଭାଯାତ୍ରା, ଲଇଡାଠାରେ ମାଟିପୂଜା, ହୋମଯଜ୍ଞ ଏବଂ କେଶାଇବାହାଲରେ ମାତୃଶକ୍ତିମାନଙ୍କ ଦ୍ୱାରା ଭବ୍ୟ କଳସଯାତ୍ରା, ଧ୍ୱଜ ଉତ୍ତୋଳନ ପରେ ସମାଜର ଇଷ୍ଟ ଦେବତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଦ୍ୱିତୀୟ ଦିବସରେ ଗଙ୍ଗାଧର ନାଏକଙ୍କ ସଭାପତିତ୍ୱରେ ରାଜ୍ୟ ସମବାୟ ମହାସଂଘ ସଭାପତି ବିରେନ୍ଦ୍ର ପଟେଲ, ଝାରସୁଗୁଡା ବେଦାନ୍ତ ଗ୍ରୁପର ଡା. ସୁଧାମୟ ପଟେଲ, ନେହେରୁ ଯୁବ କେନ୍ଦ୍ରର ବରିଷ୍ଠ ଅଧିକାରୀ ଇନ୍ଦ୍ରଜିତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବାମଣ୍ଡା ଆଞ୍ଚଳିକ କମିଟି ସମ୍ପାଦକ ସୁବୋଧ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବୁର୍ଲା ରକ୍ତଭଣ୍ଡାରରୁ ଡାକ୍ତରୀ ଟିମ୍ ଆସି ୪୦ ୟୁନିଟ ଓ କୁଚିଣ୍ଡା ରକ୍ତଭଣ୍ଡାରରୁ ଡାକ୍ତରୀ ଟିମ ୨୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ଡାକ୍ତର ଦେବାଶିଷ ମିଶ୍ର ଓ ଟେକନିସିଆନ୍ ପ୍ରମୋଦ ପଟେଲଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲ। ସୁଦିପ୍ତ ପଟେଲ, ତାପସ ପଟେଲ, ଉମାକାନ୍ତ ପଟେଲ, ସଞ୍ଜୟ ପଟେଲ, ଦୀପେଶ ପଟେଲ ଓ ପ୍ରତାପ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ମଧ ଆୟୋଜନ ହୋଇଥିଲା। ମୋବାଇଲ ହେଲଥ ୟୁନିଟ ପକ୍ଷରୁ ଡାକ୍ତରମାନେ ଆସି ପରୀକ୍ଷା ନିରିକ୍ଷା କରି ମାଗଣାରେ ଔଷଧପତ୍ର ବଣ୍ଟନ କରିଥିଲେ। ଅଭାର୍ଥନା କମିଟି ସଭାପତି ରଜନୀକାନ୍ତ ପଟେଲ ସ୍ୱାଗତଭାଷଣ ଦେଇଥିବା ବେଳେ କୁମୁଦିନୀ ପଟେଲଙ୍କ ଟିମ୍ ପାଲା ପରିବେଷଣ କରିଥିଲେ । ସେହିଭଳି ଅନ୍ତିମ ଦିବସର ଉଦ୍‌ଯାପନୀ ସଭାରେ ସ୍ଥାନୀୟ କଲେଜ ଅଧ୍ୟକ୍ଷ ଜୟପ୍ରକାଶ ପଟେଲ, ସଂଗଠନ ସମ୍ପାଦକ ସୁବାଷ ଚନ୍ଦ୍ର ନାୟକ, ବାମଣ୍ଡା ଆଞ୍ଚଳିକ କମିଟି ସଭାପତି ବନମାଳୀ ନାୟକ, କେଶାଇବାହଲ ମଣ୍ଡଳ ସଭାପତି ମିତ୍ରଭାନୁ ପଟେଲ, ଗୁଡି ସଭାପତି ମନୋରଞ୍ଜନ ପଟେଲ ଯୋଗ ଦେଇଥିଲେ। ଏହା ସହିତ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ର ଓ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବାମଣ୍ଡା ଆଞ୍ଚଳିକ କମିଟି ସମ୍ପାଦକ ସୁବୋଧ କୁମାର ପଟେଲ ଧନ୍ୟବାଦ ଦେଇଥିଲେ । ଆସନ୍ତା ବର୍ଷ ଉକ୍ତ ସମ୍ମିଳନୀ ସୁନ୍ଦରଗଡ ଜିଲା ସଦର ବ୍ଲକ ସାଲେପାଲିଠାରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ରଜନୀ ପଟେଲ, ଜୟନ୍ତୀ ପଟେଲ, କଲ୍ୟାଣୀ ପଟେଲ, ସଞ୍ଜୟ ପଟେଲ, ସମୀର ପଟେଲ, ସନ୍ତୋଷ ପଟେଲ, ନିଳାଦ୍ରୀ ପଟେଲ, ଭିକାରୀ ପଟେଲଙ୍କ ସମେତ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।



ଅଘରିଆ ସମାଜର ରାଜ୍ୟସ୍ତରୀୟ ମହାସମ୍ମିଳନୀରେ ସଦସ୍ୟାମାନେ।

■ ମଇଦାନରେ ୩ ପୁରୁଣା ପ୍ରାର୍ଥୀ

# ବାରବାଟୀ-କଟକରେ ତ୍ରିମୁଖୀ ଲଢ଼େଇ

ନିର୍ମଳ ପଣ୍ଡା
କଟକ ଅଫିସ, ୩।୪


ଦେବାଶିଷ ସାମନ୍ତରାୟ


ସମୀର ଦେ


ମହମ୍ମଦ ମୋକିମ୍

ବାରବାଟୀ-କଟକ ବିଧାନସଭା ଆସନ ପାଇଁ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡିରୁ ଏଠାକାର ଦୁଇଥରର ବିଧାୟକ ଦେବାଶିଷ ସାମନ୍ତରାୟ, ଭାଜପାରୁ ପୂର୍ବତନ ମନ୍ତ୍ରୀ ସମୀର ଦେ ଓ କଂଗ୍ରେସରୁ ୨୦୧୪ର ପରାଜିତ ପ୍ରାର୍ଥୀ ମହମ୍ମଦ ମୋକିମ ପ୍ରାର୍ଥୀ ହୋଇଛନ୍ତି। ମଙ୍ଗଳବାର ଏହି ୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କଲେ ବାରବାଟୀ-କଟକ ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ୩ ଜଣ ଯାକ ପ୍ରାର୍ଥୀ ଏଠାରେ ପୁରୁଣା।

ବିଧାୟକ ଦେବାଶିଷ ସାମନ୍ତରାୟ ଏଠାରୁ ୨୦୦୯ ଓ ୨୦୧୪ରେ ବିଜୟୀ ହୋଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସମୀର ଦେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ଅର୍ଥାତ୍ କଟକ ସହର ଆସନରୁ ୧୯୯୫ରୁ ଲଗାତର ୩ ଥର ବିଜୟୀ ହୋଇଛନ୍ତି। ମୁଖ୍ୟତଃ ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ ବିଜେଡି-ଭାଜପା ଭାଗୁଆଳି ସରକାରରେ ସମୀର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ମଧ୍ୟ ହୋଇଛନ୍ତି। ସେହିପରି ମହମ୍ମଦ ମୋକିମ ନଗର କଂଗ୍ରେସ ସଭାପତି ରହିବା ସହିତ ୨୦୧୪ରେ ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ନିର୍ବାଚନ ହାରିଥିଲେ। ତେଣୁ ୩ ଜଣ ପ୍ରାର୍ଥୀ ଭୋଟରଙ୍କ ପାଖରେ ପୁରୁଣା।

୨୦୧୪ ନିର୍ବାଚନରେ ସମୀର ଦେ ବାରବାଟୀ-କଟକ ବିଧାନସଭା ଆସନ ବଦଳରେ କଟକ ଏମ୍‌ପି ଆସନରୁ ପ୍ରାର୍ଥୀ ହୋଇଥିଲେ। ଭାଜପା ଏଠାରେ ସମୀରଙ୍କ ବଦଳରେ ପ୍ରଦୀପ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ୧୪ହଜାର ୨୯୮ ଭୋଟରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମହମ୍ମଦ ମୋକିମଙ୍କୁ ପରାସ୍ତ କରିଥିଲେ। ଦେବାଶିଷ ୫୭ହଜାର ୬୩୩ ଭୋଟ ପାଇଥିବା ବେଳେ ମୋକିମ ୪୩ହଜାର ୩୩୫ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ସ୍ୱାଇଁ ୨୦ହଜାର ୫୫୨ ଖଣ୍ଡ ଭୋଟ ପାଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟ ବିଜେଡି ଓ ଭାଜପାରୁ ଟିକେଟ ପାଇଁ ଅନେକ ଆଶାୟୀ ଥିବାବେଳେ ଶେଷରେ ବିଜେଡିରୁ ଦେବାଶିଷ ଓ ଭାଜପାରୁ ସମୀର ଟିକେଟ ପାଇଛନ୍ତି। ତେଣୁ ଟିକେଟ ଲବି କରି ବିଫଳ ହୋଇଥିବା ନେତାମାନଙ୍କ ଭୂମିକା କ'ଣ ରହିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ମୋଟାମୋଟି ଭାବେ ଟିକେଟ ଲବିରେ ବିଫଳ ହୋଇଥିବା ନେତାମାନେ ଦଳୀୟ କାର୍ଯ୍ୟାନୁଷ୍ଠାନ ଭୟରେ ଗଣମାଧ୍ୟମ ସାମ୍ନାରେ କିଛି ବି କହିବାକୁ ରାଜି ହୋଇନାହାନ୍ତି। କିନ୍ତୁ ଉଭୟ ବିଜେଡି ଓ ଭାଜପାର କେତେଜଣ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, କିଭଳି ଏମାନଙ୍କ ଚେର କଟାଯିବ ସେ ନେଇ ରୋଡ ମ୍ୟାପ ପ୍ରସ୍ତୁତ ସରିଛି।

କଂଗ୍ରେସରେ ମଧ୍ୟ ସମାନ ଅବସ୍ଥା। କଟକ ସହର ଆସନରୁ ପୂର୍ବରୁ ସୁରେଶ ମହାପାତ୍ର ୨୦୦୪ ଓ ୨୦୦୯ରେ ପ୍ରାର୍ଥୀ ହୋଇ ପରାଜୟବରଣ କରିଥିଲେ। ୨୦୧୪ରେ ଦଳ ସୁରେଶଙ୍କୁ ଚୌଦ୍ୱାର-କଟକ ଆସନକୁ ପଠାଇ ବାରବାଟୀ-କଟକରୁ ମହମ୍ମଦ ମୋକିମଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସୁରେଶ ବାରବାଟୀ-କଟକ ପାଇଁ ଲବି କରି ବିଫଳ ହୋଇଥିଲେ। କୁହାଯାଏ ଯେ, ସୁରେଶଙ୍କ ସମର୍ଥକମାନେ ପୂର୍ଣ୍ଣମାତ୍ରାରେ ମୋକିମଙ୍କୁ ସହଯୋଗ ନ କରିବାରୁ ମୋକିମ ୨୦୧୪ରେ ପରାଜୟବରଣ କରିଥିଲେ। ଏବେ ସୁରେଶ ନିର୍ବାଚନ ଲଢିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ମଧ୍ୟ ତାଙ୍କ ସମର୍ଥକମାନଙ୍କ ଭୂମିକା କ'ଣ ହେବ ତାହା ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ କୁହନ୍ତି, ବାରବାଟୀ-କଟକରେ ବିଜେଡି ଦୃଢ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଜନକଲ୍ୟାଣକାରୀ କାର୍ଯ୍ୟ ପୁନର୍ବାର ବିଜେଡିକୁ ଏଠାରେ ବିଜୟୀ କରାଇବ। କଂଗ୍ରେସ ପ୍ରାର୍ଥୀ ମୋକିମ କୁହନ୍ତି, ଉଭୟ ବିଜେଡି ଓ ଭାଜପା କଟକ ସହର ପାଇଁ କିଛି କରିନାହାନ୍ତି। ସହରବାସୀ ରାତି ପାହିଲେ ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି। କଟକ ମହାନଗର ନିଗମ ସହରବାସୀଙ୍କ ସମସ୍ୟା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେଣୁ କଟକବାସୀ କଂଗ୍ରେସକୁ ବିଜୟୀ କରାଇବେ ବୋଲି ସେ ଦୃଢ ଆଶାବାଦୀ ଅଛନ୍ତି। ଭାଜପା ପ୍ରାର୍ଥୀ ସମୀର ଦେ କହିଛନ୍ତି ଲୋକେ ଆମକୁ ଖୋଜୁଛନ୍ତି। ଆମ ସମୟରେ ଯେତିକି ବିକାଶ ହୋଇଥିଲା ସେତିକିରେ ରହିଛି। ବିଗତ ଦୁଇଟି ଅବଧିରେ କଟକ ବିକାଶରେ ତାଲା ଝୁଲୁଛି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ଓ ରାଜ୍ୟରେ ପରିବର୍ତ୍ତନର ହାୱା ଭାଜପାକୁ ବିଜୟୀ କରାଇବ।

ସୂଚନାଥାଉ କି, ସର୍ବଶେଷ ଭୋଟର ତାଲିକା ଅନୁଯାୟୀ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୨୭ହଜାର ୭୭୭ ଜଣ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦,୦୯୨ ମହିଳା ଭୋଟର ଥିବାବେଳେ ୧,୧୭,୬୬୫ ପୁରୁଷ ଓ ୨୦ ଜଣ ଅନ୍ୟ ବର୍ଗର ଭୋଟର ରହିଛନ୍ତି।

## ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି


ଭର୍ତ୍ତୃହରି ମହତାବ


ପଞ୍ଚାନନ କାନୁନ୍‌ଗୋ


ପିନାକୀ ମିଶ୍ର


ପ୍ରକାଶ ମିଶ୍ର


କେ.ପି. ସିଂଦେଓ


ଅନନ୍ତ ନାଏକ


ଅଶୋକ ପଣ୍ଡା


ଅରବିନ୍ଦ ଢାଲି


ସୌଭିକ୍ ବିଶ୍ୱାଳ


ଚନ୍ଦ୍ରସାରଥି ବେହେରା


ଗଣେଶ୍ୱର ବେହେରା


ଜୟଦେବ ଜେନା


ସମୀର ଦାଶ


ପ୍ରଦୀପ ମହାରଥି


ମହେଶ୍ୱର ମହାନ୍ତି


ଦେବୀରଞ୍ଜନ ତ୍ରିପାଠୀ


ଅରୁପ ପଟ୍ଟନାୟକ


ରଣେନ୍ଦ୍ର ପ୍ରତାପ ସ୍ୱାଇଁ


ପୃଥ୍ୱୀରାଜ ହରିଚନ୍ଦନ

■ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ

# ଲୋକେ ମୌଳିକ ସୁବିଧା ପାଇବା ଆବଶ୍ୟକ

ଲହୁଣୀପଡା, ୩।୪ (ଡି.ଏନ.ଏ)



ଭାଜପାର ବିଜୟ ସଂକଳ୍ପ ସମାବେଶରେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ ନେତା ମଞ୍ଚାସୀନ।

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ଗୌଡଣୀପୋଷ ଫୁଟବଲ ପଡିଆରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଯୋଗଦେଇ ଲୋକେ ମୌଳିକ ସୁବିଧା ପାଇବା ଆବଶ୍ୟକ ବୋଲି କହିଥିଲେ। ଓଡିଶା ସରକାର ଲୋକଙ୍କର ଆବଶ୍ୟକ ବିକାଶ କରିପାରିନାହାନ୍ତି। ଖଣିଥିବା ଜିଲାରେ ଖଣି ରାଜସ୍ୱର ତିରିଶ ଶତାଂଶ ଖର୍ଚ୍ଚ ହେବା ଆବଶ୍ୟକ। ଏହି ରାଜସ୍ୱରୁ ସେହି ଅଞ୍ଚଳର ପିଇବା ପାଣି, ବିଦ୍ୟୁତ ପ୍ରଭୃତି ମୌଳିକ ସୁବିଧା ଲୋକେ ପାଇବା ଦରକାର। ଯେଉଁ ସରକାର ଏସବୁ ବ୍ୟବସ୍ଥା କରିବା ପାଇଁ ଅକ୍ଷମ ସେ ସରକାର କ୍ଷମତାରେ ରହିବା ଅନୁଚିତ ବୋଲି ସେ କହିଥିଲେ। ତେଣୁ ଆଗାମୀ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାସ ଅନୁରୋଧ କରିଥିଲେ। ତାଙ୍କ ରାଜ୍ୟରେ କିଭଳି ବିଭିନ୍ନ ସୁବିଧା ଲୋକମାନେ ପାଉଛନ୍ତି ତାର ସୂଚନା ଦେଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଲୋକସଭା ଆସନର ଭାଜପା ପ୍ରାର୍ଥୀ ଜୁଏଲ ଓରାମ, ବଣାଇ ଭାଜପା ବିଧାୟକ ପ୍ରାର୍ଥୀ ଅନୀଲ ବାର୍ଲା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ନମିତା ମାହାନ୍ତ, ବିମଳ ମୁଣ୍ଡା, ବଣାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦେଓ, ଝିଙ୍ଗି ଓରାମ ପ୍ରମୁଖ ଯୋଗଦେଇଥିଲେ। ସମସ୍ତେ ରାଜ୍ୟ ସରକାର, କଂଗ୍ରେସ ଓ ସିପିଆଇଏମକୁ ବକ୍ତବ୍ୟ ମାଧ୍ୟମରେ ସମାଲୋଚନା କରିଥିଲେ। ବଣାଇ ସାଙ୍ଗଠନିକ ଜିଲା ସଭାପତି ରାହାସ ବିହାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସଭାପତି ମହେଶ ସା ମଞ୍ଚ ପରିଚାଳନା କରିଥିଲେ। ଉପେନ୍ଦ୍ର ବେହେରା, ବାଗୁନ ଗାଗରାୟ, ମାଦି ଓରାମ, ହେମେନ୍ଦ୍ର ମାହାନ୍ତ ପ୍ରମୁଖଙ୍କ ସମେତ ଭାଜପା କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାସ ହେଲିକପ୍ଟର ଯୋଗେ ନିର୍ଦ୍ଧାରିତ ସମୟର ପ୍ରାୟ ୧ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ।

# ଫ୍ଲାଇଂ ସ୍କ୍ୱାଡ୍ ଜବତ କଲା ୧ ଲକ୍ଷ ୨୯ ହଜାର ଟଙ୍କା

ଆନନ୍ଦପୁର/ହାଟଡିହୀ, ୩।୪(ସ୍ୱ.ପ୍ର.)


ଜବତ ଟଙ୍କା ସହ ଅଟକଥିବା ଯୁବକ।

କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ କାନପୁର ନିକଟରୁ ବୁଧବାର ଜଣେ ଯୁବକଙ୍କ ବାଇକ୍ ଡିକିରୁ ୧ ଲକ୍ଷ ୨୯ ହଜାର ୨୦୦ ଟଙ୍କା ଆନନ୍ଦପୁର ନିର୍ବାଚନୀ ଫ୍ଲାଇଂ ସ୍କ୍ୱାଡ୍ ଜବତ କରିଛି। ହୋଇଛି। ଏ ନେଇ ସମ୍ପୃକ୍ତ ବାଇକ୍ ଚାଳକଙ୍କୁ ଅଟକ ରଖାଯାଇଛି। ଯୁବକ ଜଣଙ୍କ ହେଲେ ସୋସୋ ଗ୍ରାମର ଆଲୋକ ଦାସ। ଜବତ ଟଙ୍କା ସମ୍ପର୍କରେ ଆଲୋକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଫ୍ଲାଇଂ ସ୍କ୍ୱାଡ୍ ଆଲୋକଙ୍କୁ ଅଟକ ରଖିଛି। ଜବତ ଟଙ୍କା ସମ୍ପର୍କରେ ଅଧିକ ଖୋଳତାଡ ଆରମ୍ଭ କରିଛି ବୋଲି ଫ୍ଲାଇଂ ସ୍କ୍ୱାଡ ଦାୟିତ୍ୱରେ ଥିବା ଅଧିକାରୀ ରମେଶ କୁମାର ନାୟକ କହିଛନ୍ତି। ଆଲୋକଙ୍କୁ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର କରାଯାଇଛି।

ଜବତ ଟଙ୍କା ଜିଲା କମିଟିକୁ ପଠାଯାଇଛି। ସେଠାରେ ନିଷ୍ପତ୍ତି ନିଆଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଘସିପୁରା ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ କହିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି ବ୍ୟକ୍ତି ନିର୍ବାଚନ ସମୟରେ ଏକକାଳୀନ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସାଙ୍ଗରେ ନେଇପାରିବେ ନାହିଁ ବୋଲି ନିୟମ ରହିଛି। ଏତେ ଟଙ୍କା କେଉଁ କାମ ପାଇଁ ନିଆଯାଉଥିଲା; ତାର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

## କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ, ୪ ଅଟକ

ଢେଙ୍କାନାଳ ଅଫିସ, ୩।୪

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର କୋରିଆଁ ବାଇପାସ୍‌ରୁ ବୁଧବାର ସନ୍ଧ୍ୟା ୬ଟାରେ ଏକ କାର୍‌ରୁ ପୋଲିସ ୧୦ ଲକ୍ଷ ଟଙ୍କା ଜବତ କରିଛି। ଗାଡ଼ିରେ ବସିଥିବା ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଟଙ୍କା ମଧ୍ୟ ଯାଞ୍ଚ କରାଯାଉଛି। ଅଟକ ଜଣେ ବ୍ୟକ୍ତି ନିଜକୁ ଯାତ୍ରା ପାର୍ଟିର ମାଲିକ ବୋଲି ପରିଚୟ ଦେବାସହ ବକେୟା ଟଙ୍କା ଆଣିବା ପାଇଁ ସେମାନେ କାମାକ୍ଷାନଗର ଅଞ୍ଚଳରୁ ଫେରୁଥିଲେ ବୋଲି ପୋଲିସକୁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ଟଙ୍କା ଧରି ଯାଜପୁର ଯାଇଥିବା ପୋଲିସ କହିଛି।

# ବିଜେଡି ଛାଡ଼ିଲେ ଅଭିନେତା ସାତ୍ୟକୀ ମିଶ୍ର

କଟକ ଅଫିସ, ୩।୪

ଚଳଚ୍ଚିତ୍ର ଅଭିନେତା ତଥା ବିଜେଡିର ତାରକା ପ୍ରଚାରକ ସାତ୍ୟକୀ ମିଶ୍ର ବୁଧବାର ଦଳରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫାପତ୍ର ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଛାତ୍ର ଜୀବନରୁ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନତା ଦଳର ଜଣେ କର୍ମୀ ଭାବେ କଟକ ସହରରେ କାମ କରୁଥିଲେ। ଏହାପରେ ୨୦୦୯ରେ ସାତ୍ୟକୀ ବିଧିବଦ୍ଧ ଭାବେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ସେ ବିଜେଡିର ଜଣେ ତାରକା ପ୍ରଚାରକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଦଳ ତାଙ୍କୁ ରାଜନୀତିରେ ସୁଯୋଗ ଦେବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିନାହିଁ ବୋଲି ସାତ୍ୟକୀ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବିଜେଡିରେ ଶୃଙ୍ଖଳା ନାହିଁ। କେହି କାହାର କଥା ଶୁଣିବା ଅବସ୍ଥାରେ ନାହାନ୍ତି। ତେଣୁ ଏଭଳି ବିଶୃଙ୍ଖଳିତ ସ୍ଥିତିରେ ବିଜେଡିରେ ରହିବା ପାଇଁ ସେ ଉଚିତ୍ ମଣୁନାହାନ୍ତି। ତେବେ ଅନ୍ୟ କୌଣସି ଦଳକୁ ଯିବାର ସେଭଳି ଯୋଜନା ନ ଥିବା ସାତ୍ତ୍ୱିକ କହିଛନ୍ତି। ସାତ୍ୟକୀଙ୍କ ଇସ୍ତଫା ସମ୍ପର୍କରେ ବିଜେଡିର ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ଖବର ନ ଥିବା କହିଥିଲେ।

## ଅମରେଶ, ସୁବାସଙ୍କୁ ଥଇଥାନ

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରେ ବିଜେଡିରେ ବିଦ୍ରୋହ ଆଶଙ୍କା କରି ଦୁଇ ଜଣଙ୍କୁ ଦଳୀୟ ପଦପଦବୀରେ ଥଇଥାନ କରାଯାଇଛି। କର୍ପୋରେଟର ଅମରେଶ ଜେନାଙ୍କୁ ଭୁବନେଶ୍ୱର ସାଙ୍ଗଠନିକ ବିଜେଡି ଜିଲାର ସଭାପତି କରାଯାଇଛି। ସେହିପରି ସୁବାସ ପାତ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ମିଳିଛି। ଏଥିସହିତ ପୂର୍ବଘୋଷିତ ସମସ୍ତ ଆଦେଶନାମାକୁ ବାତିଲ କରାଯାଇଛି।

## ଶିବଶଙ୍କରଙ୍କ ଇସ୍ତଫା

ନବରଙ୍ଗପୁର, ୩।୪(ବି.ପ୍ର)

ନବରଙ୍ଗପୁର ଜିଲା କଂଗ୍ରେସ ସମ୍ପାଦକ ଶିବ ଶଙ୍କର ପାଢୀ ଦଳରୁ ଇସ୍ତଫା ଦେଇଛନ୍ତି । ଇସ୍ତଫା ପତ୍ର ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କୁ ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଠିକ ଦାୟିତ୍ୱ ତୁଲାଇ ପାରୁ ନଥିବା ଓ ଦଳ ପ୍ରତି ଆବଶ୍ୟକ ସମୟ ଦେଇ ପାରୁ ନଥିବା ଏଥିରେ ଜଣାଇଛନ୍ତି। ପାଢୀ ୨୦୧୮ ଡିସେମ୍ବର ୪ ତାରିଖରୁ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ।

# ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କୁ ଟିକେଟ ଦେଇଛି ବିଜେଡି

ଭୁବନେଶ୍ୱର,୩।୪ (ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ପ୍ରତାପ ଷଡ଼ଙ୍ଗୀ।

ଚିଟ୍‌ଫଣ୍ଡ ପ୍ରସଙ୍ଗ ଉଠାଇ ବିଜେଡି ନେତାଙ୍କୁ ଟାର୍ଗେଟ କରିଛି ଭାଜପା। ଚିଟ୍‌ଫଣ୍ଡ ଠକେଇ ଅର୍ଥରେ ଶାସକ ବିଜେଡି ୨୦୦୯ ନିର୍ବାଚନ ଲଢ଼ିଥିଲା। ୨୦୧୪ ନିର୍ବାଚନ ପୂର୍ବରୁ କର୍ପସ ଫଣ୍ଡ ଗଠନ କରି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନଙ୍କୁ ଅର୍ଥ ଫେରାଇବାର ଘୋଷଣା କରିଥିଲା। ୫ବର୍ଷ ବିତିଗଲାଣି, ମାତ୍ର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିନାହିଁ। ଯେଉଁ ଏମ୍‌ପି ଓ ବିଧାୟକମାନେ ଚିଟ୍‌ଫଣ୍ଡରେ ସାମିଲ ଥିଲେ ସେମାନଙ୍କୁ ଏଥର ମଧ୍ୟ ନବୀନ ପଟ୍ଟନାୟକ ଡାକିଆଣି ଟିକେଟ ଦେଇଛନ୍ତି। ଚିଟ୍‌ଫଣ୍ଡ ଅର୍ଥ ବିଜେଡି ବୋଲି ଓଡ଼ିଆ ଲୋକମାନଙ୍କ ପାଖରେ ଆଉ ଅବୁଝା ନାହିଁ ବୋଲି ଭାଜପା ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତାପ କହିଛନ୍ତି, କର୍ପସ ଫଣ୍ଡର ଗଠନ କାହିଁକି ହୋଇଥିଲା। ସାଧାରଣ କରଦାତାଙ୍କ ଟିକସରେ ଗଠିତ କର୍ପସ ଫଣ୍ଡର ଅର୍ଥ କାହାକୁ ମିଳିଲା। ରାଜ୍ୟର ପାଖାପାଖି ୨୦ ଲକ୍ଷ ପରିବାର ଚିଟ୍‌ଫଣ୍ଡର ଶିକାର ହୋଇଛନ୍ତି। କେତେଜଣ ଜମାକାରୀ ଅର୍ଥ ଫେରି ପାଇଲେ। ୧୩ଲକ୍ଷ ଜମାକାରୀ କମିଶନଙ୍କ ପାଖରେ ସତ୍ୟପାଠ ପ୍ରଦାନ କରିଥିବାବେଳେ ସେଥିରୁ ମାତ୍ର ୩ଲକ୍ଷ ୬୧ହଜାର ୮୧୭ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ସବୁଠୁ ଦୁର୍ଭାଗ୍ୟର କଥା ମାତ୍ର ୧୭୦୪ଜଣ ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିଛି। ରାଜ୍ୟ ସରକାର ଜାଣିଶୁଣି ସମୟ ଗଡାଇ ଲୋକଙ୍କ ମନରୁ ଚିଟ୍‌ଫଣ୍ଡ କେଲେଙ୍କାରୀକୁ ହଜେଇ ଦେବାକୁ ଅପପ୍ରୟାସ କରୁଥିବା ଏଥିରୁ ବୁଝାପଡୁଛି ବୋଲି ପ୍ରତାପ ଅଭିଯୋଗ କରିଛନ୍ତି। ଚିଟଫଣ୍ଡ କର୍ପସ ଫଣ୍ଡ ଅର୍ଥ ବଣ୍ଟନର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରନ୍ତୁ। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଚିଟ୍‌ଫଣ୍ଡ ଠକେଇରେ ସମ୍ପୃକ୍ତ ଥିବାବେଳେ ଏବେ ଜାମିନରେ ଅଛନ୍ତି। ସେ କିନ୍ତୁ ଏବେ ବାଲେଶ୍ୱର ଜିଲାରେ ସବୁଠି ବଡବଡ ହୋଡିଂ ଲଗାଇ ନିଜକୁ ଶ୍ରେଷ୍ଠ ଏମ୍‌ପି ବୋଲି ପ୍ରଚାର କରୁଛନ୍ତି। ଚିଟଫଣ୍ଡ ଲିଙ୍କରେ ତାଙ୍କର ସମ୍ପୃକ୍ତି ଥିବା ନେଇ ସିବିଆଇ ଜେରାର ସମ୍ମୁଖୀନ ହୋଇଥିଲେ। ଏହାପରେ ପଞ୍ଚାୟତ ନିର୍ବାଚନ ସମୟରେ ତାଙ୍କର ଦେଖା ମିଳି ନ ଥିଲା। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମାଙ୍କୁ ଟିକେଟ ମିଳିଛି । ଚିଟଫଣ୍ଡ କମ୍ପାନୀର ଅର୍ଥକୁ ସଞ୍ଜୟଙ୍କ ପରିବାର ମାଲିକାନାରେ ଥିବା ୫ଟି କମ୍ପାନିରେ ବିନିଯୋଗ କରାଯାଇଛି। ଏହାସହ ଚିଟ୍‌ଫଣ୍ଡ ଲିଙ୍କରେ ଥିବା ଏବଂ ଗିରଫ ହୋଇଥିବା ନେତାଙ୍କୁ ଟିକେଟ ମିଳିଛି। ନବୀନ ପଟ୍ଟନାୟକଙ୍କୁ ମଧ୍ୟ ସିବିଆଇ ଜେରାର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ପ୍ରତାପ ଅଭିଯୋଗ କରିଛନ୍ତି। ଏହାସହ ନବୀନ ନିବାସରେ କାମ କରୁଥିବା ସରୋଜ ସାହୁ କିଏ ବୋଲି ପ୍ରତାପ ପ୍ରଶ୍ନ ଉଠାଇଛନ୍ତି।


କିଆରା

ଅପେରା ହାଲଚାଲ

# ବେହେଲା ମାମ୍ୟାରେ ସୁବାସ

ସଞ୍ଜ ନଇଁ ଆସିଥାଏ। କାଠଯୋଡି ନଦୀ ପଠାରେ ବସିଥାଏ ଜଣେ ଯୁବକ। ବେଶ୍ ଭାବପ୍ରବଣ ହୋଇ ବଜାଇ ଚାଲିଥାଏ ବେହେଲା। ପାଖରେ ବସିଥିବା ଯୁବତୀ ହଠାତ୍ ଉଠି ଚାଲିଯିବା ପରେ ତା' ଭାବନାରେ ପଡେ ପୂର୍ଣ୍ଣଚ୍ଛେଦ। ଉଠିପଡି ସେ ଚିତ୍କାର କରନ୍ତି : ମିଛ, ଏ ବେହେଲା ମିଛ। ହେ ସମୟ! କାହିଁକି କଲବଲ କରି ମାରୁଛୁ ମୋତେ। ତୁ କ'ଣ ଜାଣିନୁ ଏ ବେହେଲା ଆଉ କେବେ ବାଜିବନି। ବାସ୍, ସେ ବଖାଣି ବସନ୍ତି ନିଜ ଦରଦୀ ମନର କଥା। ତା'ପରେ ନିର୍ଦ୍ଦେଶକ କହନ୍ତି–ଓକେ, କଟ୍। ହଁ, ଏହା କୌଣସି ଚଳଚ୍ଚିତ୍ରର ଶୁଟିଂ ସିକ୍ୱେନ୍ସ ନୁହେଁ। ଅପେରା ସିଜନ ୨୦୧୯–୨୦ ପାଇଁ ଯାତ୍ରା ରଙ୍ଗମହଲର ପ୍ରସ୍ତୁତିପଥେ ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି : ଗୋଟିଏ କଥା ଅନେକ ବ୍ୟଥା'ର ପ୍ରମୋ ଶୁଟିଂ ସମୟର ଏକ ଦୃଶ୍ୟ। ଶଟ୍ ଦେବା ପରେ ଭେଟ ହେଲା ରଙ୍ଗମହଲର ନାୟକ ତଥା ଜଲିଉଡ୍‌ର ଟ୍ରାଜେଡି କିଙ୍ଗ ଭାବରେ ପରିଚିତ ସୁବାସ ବେହେରାଙ୍କ ସହ। ଏପରି ଏକ ଚରିତ୍ରକୁ କିପରି ଦେଖୁଛନ୍ତି ପ୍ରଶ୍ନର ଉତ୍ତରରେ ସେ କହିଲେ, 'ଏହି ନାଟକରେ ମୋ ଚରିତ୍ରଟି ହେଲା ଉଜ୍ୱଳ। ଭାଇ–ଭଉଣୀର ସମ୍ପର୍କରେ କେତେ ନିବିଡ଼ତା ରହିଛି ତାହାକୁ ଆଧାର କରି ନାଟକଟି ରଚିତ। ଏପରି ଭୂମିକାକୁ ସେଣ୍ଟ ପରସେଣ୍ଟ ଜଷ୍ଟିସ ଦେବାକୁ ମୋତେ ତ ବେଶ୍ ପରିଶ୍ରମ କରିବାକୁ ପଡିବ। ଷ୍ଟେଜ ଉପରେ ବେହେଲା ବଜାଇବା ଏକ ନୂଆ ଅନୁଭୂତି। ବେହେଲାକୁ ଏକ ଗିମିକ୍ ଭାବରେ ବ୍ୟବହାର କରାଯାଇଛି ନାଟକରେ। ବେହେଲାକୁ କେନ୍ଦ୍ରକରି ଗଢ଼ି ଉଠିଛି କାହାଣୀ। ଆଉ ଏହା ପଛରେ ହିଁ ଲୁଚି ରହିଛି ଅନେକ କଥା ଅନେକ ବ୍ୟଥା। ହେଲେ ଏତିକି କହିବି, ଏହି ନାଟକରୁ ଦର୍ଶକ ନିଶ୍ଚୟ ଏକ ଡିଫରେଣ୍ଟ ଟେଷ୍ଟ ପାଇବେ।' ଜଲିଉଡ୍‌ରେ 'ମୋ ପେଁକାଳି ବଜେଇ ଦେ' ଏବଂ ନଈ ସେପାରି କନକ ଗୋରୀ' ପରେ ଏହି ନାଟକରେ ଭାଇ–ଭଉଣୀ ସମ୍ପର୍କକୁ ନେଇ ଏକ ଭିନ୍ନ ଧରଣର ଏକ୍ସପେରିମେଣ୍ଟ କରିବାକୁ ଯାଉଛନ୍ତି ନିର୍ଦ୍ଦେଶକ ମହେଶ ହାଜରା। ଉକ୍ତ ନାଟକର ଆଉ ଏକ ବିଶେଷତ୍ୱ ହେଲା, ଏଥିରେ ନାୟିକା ମାମା ଏକ ବିଶେଷ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି। ଏହି ରୋଲ୍ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏକ ଟର୍ନିଂ ପଏଣ୍ଟ ହେବ ବୋଲି କହନ୍ତି ଏହି ଅଭିନେତ୍ରୀ। ତେବେ ରଙ୍ଗମହଲର ଏହି ବେହେଲା ଗିମିକ୍ ଆସନ୍ତା ସିଜନରେ ଦର୍ଶକଙ୍କୁ କେତେ ମତୁଆଲା କରୁଛି ତାହା ଦେଖିବାକୁ ବାକି ରହିଲା।


ସୁବାସ–ମାମା

# କିସ୍ ପାଇଁ..

କଥାରେ କହନ୍ତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଦେଖୁନାହାନ୍ତି କିସ୍ ଶଟ୍‌କୁ ନେଇ କେମିତି ଅଡୁଆରେ ପଡିଛନ୍ତି କିଆରା ଆଡୱାନୀ। କଥା କ'ଣ କି ନିକଟରେ ଏକ ଅନଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଥିଲା। କାହାଣୀଟି ସିନା ମନକୁ ଛୁଇଁଲା, ହେଲେ ତା' ଭିତରେ ଗୋଟିଏ କେଁ ରହିଯାଇଥିଲା। ଏଥିରେ ୨–୩ଟି କିସ୍ ଶଟ୍ ଦେବାକୁ ପଡିବ ବୋଲି ଜାଣିବା ପରେ କିଆରାଙ୍କ ହୋସ୍ ଉଡିଯାଥିଲା। ତେବେ ଏ ନେଇ କି ନିଷ୍ପତ୍ତି ନେବେ ସେ ଜାଣିପାରୁନାହାନ୍ତି। ତେଣୁ ଅଫରଟିକୁ ଗ୍ରହଣ କରିବେ କି ମନା କରିଦେବେ ସେ ନେଇ କିଛି ଦିନ ସମୟ ନେଇଛନ୍ତି।

# ଟେନସନରେ ସାରା

ଗୋଟିଏ କଥାକୁ ନେଇ ସେ କେତେ ସଫେଇ ଦେବେ ? ସେ ବିଷୟରେ ସତ କଥା କହି କହି ଥକି ପଡିଲେଣି। ହେଲେ ଗୁଜବ ଥମିବାର ନାଁ ନେଉନାହିଁ। ତେଣୁ ଏହାକୁ ନେଇ ତାଙ୍କର ଟେନସନ ବଢ଼ି ଯାଇଛି। ସେ ହେଲେ ସାରା ଅଲ୍ଲୀ ଖାଁ। ଏବେ ସେ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ପ୍ରେମରେ ଉବୁଟୁବୁ ବୋଲି ଆଲୋଚନା ହେଉଛି। ସେତିକି ନୁହେଁ, ତାଙ୍କ ପ୍ରେମିକ ତାଲିକାରେ ସୁଶାନ୍ତ ସିଂ ରାଜପୁତଙ୍କ ନାମ ମଧ୍ୟ ରହିଛି। ହେଲେ ଏସବୁ କଥା ପଛରେ ଆଦୌ ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି ସୈଫ ତନୟା।

# ଚିନ୍ମୟୀଙ୍କ ନୂଆ ଯୋଜନା



ଦେବକୀ ଫିଲ୍ମସ ବ୍ୟାନରରେ ନିର୍ମାଣ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚାଲ ଟିକେ ପ୍ରେମ କରିବା'। ଚିନ୍ମୟୀ ପ୍ରିୟଦର୍ଶିନୀଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସରୋଜକାନ୍ତ। ଦେବକୀ ସାହୁଙ୍କ କାହାଣୀକୁ ଆଧାରକରି ସଂଳାପ ସହ ଚିତ୍ରନାଟ୍ୟ ଲେଖିଛନ୍ତି ଆଶୁତୋଷ ବାରିକ। ଖାସ୍ କଥା ହେଲା ଏହି ବ୍ୟାନର ଦ୍ୱାରା ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ତୋ ପ୍ରେମରେ ପଡ଼ିଲା ପରେ'ର ନାୟକ ଦେବରାଜଙ୍କୁ ଏଥିରେ ରିପିଟ୍ କରୁଛନ୍ତି ପ୍ରଯୋଜିକା ଚିନ୍ମୟୀ। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାରକରି ଏହାର କାହାଣୀ ଗତିଶୀଳ। ଏଥିରେ ଦେବରାଜଙ୍କ ନାୟିକା ଭୂମିକାରେ କିଏ ଅଭିନୟ କରିବ ସେ ନେଇ ଚୟନ ପ୍ରକ୍ରିୟା ଜାରି ରହିଛି। ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜିକା।

ଛୋଟ ପରଦା

# ଅଭିନୟ ନିଶାରେ ପ୍ରକାଶ



ବର୍ତ୍ତମାନ ଜି ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ମୁଁ ବି ଅର୍ଦ୍ଧାଙ୍ଗିନୀ'। ଏଥିରେ ତାନ୍ତ୍ରିକ ଭୂମିକାରେ ଅଭିନୟ କରୁଥିବା କଳାକାର ଜଣକ ହେଲେ ପ୍ରକାଶ କୁମାର ସ୍ୱାଇଁ। କଲିକତାରେ ଚାକିରି କରିଥିଲେ ସେ। ହେଲେ ଅଭିନୟର ନିଶା ତାଙ୍କୁ ଏମିତି ଘାରିଥିଲା ଯେ ଚାକିରି ଛାଡି ଫେରି ଆସିଥିଲେ କଳାକାର ହେବାକୁ। ୨୦୦୯ରେ ସେ କୋଣାର୍କ ଗଣନାଟ୍ୟରେ ଯୋଗ ଦେଇଥିଲେ। ଛଅବର୍ଷର ଅପେରା ଜୀବନ ପରେ ସେ ସୁଯୋଗ ପାଇଥିଲେ ଧାରାବାହିକ 'ବଧୂ'ରେ। ଚରିତ୍ରଟି ଥିଲା କିନ୍ନର। ତା'ପରେ ଧାରାବାହିକ 'ଟୁପୁରୁ ଟାପୁର', 'ତେଜସ୍ୱିନୀ', 'ମୋ ଜେଜେମା'ରେ ଅଭିନୟ କରିସାରିଛନ୍ତି। ହେଲେ 'ମୁଁ ବି ଅର୍ଦ୍ଧାଙ୍ଗିନୀର ଏହି ନେଗେଟିଭ ତାନ୍ତ୍ରିକ ଭୂମିକା ତାଙ୍କୁ ବେଶ୍ ପ୍ରଭାବିତ କରିଛି ବୋଲି କହନ୍ତି ସେ। ଅନ୍ୟପକ୍ଷରେ ପ୍ରସ୍ତୁତ ହେବାକୁ ଯାଉଥିବା କମେଡି ଫିଲ୍ମ 'ଦୁଇ ଦୁଣେ ପାଞ୍ଚ'ରେ ସେ ଅଭିନୟ କରିବାକୁ ଯାଉଛନ୍ତି।

ନୂଆ ସିନେମା

# ଆଇଟମ ଗର୍ଲ ରାନୀ ପଣ୍ଡା



ଏଥର ଖଣ୍ଡଗିରି ଅପେରା ମେଳାର ଆଲୋଚନାର ଶିରୋନାମା ପାଲଟିଥିଲା ରାନୀ ପଣ୍ଡାଙ୍କ ଆଇଟମ୍ ଡ୍ୟାନ୍ସ। ଏହି ସମୟରେ ସେ ଷ୍ଟେଜ୍‌ରୁ ତଳକୁ ଓହ୍ଲାଇ ଜଣେ ଦର୍ଶକଙ୍କ କାନକୁ କାମୁଡି ଦେବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ଏବେ ନିର୍ଦ୍ଦେଶକ ସଞ୍ଜୟ ନାୟକ ଏହି ଡ୍ୟାନ୍ସରଙ୍କ ଜୀବନୀକୁ ନେଇ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏହି ବାୟୋପିକ୍‌ର ଟାଇଟଲ ରହିଛି 'ଆଇଟମ ଗର୍ଲ ରାନୀ ପଣ୍ଡା'। ଏନ.ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଦିଲୀପ ଦାଶ ଏବଂ ସୁଶାନ୍ତ କୁମାର ପଣ୍ଡା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଉଛନ୍ତି ମଳୟ ନାୟକ। ଡ୍ୟାନସର ରାନୀ ତା' ଜୀବନରେ କେତେ ଉତ୍‌ଥାନ ପତନ ଦେଇ ଗତି କରିଛି ତାହା ଫିଲ୍ମରେ ଦେଖିବାକୁ ମିଳିବ ବୋଲି କହନ୍ତି ସଞ୍ଜୟ । ଖାସ୍ କଥା ହେଲା, ଏହାର ଟାଇଟଲ ରୋଲ୍‌ରେ ନିଜେ ରାନୀ ପଣ୍ଡା ଅଭିନୟ କରିବାକୁ ଯାଉଛନ୍ତି। ତେବେ ପୂର୍ବରୁ ବେଶ୍ କେତୋଟି ସୁପରହିଟ୍ ଫିଲ୍ମ ଭେଟି ଦେଇ ସାରିଥିବା ସଞ୍ଜୟ–ମଳୟ ଯୋଡି ଏଥର ଏହି ବାୟୋପିକ୍‌ରେ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆଶାରେ ଅନନ୍ୟା

ନୂଆ ଓଡିଆ ସିନେମା 'କଟି ପତଙ୍ଗ'ର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅନନ୍ୟା। ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ପ୍ରେମକୁ ଆଧାର କରି କାହାଣୀ ଗତିଶୀଳ। ପ୍ରେମ କେବେ ଜାତି, ଗୋତ୍ର ବୁଝେନା। ହେଲେ ଜଣେ ଯୁବକ କିପରି ସାମାନ୍ୟ ଭୁଲ ପାଇଁ ନିଜ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଉଛି ତାହା ଦେଖିବାକୁ ମିଳିବ ସିନେମାରେ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'କଟି ପତଙ୍ଗ'ର ପ୍ରଯୋଜନା କରିଛନ୍ତି ଦେବେନ୍ଦ୍ର ନାଥ ସାହୁ। ମଧୁସ୍ମିତା ଦାସଙ୍କ କାହାଣୀକୁ ଆଧାର କରି ଅଜୟ ସାମଲ ସଂଳାପ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ଏସ. ଚନ୍ଦ୍ରକାନ୍ତ। ଫିଲ୍ମର ମେଲ୍ ଲିଡ୍‌ରେ ଅଛନ୍ତି ଅଭିଷେକ ରଥ। ଆର.କେ., ରାଣୀ ପ୍ରିୟଦର୍ଶିନୀ, ଅସୀତ ପତି, ଅଜିତ ଦାସ, ମନୀଷା ମିଶ୍ର, ସରୋଜ ଦାସ, କାଳି, କୁଲୁ, ଦେବ, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ ଆର୍ଯ୍ୟନ ଏବଂ ବିଷ୍ଣୁଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ତୃତୀୟ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି।


ଅଭିଷେକ–ଅନନ୍ୟା

| Dollar | Sensex | Nifty | Gold | Silver |
|---|---|---|---|---|
| 68.41 (33) | 38,877.12 (179.53) | 11,643.95 (69.25) | 32,750.00 (`100) | 38,420.00 (`20) |



“ ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ବଜାରର ରପ୍ତାନି ୩୩୦ ବିଲିୟନ ଡଲାର ଛୁଇଁବା ନେଇ ଆଶାବାଦୀ ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“ ଚଳିତବର୍ଷ ଭାରତ ବଜାରରେ ହାଇବ୍ରିଡ ଏବଂ ବ୍ୟାଟେରି ପରିଚାଳିତ ଯାନ ଆଣିବା ଲାଗି ଯୋଜନା ଧାର୍ଯ୍ୟ ହୋଇଛି।
– ରୋହିତ ସୁରୀ, ସଭାପତି, ଜାଗୁଆର ଇଣ୍ଡିଆ



## ସଂକ୍ଷେପରେ

### ପାନାମା ପେପର ଲିକ୍ ଟିକସ ବାବଦରେ ୨୨ ଦେଶକୁ ମିଳିଛି ୧.୨ ଲକ୍ଷ କୋଟି

**ଫ୍ରାଙ୍କଫର୍ଟ,୩-୪:** ପାନାମା ପେପର ଲିକ୍ ମାମଲାରେ ବିଦେଶରେ ହୋଇଥିବା କାରବାର ସମ୍ପର୍କରେ ସୂଚନା ମିଳିବା ପରେ ଆରମ୍ଭ ହୋଇଥିବା ଯାଞ୍ଚରୁ ବିଶ୍ୱର ୨୨ ଦେଶର ଆୟକର ବିଭାଗ ଜରିମାନା ଓ ଟିକସ ବାବଦରେ ୧.୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ହାସଲ କରିଛନ୍ତି। ଏ ସମ୍ପର୍କରେ ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାଶନାଲ କନସୋର୍ଟିୟମ ଅଫ୍ ଇନ୍‌ଭେଷ୍ଟିଗେଟିଭ ଜର୍ନାଲିଷ୍ଟସ (ଆଇସିଆଇଜେ) ନିଜର ୱେବସାଇଟରେ ଦର୍ଶାଇଛି ଯେ, ବ୍ରିଟେନ ୨୫.୩ କୋଟି, ଫ୍ରାନ୍ସ ୧୩.୬ କୋଟି, ଅଷ୍ଟ୍ରେଲିଆ ୯.୩ କୋଟି ଡଲାର ଟିକସ ଓ ଜରିମାନା ବାବଦରେ ଆଦାୟ କରିଛନ୍ତି। ଜର୍ମାନୀର ଏକ ଖବର କାଗଜ ସ୍ୟୁଜ୍ ଡୋୟଚେ ଜେଇଟୁଙ୍ଗ ନିଜର ରିପୋର୍ଟରେ ଦର୍ଶାଇଛି ଯେ, ଟିକସ ଯାଞ୍ଚ ସହ ଜଡିତ ମାମଲାରେ ଜର୍ମାନୀକୁ ୧୮.୩ କୋଟି ଡଲାର ମିଳିଛି। ପାନାମାର ଏକ କମ୍ପାନୀ ମୋସାକ ଫନସେକାର କିଛି ଦସ୍ତାବିଜ ଏହି ଖବର କାଗଜକୁ ମିଳିଥିଲା। ଏହା ଉପରେ ଯାଞ୍ଚ କରାଯାଇଥିଲା। ଆଇସିଆଇଜେ ପକ୍ଷରୁ କୁହାଯାଇଛି ଯେ, ବିଦେଶରେ ଲୁଚାଯାଇଥିବା ସମ୍ପତ୍ତିରୁ ପ୍ରାପ୍ତ ରାଶି ଦ୍ୱାରା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ଯୋଜନାକୁ ପାଣି ଯୋଗାଣ ସମ୍ଭବ ହୋଇଛି।

### କୋଶ୍‌ର ନୂଆ ଫ୍ଲେଭର ଇନ୍‌ଷ୍ଟାଣ୍ଟ ଓଟ୍ସ

**ଭୁବନେଶ୍ୱର,୩-୪:** ଫ୍ୟୁଚର କଞ୍ଜ୍ୟୁମର ଲିଃ.ର ଗ୍ରେନ୍ ବ୍ରାଣ୍ଡ, କୋଶ୍ ପକ୍ଷରୁ ତିନୋଟି ସ୍ୱାଦିଷ୍ଟ ଫ୍ଲେଭର ଓଟ୍ସର ଶୁଭାରମ୍ଭ ହୋଇଛି। ଏହା ମଧ୍ୟରେ ରହିଛି ବମ୍ବେ ପାଓ ଭାଜି ମସାଲା, ବେଙ୍ଗଲ ସ୍ପାଇସ୍ ମିକ୍ସ ଏବଂ ସେଜୱାନି ମସଲା । ଏହି ଫ୍ଲେଭରଗୁଡ଼ିକ ସ୍ୱାସ୍ଥ୍ୟକର ଏବଂ କିଛି ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇଥାଏ । ଏହା ବିଗ୍ ବଜାର, ଇଜି ଡ଼େ, ହାଇପରି ସିଟି, ହେରିଟେଜ୍ ଏବଂ ଫୁଡ୍ ୱାଲ୍ଡ ଭଳି ରିଟେଲ ଷ୍ଟୋରରେ ଉପଲବ୍ଧ ହେଉଛି। ଫ୍ୟୁଚର ଗ୍ରୁପ୍ ପକ୍ଷରୁ ଏହାର ଫୁଡ୍ ବିଜିନେସ୍, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସଦାଶିବ ନାୟକ, କହିଛନ୍ତି,କୋଶ୍ ପକ୍ଷରୁ ଏକ ଭିନ୍ନ ସ୍ୱାଦର ତଥା ସ୍ୱାସ୍ଥ୍ୟକର ଓଟ୍ସ ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ବଜାରକୁ ଆସିଥିବା ଓଟ୍ସ ଭଲ ରେସପନ୍ସ ପାଇଥିଲା। ଏହାଦ୍ୱାରା ଉତ୍ସାହିତ ହୋଇ ନୂଆ ପ୍ରଡକ୍ଟ ବଜାରକୁ ଆଣିଛୁ ବୋଲି ନାୟକ କହିଛନ୍ତି।

### ମାର୍ଚ୍ଚରେ ମଧ୍ୟ ହେଲାନି ଟାଟା ନାନୋ ଉତ୍ପାଦନ

**ନୂଆଦିଲ୍ଲୀ,୩-୪:** ଟାଟା ମୋଟର୍ସ ଦ୍ୱାରା ଉତ୍ପାଦିତ ଲକ୍ଷେ ଟଙ୍କିଆ କାର୍ ନାନୋର ଉତ୍ପାଦନ ମାର୍ଚ୍ଚରେ ମଧ୍ୟ ବନ୍ଦ ରହିଛି। କ୍ରମାଗତ ୩ ମାସ ହେଲା କାରଖାନାରେ ଗୋଟିଏ ହେଲେ ନାନୋ ତିଆରି ହୋଇପାରିନାହିଁ। ଏହାକୁ ଦେଖି 'ଲୋକଙ୍କ କାର' କୁହାଯାଉଥିବା ନାନୋର ଭବିଷ୍ୟତ ସନ୍ଦେହ ଘେରକୁ ଆସିଯାଇଛି। ଷ୍ଟକ୍ ମାର୍କେଟକୁ ଦିଆଯାଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଗତ କେତେ ମାସ ହେବ କାରଖାନାରେ ଗୋଟିଏ ହେଲେ ନାନୋ ଉତ୍ପାଦନ ହୋଇ ନାହିଁ। ତେବେ ନାନୋର ଭବିଷ୍ୟତ ନେଇ ଅଦ୍ୟାବଧି କୌଣସି ନିଷ୍ପତ୍ତି ନିଆଯାଇନାହିଁ ବୋଲି ଟାଟା ମୋଟର୍ସ ପକ୍ଷରୁ ଏବେ ମଧ୍ୟ କୁହାଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିରେ ନୂଆ ସୁରକ୍ଷା ଓ ଉତ୍ସର୍ଜନ ମାନଦଣ୍ଡ ହିସାବରେ ଏହି କାର୍ ଉତ୍ପାଦନ ଲାଗି ଅଧିକ ନିବେଶର ଆବଶ୍ୟକତା ରହିଛି।

### ଟିଭିଏସ୍ ଭିକ୍ଟରରେ ସିଙ୍କ୍ରୋନାଇଜଡ ବ୍ରେକିଂ ଟେକ୍ନୋଲୋଜି

**ନୂଆଦିଲ୍ଲୀ,୩-୪:** ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଲୋକପ୍ରିୟ ଦୁଇଚକିଆ ମଡେଲ 'ଭିକ୍ଟର'ରେ ସିଙ୍କ୍ରୋନାଇଜ ବ୍ରେକିଂ ଟେକ୍ନୋଲୋଜି (ଏସ୍‌ବିଟି) ବ୍ୟବହାର ସମ୍ପର୍କରେ ଘୋଷଣା କରାଯାଇଛି। ଗାଡିର ସ୍ଥିରତା ରକ୍ଷା ଦିଗରେ ଏହା କାର୍ଯ୍ୟ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ପ୍ରଯୁକ୍ତି ବ୍ରେକିଂ ଦୂରତା ହ୍ରାସ କରିବାରେ ସହାୟକ ହୋଇ ପାରିବ। କମ୍ପାନୀର ଭିକ୍ଟର ମଡେଲ ୧୧୦ ସିସି ଇଞ୍ଜିନ କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ୩ ଭଲବ ଅଏଲ କୁଲଡ ଇଞ୍ଜିନ ସହ ଆସୁଛି। ଏଥିରେ ଇଲେକଟ୍ରିକ ଷ୍ଟାର୍ଟ, ୪ ସ୍ପିଡ ପାୱାର ଟ୍ରେନ ରହିଛି। ଏହାର ପ୍ରିମିୟମ ଏଡିଶନରେ କ୍ରୋମ ସାଇଡ କଭର, କ୍ରୋମ କ୍ରାସ ଗାର୍ଡ, ଗୋଲଡେନ କେଶ ଇଞ୍ଜିନ କଭର, ଷ୍ଟାଇଲିସ ଗ୍ରାଫିକ୍ସ, ଡୁଆଲ ଟୋନ ଶିଟ ବ୍ୟବହାର ହେଉଛି। ଏହା ବ୍ଲାକ ଗ୍ଲୋଡ, ରେଡ ଗୋଲ୍ଡ, ମେଟ ବ୍ଲୁ, ମେଟ ସିଲଭର ରଙ୍ଗରେ ଉପଲବ୍ଧ ହେଉଛି। ଏହାର ବଜାର ଦର ୫୪,୬୮୨ ଟଙ୍କାରୁ ଆରମ୍ଭ ହୋଇଛି।

# ବିଏସ୍‌ଏନ୍‌ଏଲ୍‌ରୁ ଯିବେ ୫୪ ହଜାର କର୍ମଚାରୀ

**ନୂଆଦିଲ୍ଲୀ,୩-୪**




- ଅବସର ବୟସ ସୀମା ୫୮ ବର୍ଷକୁ ହ୍ରାସ କରାଯିବ
- ସରକାରଙ୍କ ୧୦ରୁ ୩ ପ୍ରସ୍ତାବ ଗୃହୀତ
- କମ୍ପାନୀ ୧୩, ୮୯୫ କୋଟି ଟଙ୍କା ଖର୍ଚ୍ଚ କରିବ

ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍)କୁ ପୁନରୁଜ୍ଜୀବିତ କରିବା ଲାଗି କେନ୍ଦ୍ର ସରକାରଙ୍କ କେତେକ ପ୍ରସ୍ତାବକୁ ଏହାର ବୋର୍ଡ ଗ୍ରହଣ କରିନେଇଛି। କମ୍ପାନୀ ନିକଟରେ ୧,୭୪,୩୧୨ ଜଣ କର୍ମଚାରୀ ଥିବା ବେଳେ ଅବସର ବୟସକୁ ୫୮ ବର୍ଷକୁ କମାଇ ସମୟ ପୂର୍ବରୁ ୫୪,୪୫୧ ଜଣଙ୍କୁ ଛଟେଇ କରିବା ଲାଗି ବୋର୍ଡ ନିଷ୍ପତ୍ତି ନେଇଛି। ଯାହାକି ସମ୍ପୂର୍ଣ୍ଣ କର୍ମଚାରୀ ସଂଖ୍ୟାର ୩୧%। ତେବେ ଟେଲିକମ ବିଭାଗ ସାଧାରଣ ନିର୍ବାଚନ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ବୋର୍ଡକୁ ଅନୁମତି ଦେବ ବୋଲି କୁହାଯାଉଛି।

ମିଡିଆ ରିପୋର୍ଟ ଅନୁଯାୟୀ, ବିଏସ୍‌ଏନ୍‌ଏଲକୁ ଆର୍ଥିକ ସଙ୍କଟରୁ ମୁକୁଳାଇବା ଲାଗି ସରକାରଙ୍କ ଦ୍ୱାରା ଗଠିତ ବୋର୍ଡର ୧୦ ମଧ୍ୟରୁ ୩ ପ୍ରସ୍ତାବକୁ କମ୍ପାନୀ ଗ୍ରହଣ କରିନେଇଛି। ଉଲ୍ଲେଖ କରାଯାଇପାରେ ଯେ, ଆର୍ଥିକ ସଙ୍କଟ କାରଣରୁ ବିଏସ୍‌ଏନ୍‌ଏଲ ପ୍ରଥମଥର କର୍ମଚାରୀଙ୍କୁ ଠିକ୍ ସମୟରେ ବେତନ ଦେଇପାରିନାହିଁ। ତେବେ କମ୍ପାନୀକୁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ଲାଗି ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡିଛି। ବିଏସ୍‌ଏନ୍‌ଏଲର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ସରକାରଙ୍କ କେତେକ ଫସିଯାଇଥିବା ପ୍ରକଳ୍ପରୁ ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀକୁ ଖୁବ୍‌ଶୀଘ୍ର ୨୨୦୦ କୋଟି ଟଙ୍କା ମିଳିଯିବ। ଏପ୍ରିଲ ଅଥବା ମେ ଶେଷ ସୁଦ୍ଧା କମ୍ପାନୀ ଏହା ପାଇବ। ଏହାଛଡ଼ା କମ୍ପାନୀକୁ ଅନ୍ୟାନ୍ୟ ବ୍ୟବସାୟରୁ ୫୦୦ କୋଟି ଟଙ୍କା ମିଳିବାକୁ ଯାଉଛି। ଏହାଛଡ଼ା ନମନୀୟ ଋଣ ବାବଦରେ କମ୍ପାନୀ ୩୫୦୦ କୋଟି ଟଙ୍କା ପାଇବାକୁ ଯାଉଛି। ଏହି ସମସ୍ତ ଟଙ୍କା ମିଳିବା ପରେ ବିଏସ୍‌ଏନ୍‌ଏଲର ଆର୍ଥିକ ସ୍ଥିତି କିଛି ମାତ୍ରାରେ ସମ୍ଭାଳିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଖର୍ଚ୍ଚ କମାଇବାକୁ ଯାଇ କମ୍ପାନୀ ପୂର୍ବରୁ ଏକ ଭିଆର୍‌ଏସ ଯୋଜନା ଲାଗୁ କରିବାକୁ ଚିନ୍ତା କରୁଛି। କମ୍ପାନୀରେ କାର୍ଯ୍ୟରତ ୫୬ରୁ ୬୦ ବର୍ଷର ୬୭୦୦୦ କର୍ମଚାରୀଙ୍କୁ ପ୍ରଥମେ ଏଥିପାଇଁ ଟାର୍ଗେଟ କରାଯିବ ବୋଲି କୁହାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୫୦% ଅର୍ଥାତ ୩୩,୫୬୮ ଜଣଙ୍କୁ ଭିଆର୍‌ଏସ ଦିଆଗଲେ କମ୍ପାନୀ ବେତନ ବାବଦରେ ଆସନ୍ତା ୬ ବର୍ଷ ଭିତରେ ପ୍ରାୟ ୧୩,୮୯୫ କୋଟି ଟଙ୍କା ସଞ୍ଚୟ କରିପାରିବ। ସେତିକି ପରିମାଣ ଟଙ୍କା କମ୍ପାନୀ ଭିଆର୍‌ଏସ ବାବଦରେ ଖର୍ଚ୍ଚ କରିବ। ସୂଚନାଥାଉ କି, ଟେଲିକମ ଉଦ୍ୟୋଗରେ ରିଲାଏନ୍ସ ଜିଓର ପ୍ରବେଶ ପରେ ୨୦୧୭-୧୮ରେ ବିଏସ୍‌ଏନ୍‌ଏଲର ରାଜସ୍ୱ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। ଏହି ଆର୍ଥିକ ବର୍ଷରେ କମ୍ପାନୀ ୭,୯୯୩ କୋଟି ଟଙ୍କା କ୍ଷତି ସହିଲାଣି, ଯାହାକି ଗତବର୍ଷ ଅପେକ୍ଷା ୬୬% ଅଧିକ।

## ବିମାନରେ ଇଣ୍ଟରନେଟ୍ ପାଇଁ ଲାଇସେନ୍ସ

**ନୂଆଦିଲ୍ଲୀ,୩-୪**

ବିମାନ କିମ୍ବା ଜାହାଜରେ ଏଣିକି ଇଣ୍ଟରନେଟ ସୁବିଧା ମିଳିବ। ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍‌କୁ ଏଥିପାଇଁ ଟେଲିକମ୍ ମନ୍ତ୍ରଣାଳୟରୁ ଲାଇସେନ୍ସ ମିଳିଯାଇଛି। କମ୍ପାନୀ ଏବେ ବିଦେଶୀ ପାର୍ଟନର ଇନ୍‌ମାରସ୍ୟାଟ୍ ଜରିଆରେ ଯାତ୍ରୀଙ୍କୁ ଏହି ସୁବିଧା ଯୋଗାଇ ପାରିବ। ଭାରତରେ କାର୍ଯ୍ୟରତ ସମସ୍ତ ବିମାନ କମ୍ପାନୀ ଅଥବା ଭାରତୀୟ ବାୟୁସୀମା ଉପର ଦେଇ ଯାତ୍ରା କରୁଥିବା ବିଦେଶୀ ବିମାନରେ ଇଣ୍ଟରନେଟ ସୁବିଧା ମିଳିବ। ଏୟାରଲାଇନ୍ସ କମ୍ପାନୀଗୁଡ଼ିକ ବିଏସ୍‌ଏନ୍‌ଏଲ୍‌ର କେଏ ବ୍ୟାଣ୍ଡ, ସ୍ୱିଫ୍ଟ ବ୍ରଡବ୍ୟାଣ୍ଡ ଅଥବା ଫ୍ଲିଟ୍ ବ୍ରଡବ୍ୟାଣ୍ଡ ସେବା ନେଇପାରିବେ। ଏହି ସେବା ଭାରତୀୟ ସମୁଦ୍ର ସୀମା ମଧ୍ୟରେ ପରିଚାଳିତ ସମସ୍ତ ଜାହାଜରେ ମଧ୍ୟ ଉପଲବ୍ଧ ହେବ। ଚଳିତବର୍ଷ ଶେଷ ସୁଦ୍ଧା ବିମାନ ଓ ଜାହାଜରେ ଏହି ସୁବିଧା ଆରମ୍ଭ କରାଯିବ। ଏଥିଲାଗି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଇନ୍‌ମାରସ୍ୟାଟ୍ କହିଛି।

## ଜେଟ୍‌ର ୨୮ ବିମାନ ଏବେ ଉଡୁଛି: ଖରୋଲା

**ନୂଆଦିଲ୍ଲୀ,୩-୪:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏବେ ଏହାର ମାତ୍ର ୨୮ ବିମାନ ଉଡୁଛି ବୋଲି ବେସାମରିକ ବିମାନ ଚଳାଚଳ ସଚିବ ପି.ଏସ୍.ଖରୋଲା ବୁଧବାର ସୂଚନା ଦେଇଛନ୍ତି। ଖରୋଲା କହିଛନ୍ତି ଯେ, ମଙ୍ଗଳବାର ୨୮ ବିମାନ ଉଡ଼ିବା ଅବସ୍ଥାରେ ଥିଲା ବୋଲି ଷ୍ଟକ୍ ମାର୍କେଟକୁ କମ୍ପାନୀ ସନ୍ଧ୍ୟାରେ ସୂଚନା ଦେଇଥିଲା। ତେବେ ବିମାନ ପରିଚାଳନା କରୁଥିବା ଡିଜିସିଏ ପକ୍ଷରୁ କୁହାଯାଇଛି ଯେ, ଆଜିର ତାରିଖରେ ଜେଟ୍‌ର ୨୮ ବିମାନ ପରିଚାଳନାରେ ରହିଛି। ଯେଉଁ ୧୫ ବିମାନ କଥା କୁହାଯାଉଛି, ତାହାକୁ ପୂର୍ବରୁ ଗଣାଯାଇସାରିଛି ଏବଂ ଶେୟାର ବଜାରକୁ କମ୍ପାନୀ ସୂଚନା ଦିଆଯାଇଛି।

## ହୋଣ୍ଡା ଆଫ୍ରିକା ଟ୍ୱିନର ବୁକିଂ ଆରମ୍ଭ

**ଭୁବନେଶ୍ୱର,୩-୪**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ୨୦୧୯ ହୋଣ୍ଡା ଆଫ୍ରିକା ଟ୍ୱିନର ବୁକିଂ ଆରମ୍ଭ ହୋଇଛି। ଏହା ଗ୍ଲିଟ ୱେଭ୍ ବ୍ଲୁ ମେଟାଲିକ ରଙ୍ଗ, ଗୋଲଡେଲ ହ୍ୟାଣ୍ଡେଲ ବାର ଏବଂ ହ୍ୱିଲ ରିମ୍ ସହ ଆସୁଛି। ଏହା ସବୁ ପ୍ରକାରର ସଡକରେ ଦୌଡିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ ସୂଚନା ରହିଛି। କେବଳ ପ୍ରଥମ ୫୦ ଜଣ ଗ୍ରାହକଙ୍କ ପାଇଁ ବୁକିଙ୍ଗ ଆହ୍ୱାନ କରାଯାଇଛି। ୨୦୧୭ ପରଠାରୁ ଏହା ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କମ୍ପାନିର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି। ଏହାର ବଜାର ଦର ୧୩.୫ ଲକ୍ଷ ଟଙ୍କା ରହିଛି। ଗ୍ରାହକମାନେ ଦେଶର ୨୨ ସହରରେ ଥିବା ହୋଣ୍ଡାର ସ୍ୱତନ୍ତ୍ର ବିକ୍ରି ଓ ସେବା ଆଉଟଲେଟ ୱିଙ୍ଗ ୱାର୍ଲଡରେ ଲାଭ କରିପାରିବେ। ଏହି ମଡେଲଟିରେ ୯୯୯.୧୧ ସିସି ଇଞ୍ଜିନ, ହୋଣ୍ଡା ଟର୍କ କଣ୍ଟ୍ରୋଲ, ଆଣ୍ଟି ଲକ୍ ବ୍ରେକିଂ ଭଳି ସୁବିଧା ରହିଛି। ଓଡ଼ିଶାର ଗ୍ରାହକମାନେ ଭୁବନେଶ୍ୱରର ପିଜିଏଲ୍ ହୋଣ୍ଡାରେ ଏହି ବାଇକ୍‌ର ବୁକିଂ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ୫ ଲକ୍ଷ ଯୁବକଙ୍କୁ ଦିଆଯିବ ଇଣ୍ଟର୍ନଶିପ୍ ସହ ୬ ହଜାର

**ନୂଆଦିଲ୍ଲୀ,୩-୪:** ନିର୍ବାଚନର ଠିକ୍ ପୂର୍ବରୁ ମୋଦି ସରକାର ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରିବାକୁ ଯାଇ ଏକ ନୂଆ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଯାଉଛି। ପ୍ରଥମଥର କୌଣସି ସରକାରୀ ଯୋଜନା ଅଧୀନରେ ବିଶ୍ୱବିଦ୍ୟାଳୟ ଓ କଲେଜରେ ପାଠପଢୁଥିବା ୫ ଲକ୍ଷ ଯୁବତୀଯୁବକ(ଅଣଟେକ୍ନିକାଲ)ଙ୍କୁ ସ୍ୱତନ୍ତ୍ର ସେକ୍ଟରରେ କାମ କରିବାର ସୁଯୋଗ ଦିଆଯିବ। ଜୁଲାଇରେ ୬ ମାସିକିଆ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ଅଧୀନରେ ଶିକ୍ଷାରତ ଛାତ୍ରୀଛାତ୍ରଙ୍କୁ ମାସକୁ ଷ୍ଟାଇପେଣ୍ଡ ବାବଦରେ ୬ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ୧୫୩୩ ଅଣ ଟେକ୍ନିକାଲ ବିଶ୍ୱବିଦ୍ୟାଳୟ ଓ କଲେଜରୁ ୯.୨୫ ଲକ୍ଷ ଯୁବବର୍ଗଙ୍କୁ ସର୍ବାଧିକ ୬ ମାସର ଇଣ୍ଟର୍ନଶିପ୍ ପ୍ରୋଗ୍ରାମରେ ସାମିଲ କରାଯିବ। ସ୍କିମ୍ ଫର୍ ହାୟର ଏଜୁକେଶନ ଫର୍ ଆପ୍ରେଣ୍ଟିସ୍‌ଶିପ୍ ଆଣ୍ଡ ସ୍କିଲ୍ସ (ଶ୍ରେୟାସ) ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ମନୋନୟନପତ୍ର ଦାଖଲ କରିବାର ଶେଷତାରିଖ ମାର୍ଚ୍ଚ ୨୫ ଥିଲା।

## ଏସିଆନ୍ ଟୁର ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ପଓ୍ୱନ ମୁଞ୍ଜାଲ



**ନୂଆଦିଲ୍ଲୀ,୩-୪**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା କମ୍ପାନୀ ହିରୋମୋଟୋ କର୍ପ ଲିମିଟେଡର ଅଧ୍ୟକ୍ଷ ପଓ୍ୱନ ମୁଞ୍ଜାଲଙ୍କୁ ଏସିଆନ ଟୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏସିଆରେ ଗଲ୍ଫ କ୍ରୀଡାର ବିକାଶ ଲାଗି ଦୀର୍ଘ ଦିନ ଧରି ରହିଥିବା ଯୋଗଦାନ ଆଧାରରେ ତାଙ୍କୁ ଏହି ସମ୍ବର୍ଦ୍ଧନା ମିଳିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭାରତୀୟ ଗଲ୍ଫର ତଥା ଏସିଆନ୍ ଟୁରର ଖେଳାଳି ଶିବ କୁମାର ମୁଞ୍ଜାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହିରୋ ଇଣ୍ଡିଆନ ଓପନକୁ ଗତ ୧୪ ବର୍ଷ ମୁଞ୍ଜାଲ ପ୍ରୋତ୍ସାହିତ କରିଥିବା କୁମାର କହିଛନ୍ତି। ସେହିଭଳି ହିରୋ ୱିମେନ ଇଣ୍ଡିଆନ ଓପନ, ହିରୋ ୱାର୍ଲଡ ଚ୍ୟାଲେଞ୍ଜ ତଥା ଅନ୍ୟାନ୍ୟ କ୍ରୀଡାର ବିକାଶ ଦିଗରେ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା ଏହା ସୂଚନା ଦେଇଛି। ଏହି ଅବସରରେ ସାରା ବିଶ୍ୱରେ ଗଲ୍ଫର ବିକାଶ ଲାଗି ପ୍ରୟାସ ଜାରି ରହିଥିବା ପଓ୍ୱନ ମୁଞ୍ଜାଲ କହିଛନ୍ତି।

## ୮୨୯୯ କୋଟି ଜିଏସ୍‌ଟି ସଂଗ୍ରହ କଲା ଭୁବନେଶ୍ୱର ଜୋନ




**ଭୁବନେଶ୍ୱର,୩-୪**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି), ସୀମା ଶୁଳ୍କର ଭୁବନେଶ୍ୱର ଜୋନ କାର୍ଯ୍ୟାଳୟ ୨୦୧୮-୧୯ରେ ଟିକସ ସଂଗ୍ରହରେ ଧାର୍ଯ୍ୟ ଲକ୍ଷ୍ୟକୁ ଟପିବାରେ ସକ୍ଷମ ହୋଇଛି। ଜୋନ ପକ୍ଷରୁ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଟିକସ, ସୀମା ଶୁଳ୍କ ବାବଦକୁ ଟିକସ ସଂଗ୍ରହ ବେଶ୍ ଉନ୍ନତ ରହିଛି। ଏହି ସମୟରେ ୮୨୯୯ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ୫୫୯୦ କୋଟି ଟଙ୍କା ଜିଏସ୍‌ଟି ଆଦାୟ କରିବାକୁ ଲକ୍ଷ୍ୟ ରହିଥିଲେ ମଧ୍ୟ ଏହି ଲକ୍ଷ୍ୟକୁ ଟପିବାରେ ଜୋନ ସକ୍ଷମ ହୋଇଛି ବୋଲି ମୁଖ୍ୟ କମିଶନର ନରେଶ ପେନୁମାକା କହିଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ପେନୁମାକା କହିଛନ୍ତି ଯେ, ବକେୟା ଟିକସ ବାବଦକୁ ସର୍ଭିସ ଟାକ୍ସରେ ୨୪୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଉତ୍ପାଦ ଟିକସ ବାବଦକୁ ୧୭,୭୧୨ କୋଟି ଟଙ୍କା ଆଦାୟ ହୋଇଛି। ୧୭,୬୨୦ କୋଟି ଟଙ୍କା କେନ୍ଦ୍ରୀୟ ଉତ୍ପାଦ ଟିକସ ସଂଗ୍ରହ କରିବାକୁ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାବାଦ ସୀମା ଟିକସ ବାବଦକୁ ୫,୧୧୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଟିକସ ସଂଗ୍ରହ ୫୨୯୭ କୋଟି ଟଙ୍କା ରହିଛି। ଏହି ସମୟରେ ଜୋନ ପକ୍ଷରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୪.୪୬ କୋଟି ଟଙ୍କା ମୂଲ୍ୟର ୧୩.୭୭ କିଲୋ ସୁନା ଜବତ ହୋଇଛି ବୋଲି ପେନୁମାକା କହିଛନ୍ତି।

## ଡଲାର ପକ୍ଷରୁ ମତଦାନ ସଚେତନତା

**ନୂଆଦିଲ୍ଲୀ,୩-୪**

ଡଲାର ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଲୋକଙ୍କ ମଧ୍ୟରେ ମତଦାନ ସଂକ୍ରାନ୍ତ ସଚେତନତା ସୃଷ୍ଟି ତଥା ଉତ୍ସାହ ସୃଷ୍ଟି ଲାଗି ନୂଆ ଡିଜିଟାଲ କ୍ୟାମ୍ପେନ 'ଉଙ୍ଗଲି ଉଠାନା ଫିଟ୍ ହେ ବସ' ଆରମ୍ଭ ହୋଇଛି। ଆଗକୁ ଥିବା ସାଧାରଣ ନିର୍ବାଚନରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବା ଲାଗି ଲୋକଙ୍କୁ ଏହା ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ଘରେ ବସି ଦେଶର ଅସୁବିଧା ସମ୍ପର୍କରେ ଆଲୋଚନା ନ କରି ଠିକ୍ ଲୋକଙ୍କୁ ବାଛିବା ଲାଗି ମତଦାନ କରିବା ଉପରେ ଏହି ଅଭିଯାନରେ କମ୍ପାନି ଗୁରୁତ୍ୱାରୋପ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ୨୮୦ ନିୟୁତ ଲୋକ ମତଦାନ କରି ନ ଥିବା ସୂଚନା ରହିଛି। ଏହାକୁ ବିଚାର କରି ଏହି ଅଭିଯାନ ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କୁ ଭୋଟଦାନ ସମ୍ପର୍କରେ ସଚେତନ କରାଉଥିବା ଡଲାର ସୂଚନା ଦେଇଛି।

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER CM**
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି ନିହାତି ଜରୁରୀ

▶ ମୋ ବୟସ ୫୦ ବର୍ଷ। ମୁଁ କାର୍ଯ୍ୟ କରୁଥିବା କମ୍ପାନୀ ପ୍ରଦତ୍ତ ସ୍ୱାସ୍ଥ୍ୟ ବୀମା ପଲିସି ମାଧ୍ୟମରେ ମୁଁ ଏବଂ ମୋ ପରିବାର ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପାଉଛୁ। ଏହା ଏକ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି। କମ୍ପାନୀ ସ୍ୱାସ୍ଥ୍ୟ ବୀମା ପାଉଥିବାରୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା କିଣି ନାହିଁ। ଏ କ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା କ୍ରୟ କରିବା ଉଚିତ ହେବ କି? କୌଣସି ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପଲିସି କିଣିବା ପାଇଁ ପୂର୍ବ ବିଦ୍ୟମାନ ରୋଗ ବିଷୟରେ ଘୋଷଣା କରିବା ନିହାତି ଦରକାର କି? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।

**–ଦୟାନିଧି ମିଶ୍ର, କଟକ**

■ ଆପଣ ଯଦିଓ କମ୍ପାନୀ ପ୍ରଦତ୍ତ ଗୋଷ୍ଠୀଗତ ସ୍ୱାସ୍ଥ୍ୟବୀମା ପଲିସି ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ଲାଭ କରୁଛନ୍ତି, ତଥାପି ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି କିଣି ନେବା ନିହାତି ଆବଶ୍ୟକ। ଏହା ଏକ ବୁଦ୍ଧିମାନର କାର୍ଯ୍ୟ ହେବ। ପ୍ରାୟତଃ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି ସବୁ ସହ-ଭାଗିଦାରି ଏବଂ ନିର୍ଦ୍ଦିଷ୍ଟ ରୋଗ ସମ୍ବନ୍ଧୀୟ ଉପସୀମା ଖର୍ଚ୍ଚ ସବୁର ନିୟମ ଲାଗୁ ରହିତ ଥାଏ। ସବୁଠାରୁ ମୁଖ୍ୟ ଦିଗ ହେଉଛି ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ସୁରକ୍ଷା କମ୍ପାନୀର ମାନବ ସମ୍ବଳ ବିଭାଗର ପଲିସି ଅନୁଯାୟୀ ପରିବର୍ତ୍ତନ ହୋଇଥାଏ। ଆପଣଙ୍କ କ୍ଷେତ୍ରରେ ହୁଏତ ଆପଣଙ୍କ କମ୍ପାନୀର ମାନବ ସମ୍ବଳ ବିଭାଗର ନିୟମ ଅନୁଯାୟୀ ପରିବର୍ତ୍ତନ ହୋଇପାରେ କିମ୍ବା ସ୍ୱାସ୍ଥ୍ୟ ବୀମା ସୁରକ୍ଷା ବନ୍ଦ କରି ଦିଆଯାଇପାରେ। ଭବିଷ୍ୟତରେ ଯଦି ଆପଣ କମ୍ପାନି ପରିବର୍ତ୍ତନ କରନ୍ତି, ତେବେ ନୂତନ କମ୍ପାନୀ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପ୍ରଦାନ କରୁନାହିଁ। ଯଦି ଏସବୁ ବିଷୟକୁ ଦୃଷ୍ଟି ଦେବା, ତେବେ ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପଲିସି ନିହାତି କିଣିବା ଆବଶ୍ୟକ। ଏହା ବ୍ୟତୀତ ଆପଣଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟି ଦେଇ କିଣିପାରିବେ। କିନ୍ତୁ ଗୋଷ୍ଠୀଗତ ସ୍ୱାସ୍ଥ୍ୟ ବୀମା ପଲିସି ହେଉଛି ସାଧାରଣ ମୌଳିକ ସ୍ୱାସ୍ଥ୍ୟ ବୀମା ସୁରକ୍ଷା। ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟି ଦିଆଯାଏ ନାହିଁ।

ହଁ, ଯେତେବେଳେ ଆପଣ କୌଣସି ସ୍ୱାସ୍ଥ୍ୟ ବୀମା ପଲିସି କିଣୁଛନ୍ତି, ସେତେବେଳେ ପୂର୍ବ ବିଦ୍ୟମାନ ରୋଗ ସମ୍ପର୍କରେ ଘୋଷଣା କରିବା ନିହାତି ଜରୁରୀ। ନିଜର ବର୍ତ୍ତମାନ ଚିକିତ୍ସା ପରୀକ୍ଷା ସବୁ ବିଷୟରେ ସ୍ୱାସ୍ଥ୍ୟ ବୀମା କମ୍ପାନିକୁ ଜଣାଇବା ଉଚିତ ହେବ ନଚେତ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଦାବି ସମୟରେ ଅସୁବିଧାର ସମ୍ମୁଖୀନ ହେବେ। କିମ୍ବା ହୁଏତ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଚିକିତ୍ସା ଖର୍ଚ୍ଚ ଦେବାକୁ ଅଗ୍ରାହ୍ୟ କରିଦେଇପାରେ। ଏସବୁ ଅପ୍ରୀତିକର ଓ ଅସୁବିଧା ପରିସ୍ଥିତିକୁ ଦୂରେଇ ରଖିବା ପାଇଁ ପଲିସି କିଣିବାବେଳେ ବିଷୟରେ ଘୋଷଣା କରି ନେବା ଉଚିତ।

▶ ମୁଁ ୨୦୧୮ରେ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ୫୦,୦୦୦ ଟଙ୍କା ପ୍ରଦାନ କରିଛି। ଏହି ରାଶି ଉପରେ କ'ଣ ମୁଁ ଆୟକର ଛାଡ଼ ସୁବିଧା ପାଇପାରିବି? ଯଦି ମିଳିବ, ତେବେ କେତେ ଟଙ୍କାର ସୁବିଧା ପାଇପାରିବି?

**– ମାନିନୀ ସ୍ୱାଇଁ, ଅନୁଗୋଳ**

■ ହଁ, ଆପଣ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଥିବା ରାଶି ଉପରେ ଆୟକର ସୁବିଧା ପାଇପାରିବେ। ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ପ୍ରଦାନ କରାଯାଇଥିବା ରାଶିର ୧୦୦ ପ୍ରତିଶତ ଆୟକର ଛାଡ ସୁବିଧା ପାଇପାରିବେ। ଯଦି କୌଣସି ପଞ୍ଜିକୃତ ଏନ୍‌ଜିଓକୁ ପ୍ରଦାନ କରାଯାଇଥାଏ, ତେବେ ପ୍ରଦାନ କରାଯାଇଥିବା ରାଶିର ୫୦ ପ୍ରତିଶତ ଆୟକର ଛାଡ ସୀମା ପାଇବେ। ଯାହା ହେଲେ ମଧ୍ୟ ସମୁଦାୟ ଆୟକର ଛାଡ଼ ଆପଣଙ୍କ ସମୁଦାୟ ବାର୍ଷିକ ଆୟର ୧୦% ହେବ।

▶ ମୁଁ ଏକ ଗୃହ ଋଣ କରି ଫ୍ଲାଟ କିଣିବାକୁ ଚାହୁଁଛି? ଗୃହ ଋଣ ପ୍ରଦାନକାରି ବ୍ୟାଙ୍କ କହୁଛି ଏକ ସମ୍ପତ୍ତି ବୀମା କିଣିବା ଉଚିତ। କାରଣ ଏହା କିଣିବା ନିହାତି ଆବଶ୍ୟକ?

**– ତରୁଣ ମିଶ୍ର, ସମ୍ବଲପୁର**

■ ଆପଣ ଯେହେତୁ ଗୃହ ଋଣ କରି ଫ୍ଲାଟ କିଣୁଛନ୍ତି, ତେଣୁ ଏ କ୍ଷେତ୍ରରେ ଏକ ସମ୍ପତ୍ତି ବୀମା ସୁରକ୍ଷା ପଲିସି କିଣି ନେବା ଉଚିତ ହେବ। ଯଦି କୌଣସି କାରଣରୁ ଆପଣଙ୍କର ଅକାଳ ମୃତ୍ୟୁ ହୋଇଯାଏ, ତେବେ ବୀମା କମ୍ପାନୀ ହିଁ ବ୍ୟାଙ୍କର ବାକି ଥିବା ଗୃହ ଋଣ ରାଶି ପୈଠ କରିବ। ଏହାର ଅର୍ଥ ପରିବାରର ଆର୍ଥିକ ଜୀବନ ଶୈଳୀ ସୁରକ୍ଷିତ ରହିବ। ସବୁଠାରୁ ମୁଖ୍ୟ ଓ ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ ଯେ, ପ୍ରତ୍ୟେକ ବ୍ୟକ୍ତି ନିଜର ସମ୍ପତ୍ତି ଉପରେ ଆସୁଥିବା ସମ୍ଭାବ୍ୟ କ୍ଷତି ସବୁକୁ ବୀମା ସୁରକ୍ଷା ମାଧ୍ୟମରେ ସୁରକ୍ଷିତ କରିବା ଆବଶ୍ୟକ। ଯଦି ବୀମା ସୁରକ୍ଷା ନ ଥାଏ ତେବେ କୌଣସି କ୍ଷତି ହେବା ଦ୍ୱାରା ଏହାର ପ୍ରଭାବ ଅନ୍ୟ ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା କ୍ଷେତ୍ରରେ ଆସିଥାଏ। ଏ କ୍ଷେତ୍ରରେ ଆପଣ ଏହି ପଲିସି କିଣି ନେବା ଉଚିତ ହେବ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

ରିଷଭ ପନ୍ତ ଜଣେ ପ୍ରତିଭାବାନ କ୍ରିକେଟର କିନ୍ତୁ ତାଙ୍କୁ ମହେନ୍ଦ୍ର ସିଂ ଧୋନୀଙ୍କ ସହ ତୁଳନା କରାଯିବା ଉଚିତ୍ ନୁହେଁ ।
– କପିଳ ଦେବ, ପ୍ରାକ୍ତନ ଭାରତୀୟ କ୍ରିକେଟର



ଆଇପିଏଲ୍‌ର ପଦାର୍ପଣ ସିଜନରେ ଶତକ ହାସଲ କରିବା ମୋ କ୍ୟାରିୟରର ଏକ ବଡ଼ ଆକର୍ଷଣ ଅଟେ ।
– ଜନୀ ବେୟାରଷ୍ଟୋ, ସନରାଇଜର୍ସ ହାଇଦ୍ରାବାଦ୍ ଖେଳାଳି



## ସଂକ୍ଷେପରେ

### ସିନ୍ଧୁ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ, ସାଇନା ହାରିଲେ

କୁଆଲାଲମ୍ପୁର,୩।୪: ଭାରତୀୟ ଟପ୍ ଶଟଲର ପିଭି ସିନ୍ଧୁ ଓ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବଜୟିନୀ ସାଇନା ନେହ୍ୱାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଷ୍ଟମ ସିଡ ମାନ୍ୟତା ପାଇଥିବା ସାଇନା ୨୨-୨୦, ୧୫- ୨୧, ୧୦-୨୧ରେ ଥାଇଲାଣ୍ଡର ପର୍ଣ୍ଣପାୱି ଚୋଚୁୱଙ୍ଗଠାରୁ ପରାସ୍ତ ହୋଇଛନ୍ତି। ଅନ୍ୟପଟେ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ସିନ୍ଧୁ ପ୍ରଥମ ରାଉଣ୍ଡରେ ୨୨-୨୦, ୨୧-୧୨ ଗେମ୍‌ରେ ଆୟା ଓହୋରିଙ୍କୁ ହରାଇ ଦେଇଛନ୍ତି। ଜାପାନିଜ ଖେଳାଳିଙ୍କ ବିପକ୍ଷରେ ଏହା ସିନ୍ଧୁଙ୍କ ରେକର୍ଡ ୬ଷ୍ଠ ବିଜୟ। ପୁରୁଷ ବର୍ଗରେ ଇଣ୍ଡିଆ ଓପନ ଫାଇନାଲିଷ୍ଟ ଶ୍ରୀକାନ୍ତ ଇଣ୍ଡୋନେସିଆର ଇସାନ ମାଉଲାନା ମୁସ୍ତାଫାଙ୍କୁ ୨୧-୧୮, ୨୧-୧୬ ଗେମ୍‌ରେ ପରାସ୍ତ କରିଛନ୍ତି। ଏହି ବିଜୟ ଲାଗି ତାଙ୍କୁ ୩୮ ମିନିଟ୍ ସଂଘର୍ଷ କରିବାକୁ ପଡ଼ିଥିଲା। ୫ମ ସିଡ୍ ସିନ୍ଧୁ ଏବେ କୋରିଆର ସୁଙ୍ଗ ଜି ହ୍ୟୁନଙ୍କଠାରୁ ଅଲ ଇଂଲଣ୍ଡ ଟୁର୍ନାମେଣ୍ଟରେ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଶ୍ରୀକାନ୍ତ ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡର ଖୋସିତ ଫେଟପ୍ରାଦବଙ୍କୁ ଭେଟିବେ। ଅନ୍ୟପକ୍ଷରେ ଏଚ୍.ଏସ୍. ପ୍ରନୟ ଓ ସମୀର ବର୍ମାଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି।

### ଏଟିକେ ଦଳରେ ଜବି ଜଷ୍ଟିନ

କୋଲକାତା,୩।୪(ପିଟି): ଇଣ୍ଡିଆନ ସୁପର ଲିଗ ପୂର୍ବତନ ଚାମ୍ପିୟନ ଆଟଲେଟିକୋ କୋଲକାତା (ଏଟିକେ) ବୁଧବାର ଇଷ୍ଟ ବେଙ୍ଗଲ ଫରୱାର୍ଡ ଜବି ଜଷ୍ଟିନଙ୍କ ସହ ୩ ବର୍ଷିଆ ଚୁକ୍ତି କରିଛି। ୨୫ ବର୍ଷୀୟ କେରଳ ଖେଳାଳି ଜଷ୍ଟିନ ଜାତୀୟ ଦଳରେ ଖେଳୁଛନ୍ତି। ସେ ଆଇଲିଗ୍‌ରେ ୯ ଗୋଲ ଦେଇଥିଲେ। ଏହା ଭାରତୀୟ ଖେଳାଳିଙ୍କ ମଧ୍ୟରେ ସର୍ବାଧିକ। ଆଇଏସ୍ଏଲ କୋଲକାତା ଫ୍ରାଞ୍ଚାଇଜ ସ୍ପାନିଶ ଖେଳାଳି ଇଡୁ ଗାର୍ସିଆ ଓ ମାନୁଏଲ ଲାନ୍‌ଜାରୋଟଙ୍କ ଚୁକ୍ତି ସମୟ ସୀମାକୁ ବୃଦ୍ଧି କରିଛନ୍ତି।

## ସୁପର କପ୍ ଫୁଟବଲ, ଆଜି ଚାମ୍ପିୟନ ଲଢ଼େଇ

# ବେଙ୍ଗାଲୁରୁ-ଚେନ୍ନାଇ ହେଭିୱେଟ ମୁକାବିଲା

ଭୁବନେଶ୍ୱର, ୩।୪(କ୍ରୀଡ଼ା ପ୍ରତିନିଧି)

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଦୁଇ ଶକ୍ତିଶାଳୀ ଦଳ ବେଙ୍ଗାଲୁରୁ ଏଫସି ଓ ଚେନ୍ନାଇ ସିଟି। ଗତବର୍ଷ ସୁପର କପ୍ ଚାମ୍ପିୟନ ବେଙ୍ଗାଲୁରୁ ଏଫସି ଚଳିତ ସିଜନରେ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଟାଇଟଲ ମଧ୍ୟ ଜିତିଛି। ଅନ୍ୟପକ୍ଷରେ ଚେନ୍ନାଇ ସିଟି ଆଇ-ଲିଗ୍ ଚାମ୍ପିୟନ ହେବାପରେ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଦୁଇ ଚାମ୍ପିୟନଙ୍କ ମଧ୍ୟରେ ଏହି ହେଭିୱେଟ୍ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚକ ହେବା ଆଶା କରାଯାଉଛି।

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷପାତିତା କରୁଛି ବୋଲି ଅଭିଯୋଗ କରି ଆଇ-ଲିଗ୍‌ର ୭ ଦଳ ପ୍ରତିଯୋଗିତାରୁ ଓହରି ଯାଇଥିବାରୁ ଟୁର୍ନାମେଣ୍ଟ ଗ୍ଲାମର ହରାଇଛି। ଫଳରେ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବାରେ ଏହା ବାଧା ସୃଷ୍ଟି କରିଛି। ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ମାତ୍ର ୫ଟି ମ୍ୟାଚ ସମ୍ଭବ ହୋଇଥିବାବେଳେ ୭ ମ୍ୟାଚରୁ ୱାକଓଭର ମିଳିଛି। ପ୍ରଥମେ ବିଦ୍ରୋହରେ ସାମିଲ ଥାଇ ପରେ ଓହରି ଯାଇଥିବା ଚେନ୍ନାଇ ସିଟି ପ୍ରି-କ୍ୱାର୍ଟର ଫାଇନାଲରେ ପୁଣେ ସିଟିକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫସି ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଖେଳିନାହିଁ। ପ୍ରି-କ୍ୱାର୍ଟର ଫାଇନାଲରେ ଏହି ଦଳ ଇଷ୍ଟବେଙ୍ଗଲ ବିପକ୍ଷ ମ୍ୟାଚରୁ ୱାକ୍‌ଓଭର ପାଇଥିଲା। ଆଇଏସଏଲ ଚାମ୍ପିୟନ ବେଙ୍ଗାଲୁରୁ ଏବଂ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଫର୍ମରେ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ହେବା ଆଶା।



ସୁନୀଲ ଛେତ୍ରୀ



ପେଡ୍ରୋ ଜାଭିଏର ମାନ୍‌ଜି

ଆଇଏସଏଲରେ ବେଙ୍ଗାଲୁରୁ ୧୮ ମ୍ୟାଚରୁ ୧୦ ବିଜୟ, ୪ ପରାଜୟ ଓ ୪ ଡ୍ର ସହ ୩୪ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ୧୦ ଦଳ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏଫସି ଗୋଆ ୩୪ ପଏଣ୍ଟ ପାଇଥିଲେ ହେଁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ସେହିପରି ଆଇ-ଲିଗ୍‌ରେ ଚେନ୍ନାଇ ସିଟି ୨୦ ମ୍ୟାଚରୁ ୧୩ ବିଜୟ, ୩ ପରାଜୟ ଓ ୪ ଡ୍ର ସହ ୪୩ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଥିଲା। ୧୦ ଦଳ ବିଶିଷ୍ଟ ଏହି ଲିଗ୍‌ରେ ଇଷ୍ଟବେଙ୍ଗଲ ୪୨ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା।

### ବେଙ୍ଗାଲୁରୁ ଏଫସି

ବେଙ୍ଗାଲୁରୁ ଏଫସି ଏଥର ସୁପର କପ୍ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। କାର୍ଲସ କ୍ୱାଡ୍ରାଟଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏଥର ଆଇଏସଏଲ ଚାମ୍ପିୟନ ହୋଇଥିବାରୁ ଦୃଢ଼ ମନୋବଳ ସହିତ ଏହି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତୀୟ ଫୁଟବଲରେ ବେଙ୍ଗାଲୁରୁ ଏଫସି ସବୁଠାରୁ ସନ୍ତୁଳିତ ଦଳ। ଦୃଢ଼ ରକ୍ଷଣଭାଗ, କ୍ରିଏଟିଭ୍ ମିଡ୍‌ଫିଲ୍ଡ ଏବଂ ଆକ୍ରମଣାତ୍ମକ ବିଭାଗ ବେଶ୍ ଶାଣିତ। ଏହା ଦଳକୁ ସବୁବେଳେ ଫାଇଦାରେ ରଖୁଛି। ଅଗ୍ରଭାଗରେ ଅଧିନାୟକ ସୁନୀଲ ଛେତ୍ରୀ ଓ ମିକୁଙ୍କ ବୁଝାମଣା ଦଳକୁ ବେଶ୍ ସୁହାଉଛି। ଏହା ବ୍ୟତୀତ ଜୁଆନାନ, ରାହୁଲ, ଭେକେ, ଆଲବର୍ଟ ସେରାନ ଓ ଡେମାସ ଡେଲ୍‌ଗାଡୋ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। “ଚେନ୍ନାଇ ସିଟି ଏକ ଶକ୍ତିଶାଳୀ ଦଳ। ତେଣୁ ଆଗାମୀ ମ୍ୟାଚ ନିଶ୍ଚିତଭାବେ ସଂଘର୍ଷପୂର୍ଣ୍ଣ ହେବା ଆଶା। ଦେଶର ଦୁଇ ଶ୍ରେଷ୍ଠ ଲିଗ୍‌ର ଚାମ୍ପିୟନ ଗୋଟିଏ ମ୍ୟାଚରେ ଖେଳିବା ନିଶ୍ଚିତ ଦେଖିବାକୁ ଭଲ ଲାଗିବ। ଏହା ଦର୍ଶକଙ୍କୁ ମଧ୍ୟ ବେଶ୍ ମନୋରଞ୍ଜନ ଯୋଗାଇବ। ଆମେ ପୂର୍ବରୁ କାନ୍ତିରଭା ଷ୍ଟାଡିୟମରେ ଚେନ୍ନାଇ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିଲୁ। ସେଥିରେ ଏହି ଦଳ ଆମକୁ ପରାସ୍ତ କରିଥିଲା। ତେଣୁ ଆମେ ଚେନ୍ନାଇର ଶକ୍ତି ସମ୍ପର୍କରେ ଭଲଭାବେ ଅବଗତ” ବୋଲି କ୍ୱାଡ୍ରାଟ୍ କହିଛନ୍ତି।

### ଚେନ୍ନାଇ ସିଟି ଏଫସି

ଆଇ ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟି ଚଳିତ ସୁପର କପ୍‌ରେ ଏଫସି ପୁଣେ ସିଟିକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅଧିନାୟକ ପେଡ୍ରୋ ଜାଭିଏର ମାନ୍‌ଜିଙ୍କ ହ୍ୟାଟ୍ରିକ ଯୋଗୁ ଏହା ସମ୍ଭବ ହୋଇଥିଲା। ଗତ ଆଇ-ଲିଗ୍ ସିଜନରେ ମଧ୍ୟ ମାନ୍‌ଜିଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ତେଣୁ ଆଗାମୀ ମ୍ୟାଚରେ ଉପରେ ତାଙ୍କ ଉପରେ ନିଶ୍ଚିତ ପ୍ରତିପକ୍ଷ ଦଳର ନଜର ରହିବ। ସ୍ପାନିଶ୍ ଷ୍ଟ୍ରାଇକର ମାନ୍‌ଜି, ନେଷ୍ଟର ଓ ସାଣ୍ଡ୍ରୋଙ୍କ କମ୍ବିନେଶନ ଚେନ୍ନାଇ ସିଟିକୁ ଫାଇଦାରେ ରଖି ଆସୁଛି। ମାତ୍ର ଦଳ ଡିଫେଣ୍ଡର ଚାର୍ଲସ ଲୋର୍ଡୁସାମିଙ୍କ ଅନୁପସ୍ଥିତି ଅନୁଭବ କରିବ। ପୁଣେ ବିପକ୍ଷ ମ୍ୟାଚରେ ସେ ରେଡ୍ କାର୍ଡ ପାଇଥିଲେ। ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ଦଳ ସ୍ୱାଭାବିକ ଭାବେ ଖେଳିବ। ଏପରି ଏକ ଦଳକୁ ହରାଇ ପାରିଲେ ବହୁତ ବଡ଼ କଥା ହେବ ବୋଲି କୋଚ୍ ଆକବର ନୱାସ ପ୍ରକାଶ କରିଛନ୍ତି।

### ବେଙ୍ଗାଲୁରୁ ଫେଭରାଇଟ: ଆକବର

ଚେନ୍ନାଇ ସିଟି ଏଫସି କୋଚ୍ ଆକବର ନୱାସ ପ୍ରତିପକ୍ଷ ବେଙ୍ଗାଲୁରୁ ଏଫସିକୁ ଫେଭରାଇଟ ଆଖ୍ୟା ଦେଇଛନ୍ତି। ଏପରି ଏକ ବଡ଼ ମୁକାବିଲା ପୂର୍ବରୁ ତାଙ୍କ ଦଳ ଉପଯୁକ୍ତ ଟ୍ରେନିଂ କରିନାହିଁ। ତେଣୁ ବେଙ୍ଗାଲୁରୁ ପଲା ଭାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। “ବେଙ୍ଗାଲୁରୁ ଭାରତର ଅନ୍ୟତମ ଶ୍ରେଷ୍ଠ ଦଳ। ଏହି ଦଳର ବଜେଟ ବହୁତ ବେଶି, ହାଇ ପ୍ରୋଫାଇଲ ଖେଳାଳିଙ୍କୁ ନେଇ ଏହି ଦଳ ବେଶ୍ ଶକ୍ତିଶାଳୀ। ଗତ ୪-୫ ବର୍ଷ ଧରି ଏହି ଦଳ ପ୍ରାୟତଃ ସମାନ ଖେଳାଳିଙ୍କୁ ନେଇ ଖେଳୁଛି। ତେଣୁ ଦଳର କମ୍ବିନେଶନ ବହୁତ ଭଲ” ବୋଲି ସେ କହିଛନ୍ତି। ଏଫସି ପୁଣେ ସିଟିକୁ ୪-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲେ ହେଁ ଆଗାମୀ ମ୍ୟାଚରେ ବେଙ୍ଗାଲୁରୁ ଫେଭରାଇଟ ରହିବ ବୋଲି ସେ କହିଛନ୍ତି। ମୋହନ ବାଗାନ ଓହରି ଯାଇଥିବାରୁ ବେଙ୍ଗାଲୁରୁ ଏଫସିକୁ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଭୁବନେଶ୍ୱର ଆସିବାକୁ ପଡ଼ି ନ ଥିଲା। ଏହା ପରୋକ୍ଷରେ ବେଙ୍ଗାଲୁରୁକୁ ଆଡ୍‌ଭାଣ୍ଟେଜ ଦେବ ବୋଲି ଆକବର କହିଛନ୍ତି। ଏହି ଦଳ ଟ୍ରେନିଂ ପାଇଁ ପର୍ଯ୍ୟାପ୍ତ ସମୟ ପାଇଛି। ଅନ୍ୟପକ୍ଷରେ ଆମେ ପ୍ରି-କ୍ୱାର୍ଟର ଫାଇନାଲ ଖେଳି ଫେରିଥିଲୁ। ଏବେ ପୁଣି ଭୁବନେଶ୍ୱର ଆସିବା ଭିତରେ ଠିକ୍‌ଭାବେ ଟ୍ରେନିଂ ହୋଇପାରିନାହିଁ। ଆଗାମୀ ମ୍ୟାଚରେ ଖେଳିବାକୁ ଯାଉଥିବା ୨ଟି ଯାକ ଦଳ ନିଜ ନିଜ ଲିଗ୍‌ରେ ଚାମ୍ପିୟନ। ମାତ୍ର ଆଗାମୀ ମ୍ୟାଚରେ ଏହାର କିଛି ପ୍ରଭାବ ରହିବ ନାହିଁ। କାରଣ ୯୦ ମିନିଟ ସମୟ ମଧ୍ୟରେ ଯେଉଁ ଦଳ ଭଲ ଖେଳିବ ସେ ଜିତିବ ବୋଲି ଆକବର ପ୍ରକାଶ କରିଛନ୍ତି। ମ୍ୟାଚରେ ବିଦେଶୀ ଖେଳାଳିଙ୍କ ମଧ୍ୟରେ ବେଙ୍ଗାଲୁରୁର ମିକୁ ଓ ଚେନ୍ନାଇ ସିଟିର ପେଡ୍ରୋ ମାନ୍‌ଜିଙ୍କ ଉପରେ ନଜର ରହିବ।

## ଏସିଆ କପ୍ ରୋଇଂ ପାଇଁ ତତ୍ପରତା



ବୁଧବାର ଜଗତ୍‌ପୁରସ୍ଥିତ ସାଇ ଜଳକ୍ରୀଡା କେନ୍ଦ୍ର ପରିଦର୍ଶନରେ ଯାଇଥିବା ରାଜ୍ୟ କ୍ରୀଡା ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା।

ଭୁବନେଶ୍ୱର, ୩।୪(ସ୍ପୋର୍ଟ୍ସ ବ୍ୟୁରୋ)

କଟକ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରଠାରେ ଅନୁଷ୍ଠିତ ହେବ ଏସିଆ କପ୍ ସିନିୟର ଓ ଏସିଆ ଜୁନିୟର ରୋଇଂ ଚାମ୍ପିୟନଶିପ୍। ଚଳିତବର୍ଷ ନଭେମ୍ବର ପ୍ରଥମ ସପ୍ତାହରେ ଏହି ୨ ସମ୍ମାନଜନକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବ। ରୋଇଂ କ୍ରୀଡ଼ାରେ ପ୍ରଥମଥର ଲାଗି ଓଡ଼ିଶାରେ ଏଭଳି ୨ଟି ବଡ଼ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ଏହାକୁ କିଭଳି ସଫଳତାର ସହ ଆୟୋଜନ କରାଯିବ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ବୁଧବାର ରାଜ୍ୟ କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀମାନେ ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନ କରିଛନ୍ତି। କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଆର୍. ଭିନିଲ କ୍ରୀଷ୍ଣା, ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସାଇ ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଏହି ୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ରାଜ୍ୟ ସରକାର କିଭଳି ସଫଳତାର ସହ ଆୟୋଜନ କରିବେ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ କ୍ୟାନୋଇଂର ସଭାପତି ବିନୋଦ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଜାତୀୟ ରୋଇଂ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜିତ ହୋଇଥିଲା। ଫଳରେ ଏହାକୁ ନଜରରେ ରଖି ରୋଇଂ ଫେଡେରେଶନ ଅଫ୍ ଇଣ୍ଡିଆ ଜଗତପୁରରେ ଏସିଆ କପ୍ ସିନିୟର ଓ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପ୍ରଦାନ କରିଥିଲା। ବିରୂପା ନଦୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ସେଠାରେ ଭିତ୍ତିଭୂମିରେ ଉନ୍ନତି ଅଣାଯିବ ବୋଲି ବିନୋଦ ଦାସ କହିଛନ୍ତି। ଶେଷଥର ପାଇଁ ୨୦୦୫ରେ ଏହି ସମ୍ମାନଜନକ ପ୍ରତିଯୋଗିତା ଭାରତରେ ଆୟୋଜିତ ହୋଇଥିଲା।

### ଆଇପିଏଲରେ ବିରଳ

ନୂଆଦିଲ୍ଲୀ,୩।୪

ଆଇପିଏଲରେ ଏକ ବିରଳ ସଂଯୋଗ ଦେଖିବାକୁ ମିଳିଛି। ନିକଟରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ପକ୍ଷରୁ ଖେଳୁଥିବା ସାମ କୁରାନ ହ୍ୟାଟ୍ରିକ ଉଇକେଟ ନେଇଥିଲେ। ଆଉ ସେହି ମ୍ୟାଚ୍‌ରେ ତାଙ୍କୁ ପ୍ରଥମ ଥର ପାଇଁ ଓପନିଂ ବ୍ୟାଟିଂ କରିବାକୁ ସୁଯୋଗ ମିଳିଥିଲା। ଅବଶ୍ୟ ସେ ବ୍ୟାଟିଂ କରି ମାତ୍ର ୨୦ ରନ୍ କରିପାରିଥିଲେ। ଏଥିପୂର୍ବରୁ ଓପନିଂ ବ୍ୟାଟିଂ କରିବା ସହ ହ୍ୟାଟ୍ରିକ ନେବାର କୃତିତ୍ୱ କେବଳ ଯୁବରାଜ ସିଂଙ୍କ ନାମରେ ଥିଲା। ୨୦୦୯ରେ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳର ଅଧିନାୟକ ଯୁବି ହ୍ୟାଟ୍ରିକ ଉଇକେଟ ନେଇଥିଲେ। ଏହାପରେ ସେ ଓପନିଂ ବ୍ୟାଟିଂ କରି ଅର୍ଦ୍ଧଶତକ କରିଥିଲେ।

## ଓଓଏ ସମ୍ପାଦକ ହେଲେ ଅଭିଜିତ୍

ଭୁବନେଶ୍ୱର, ୩।୪(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ସାଧାରଣ ସମ୍ପାଦକ ଭାବେ ଅଭିଜିତ୍ ପାଲ୍ ଦାୟିତ୍ୱ ନେଇଛନ୍ତି। ଗତ ମାର୍ଚ୍ଚ ୨୫ରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓଓଏର ସାଧାରଣ ସମ୍ପାଦକ ଏମ୍.ଏ. ଆଲାମଙ୍କ ବିୟୋଗ ପରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିଲା। ତେବେ ବୁଧବାର ଓଓଏର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। କାଉନସିଲ ହଲ୍‌ଠାରେ ହୋଇଥିବା ବୈଠକରେ ଅଭିଜିତ୍ ଓଓଏର ସାଧାରଣ ସମ୍ପାଦକ ଭାବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଅଭିଜିତ୍ ଓଓଏର ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ଥିଲେ। ଏହି କାଉନସିଲ ବୈଠକରେ ଓଏଏର ସଭାପତି ସମୀର ଦେ, କମଳକାନ୍ତ ପାଣ୍ଡେ, ପ୍ରତାପ ଶତପଥୀ, ଜଗମୋହନ ପଟ୍ଟନାୟକ, କିଶୋର ବିଶ୍ୱାଳ, ଉପସଭାପତି ଅଧିପ ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ବିନୋଦ ଦାସ, ଅନିଲ ବହିଦାର, ଦୁର୍ଗାମାଧବ ନାୟକ, ଧୀରେନ ପଲାଇ, ବୀରେନ୍ଦ୍ର ବେହେରା ପ୍ରମୁଖ କାଉନସିଲ ସଦସ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।



## ଇଣ୍ଡୋନେସିଆକୁ ହରାଇଲା ଭାରତ

### ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ

ମ୍ୟାଣ୍ଡାଲେ(ମ୍ୟାନମାର),୩।୪

ଏଠାରେ ଆରମ୍ଭ ହୋଇଥିବା ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ମହିଳା ଫୁଟବଲ ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୨-୦ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ମଣ୍ଡଲାରଥିରି ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ୨-୦ ଗୋଲରେ ବିଜୟୀ ହୋଇଛି। ଭାରତ ପକ୍ଷରୁ ଡାଙ୍ଗ୍‌ମେଇ ଗ୍ରେସ୍ ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ସେ ୨୭ ଓ ୬୭ତମ ମିନିଟରେ ଦୁଇଟି ଗୋଲ ଦେଇଥିଲେ। କୋଚ୍ ମେମୋଲ ରକିଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ବଲକୁ ନିଜ ପାଖରେ ରଖିବା ସହ ଭାରତ ଅପେକ୍ଷାକୃତ ଅଧିକ ଗୋଲ ସମ୍ଭାବନା ସୃଷ୍ଟି କରିଥିଲା। ଯୋଗ୍ୟତା ପର୍ଯ୍ୟାୟରେ ଆମେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ଥିଲୁ। ଦଳ ଅବଶ୍ୟ ଏଥିରେ ସଫଳ ହୋଇଛି ବୋଲି ମେମୋଲ କହିଛନ୍ତି। ଇଣ୍ଡୋନେସିଆ ଏକ ଶକ୍ତିଶାଳୀ ଦଳ। ଏହାର ଡିଫେନ୍ସ ବହୁତ ଦୃଢ଼। ଭାରତ ଏହାକୁ ଭେଦ କରିବାରେ ସଫଳ ହୋଇଛି। ଦଳର ପ୍ରଦର୍ଶନରେ ମେମୋଲ ଖୁସି ଜାହିର କରିଛନ୍ତି। ତେବେ ବିଜୟଧାରା ବଜାୟ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଏଥିରେ ସଫଳ ହେବୁ । ଗୋଟିଏ ମ୍ୟାଚ୍ ଉପରେ ଆମେ ମନୋନିବେଶ କରିଥାଉ। ଏବେ ୬ ତାରିଖରେ ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନେପାଳକୁ ଭେଟିବ।



ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କ୍ରମାଗତ ୫ଥର ପାଇଁ ସାଫ୍ ଟାଇଟଲ ଜିତିଥିବା ଭାରତ ଆରମ୍ଭରୁ ଇଣ୍ଡୋନେସିଆ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା। ସଞ୍ଜୁ ଓ ରତ୍ନବାଳା ଦେବୀ ପ୍ରତିପକ୍ଷ ଡିଫେନ୍ସକୁ ଭେଦ କରିବାରେ ସଫଳ ହୋଇଥିଲେ। ୨୪ତମ ମିନିଟ୍‌ରେ ସଞ୍ଜୁ ଏକ ଗୋଲ ସମ୍ଭାବନା ସୃଷ୍ଟି କରିଥିଲେ। ଭାରତୀୟ ଡିଫେନ୍ସ ମଧ୍ୟ ଏହି ମ୍ୟାଚ୍‌ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଇଣ୍ଡୋନେସିଆର ପ୍ରତିଆକ୍ରମଣକୁ ଭାରତୀୟ ଡିଫେନ୍ସ ପ୍ରତିହତ କରିବାରେ ସକ୍ଷମ ହୋଇଥିଲା। ସେହିପରି ଭାରତୀୟ ଗୋଲକିପର ଲିନଥୋଇଙ୍ଗାମ୍ବି ଦେବୀ ମଧ୍ୟ ଇଣ୍ଡୋନେସିଆର ଏକାଧିକ ଆକ୍ରମଣକୁ ପଣ୍ଡ କରିବାରେ ସଫଳ ହୋଇଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତ ଏହି ପ୍ରଦର୍ଶନକୁ ଜାରି ରଖିଥିଲା। ୫୬ତମ ମିନିଟ୍‌ରେ ରତ୍ନବାଳା ଦେବୀଙ୍କ ସିଧାସଳଖ ଶଟ୍‌କୁ ଇଣ୍ଡୋନେସିଆ ଗୋଲକିପର ପଣ୍ଡ କରିଥିଲେ। ଏହାର ଠିକ୍ ୩ ମିନିଟ ପରେ ଡାଙ୍ଗମେଇ ଇଣ୍ଡୋନେସିଆ ଗୋଲପୋଷ୍ଟ ନିକଟରୁ ଶଟ୍ ମାରିଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ। ଏହାପରେ ୬୭ତମ ମିନିଟ୍‌ରେ ଡାଙ୍ଗମେଇ ସୁମିତ୍ରା କାମରାଜଙ୍କ ଏକ ପାସ୍‌କୁ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଶେଷରେ ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଆଉ ଅଧିକ ଗୋଲ ନ ହେବାରୁ ଭାରତ ୨-୦ରେ ବିଜୟୀ ହୋଇଥିଲା। ଏହି ବିଜୟ ସହ ଗ୍ରୁପ୍ ଏ'ରେ ଭାରତ ଶୀର୍ଷସ୍ଥାନରେ ରହିଛି।

## ଦଳ ଘୋଷଣାରେ ନ୍ୟୁଜିଲାଣ୍ଡ ପ୍ରଥମ

### ଆଇସିସି ବିଶ୍ୱକପ୍

ୱେଲିଂଟନ,୩।୪(ଏଏଫ୍‌ପି)

ଆସନ୍ତା ବିଶ୍ୱକପ୍ ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ବୁଧବାର ଅଭିଜ୍ଞ ୧୫ ଜଣିଆ ଦଳ ଘୋଷଣା କରିଛି। ଦଳରେ ବ୍ୟାକ୍‌ଅପ୍ ଉଇକେଟକିପର ଭାବେ ଟମ ବ୍ଲୁଣ୍ଡେଲଙ୍କୁ ସାମିଲ କରାଯାଇଛି। ଗତଥର ଫାଇନାଲରେ ହାରିଥିବା ନ୍ୟୁଜିଲାଣ୍ଡ ଦଳ ଆଗାମୀ ବିଶ୍ୱକପ୍ ଜିତିବାକୁ ଲକ୍ଷ୍ୟ ରଖିଛି। ବ୍ଲାକ କ୍ୟାପ ଦଳ ଏବେ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡ ଓ ଭାରତ ପଛକୁ ୩ୟ ସ୍ଥାନରେ ରହିଛି। କୋଚ ଗ୍ୟାରୀ ଷ୍ଟିଡ୍ କହିଛନ୍ତି, କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ଦଳ ଦିନିକିଆ ଫର୍ମାଟରେ କ୍ରମାଗତ ଭଲ ପ୍ରଦର୍ଶନ କରୁଛି। ଏଣୁ ଇଂଲଣ୍ଡ ଓ ୱେଲ୍ସରେ ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟର ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିବ ବୋଲି ବିଶ୍ୱାସ ରହିଛି। ଟମ୍ ଲଥାମଙ୍କ ସମେତ ବ୍ଲୁଣ୍ଡେଲଙ୍କୁ ଉଇକେଟକିପର ଭାବେ ଦଳରେ ସାମିଲ କରାଯାଇଛି। ପେସର ବିଭାଗରେ ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, ଟିମ ସୌଦି ଓ ମାଟ ହେନ୍‌ରୀ ରହିଛନ୍ତି। ଅଲରାଉଣ୍ଡ ଜିମି ନିଶାମ ଓ କଲିନ ଡେ ଗ୍ରାଣ୍ଡହୋମ ଭାବେ ୧୫ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ହେନ୍‌ରୀ ନିକୋଲାସ ଭେଟେରାନ ମାର୍ଟିନ ଗୁପଟିଲଙ୍କ ସହ ବ୍ୟାଟିଂ ଓପନ୍ କରିବେ। କଲିନ ମୁନ୍‌ରୋ, ୱିଲିୟମସନ ଓ ରସ ଟେଲର ଟପ୍ ଅର୍ଡରରେ ବ୍ୟାଟିଂ କରିବେ। ନ୍ୟୁଜିଲାଣ୍ଡ ଦଳ: କେନ ୱିଲିୟମସନ (ଅଧିନାୟକ), ଟମ ବ୍ଲୁଣ୍ଡେଲ, ଟମ୍ ଲଥାମ (ଉଭୟ ଉଇକେଟକିପର), ଟ୍ରେଣ୍ଟ ବୋଲ୍ଟ, କଲିନ ଡେ ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, କଲିନ ମୁନ୍‌ରୋ, ମାର୍ଟିନ ଗୁପଟିଲ, ମ୍ୟାଟ ହେନ୍‌ରୀ, ଜିମି ନିଶାମ, ହେନରୀ ନିକୋଲସ, ମିଚେଲ ସାଣ୍ଟନର, ଇଶ ସୋଧି, ଟିମ୍ ସୌଦି ଓ ରସ ଟେଲର।

ଧରିତ୍ରୀ
DHARITRI
ଗୁରୁବାର, ୪ ଏପ୍ରିଲ, ୨୦୧୯



ଫ୍ରାନ୍ସ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ କିଲିୟାନ ଏମ୍ବାପ୍ପେ କ୍ୟାରିୟରରେ ୧୦୦୦ ଗୋଲସ୍କୋର କରିପାରିବେ ବୋଲି ମୋର ବିଶ୍ୱାସ ରହିଛି ।

– ପେଲେ, କିମ୍ବଦନ୍ତୀ ବ୍ରାଜିଲ ଫୁଟ୍‌ବଲର



ବିରାଟ କୋହଲି ଓ ଦକ୍ଷିଣ ଆଫ୍ରିକାର ରନ୍ ମେଶିନ ଏବି ଡି ଭିଲର୍ସଙ୍କ ଉଇକେଟ୍ ହାସଲ କରିବା ମୋ କ୍ରିକେଟ୍ କ୍ୟାରିୟରର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ।

– ଶ୍ରେୟାସ ଗୋପାଲ, ରାଜସ୍ଥାନ ରୟାଲ୍ସ ସ୍ପିନର



## ଆଜିର ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ସନରାଇଜର୍ସ ହାଇଦ୍ରାବାଦ



ପ୍ରସାରଣ
ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ଚେନ୍ନାଇର ପ୍ରଥମ ପରାଜୟ

**ମୁମ୍ବାଇ,୩।୪ (ପି.ଟି.)**

ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କ୍ରମାଗତ ୩ଟି ମ୍ୟାଚ୍ ଜିତିବା ପରେ ପ୍ରଥମ ପରାଜୟ ବରଣ କରିଛି। ବୁଧବାର ଅନୁଷ୍ଠିତ ଲିଗ୍‌ର ୧୫ତମ ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୩୭ ରନରେ ଚେନ୍ନାଇକୁ ପରାସ୍ତ କରିଛି। ୪ ମ୍ୟାଚରୁ ମୁମ୍ବାଇର ଏହା ଦ୍ୱିତୀୟ ବିଜୟ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୫ ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲା। ଜବାବରେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୩ ରନ କରି ପରାଜୟ ବରଣ କରିଛି। ଦ୍ରୁତ ଅପରାଜିତ ୨୫ ରନ କରିବା ସହ ମୂଲ୍ୟବାନ ୩ ଉଇକେଟ ନେଇଥିବା ମୁମ୍ବାଇ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୧ ରନ ଟାର୍ଗେଟର ପିଛା କରି ଚେନ୍ନାଇ ୩୩ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଅମ୍ବାତି ରାୟୁଡୁ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆଉଟ ହୋଇଥିଲେ। ଓପନର ସେନ ୱାଟସନ ୫, ସୁରେଶ ରାଇନା ୧୬, ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୨, ରବୀନ୍ଦ୍ର ଜାଡେଜା ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଚତୁର୍ଥ ଉଇକେଟରେ ଧୋନୀ ଓ କେଦାର ଯାଦବ ୫୪ ରନ ସଂଗ୍ରହ କରିଥିଲେ ମଧ ଏହା ଯଥେଷ୍ଟ ହୋଇ ନ ଥିଲା। କେଦାର ୫୪ଟି ବଲ ଖେଳି ୮ ଚୌକା, ୧ ଛକା ସହ ସର୍ବାଧିକ ୫୮ ରନ କରି ଲସିଥ ମାଲିଙ୍ଗାଙ୍କ ବଲ୍‌ରେ ଉଇକେଟ କିପର କ୍ୱିଣ୍ଟନ ଡିକକଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡ୍ୱେନ ବ୍ରାଭୋ ୮, ଦୀପକ ଚହର ୭ ରନ କରି ଆଉଟ ହୋଇଥିଲେ। ଶାର୍ଦ୍ଦୁଳ ଠାକୁର ୧୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ହାର୍ଦ୍ଦିକ ୩ ଓ ମାଲିଙ୍ଗା ୩ଟି ଲେଖାଏ, ଜାସନ ବେହେରନଡୋର୍ଫ ୨ଟି ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଓପନର ଡିକକ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୪ ରନ କରି ଡିକକ୍ ପ୍ରଥମେ ଆଉଟ ହେବା ପରେ ଅଧିନାୟକ ରୋହିତ ଶର୍ମା ୧୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ଯୁବରାଜ ସିଂ ୪ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ଚତୁର୍ଥ ଉଇକେଟ ଯୋଡିରେ ସୂର୍ଯ୍ୟକୁମାର ଯାଦବ ଓ କ୍ରୁନାଲ ପାଣ୍ଡ୍ୟା ୪୯ ବଲରୁ ୬୨ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। କ୍ରୁନାଲ ୩୨ ବଲରୁ ୫ ଚୌକା ଓ ୧ ଛକା ସହ ୪୨ ରନ କରି ମୋହିତ ଶର୍ମାଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ ଦେଇଥିଲେ। ସୂର୍ଯ୍ୟକୁମାର ଦ୍ରୁତ ୫୯ ରନ (୪୩ ବଲ, ୮ ଚୌକା, ୧ ଛକା) କରି ଅଭିଜ୍ଞ ସ୍ପିନର ଇମ୍ରାନ ତାହିରଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏକଦା ୧୮ ଓଭରରେ ମୁମ୍ବାଇ ୫ ଉଇକେଟ ହରାଇ ମାତ୍ର ୧୨୫ ରନ କରିଥିଲା। ତେବେ ଷଷ୍ଠ ଉଇକେଟ ଯୋଡିରେ ହାର୍ଦ୍ଦିକ ପାଣ୍ଡ୍ୟା ଓ କିରନ ପୋଲାର୍ଡ ୧୩ ବଲରୁ ଦ୍ରୁତ ଅପରାଜିତ ୪୫ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ହାର୍ଦ୍ଦିକ ୮ ବଲରୁ ୧ ଚୌକା ଓ ୩ ଛକା ସହ ୨୫, ପୋଲାର୍ଡ ୭ ବଲରୁ ୨ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ଶେଷ ଓଭରରେ ବ୍ରାଭୋ ୨୯ ରନ ବ୍ୟୟ କରିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ଦୀପକ ଚହର, ମୋହିତ, ଇମ୍ରାନ, ଜାଡେଜା ଓ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୦/୫ (ସୂର୍ଯ୍ୟକୁମାର- ୫୯, କ୍ରୁନାଲ- ୪୨, ହାର୍ଦ୍ଦିକ- ୨୫*, ପୋଲାର୍ଡ- ୧୭*, ଚହର- ୧/୨୧, ମୋହିତ- ୧/୨୭, ଇମ୍ରାନ- ୧/୨୫, ଜାଡେଜା- ୧/୧୦, ବ୍ରାଭୋ- ୧/୪୯)।
- ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୩୩/୮ (କେଦାର- ୫୮, ହାର୍ଦ୍ଦିକ- ୩/୨୦, ମାଲିଙ୍ଗା- ୩/୩୪, ବେହେରନଡୋର୍ଫ- ୨/୨୨)।

## ନିର୍ବାଚନ ରଣାଙ୍ଗନରେ ଦୁଇ ଅଲିମ୍ପିଆନ ମୁହାଁମୁହିଁ

**ଜୟପୁର,୩।୪**

ଖେଳୁଆଡ଼ ମନୋଭାବ ଭୁଲି ରାଜସ୍ଥାନର ଜୟପୁର ରୁରାଲ ଲୋକ ସଭା ନିର୍ବାଚନରେ ଦୁଇ ଅଲିମ୍ପିଆନ ମୁହାଁମୁହିଁ ହେବେ। ଗୋଟିଏ ପକ୍ଷରେ ଭାଜପା ଏମ୍‌ପି ତଥା କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଥିବାବେଳେ ପୂର୍ବତନ ଡିସକସ ଥ୍ରୋୟର, ବିଧାୟିକା ତଥା କଂଗ୍ରେସ ପ୍ରାର୍ଥୀ କ୍ରିଷ୍ଣା ପୁନିଆ ରହିଛନ୍ତି। ରାଠୋର ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବାବେଳେ ୨୦୧୨ ଲଣ୍ଡନ ଗେମ୍ସରେ ୬ଷ୍ଠ ସ୍ଥାନରେ ରହିଥିଲେ। ରାଜସ୍ଥାନର ଏହି ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପ୍ରଥମେ ରାଠୋରଙ୍କ ନାମ ଘୋଷଣା କରିଥିଲା। କିନ୍ତୁ କଂଗ୍ରେସ ପକ୍ଷରୁ ପୁନିଆଙ୍କ ନାମ ପ୍ରକାଶ କରାଯିବା ସଭିଙ୍କୁ ଚକିତ କରିଦେଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଆଲୋଚନା ପରେ ମୋତେ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଦଳ ଚୟନ କରିଛି ବୋଲି ପୁନିଆ କହିଛନ୍ତି। ଏଥିସହିତ ସେ କହିଛନ୍ତି, ମୁଁ ଜଣେ କୃଷକଙ୍କ ଝିଅ। ଏଣୁ ମୋତେ ଗ୍ରାମୀଣ ଲୋକମାନଙ୍କ ଅସୁବିଧା ସମ୍ପର୍କରେ ଜଣାଅଛି। ଗାଁ ଯୁବକ ଖେଳୁଥିବା ଖେଳରୁ ମୁଁ ଅଭିଯାନ ଆରମ୍ଭ କରିଛି। ଦୁଇ ଅଲିମ୍ପିଆନ ୨୦୧୩ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ରାଠୋର

## ଇଣ୍ଟରପୋଲ ସହ କାର୍ଯ୍ୟ କରିବ ଆଇସିସି

ଦୁବାଇ,୩।୪(ପିଟି)- କ୍ରିକେଟକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଇଣ୍ଟରପୋଲ ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କାର୍ଯ୍ୟ କରିବ ବୋଲି ବୁଧବାର ଘୋଷଣା କରିଛି। ଇଣ୍ଟରପୋଲକୁ ବିଶ୍ୱର ସମସ୍ତ ଦେଶର ପୋଲିସଠାରୁ ସହାୟତା ମିଳେ। ଏ ନେଇ ଆଇସିସି ଆଣ୍ଟି କରପସନ ୟୁନିଟ ଜେନେରାଲ ମ୍ୟାନେଜର ଆଲେକ୍ସ ମାର୍ଶଲ ଫ୍ରାନ୍ସର ଲିଅନ ସ୍ଥିତ ଇଣ୍ଟରପୋଲ ମୁଖ୍ୟ କାର୍ଯ୍ୟାଳୟଠାରେ ଆଲୋଚନା କରିବା ପରେ ଘୋଷଣା କରିଛନ୍ତି। ଆଇସିସି ଓ ଇଣ୍ଟରପୋଲ ଏକାଠି କାର୍ଯ୍ୟ କରିବେ। ଗତ ସପ୍ତାହରେ ଲିଅନଠାରେ ଅନୁଷ୍ଠିତ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ଆଇସିସି ବିଭିନ୍ନ ଦେଶର ପୋଲିସ ସହ ଭଲ ସମ୍ପର୍କ ରହିଛି। କିନ୍ତୁ ଇଣ୍ଟରପୋଲ ସହ କାର୍ଯ୍ୟକରିବା ଅର୍ଥ ୧୯୪ ଦେଶ ସହ ଜଡ଼ିତ ହେବା। ଖେଳାଳିଙ୍କୁ ଶିକ୍ଷିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ମାର୍ଶଲ କହିଛନ୍ତି। ଇଣ୍ଟରପୋଲର କ୍ରିମିନାଲ ନେଟୱର୍କ ୟୁନିଟ୍ ଆସିଷ୍ଟାଣ୍ଟ ଡିରେକ୍ଟର ଜୋସ ଡେ ଗାର୍ସିଆ ଆଇସିସିକୁ ସାହାଯ୍ୟ କରିବା ଖୁସିର ବିଷୟ ବୋଲି କହିଛନ୍ତି। ଗତ କିଛି ବର୍ଷ ପୂର୍ବେ ଆଇସିସି ମ୍ୟାଚ୍ ଫିକ୍ସିଂ ସହ ଲଢ଼େଇ କରିବାକୁ ପଡ଼ିଥିଲା। ଏହି କ୍ରୀଡ଼ାର କେତେକ ବଡ଼ ନାମ ବୁକିଙ୍କଠାରୁ ଲାଞ୍ଚ ନେଇ ଖେଳର ଫଳାଫଳକୁ ପ୍ରଭାବିତ କରିଥିବା ସ୍ୱୀକାର କରିଛନ୍ତି। ଏହି ତାଲିକାରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍ସେ କ୍ରୋନିଏ, ହର୍ଶେଲ ଗିବ୍ସ ଓ ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ରହିଛନ୍ତି।

## 'ଏମ୍‌ବାପ୍ପେ କ୍ୟାରିୟରରେ ୧ହଜାର ଗୋଲ ଦେଇପାରିବେ'

ପ୍ୟାରିସ, ୩।୪(ଏଏଫ୍‌ପି)- ଫ୍ରାନ୍ସ ବିଶ୍ୱକପ୍ ବିଜୟୀ ଦଳର ଉଦୀୟମାନ ଯୁବ ଖେଳାଳି କିଲିୟାନ ଏମ୍‌ବାପ୍ପେ କ୍ୟାରିୟରରେ ୧୦୦୦ ଗୋଲସ୍କୋର କରିପାରିବେ ବୋଲି କିମ୍ବଦନ୍ତୀ ବ୍ରାଜିଲିଆନ୍ ଫୁଟ୍‌ବଲର ପେଲେ କହିଛନ୍ତି। 'ଏହା ସମ୍ଭବ। ମୋ କ୍ୟାରିୟରରେ ମୁଁ ୧,୦୨୫ ଗୋଲ ଦେଇଛି। ତେଣୁ ଏମ୍‌ବାପ୍ପେଙ୍କ ପାଇଁ ଏକ ହଜାର ଗୋଲ ସମ୍ଭବପର' ବୋଲି ପେଲେ କହିଛନ୍ତି। କ୍ଲବ ଓ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ମିଶାଇ ୨୦ ବର୍ଷୀୟ ଏମ୍‌ବାପ୍ପେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୦୩ ଗୋଲସ୍କୋର କରିସାରିଲେଣି।

# ଓଡ଼ିଶା ମହିଳା ଦଳକୁ ବ୍ରୋଞ୍ଜ ପଦକ



ଅତିଥିଙ୍କ ଗହଣରେ ଟ୍ରଫି ସହ ଓଡ଼ିଶା ଦଳର ଖେଳାଳିମାନେ।

**ଜାତୀୟ ସିନିୟର ସଫ୍ଟ ଟେନିସ**

**ଭୁବନେଶ୍ୱର, ୩।୪(କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଏଥିରେ ବିଭିନ୍ନ ରାଜ୍ୟରୁ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଗୋଆକୁ ୨–୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ରାଉଣ୍ଡରେ ପଞ୍ଜାବକୁ ୨–୦ ଓ ତୃତୀୟ ରାଉଣ୍ଡରେ ଆନ୍ଧ୍ର ପ୍ରଦେଶକୁ ୨–୦ରେ ହରାଇଥିଲେ ହେଁ ସେମିଫାଇନାଲରେ ଉତ୍ତର ପ୍ରଦେଶଠାରୁ ୧–୨ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ମହିଳା ଦଳରେ କରିସ୍ମା କିଶାନ, ଅନମ୍ ଆଲମାସ, କୁମାରୀ ହିମିରିକା, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଅମିସା ମିଞ୍ଜ, ଗୌରୀରାଣୀ ମୁଣ୍ଡା, ଅନୁସୟା ବାରିକ ସ୍ଥାନ ପାଇଥିଲେ। କୋଚ୍ ଭାବେ ମହମ୍ମଦ ଆଜାମ ଓ ମ୍ୟାନେଜର ଜ୍ୟୋତ୍ସ୍ନା ରାୟ ଦଳସହ ଲକ୍ଷ୍ନୌ ଯାତ୍ରା କରିଥିଲେ। ଏହି ସଫଳତା ପାଇଁ ଦଳକୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## କରୁଣାରତ୍ନେଙ୍କୁ ଜରିମାନା

**କଲମ୍ବୋ,୩।୪(ପି.ଟି.)**

ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ଶ୍ରୀଲଙ୍କା କ୍ରିକେଟ ଅଧିନାୟକ ଦିମୁଥ କରୁଣାରତ୍ନେ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ବୁଧବାର କରୁଣାରତ୍ନେଙ୍କ ଉପରେ ୭୦୦୦ ଆମେରିକୀୟ ଡଲାର ଜରିମାନା ଧାର୍ଯ୍ୟ କରିଛନ୍ତି। ତାଙ୍କୁ ପୂର୍ବରୁ ଏଥିପାଇଁ ଗିରଫ କରାଯାଇଥିଲା। ୩୦ ବର୍ଷୀୟ କରୁଣାରତ୍ନେ ମଦ୍ୟପାନ କରି ଗାଡି ଚଳାଇବା ସହ ଏକ ୩ ଚକିଆ ଟ୍ୟାକ୍ସିକୁ ଧକ୍କା ଦେଇଥିଲେ। ଏଥିରେ ସମ୍ପୃକ୍ତ ଡ୍ରାଇଭର ଆହତ ହୋଇଥିଲେ। ଏଥିପାଇଁ କରୁଣାରତ୍ନେ କ୍ଷମା ମାଗିଥିଲେ। ଖେଳାଳି ଆଚରଣ ବିଧି ଉଲ୍ଲଂଘନ କରିଥିବାରୁ କରୁଣାରତ୍ନେଙ୍କ ଉପରେ ଜରିମାନା ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ତରଫରୁ କୁହାଯାଇଛି। ସେ ଜଣେ ଉଚ୍ଚକୋଟୀର ପେସାଦାର ଖେଳାଳି ହୋଇଥିବାରୁ ତାଙ୍କ ବିରୋଧରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ଏହି ଘଟଣାରେ ଜଣେ ମାଜିଷ୍ଟ୍ରେଟ୍ କରୁଣାରତ୍ନେଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିଥିଲେ ଓ ତାଙ୍କର ମେଡିକାଲ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। କରୁଣାରତ୍ନେଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଦକ୍ଷିଣ ଆଫ୍ରିକାକୁ ଟେଷ୍ଟ ସିରିଜରେ ପରାସ୍ତ କରି ଇତିହାସ ସୃଷ୍ଟି କରିଥିଲା।

# ଆଜିଠାରୁ ମାଲେସିଆ ବିପକ୍ଷ ହକି ସିରିଜ୍

**କୁଆଲାଲମ୍ପୁର,୩।୪(ପି.ଟି.)**

ଗୁରୁବାରଠାରୁ ଭାରତ ଓ ଘରୋଇ ମାଲେସିଆ ମହିଳା ଦଳ ମଧ୍ୟରେ ଏକ ୫ ମ୍ୟାଚ୍ ବିଶିଷ୍ଟ ହକି ସିରିଜ ଆରମ୍ଭ ହେବାକୁ ଯାଉଛି। ଗୋଲକିପର ସବିତାଙ୍କ ନେତୃତ୍ୱରେ ଭାରତ ଏହି ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ଗତ କେତୋଟି ସିରିଜ ତଥା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିବା ଭାରତୀୟ ଦଳର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି। ସିରିଜରେ ଭାରତ ଫେଭରାଇଟ୍ ଭାବେ ଅଭିଯାନ ଆରମ୍ଭ କରିବ।

ଏହା ପୂର୍ବରୁ ଭାରତ ୨୦୧୮ ବିଶ୍ୱକପ୍ ବ୍ରୋଞ୍ଜ୍ କପ୍ ବିଜେତା ତଥା ଘରୋଇ ସ୍ପେନ ଦଳ ବିପକ୍ଷରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଭାରତ ଗୋଟିଏ ମ୍ୟାଚ୍‌ରେ ୫–୨ରେ ବିଜୟୀ ହୋଇଥିଲା। ସେହିପରି ଅନ୍ୟ ଦୁଇଟି ମ୍ୟାଚ୍‌ରେ ଭାରତ ୧–୧ ଓ ୨–୨ରେ ମ୍ୟାଚ୍ ଡ୍ର ରଖିଥିଲା। ତେବେ ଗୋଟିଏ ମ୍ୟାଚ୍‌ରେ ଭାରତ ୨–୩ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଗତବର୍ଷର ବିଶ୍ୱକପ୍ ରନର୍ସଅପ୍ ଦଳ ଆୟର୍ଲାଣ୍ଡ ବିପକ୍ଷରେ ଭାରତ ଗୋଟିଏ ମ୍ୟାଚ୍‌କୁ ୧–୧ରେ ଅମୀମାଂସିତ ରଖିଥିଲା ଓ ଅନ୍ୟ ଏକ ମ୍ୟାଚ୍‌ରେ ୩–୦ରେ ବିଜୟୀ ହୋଇଥିଲା।

# ଦିଲ୍ଲୀ- ହାଇଦ୍ରାବାଦ ମୁକାବିଲା ଆଜି

**ନୂଆଦିଲ୍ଲୀ,୩।୪(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବେ। ଅଧିନାୟକ ଶ୍ରେୟାସ ଆୟର ଦିଲ୍ଲୀର ଲୋୟର ଅର୍ଡର ବିଫଳତାକୁ ପଛରେ ପକାଇବା ଲକ୍ଷ୍ୟରେ ରହିଛନ୍ତି। ଗତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚରେ ଦିଲ୍ଲୀ ନିମ୍ନକ୍ରମର ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ। ଅନ୍ୟପଟେ ହାଇଦ୍ରାବାଦ କ୍ରମାଗତ ବିଜୟ ହାସଲ କରିଛି ଓ ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି। ଏପର୍ଯ୍ୟନ୍ତ ହାଇଦ୍ରାବାଦ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ସେହିପରି ଦିଲ୍ଲୀ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି।

୩ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ନୂଆରୂପ ଧାରଣ କରିଥିବା ଦିଲ୍ଲୀ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଏହା ପରଠାରୁ ଦିଲ୍ଲୀର ଲୋୟର ଅର୍ଡର ସମସ୍ୟା ଦେଇ ଗତି କରୁଛି ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଉଛି। ପ୍ରଦର୍ଶନରେ ସ୍ଥିରତା ଆଣିବା ପାଇଁ ଦିଲ୍ଲୀ ସଂଘର୍ଷ କରୁଛି। ଗତ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀ ଶେଷ ଓଭରରେ ୬ ରନ କରିବାରେ ବିଫଳ ହୋଇଥିଲା। ଫଳରେ ମ୍ୟାଚ୍ ସୁପର ଓଭରକୁ ଯାଇଥିଲା। ଅବଶ୍ୟ କାଗିସୋ ରାବାଡ଼ାଙ୍କ ଉଚ୍ଚକୋଟୀର ୟର୍କର ଦ୍ୱାରା ଦିଲ୍ଲୀ ଶେଷରେ ଏହି ମ୍ୟାଚ୍ ହାତେଇ ନେଇଥିଲା। ଗତ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଦିଲ୍ଲୀ ୮ ରନରେ ତା'ର ୭ ଉଇକେଟ ହରାଇ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ୧୪ ରନରେ ପରାସ୍ତ ହୋଇଥିଲା। ୧୬୭ରନ ଟାର୍ଗେଟର ପିଛା କରି ଦିଲ୍ଲୀ ଏକଦା ୧୭ ଓଭରରେ ୩ ଉଇକେଟ ହରାଇ ୧୪୪ ରନ କରିଥିଲା। କିନ୍ତୁ ଶେଷରେ ଦିଲ୍ଲୀ ୧୯.୨ ଓଭରରେ ୧୫୨ରନ କରି ଅଲଆଉଟ ହେବା ସହ ମ୍ୟାଚ ହାତଛଡ଼ା କରିଥିଲା। ଅଧିନାୟକ ଶ୍ରେୟାସ ଦିଲ୍ଲୀ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର କରିଛନ୍ତି। ସେହିପରି ଅଭିଜ୍ଞ ଶିଖର ଧାୱନ, ପୃଥ୍ୱୀ ଶ, କଲିନ୍ ଇନ୍‌ଗ୍ରାମ ମଧ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ବୋଲିଂ ବିଭାଗରେ ଦିଲ୍ଲୀ ପାଇଁ ରାବାଡ଼ା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଦଳରେ ଟ୍ରେଣ୍ଟ ବୋଲ୍ଟ, ଇଶାନ୍ତ ଶର୍ମାଙ୍କ ଭଳି ଅଭିଜ୍ଞ ଦ୍ରୁତ ବୋଲର ରହିଛନ୍ତି। ଯୁବ ନେପାଳୀ ଲେଗ୍ ସ୍ପିନର ସନ୍ଦୀପ ଲାମିଚେନ ମଧ ଭଲ ପ୍ରଦର୍ଶନ କରିଛନ୍ତି।

ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଦିଲ୍ଲୀ ଦ୍ରୁତ ବୋଲର ରାବାଡ଼ା ଓ କ୍ରିସ ମୋରିସଙ୍କ ସହିତ ହାଇଦ୍ରାବାଦର ଡେଭିଡ ୱାର୍ନର ଓ ଜନୀ ବେୟାରଷ୍ଟୋଙ୍କ ମଧ୍ୟରେ ମୁକାବିଲା ହେବ। ଏପର୍ଯ୍ୟନ୍ତ କ୍ରମାଗତ ୩ଟି ମ୍ୟାଚ୍‌ରେ ୱାର୍ନର ଓ ବେୟାରଷ୍ଟୋ ଓପନିଂ ଯୋଡିରେ ୧୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ରହିଛନ୍ତି। କୋଲକାତା ବିପକ୍ଷରେ ଏହି ଯୋଡି ୧୧୮, ରାଜସ୍ଥାନ ବିପକ୍ଷରେ ୧୧୦ ଓ ବାଙ୍ଗାଲୋର ବିପକ୍ଷରେ ୧୮୫ ରନ ସଂଗ୍ରହ କରି ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଗତ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ୱାର୍ନର ଅପରାଜିତ ୧୦୦ ଓ ବେୟାରଷ୍ଟୋ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ୱାର୍ନର ଓ ବେୟାରଷ୍ଟୋଙ୍କୁ ବାଦ୍‌ଦେଲେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ମଧ ହାଇଦ୍ରାବାଦ ପାଇଁ ଉପଯୋଗୀ ପ୍ରଦର୍ଶନ କରିଛନ୍ତି। ଦୁଇ ଆଫଗାନ୍ ସ୍ପିନର ମହମ୍ମଦ ନବୀ ଓ ରସିଦ ଖାଁ ହାଇଦ୍ରାବାଦ ପାଇଁ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲିଂରେ ସନ୍ଦୀପ ଶର୍ମା ୪ ଉଇକେଟ ନେଇ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଡେଥ୍ ଓଭରରେ ଅଭିଜ୍ଞ ଭୁବନେଶ୍ୱର କୁମାରଙ୍କ ପ୍ରଦର୍ଶନ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।



ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ବୁଧବାର ସନରାଇଜର୍ସ ହାଇଦ୍ରାବାଦ ଖେଳାଳିଙ୍କର ଜଳକ୍ରୀଡ଼ା।

### ଆଇପିଏଲ୍ -୧୨

**ସନରାଇଜର୍ସ ହାଇଦ୍ରାବାଦ:** ଡେଭିଡ ୱାର୍ନର, ଜନୀ ବେୟାରଷ୍ଟୋ, ମନୀଷ ପାଣ୍ଡେ, ଦୀପକ ହୁଡା, ସାକିବ ଅଲ ହାସନ, ବିଜୟ ଶଙ୍କର, ୟୁସୁଫ ପଠାନ, ରସିଦ ଖାଁ, ଭୁବନେଶ୍ୱର କୁମାର, ସନ୍ଦୀପ ଶର୍ମା, ସିଦ୍ଧାର୍ଥ କାଉଲ, କେନ୍ ୱିଲିୟମସନ, ମାର୍ଟିନ ଗୁପ୍ଟିଲ, ରିକି ଭୁଇ, ଶ୍ରୀବତ୍ସ ଗୋସ୍ୱାମୀ, ରିଦ୍ଧିମାନ ଶାହା, ଶାହାବାଜ ନଦୀମ, ମହମ୍ମଦ ନବୀ, ଅଭିଷେକ ଶର୍ମା, ବାସିଲ ଥମ୍ପି ଓ ବିଲି ଷ୍ଟାନଲେକ।

**ଦିଲ୍ଲୀ କ୍ୟାପିଟାଲ୍ସ:** ଶ୍ରେୟାସ ଆୟର (ଅଧିନାୟକ), କଲିନ ମୁନରୋ, ପୃଥ୍ୱୀ ଶ, ଶିଖର ଧାୱନ, ହନୁମା ବିହାରୀ, କଲିନ ଇନ୍‌ଗ୍ରାମ, ମନଜୋତ କାଲରା, କ୍ରିସ୍ ମୋରିସ୍, ଶେରଫାନ୍ ରଦରଫୋର୍ଡ, କିମୋ ପଲ, ଅକ୍ଷର ପଟେଲ, ଜଲାଜ ସାକସେନା, ରାହୁଲ ଟେୱାଟିଆ, ରିଷଭ ପନ୍ତ, ଅଙ୍କୁଶ ବେନ୍ସ, ସନ୍ଦୀପ ଲାମିଚେନ, ଆଭେସ ଖାଁ, ହର୍ଷାଲ ପଟେଲ, ଟ୍ରେଣ୍ଟ ବୋଲ୍ଟ, ଅମିତ ମିଶ୍ରା, କାଗିସୋ ରାବାଡ଼ା, ଇଶାନ୍ତ ଶର୍ମା, ନାଥୁ ସିଂ ଓ ବନ୍ଦାରୁ ଅୟାପ୍ପା।


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ସାଇ ଶିବମ୍ ମହାନ୍ତି
କୁଦିଆରି, ମହତାବ ନଗର, ଜଟଣୀ
ଆଜି ତୋର ଚତୁର୍ଥ ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶିରିଡ଼ିସାଇ ବାବା, ଗାଦିବ୍ରହ୍ମ ଓ ମହାବୀରଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେଉ, ତୋର ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ତୋତେ ଦିର୍ଘାୟୁ ଓ ଭଲ ମଣିଷ ପରି ମଣିଷଟିଏ କରି ଗଢି ତୋଳନ୍ତୁ। ଶୁଭେଚ୍ଛା ସହ: ବାପି, ମାମା, ବିପିନ୍ ମାମା, ଝରଣା ମାଉସୀ, ମିନାଅପା, ମାନାଆଇ, ବାବା, ମିମି ଓ ଅନ୍ୟମାନେ।
ଧ–୧୧୯୫୭

**ତୃତୀୟ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା**



ଅଭିମନ୍ୟୁ ଲେଙ୍କା (ରୋହନ୍)
ତୋର ଜନ୍ମଦିନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋତେ କୋଟି ପରମାୟୁ ଦେଇ ନିରାମୟ ରଖି ସଦା ସର୍ବଦା ତୋର ମଙ୍ଗଳ କରନ୍ତୁ। ଭଲପାଇବା ସହ: ବାବା, ମାମା, ଜେଜେ, ବୋଉ, ବଡ଼ ବାପା, ବଡ଼ ମା, ମଝି ବାପା, ମଝି ବୋଉ, ଦାଦା ବାପା, ମମି, ବନ୍ଧୁ ଓ ପରିବାରବର୍ଗ।
ଧ–୧୧୭୬୩

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



(ଆହାନ)
ସାଇ ଅରିହନ୍ତ ମୁନ୍ଧ୍ରି
ମୁଦିପଡ଼ା,ସମ୍ବଲପୁର
ତୃତୀୟ ଜନ୍ମଦିନ ଅବସରରେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଦୀର୍ଘ ନିରାମୟ ଜୀବନଯାପନ ସହିତ ଭବିଷ୍ୟତ ଚଲାପଥ କୁସୁମିତ ଓ ମଙ୍ଗଳମୟ ହେଉ ବୋଲି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ପାପା,ମାମା, ଦାଦାଜୀ, ମମି, ପା, ନାନୀ, ପଣ୍ଟୁଦାଦା, ବାବା, ମାମା, ରାଜା, ମାମୁଁ, ମାଇଁ ଓ ମିଷ୍ଟି ଦିଦି।
ଧ–୧୧୯୫୫

**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Chandaka Industrial Estate, Patia, Bhubaneswar-751024, Ph: 0674-2305700 Fax : 2305710,
Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for procurement of Furnitures and Providing of Security Services, last date for receipt of e-tenders are 25.04.2019 & 26.04.2019 respectively. Details available in e-tender portal and NIFT website https://niftetenders.eproc.in/ http://www.nift.ac.in

Director

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ସୌଦାମିନୀ ମହାପାତ୍ର
ଗାନ୍ଧୀମନ୍ଦିର ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୬
ତିରୋଧାନ: ୨୫।୦୩।୨୦୧୯
ହେ ମହାନ୍ ଆତ୍ମା ତୁମ ଅଗାଢ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ, ଏହାହିଁ ଭକ୍ତିଭରା ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ– ବସନ୍ତ କୁମାର ମହାପାତ୍ର, ପୁତ୍ର– ସଞ୍ଜୀବ ଓ ସନ୍ତୋଷ, ପୁତ୍ରବଧୂ, ଦିଅର–ଯାଆ, ଝିଅ–ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ପରିବାରବର୍ଗ ଓ ପ୍ରିୟଜନ।
ଧ–୬୨୦୯୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଭକ୍ତିପୁତ ଶ୍ରଦ୍ଧାଞ୍ଜଳୀ**



ସ୍ୱର୍ଗତ ମନମୋହନ ମଲ୍ଲିକ
ଜାହାନପୁର, ଜଗତସିଂହପୁର
ଆବିର୍ଭାବ: ୧୦।୧୦।୧୯୩୫
ତିରୋଧାନ: ୧୯।୦୩।୨୦୧୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ–୬୧୦୫୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**
ତା ୦୪।୦୪।୨୦୧୯



ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା
ନିମିଡ଼ିହ, ପାରାଦ୍ୱୀପଗଡ଼, ଜଗତ୍‌ସିଂହପୁର
ଓରନ୍ଦା, ଗୁରୁଡ଼ିଝାଟିଆ, କଟକ
ଆବିର୍ଭାବ: ତା୨୩।୦୮।୧୯୪୦
ତିରୋଧାନ: ତା୧୫।୦୩।୨୦୧୮
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭକ୍ତି, ତ୍ୟାଗ, ନିଷ୍ଠା, ପରୋପକାରିତା ଓ ଅନ୍ୟକୁ ନିଜର କରିବାର ସ୍ୱର୍ଗୀୟ ଗୁଣ ଆମ୍ଭର ଚିର ପାଥେୟ ହେଉ। ଆପଣଙ୍କର ଆଶୀର୍ବାଦରେ ଆମ୍ଭମାନଙ୍କର ଜୀବନ ସୁଖ ଓ ଶାନ୍ତିମୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଶାରଳାଙ୍କ ନିକଟରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ–୧୧୯୫୬

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କେ.ସତ୍ୟନାରାୟଣ ସେନାପତି
ଆବିର୍ଭାବ:୦୪।୦୭।୧୯୨୭
ତିରୋଧାନ: ୨୨।୦୩।୨୦୧୯
ଗୌରୀ ଏଣ୍ଟରପ୍ରାଇଜେସ୍, ଚକରା
ବିଶୋୟୀ ଛକ, ଭଞ୍ଜନଗର, ଗଞ୍ଜାମ
ବାପା ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଭାବପୂର୍ଣ୍ଣ କରି ଗଢି ତୋଳିବାରେ ଆପଣ ଥିଲେ ଖୁବ୍ ସଚେତନ। ଜଣେ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ସୁସଙ୍ଗଠକ, ସଂସ୍କୃତି ପ୍ରେମ ଆଧ୍ୟାତ୍ମିକ ବିଚାର ବୋଧର କର୍ମ ପ୍ରବଣ ମଣିଷ ଭାବରେ ଆପଣଙ୍କ ନିଆରା ପରିଚୟ ଆମକୁ ଦେଇଛି ଅନେକ ପ୍ରେରଣା। ଭାଗ୍ୟର ବିଡ଼ମ୍ବନା ଯେଉଁ ଦିବସରେ ଆପଣଙ୍କ ମା ସ୍ୱର୍ଗାରୋହଣ କରିଥିଲେ ସେହି ଦିବସରେ ହିଁ ଆମ ପାଇଁ ପିତୃ ବିୟୋଗର ଅଶୁଭ ସକାଳ ଥିଲା। ଆମ ସ୍ମୃତିରେ ସେହି ଆଦର୍ଶ ଜୀବନର ବାର୍ତ୍ତା ପ୍ରତିଧ୍ୱନିତ। ଆପଣଙ୍କ ସ୍ୱର୍ଗାରୋହଣର ଚତୁର୍ଦ୍ଦଶ ଦିବସ ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର କେ.ଶିବ ଶଙ୍କର, କେ.ହରିଶଙ୍କର, କେ.ଗୌରୀଶଙ୍କର।
ଧ–୧୧୯୫୮

## ସଂକ୍ଷେପରେ



### ୩ କନ୍ୟାଙ୍କୁ ଜନ୍ମ ଦେଲେ ମହିଳା

ନୂଆପଡା ଅଫିସ,୩।୪: ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ରାତିରେ ଜଣେ ମହିଳା ୩ କନ୍ୟାଶିଶୁ ଜନ୍ମ ଦେଇଥିବା ଘଟଣା ଦେଖିବାକୁ ମିଳିଛି । ରାତ୍ରିରେ ନିୟୋଜିତ ଡାକ୍ତର ଟିମ ସଫଳ ଭାବେ ଅସ୍ତ୍ରୋପଚାର କରି ବାହାର କରିଛନ୍ତି । ଏମାନଙ୍କୁ ଗଙ୍ଗା, ଜମୁନା ଏବଂ ସରସ୍ୱତୀ ନାମ ଦିଆଯାଇଛି । ନୂଆପଡ଼ା ଜିଲା ଖଡିଆଳ ବ୍ଲକ ନେହେନା ଗାଁର ସବୁଜଲ ଦର୍ଜିଙ୍କ ସ୍ତ୍ରୀ କବିତା ଦର୍ଜିଙ୍କ ଗର୍ଭରୁ ଏମାନେ ଜନ୍ମିତ ହୋଇଛନ୍ତି । ୩ଜଣ ଶିଶୁ ଯଥାକ୍ରମେ ରାତି ୧୧ଟା ୪୯, ୫୦ ଏବଂ ୫୨ରେ ଜନ୍ମିତ ହୋଇଛନ୍ତି । ସର୍ଜନ ଡାକ୍ତର ବିଜୟ ରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ହୋଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ବୁଧବାର ସକାଳେ ଏମାନଙ୍କୁ ଦେଖିବାକୁ ହସ୍ପିଟାଲ ଲୋକାରଣ୍ୟ ପାଲଟିଯାଇଥିଲା। ୩ ଶିଶୁଙ୍କ ସମେତ ମା' ବର୍ତ୍ତମାନ ସୁସ୍ଥ ଥିବା ଡାକ୍ତର ପାଣିଗ୍ରାହୀ କହିଛନ୍ତି ।

### ଷ୍ଟୋଭ୍ ଫାଟି ମହିଳା ଗୁରୁତର

ରାଉରକେଲା ଅଫିସ,୩।୪
ରୋଷେଇ କରୁଥିବାବେଳେ ଷ୍ଟୋଭ୍ ଫାଟିଯିବାରୁ ବନ୍ଧମୁଣ୍ଡା ଡି ସେକ୍ଟର ଅଞ୍ଚଳର ଜଣେ ମହିଳା ବୁଧବାର ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ତାଙ୍କ ନାଁ ଡଲି ମହାନ୍ତ (୩୩)। ସେ ସକାଳ ସାଢ଼େ ୧୦ଟାରେ ରୋଷେଇ କରୁଥିବା ସମୟରେ ହଠାତ୍ ଷ୍ଟୋଭ ଫାଟିଯାଇଥିଲା। ଡଲି ତଳେ ପଡ଼ି ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ନେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# କଲେଜ ଛାତ୍ରୀଙ୍କ ସମେତ ୬ ଗିରଫ

ବଲାଙ୍ଗୀର ଅଫିସ,୩।୪
ବଲାଙ୍ଗୀର ରାଜୀବନଗରପଡ଼ାରେ ୨ଦିନ ତଳେ ସଂଘଟିତ ଯୁବକଙ୍କ ହାତକଟା ଘଟଣାରେ ଟାଉନ୍ ଥାନା ପୋଲିସ ଜଣେ କଲେଜ ଛାତ୍ରୀଙ୍କ ସମେତ ୬ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ରାଜୀବନଗରପଡ଼ାର ଟୁନା ଓରଫ ତୁଷାର ପାଢ଼ୀ (୧୯), ମୁନା ଓରଫ ଆଶୁତୋଷ ପାଢ଼ୀ (୨୩), ଘାସି ବନ୍‌ଛୋର (୨୮), ଝସକେତନ ନନ୍ଦ (୨୩), ଦିଲୁ ବନ୍‌ଛୋର (୧୯) ଓ ସମ୍ବଲପୁରରୁ ଆସି ବଲାଙ୍ଗୀରର ଏକ ଘରୋଇ କଲେଜରେ ଯୁକ୍ତଦୁଇ ଶ୍ରେଣୀରେ ପଢୁଥିବା ଛାତ୍ରୀ ଆର୍ଯ୍ୟା ଆସୁ ଓରଫ ତ୍ରିଷ୍ଟା ବେହେରା (୧୯)। ଘଟଣା ପରେ ଫେରାର ଥିବା ଅଭିଯୁକ୍ତମାନେ ସମ୍ବଲପୁର ସହର ବୁଢ଼ାରଜା ଅଞ୍ଚଳରେ ଥିବା ଅଭିଯୁକ୍ତା କଲେଜ ଛାତ୍ରୀ ଆର୍ଯ୍ୟାଙ୍କ ଘରେ ଲୁଚି ରହିଥିବା ପୋଲିସକୁ ଖବର ମିଳିଥିଲା। ବଲାଙ୍ଗୀର ଟାଉନ୍ ପୋଲିସର ଏକ ଟିମ୍ ମଙ୍ଗଳବାର ବିଳମ୍ବିତ ରାତିରେ ସେଠାରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଥିଲା। ଆର୍ଯ୍ୟାଙ୍କ ଘରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିଥିବାବେଳେ ଟୁନାଙ୍କ ଘରୁ ୨ଟି ଟାଙ୍ଗିଆ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଟାଉନ୍ ଥାନାରେ ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୋଫାନ ବାଗ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।



ଗିରଫ ୫ ଅଭିଯୁକ୍ତ।

**ଯୁବକଙ୍କ ପାପୁଲି କଟା ଘଟଣା**
- ସମ୍ବଲପୁର ସହରରୁ ଧରାପଡ଼ିଲେ ଅଭିଯୁକ୍ତ
- ବନ୍ଧୁକ, ଟାଙ୍ଗିଆ, ୪ ମୋବାଇଲ ଫୋନ ଜବତ
- ଛାତ୍ରୀଙ୍କ ଘରୁ ମିଳିଲା ବନ୍ଧୁକ
- ପୂର୍ବ ଶତ୍ରୁତାରୁ ପାପୁଲି କାଟିଥିବା ସୂଚନା

ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ରାଜୀବନଗରର ଆଲୋକ ରଞ୍ଜନ ଦାସ, ଅମିତ ପଟ୍ଟନାୟକ ଓ ଅନ୍ୟ ୩ ଜଣ ସାଙ୍ଗ ପାଖ ନାଳକୁ ଗାଧୋଇବାକୁ ଯିବାବେଳେ ସେଠାରେ ଘାସି ବନ୍‌ଛୋର, ଟୁନା ପାଢ଼ୀ ଓ ଆର୍ଯ୍ୟା ଆସୁଙ୍କ ସହ ଅନ୍ୟ ଅଭିଯୁକ୍ତମାନେ ବସିଥିଲେ। ଆଲୋକ ଓ ଅମିତଙ୍କୁ ଦେଖିବା କ୍ଷଣି ଘାସି ଓ ଟୁନା ସେମାନଙ୍କୁ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଆଲୋକଙ୍କ ବାମ ହାତ ପାପୁଲି ଛିଣ୍ଡି ଯାଇଥିଲା। ଅମିତଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା ବୋଲି ପୋଲିସ ସୂଚନା ଦେଇଛି। ଆଲୋକ ବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଜଣେ କଲେଜ ଛାତ୍ରୀଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। ଅନ୍ୟପକ୍ଷେ ସମ୍ପୃକ୍ତା ଛାତ୍ରୀଙ୍କ ନାମରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।


ଜବତ ମାରଣାସ୍ତ୍ର ଓ ମୋବାଇଲ ଫୋନ୍।

### ତୀର ମାଡ଼ରେ ପୁତୁରା ଆହତ: କକା ଗିରଫ

ରାଇରଙ୍ଗପୁର,୩।୪(ଡି.ଏନ.ଏ.)
ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ତିଲେଇପୋଷି ଗ୍ରାମରେ ଏକ ସରକାରୀ ଜାଗାରେ ଥିବା ଗାଡିଆରେ ବନ୍‌ଶୀ କଣ୍ଟା ପକାଇ ମାଛଧରା ଘଟଣାକୁ କେନ୍ଦ୍ରକରି କକା ଓ ପୁତୁରାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ତୀରମାଡ ଯାଏ କଥା ଯାଇଛି। କାକା ଘାସିଆ ନାଏକ ଧନୁତୀର ମାଡ଼ କରିବାରୁ ପୁତୁରା ବରଜୁ ନାଏକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତ ପୁତୁରା ବରଜୁ ନାଏକଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ବୁଧବାର ଏକ ମାମଲା (ନଂ ୧୮/୨୦୧୯) ରୁଜୁ କରି ଅଭିଯୁକ୍ତ କକା ଘାସିଆଙ୍କୁ ଗିରଫ କରିଛି। ବ୍ୟବହୃତ ଧନୁତୀରକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। କେଶ୍ ନଂ ୧୮/୨୦୧୯। ପୋଲିସ ସୂଚନା ଅନୁଯାୟୀ ପୁତୁରା ବରଜୁ ଗାଡିଆରେ ବନ୍‌ଶୀ କଣ୍ଟା ପକାଇ ମାଛଧରିବା ବେଳେ କକା ଘାସି ନାଏକ ତାଙ୍କୁ ବିରୋଧ କରଥିଲେ। ଏ ନେଇ ମାଡଗୋଳ ହେବାରୁ ଘାସିଆ ନିଜ ଘରୁ ଧନୁ ତୀର ଆଣି ପୁତୁରା ବରଜୁ ଉପରକୁ ମାଡ଼ କରିଥିଲେ। ଏହି ତୀର ବରଜୁଙ୍କ ଗୋଡରେ ବାଜିବାରୁ ସେ ଆହତ ହୋଇଥିଲେ। ରାଇରଙ୍ଗପୁର ହସ୍‌ପିଟାଲରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିବାର ଜଣାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ଭାଷାକେ ସାମ୍ବିଧାନିକ ମାଏନତା ଦିଆଯାଉ

# ଜୋର୍ ଧରୁଛେ କୋଶଲ ରାଏଜ ଦାବି

ସୋନପୁର,୩।୪(ନି.ପ୍ର.)
କୋଶଲି ଭାଷାକେ ସାମ୍ବିଧାନିକ ମାଏନ୍‌ତା, ଅଲଗ କୋଶଲ ରାଏଜ୍ ଗଠନ, ପ୍ରାଥମିକ ସ୍କୁଲମାନକେ ଛୁଆକୁ କୋଶଲି ଭାଷାରେ ପାଠ୍‌ପଢ଼ାବାର ବେବସ୍‌ତା କରବାର, ଇ ଭାଷାକେ ଓଡ଼ିଶାର ଦୁତିଅ ଭାଷାର ମାଏନ୍‌ତା ଦେବା, ସୁବର୍ଣ୍ଣପୁରରେ କୋଶଲ ବିଶ୍ୱବିଦ୍ୟାଳୟ ଥାପନା ଲାଗି କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଆର କୋସଲ ହେରିଟେଜ୍ ଟ୍ରଷ୍ଟ ତରଫୁ ବୁଧୁବାର ଦାବି କରାଯାଇଛେ। ସବୁ ରାଜ୍‌ନଇତିକ ଦଲ ଇ ଦାବିମାନକେ ନିଜର ନିରବାଚନ ଇସ୍ତାହାରରେ ଠାନ୍ ଦେବାକେ ଏକାଡେମୀର ସାଧାରନ୍ ସଂପାଦକ ଗୋରେଖନାଥ ସାହୁ ଗୁଟେ ଖବରଦାତା ସମ୍‌ମିଲନୀରେ ଅନୁରୋଧ କରିଛନ୍। ଯେନ୍ ରାଜ୍‌ନଇତିକ ଦଲ ଇ ଦାବିମାନକେ ନିଜର ନିରବାଚନ ଇସ୍ତାହାରରେ ଠାନ୍ ଦେବା ଅଂଚଲବାସୀ ସେ ଦଲକେ ଆଏବାର ନିରବାଚନରେ ସମରଥନ କରବାର ଉଚିତ ବଲି ଅନୁଷ୍ଠାନର ସଂପାଦକ ସାହୁ କହିଛନ୍। ଏକାଡେମୀର କହିବାର ହିସାବେ ଜାତିସଂଘର ବିକାଶ ପରିଷଦ ରିପୋର୍ଟରେ ପଶ୍ଚିମ ଓଡ଼ିଶା ହେଉଛେ ଏସିଆ ମହାଦେଶର ସବୁଠାନୁ ପଛୁଆ ଅଂଚଲ। ଆଂଚଲିକ୍ ଭେଦଭାବକେ ଦୁରୁଷ୍‌ଟିରେ ରଖି ଘଡ଼େଇ ଆର ମହାନ୍ତି କମିଶନ ବି କଥାଟାକେ ମାନିଛନ୍। ସବୁ ରାଜ୍‌ନଇତିକ ଦଲ ବିକାଶ ଆର ଦାରିଦ୍ର୍ୟ ଦୂର କରବାର କଥା କହି ନିରବାଚନ ଲଢ଼ି ଆସୁଛନ୍। ହେଲେ ଦୁଖର କଥା ଅଂଚଲରେ ଆଏଜ୍‌ତକ ଆଏଁଖି ଦୁରଶିଆ ବିକାଶ ଦେଖିବାକେ ନାଇଁ ମିଲବାର। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଆର ଗମନାଗମନକେ ଦେଖିଲେ ପଶ୍ଚିମ ଓଡ଼ିଶା ସବୁଥି ବହୁତ ପଛେ ରହିଛେ। କେବିକେ ଯୋଜନା ଖାଲି ନାମଫଲକରେ ସୀମିତ ରହିଲା। ଏହେଦେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନେତାକର ଗୁଟେ ଥଇଥାନ କେନ୍ଦ୍ର ପାଲଟିଛେ। ସେନ୍‌ତା ପରିଷଦର ଦପ୍‌ତର ପଶ୍ଚିମ ଓଡ଼ିଶାରେ ଥାପନା ନାଇଁ ହେଲା। ଖୋର୍ଦ୍ଧା-ବଲାଙ୍ଗୀର ରେଲ ଲାଇନ କାମ୍ ଭିନେ ଭିନେ କାରନ୍‌ରୁ ଧିରେ ସୁସ୍‌ତେ ଚାଲିଛେ। ଭାଷା ସଂସ୍କୃତିର ସୁରକ୍ଷା ଆର ବଢ଼ତି ଲାଗି ସରକାରୀ ସ୍ତରରେ କେହେନ୍‌ସି ପରକାର ଉଦିଅମ ନାଇଁ ହେବାର। କୋଶଲି ଭାଷାକେ ସାମ୍ବିଧାନିକ ମାଏନ୍‌ତା ଆର ଅଲଗ୍ କୋଶଲ ରାଏଜ୍ ଗଠନ ଲାଗି ଆଗ୍ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂକର ଦୁରୁଷ୍‌ଟି ଆକରଷନ୍ କରାଯାଇଛେ ବଲି ଏକାଡେମୀ ତରଫୁ ସୂଚନା ଦିଆଯାଇଥିଲା। ପୁରଖା ସଭ୍ୟ ଶରତ ଚନ୍ଦ୍ର ମହାନ୍ତି ଆର ଅଧାପିକା ମୀନା ମହାରଣା ସମ୍‌ମିଲନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍‌ମିଲନୀରେ ଏକାଡେମୀର କରମକରତା।

### ଦୁର୍ଘଟଣାରେ ଯୁବତୀ ମୃତ

ରାଉରକେଲା ଅଫିସ,୩।୪
ପାନପୋଷ ହକି ଛକ ନିକଟରେ ବୁଧବାର ସକାଳେ ଏକ ଭାରିଯାନ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଇପ୍ସିତା ଗଡ଼ନାୟକ (୨୨)। ସେ ଛେଣ୍ଡ କଲୋନୀ ବାସିନ୍ଦା ବୋଲି ଜଣାଯାଇଛି। ଇପ୍ସିତା ସକାଳ ୭ଟା ୪୫ରେ ଓଡି୨୩-ଜି୧୫୮୩ନଂ ସ୍କୁଟିରେ ପାନପୋଷ ଛକ ଦେଇ ରୂପଟୋଲା ଆସୁଥିବାବେଳେ ହକି ଛକ ନିକଟରେ ତାଙ୍କୁ ସିଜି୧୩-ଡବ୍ଲ୍ୟୁ୮୩୯୯ନଂ ଭାରିଯାନ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ରଘୁନାଥପାଲି ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରି ଘଟଣାର ତଦନ୍ତ କରୁଛି।

# ପ୍ରଚାର ବେଳେ କଳିକେଶଙ୍କ ସ୍ତ୍ରୀଙ୍କୁ ଘେରିଲେ ମହିଳା

ପାଟଣାଗଡ଼,୩।୪(ଡି.ଏନ୍.ଏ.)
ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ ସମସ୍ତ ଦଳ ପକ୍ଷରୁ ନିର୍ବାଚନ ପ୍ରଚାରକୁ ଜୋରଦାର କରାଯାଇଛି। ବୁଧବାର ବଲାଙ୍ଗୀର ଲୋକ ସଭା ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ସ୍ତ୍ରୀ ମେଘନା ସିଂଦେଓ ସ୍ୱାମୀଙ୍କ ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ସହ ପାଟଣାଗଡ଼ ବ୍ଲକର ତେଣ୍ଡାପଦର, ସରମୁହାଣ, ସୁନାମୁଦି, ଦେଉଲଗାଁ, ଦମକିପାଲି, ତମିଆଁ, ଲରମ୍ବା ଆଦି ଗାଁରେ ପ୍ରଚାର କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଅପରାହ୍ନ ୨ଟାରେ ସୁନାମୁଦି ଗ୍ରାମରେ ଏକ ସଭା ହୋଇଥିଲା। ତେବେ ସଭାକାର୍ଯ୍ୟ ଶେଷ ପରେ ମହିଳାମାନେ କାଳିଆ ଟଙ୍କା ପାଇ ନ ଥିବା କହି ମେଘନାଙ୍କୁ ଘେରିଯାଇଥିଲେ। ଏପରି କି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଧ ଟଙ୍କା ପାଇ ନ ଥିବା ଅଭିଯୋଗ କରି ତାଙ୍କୁ ଘେରିଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଳୀୟ କର୍ମକର୍ତ୍ତାମାନେ ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।


ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କ ସ୍ତ୍ରୀ ମେଘନାଙ୍କୁ ମହିଳାମାନେ ଘେରି ରହିଛନ୍ତି।




# ୩ ମାସ ହେଲା ମିଳିନି ଦରମା

■ଚିନ୍ତାରେ ୭୨ ଗଣଶିକ୍ଷକଙ୍କ ପରିବାର

ରାଉରକେଲା ଅଫିସ,୩।୪
ଗୁରୁଣ୍ଡିଆ ବ୍ଲକ ଅଧୀନରେ କାମ କରୁଥିବା ୭୨ ଗଣଶିକ୍ଷକ ଗତ ୩ ମାସ ହେବ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି। ଫଳରେ ପରିବାର ଚଳାଇବାକୁ ଏମାନେ ବାରଦୁଆର ଶୁଙ୍ଖିପିଣ୍ଡା ଅବସ୍ଥା ହେଉଛନ୍ତି। ଶିକ୍ଷାଦାନଠାରୁ ଆରମ୍ଭ କରି ନିର୍ବାଚନ ପରିଚାଳନାରେ ଏହି ଶିକ୍ଷକଙ୍କୁ ସରକାର ନିୟୋଜିତ କରୁଥିବାବେଳେ ଘର ଚଳାଇବାକୁ ଅସମର୍ଥ ହୋଇପଡ଼ିଛନ୍ତି ସମ୍ପୃକ୍ତ ଗଣଶିକ୍ଷକ। କାହାକୁ ଅଭିଯୋଗ କରିବେ ବୁଝିପାରୁ ନାହାନ୍ତି। ଏମାନଙ୍କ ପରିସ୍ଥିତି ଦେଖି ରାଶନ ଦେବାକୁ ମନା କରିଦେଉଛନ୍ତି ଦୋକାନୀ। ଏପରି ଅବସ୍ଥାରେ ସେମାନଙ୍କୁ ନିର୍ବାଚନ ଡ୍ୟୁଟିରେ ଯିବାକୁ ମଧ କୁହାଯାଉଛି। ପେଟ ପୋଡ଼ିଯାଉଥିବା ବେଳେ କାମ କରିବାକୁ ମନରେ ଆଗ୍ରହ ଆସିବ କେଉଁଠୁ ବୋଲି ପ୍ରଶ୍ନ କରିଛନ୍ତି ଶିକ୍ଷକମାନେ। ଅନ୍ୟ ଶିକ୍ଷକଙ୍କ ସହ ଅସମାନ ଓ ନିଜକୁ ଅବହେଳିତ ଭାବୁଥିବା ଏହି ବର୍ଗର ଶିକ୍ଷକଙ୍କ ସମସ୍ୟା ବୁଝିବାକୁ ବିଭାଗ ପାଖରେ ବେଳ ନାହିଁ। ଏଣେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କଲେ କାର୍ଯ୍ୟାନୁଷ୍ଠାନ ଭୟ ଘାରୁଛି। କେବେ ସୁଦ୍ଧା ଦରମା ମିଳିବ ସେ ନେଇ ମଧ କାହା ପାଖରେ ଖବର ନାହିଁ। ଶୁଣାଯାଉଛି କେବଳ ଗୁରୁଣ୍ଡିଆ ନୁହେଁ ଜିଲାର ସମସ୍ତ ଗଣଶିକ୍ଷକଙ୍କ ଅବସ୍ଥା ଏକାପରି। ଚଳିତମାସ ଦରମା ନ ମିଳିଲେ ଏମାନଙ୍କ ଅବସ୍ଥା ଦୟନୀୟ ହେବା ସୁନିଶ୍ଚିତ ବୋଲି କୁହାଯାଉଛି। ଏ ନେଇ ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ଅମୂଲ୍ୟ ପ୍ରଧାନଙ୍କୁ ପଚାରାଯିବାରୁ ସେ ଘଟଣାକୁ ସ୍ୱୀକାର କରିବା ସହ ଶୀଘ୍ର ଦରମା ପ୍ରଦାନ କରାଯିବ ବୋଲି କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଜଣେ ଗୁରୁତର

**ବୌଦ୍ଧ,୩।୪(ସ୍ୱ.ପ୍ର):** ବୌଦ୍ଧ ବଘିଆପଡା ରାସ୍ତାର ଏରଡା ନିକଟରେ ଏକ କାର୍ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ବୌଦ୍ଧରୁ ବଘିଆପଡା ଆଡକୁ ଯାଉଥିବା ଏକ କାର୍‌ର ଆଗ ଚକ ଏରଡା ନିକଟରେ ଫାଟିଯିବାରୁ ଗାଡିଟି ଏକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ଚୈତନ୍ୟ ସାହୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟକୁ ଅଣାଯାଇଥିବା ଜଣାପଡିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଭେଡେନ ଅଞ୍ଚଳରେ ହାତୀ, ଲୋକେ ଭୟଭୀତ

**ଅତାବିରା, ୩।୪ (ଡି.ଏନ.ଏ):** ଭେଡେନ ବ୍ଲକ ଅଞ୍ଚଳରେ ହାତୀପଲ ପଶିଥିବାରୁ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବର୍ତ୍ତମାନ ଉକ୍ତ ହାତୀ ପପଙ୍ଗା ପାହାଡରେ ଥିବା ଜଣାପଡିଛି । ବନ ବିଭାଗ କର୍ମଚାରୀମାନେ ସେମାନଙ୍କୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସୂଚନା ଅନୁସାରେ, ଦୁଇ ପଟ ହାତୀ ଅତାବିରା ବ୍ଲକ ପୋଡବାଡି, ଲରମ୍ବା ଅଞ୍ଚଳକୁ ଆସିଥିଲେ । ବନ ବିଭାଗ ଅଧିକାରୀ କର୍ମଚାରୀମାନେ ଲରମ୍ବା ଅର୍ଜୁନମୁଣ୍ଡା ନିକଟରେ ହାତୀପଲଙ୍କୁ ସୋମବାର ଦିନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ନଜରରେ ରଖିଥିଲେ । କିନ୍ତୁ ହାତୀପଲ ରାତିରେ ବନ ବିଭାଗ କର୍ମଚାରୀଙ୍କୁ ଚକମା ଦେଇ ଚାଲିଯାଇଥିଲେ । ବନ ବିଭାଗର ୪ଟି ସ୍କ୍ୱାଡ୍ ବୁଗବୁଗା, ବାବେବିରା, ପୋଡବାଡି, ଡାଲବ, ହାଟପଦା, ଲିମ୍ପଛୋଡ ଆଦି ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ଆଉ ହାତୀଙ୍କ ସନ୍ଧାନ ପାଇପାରି ନ ଥିଲେ । ହାତୀଙ୍କ ସନ୍ଧାନ କରିପାରି ନ ଥିବାରୁ ଲରମ୍ବା, ଖୁଣ୍ଟୁଲିପାଲି ବିଦ୍ୟୁତ ସେକ୍ସନର ଶତାଧିକ ଗ୍ରାମକୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିଲା । ଫଳରେ ଗ୍ରାମବାସୀ ଅନ୍ଧାରରେ ଭୟଭୀତ ଅବସ୍ଥାରେ ରହିଥିଲେ । ହାତୀପଲ ଭେଡେନ ବ୍ଲକ ପପଙ୍ଗା କଲୋନୀ ଦେଇ ବାଦି ଅଞ୍ଚଳକୁ ଯାଇଥିବା ବନ ବିଭାଗ ସୂଚନା ପାଇ ଘଟଣାସ୍ଥଳକୁ ପହଞ୍ଚି ହାତୀଙ୍କୁ ଖୋଜା ଖୋଜି କରିଥିଲେ । ଅନ୍ୟପଟରେ ହାତୀ ଆତଙ୍କ ଯୋଗୁ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ସ୍କୁଲ, କଲେଜକୁ ଯାଇପାରୁନାହାନ୍ତି। ହାତୀପଲ ବିନିକା ଅଞ୍ଚଳକୁ ଯାଇଥିବା ଅନୁମାନ କରାଯାଉଥିବା ରେଞ୍ଜର ମହେନ୍ଦ୍ର ପାତ୍ର କହିଛନ୍ତି ।

ବୌଦ୍ଧରେ ନିର୍ବାଚନ ପ୍ରଚାର ସରଗରମ

# ସହର ଛାଡ଼ି ନେତାଏ ଗାଁମୁହାଁ

**ବୌଦ୍ଧ,୩।୪(ସ୍ୱ.ପ୍ର)**

ବୌଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ଦୀର୍ଘ ୧୮ ବର୍ଷ ଧରି ଏହାକୁ ଶାସକ ବିଜେଡି ଦଳ ଅକ୍ତିଆର କରି ରଖିଛି । କିନ୍ତୁ ଚଳିତ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ଏଥର କଡା ଟକ୍କର ହେବାକୁ ଯାଉଛି । ବିଜେଡିର ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଦଳୀୟ କର୍ମୀଙ୍କୁ ଅଣଦେଖା ନେଇ ହରଭଙ୍ଗା ବ୍ଲକର ବହୁ ଟାଣୁଆ ନେତା ବିଜେଡି ଛାଡି ଭାଜପାରେ ମିଶିଛନ୍ତି। ସେହିପରି ୨୦୧୪ ନିର୍ବାଚନରେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ଜିଲାର ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର ପୁନର୍ବାର ବିଜେଡି ଛାଡି କଂଗ୍ରେସ ଦଳକୁ ଫେରିଯାଇଛନ୍ତି। ଏଭଳି ପରିସ୍ଥିତିରେ ବାଚସ୍ପତି ଅମାତ ଚଳିତ ନିର୍ବାଚନ ଜିତିବାକୁ ନାନା କୌଶଳ ଆପଣେଇଛନ୍ତି। ସେ ବର୍ତ୍ତମାନ ଗାଁ ଗାଁରେ ପ୍ରଚାର ଆରମ୍ଭ କରିବା ସହ ଦଳର ଅସନ୍ତୁଷ୍ଟ ନେତାଙ୍କୁ ମନାଇବାକୁ ଲାଗି ପଡିଛନ୍ତି । ଏହାସହ ଅନ୍ୟ ଦଳର ଅସନ୍ତୁଷ୍ଟ ନେତାଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ସେହିପରି ଭାଜପା ପ୍ରାର୍ଥୀ ସୁଶାନ୍ତ କୁମାର ପ୍ରଧାନଙ୍କୁ ଦଳର କିଛି ବରିଷ୍ଠ ନେତା ବିରୋଧ କରି ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ପକ୍ଷରୁ ଏହି ଅସନ୍ତୁଷ୍ଟ ନେତାଙ୍କୁ ମନାଇବା ସହ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଇବାରେ ସଫଳ ହୋଇଥିଲା । ତଥାପି ଦଳରେ ଏବେବି ଅନ୍ତଃକନ୍ଦଳ ଲାଗିଥିବା ବେଳେ ଦଳ ପକ୍ଷରୁ କିନ୍ତୁ ଜୋରଦାର ପ୍ରଚାର ଚାଲିଛି । ଗୁରୁବାର ଭାଜପାର ପ୍ରଚାର ପାଇଁ ଉତ୍ତର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା ବୌଦ୍ଧ ନିର୍ବାଚନ ମଣ୍ଡଳୀର ପୁରୁଣାକଟକ ଠାରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। ଏପେଟ କଂଗ୍ରେସ ଓ ସିପିଆଇ ମିଳିତ ପ୍ରାର୍ଥୀ ଭାବେ ଶ୍ରମିକ ନେତା ଅବକାଶ ସାହୁଙ୍କୁ ଟିକେଟ ଦିଆଯାଇଥିବା ବେଳେ ସେ ମଧ୍ୟ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ନିଜ ସମର୍ଥକଙ୍କ ସହ ଘର ଘର ବୁଲି ପ୍ରଚାରରେ ଲାଗିପଡିବା ସହ ବୌଦ୍ଧର ବିକାଶ ପାଇଁ ପରିବର୍ତ୍ତନର ନାରା ଦେଇ ଭୋଟ ଭିକ୍ଷା କରୁଛନ୍ତି । ବୌଦ୍ଧ ନିର୍ବାଚନରେ ମଣ୍ଡଳୀରେ କଟା ଟକ୍କର ହେଉଥିବା ବେଳେ ଭୋଟର କାହାକୁ ବିଧାୟକ

# ମଦ ଜବତ, ୨ ଗିରଫ

**ବରଗଡ଼ ଅଫିସ୍,୩।୪**

ସାଧାରଣ ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗ ଚୋରାମଦ କାରବାର ଧରପଗଡ଼ରେ ତତ୍ପର ହୋଇ ଉଠିଛି । ଏହି କ୍ରମରେ ବରଗଡ଼ ସହର ଓ ଆଖପାଖ ଅଞ୍ଚଳରେ ଚଢ଼ାଉ କରି ୨୨୦ ପ୍ୟାକେଟ୍ ପାଉଚ୍ ମଦ, ୮୦ ବୋତଲ ବିୟର, ୨୫ ବୋତଲ ବିଦେଶୀ ମଦ ଜବତ କରାଯାଇଛି । ଏହା ସହିତ ଚୋରାମଦ କାରବାର କରୁଥିବ ଅଭିଯୋଗରେ ବରପାଲି ଥାନା ବରମକେଲା ଗ୍ରାମର ପ୍ରସନ୍ନ କୁମ୍ଭାର ଏବଂ ବରଗଡ଼ ସଦର ଥାନା ଅନ୍ତର୍ଗତ ହଳଦୀପାଲି ଛକର ଢ଼ାବା ମାଲିକ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790



ଅତିଥିଙ୍କ ଗହଣରେ ଜାଗୃତି ଶାଖାର କର୍ମକର୍ତ୍ତାମାନେ ।

# ଜାଗୃତି ଶାଖାର ଶପଥ ସମାରୋହ

**ବରଗଡ଼ ଅଫିସ୍,୩।୪**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ଜାଗୃତି ଶାଖାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ସଭାନେତ୍ରୀ ଅନୁରାଧା ଅଗ୍ରୱାଲ ଏବଂ ସମ୍ପାଦିକା ପ୍ରୀତି ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରଶ୍ମୀ ବାଲୋଦିଆ ଓ ନିତୁ ଅଗ୍ରୱାଲ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପ୍ରାନ୍ତୀୟ ମାରୱାଡ଼ି ସମ୍ମିଳନୀର ଅଧ୍ୟକ୍ଷ ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟବକ୍ତା ଏବଂ ରାଜେନ୍ଦ୍ର ଜୈନ, ଅନୁରାଧା ଅଗ୍ରୱାଲ, ଜଗଦିଶ ଗୋଲପୁରୀଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଜାଗୃତି ଶାଖାର କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ । ଫକୀର ଭୋଇ ନାମକ ଜଣେ ଦିବ୍ୟାଙ୍ଗଙ୍କୁ ଏକ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା । ସଂସ୍ଥାର ଲୋକ ସମ୍ପର୍କ ଅଧିକାରୀ ଅଞ୍ଜୁ ଅଗ୍ରୱାଲ ବିବରଣୀ ପାଠ କରିଥିବାବେଳେ ନିଶା ଲାଠ ଧନ୍ୟବାଦ ଅର୍ପଣ କରିଥିଲେ ।

### ବାଟବଣା ହାତୀପଲଙ୍କ ଉପଦ୍ରବ

**ବଡ଼ସାହି, ୩।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାକୁ ପଶି ଆସି ବାଟବଣା ହୋଥିବା ଝାଡ଼ଖଣ୍ଡହାତୀପଲ ମଙ୍ଗଳବାର ରାତିଠାରୁ ବଡ଼ସାହି ବ୍ଲକର ଭୀମିଦା–ମାଣତ୍ରୀ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ଏହି ହାତୀପଲରେ ୩ଟି ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଶାବକ ହାତୀ ରହିଥିବା ଜଣାପଡ଼ିଛି। ସେମାନେ ନୀଳଗିରି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଘଉଡାଇବାରୁ ବାଟବଣା ହୋଇଥିବା କୁହାଯାଉଛି। ବୁଧବାର ଏହିହାତୀପଲ ଗଙ୍ଗାହାର ନଦୀ ସଂଲଗ୍ନ ଉଅଁଢ଼ିହ ପାଳ ଜମିରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପାଳଜମିରେ ଚାଷ ହୋଇଥିବା ବ୍ୟାପକ ପନିପରିବା ଫସଲ ସେମାନେ ନଷ୍ଟ କରି ଦେଇଛନ୍ତି । ଦେଖଣାହାରୀ ଲୋକେ ଭିଡ଼ ଜମାଉଥିବାରୁ ସେମାନେ କୁଆଡ଼େ ନ ଯାଇ ସ୍ଥିର ଭାବେ ରହିଛନ୍ତି। ଡୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନକର୍ମଚାରୀ ଜଗିରହିଛନ୍ତି। ରାତିରେ ବେତନଟୀ ଓ ଉଦଳା ରେଞ୍ଜ କର୍ମଚାରୀ ପହଞ୍ଚିଲେ ହାତୀପଲଙ୍କୁ ଘଉଡ଼ାଇ ଚେଙ୍ଗୁଆ–ମଙ୍ଗଳପୁର ଦେଇ ନୀଳଗିରି ଅଭିମୁଖେ ଛଡାଯିବ ବୋଲି ଜଣାପଡ଼ିଛି।

# ଯାତ୍ରୀବାହୀ ବସ୍ ଓଲଟି ୪ ଗୁରୁତର

**ତେଲକୋଇ, ୩।୪(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତ ଅଧୀନ ମଲଣ୍ଡା ଗ୍ରାମ ବୁଲାଣିରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୪ ଜଣ ଗୁରୁତର ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଉକ୍ତ ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ସେମାନଙ୍କୁ ତେଲକୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଗଙ୍ଗାରାମ ତିରିଆ (୫୦), ସୂର୍ଯ୍ୟ ବେହେରା (୫୨), କିରାଣୀ ଚମ୍ପିଆ (୬୦), ମୁନୀ ସୋରେନ(୪୨) ରହିଛନ୍ତି। ସେମାନଙ୍କୁ କଟକ ଚିକିତ୍ସାଳୟକୁ ନିଆଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପୂର୍ବ ତଟ ରେଳପଥ
INDIAN RAILWAYS
ଚୁକ୍ତି ଭିତ୍ତିରେ ଫାର୍ମାସିଷ୍ଟ/ଇସିଜି(ECG) ଟେକ୍‌ନିସିଆନ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ
ନିଯୁକ୍ତି ବିଜ୍ଞାପନ ସଂଖ୍ୟା. 1/2019-Med/Para-med., ତା.28.03.2019ରିଖ

ପୂର୍ବ ତଟ ରେଳପଥର କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର ନିମନ୍ତେ ଚୁକ୍ତି ଭିତ୍ତିରେ ପାରା-ମେଡ଼ିକାଲ ଷ୍ଟାଫ୍ (Paramedical Staff)ର ନିମ୍ନ ବର୍ଣ୍ଣିତ ପଦବୀଗୁଡ଼ିକରେ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଯୋଗ୍ୟତା, ବୟସସୀମା, ଅଭିଜ୍ଞତା ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରାସଙ୍ଗିକ ପ୍ରମାଣପତ୍ର / ପ୍ରଶଂସାପତ୍ର ଏବଂ ପ୍ରତ୍ୟେକଙ୍କ ସ୍ୱ-ସତ୍ୟାପିତ ହୋଇଥିବା ପ୍ରତ୍ୟେକ ନକଲ ସହିତ ନିମ୍ନ ପ୍ରଦତ୍ତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସାକ୍ଷାତକାର ନିମନ୍ତେ ବୋର୍ଡ ନିକଟରେ ଉପସ୍ଥିତ ହୋଇପାରିବେ ।

(କ୍ରମ ସଂ.1) ପଦବୀ ନାମ : ଫାର୍ମାସିଷ୍ଟ, ପଦବୀ ସଂଖ୍ୟା : 02-ଅଣସଂରକ୍ଷିତ, ବୟସସୀମା : 20-35 ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ 10+2 କିମ୍ବା ସମତୁଲ୍ୟ ସହିତ ଫାର୍ମାସୀରେ ଦୁଇ ବର୍ଷୀୟ ଡିପ୍ଲୋମା ଏବଂ ଭାରତୀୟ ଫାର୍ମାସୀ କାଉନ୍‌ସିଲ୍ କିମ୍ବା ରାଜ୍ୟ ଫାର୍ମାସୀ କାଉନ୍‌ସିଲ୍ ଦ୍ୱାରା ପଞ୍ଜୀକରଣ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.29,200/- ସହିତ ଲାଗୁହେଉଥିବା ଭତ୍ତା ।

(କ୍ରମ ସଂ.2) ପଦବୀ ନାମ : ଇସିଜି (ECG) ଟେକ୍‌ନିସିଆନ, ପଦବୀ ସଂଖ୍ୟା : 01-ଅଣସଂରକ୍ଷିତ, ବୟସସୀମା : 18-33 ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ 10+2 / ସ୍ନାତକ ଅଥବା ଯେକୌଣସି ସ୍ୱୀକୃତି ପ୍ରାପ୍ତ ସଂସ୍ଥାରୁ ଇସିଜି(ECG) ଲାବୋରେଟୋରୀ / କାର୍ଡିଓଲୋଜି / କାର୍ଡିଓଲୋଜି ଟେକ୍‌ନିସିଆନ୍ / କାର୍ଡିଓଲୋଜି ଟେକ୍‌ନିକ୍ସ (Techniques)ରେ ଡିଗ୍ରୀ / ଡିପ୍ଲୋମା ପ୍ରମାଣପତ୍ରଧାରୀ । ପ୍ରମାଣପତ୍ର ସର୍ବନିମ୍ନ ଏକ ବର୍ଷର ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ । ଉପରୋକ୍ତ ଯୋଗ୍ୟତା ଡିଷ୍ଟାନ୍ସ ଲର୍ଣ୍ଣିଂ ମୋଡ୍ (Distance Learning Mode) ମାଧ୍ୟମରେ ସମ୍ପାଦିତ ନ ହୋଇ ପୂର୍ଣ୍ଣକାଳୀନ ଅବଧି ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.25,500/- ସହିତ ଲାଗୁହେଉଥିବା ଭତ୍ତା ।

ଚୁକ୍ତି ଅବଧି : ଏହି ନିଯୁକ୍ତି ତା.30.06.2019ରିଖ ପର୍ଯ୍ୟନ୍ତ କିମ୍ବା ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ପଦୋନ୍ନତି / ନିୟମିତ ନିଯୁକ୍ତି ମାଧ୍ୟମରେ ବିଭାଗୀୟ ପ୍ରାର୍ଥୀମାନଙ୍କ ଦ୍ୱାରା ଖାଲି ପଦବୀଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ଯେଉଁଟି ଶୀଘ୍ର ହେବ । ରେଲୱେ ବୋର୍ଡ ଦ୍ୱାରା ଆବଶ୍ୟକ ସ୍ଥଳେ ସ୍କିମ୍‌ର ସଂପ୍ରସାରଣ ହେବା କ୍ଷେତ୍ରରେ ପରବର୍ତ୍ତୀ ସଂପ୍ରସାରଣ ଉପରେ ବିଚାର କରାଯାଇପାରେ ।

| 'ୱାକ୍-ଇନ୍-ଇଣ୍ଟରଭ୍ୟୁ'ର ସ୍ଥାନ | ତାରିଖ / ରିପୋର୍ଟ କରିବା ସମୟ / "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ତା.18.04.2019ରିଖ / 0930 ଘଟିକା ଠାରୁ 1000 ଘଟିକା ପର୍ଯ୍ୟନ୍ତ / ଇଣ୍ଟରଭ୍ୟୁ 1000 ଘଟିକା ଠାରୁ ଆରମ୍ଭ |

ବି.ଦ୍ର. ଦରଖାସ୍ତ ଫର୍ମାଟ୍ ତଥା ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।
ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ/ ଭୁବନେଶ୍ୱର
PR - 03/K/19-20

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ । 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

FINANCE
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩–୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍

## ସଂକ୍ଷେପରେ

### ପିକ୍ଅପ୍ ଭ୍ୟାନ-ଟ୍ରାକ୍ଟର ଧକ୍କା, ୩ ଗୁରୁତର

**ଅତାବିରା, ୩।୪ (ଡି.ଏନ.ଏ):** ଝିଅ ବାହାଘର ପାଇଁ ହୀରାକୁଦର ବିବାହ ସାମଗ୍ରୀ ନେଇ ଏକ ପିକ୍ଅପ୍ ଭ୍ୟାନ (ନଂ. ଓଡି୧୫ଜେ/୨୬୦୭ ) ଏସ୍ଏଚ୍-୫୪ରେ ବଲାଙ୍ଗୀର ଜିଲା ବେଲପଡାକୁ ଯାଉଥିବା ବେଳେ ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର ସହ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଘାସ ଧରି ଯାଉଥିବା ସାଲନା ଗ୍ରାମର ଉପାସୀ ନାଗ, ବେଲପଡାର କୁଞ୍ଜବିହାରୀ ବିଶ୍ୱାଳ ଓ ପିକ୍ଅପ୍ ଭ୍ୟାନ ଡ୍ରାଇଭର ଯୁଧିଷ୍ଠିର ବିଶ୍ୱାଳ ଗୁରୁତର ଆହତ ହୋଇଛନ୍ତି । ଉପାସୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ପୋଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିଛି। ଏ ନେଇ ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧିକାରୀ ଗଣେଷ କଲେତଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ ।



### ମହାନଦୀରେ ପୁରୁଣା ମୂର୍ତ୍ତି ବିସର୍ଜନ ହେଲା

**ଚିପିଲିମା/ଅତାବିରା, ୩।୪ (ଡି.ଏନ.ଏ):** ଅତାବିରା ଥାନା ଦୁଲମପୁର ଭାଲୁଡୁଙ୍ଗୁରୀରେ ୧୯୭୬ ମସିହାରୁ ଏକ କୁଡିଆରେ ଶ୍ରୀରାମ ମନ୍ଦିର ଥିଲା। ଉକ୍ତ ମନ୍ଦିରରେ ଭଗବାନ ଶ୍ରୀରାମ, ଲକ୍ଷ୍ମଣ, ସୀତା ପୂଜା ପାଉଥିଲେ । ପରେ ଗ୍ରାମବାସୀଙ୍କ ଉଦ୍ୟମରେ ଏକ ରାମ ମନ୍ଦିର ନିର୍ମାଣ ହୋଇଥିବା ବେଳେ ଗତ ୨୬, ୨୭ ଓ ୨୮ ତାରିଖରେ ମହାସମାରୋହରେ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ନବ କଳେବର ହୋଇଥିବା ବେଳେ ନୂତନ ବିଗ୍ରହ ସ୍ଥାପନ କରାଯାଇଥିଲା। ପୁରୁଣା ବିଗ୍ରହକୁ ବିଧି ମୁତାବକ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ସମ୍ବଲପୁର ଜିଲା ଚିପିଲିମା ନିକଟସ୍ଥ କର୍ଡୋଲା ମହାନଦୀ ଫେରିଘାଟକୁ ନିଆଯାଇଥିଲା । ସେଠାରେ ଡଙ୍ଗାରେ ଠାକୁରଙ୍କ ମୂର୍ତ୍ତିଗୁଡିକୁ ନେଇ ମହାନଦୀ ମଝିରେ ବିସର୍ଜନ କରାଯାଇଥିଲା । ରାମ ମନ୍ଦିର କମିଟି ସଭାପତି ପି. ସୁଦର୍ଶନ, ସମ୍ପାଦକ ଏସ. ଚନ୍ଦ୍ରାରାଓଙ୍କ ତତ୍ତ୍ୱାବଧାନରେ ଏସ ଜାନକିରାମ, ବି ରାମନା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

### ଚୈତ୍ର ପର୍ବ ପ୍ରସ୍ତୁତି ବୈଠକ

**ଝାରବନ୍ଧ, ୩।୪ (ଡି.ଏନ.ଏ):** ଝାରବନ୍ଧ ବ୍ଲକ କୁଲୁତା ସମାଜ ପକ୍ଷରୁ ଚୈତ୍ର ପର୍ବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପର୍ବ ଆସନ୍ତା ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠ ନୃସିଂହନାଥରେ ମହାସମାରୋହରେ ପାଳନ କରିବା ପାଇଁ ସ୍ଥିର ହୋଇଛି । ବୈଠକରେ ତୁଳସୀରାମ ପ୍ରଧାନ, ଓମ ପ୍ରକାଶ ପ୍ରଧାନ, ରସାନନ୍ଦ ପ୍ରଧାନ, ଶ୍ୟାମସୁନ୍ଦର ବେହେରାଙ୍କ ସମେତ କୁଲତା ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

■ ସିକନ୍ଦରାବାଦରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଘଟଣା

# ଭାଟି ମାଲିକ କବ୍ଜାରେ ୧୩ ଶ୍ରମିକ

**ବରଗଡ଼ ଅଫିସ୍,୩।୪**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଦାଦନ ସମସ୍ୟା ବଢ଼ିବାରେ ଲାଗିଛି । ଜିଲା ତଥା ରାଜ୍ୟ ବାହାରକୁ ଦାଦନ ଚାଲାଣ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି । ଅନ୍ୟପଟେ ଦାଦନ ଶ୍ରମିକଙ୍କ ଉପରେ ନିର୍ଯାତନା ମଧ୍ୟ ଥମୁନାହିଁ। ତଥାପି ଜିଲାର ଶ୍ରମିକମାନେ ଅଧିକ ପାରିଶ୍ରମିକ ପ୍ରଲୋଭନରେ ପଡ଼ି ଜିଲା, ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ପାରିଶ୍ରମିକ ବଦଳରେ ସେଠାରେ ବନ୍ଧା ପଡ଼ି ନିର୍ଯାତନା ପାଉଛନ୍ତି। ଏହାସତ୍ତ୍ୱେ ଦାଦନ ଚାଲାଣ ଉପରେ ଅଙ୍କୁଶ ଲଗାଇବା ତ ଦୂରର କଥା, ରାଜ୍ୟ ବାହାରେ ବନ୍ଧା ପଡ଼ି ନିର୍ଯାତିତ ହେଉଥିବା ଶ୍ରମିକଙ୍କୁ ଉଦ୍ଧାର କରିବାରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଫେଲ୍ ମାରୁଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଓ ବଲାଙ୍ଗୀର ଜିଲା ଅଞ୍ଚଳରୁ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇ ସେଠାରେ ବନ୍ଧା ପଡ଼ିଥିବା ଶ୍ରମିକଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି । ସେଠାକାର ଇଟାଭାଟି ମାଲିକଙ୍କ ନିର୍ଯାତନା ସହି ନ ପାରି ଗତ କିଛିଦିନ ତଳେ ୨ଜଣ ଶ୍ରମିକ ଏଠାକୁ ଖସି ଆସିଥିଲେ । କିଛି ସାମାଜିକ କର୍ମୀଙ୍କ ଉଦ୍ୟମ ଯୋଗୁ ବୁଧବାର ଏକ ଦମ୍ପତି ବଲାଙ୍ଗୀର ଜିଲା ଦେଓଗାଁ ଅଞ୍ଚଳର ରାକେଶ ହରିପାଲ, ସ୍ତ୍ରୀ ରଶ୍ମିତା ନିଜର ଦୁଇ ପୁଅକୁ ସାଙ୍ଗରେ ଧରି ଘରକୁ ଫେରିଛନ୍ତି । କିନ୍ତୁ ସେଠାରେ ଏବେ ମଧ୍ୟ ନବଜାତ ଶିଶୁଙ୍କୁ ଧରି ଅନ୍ୟ ଏକ ଦମ୍ପତି ଗଜିନ୍ଦ୍ର ବେସରା, ସ୍ତ୍ରୀ ଜୟନ୍ତୀଙ୍କ ସମେତ ୧୩ଜଣ ବନ୍ଧା ପଡ଼ିଛନ୍ତି । ସମ୍ପୃକ୍ତ ଇଟାଭାଟି ମାଲିକ ସେମାନଙ୍କୁ ନ ଛାଡ଼ି ଅକଥନୀୟ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି ।



ଶିଶୁପୁତ୍ରଙ୍କୁ ଧରି ଘରକୁ ଫେରିଥିବା ଦମ୍ପତି ।

- ୨ଶିଶୁଙ୍କୁ ଧରି ଫେରିଲେ ଦମ୍ପତି
- ୩ମାସ ତଳୁ ନିଜଘର ଛାଡ଼ିଥିଲେ
- ପୂର୍ବରୁ ୨ଶ୍ରମିକ ଖସି ଆସିଥିଲେ
- ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ

ପ୍ରକାଶ ଯେ, ଗତ ୩ ମାସ ତଳେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଝାଙ୍କରପାଲି ଗ୍ରାମର ଜଣେ ଦାଦନ ସର୍ଦ୍ଦାର ଅଧିକ ପାରିଶ୍ରମିକର ପ୍ରଲୋଭନ ଦେଖାଇ ଏହି ଶ୍ରମିକମାନଙ୍କୁ ଇଟା ଗଢ଼ିବା ପାଇଁ ସିକନ୍ଦରାବାଦର ମେଡ଼କ ଜିଲା ନାସାପୁର ଥାନା ପୁଟାପେଟଡାଣ୍ଡାକୁ ନେଇଥିଲେ । ସେତେବେଳେ ସେ ଜଣ ପ୍ରତି ୫ହଜାର ଟଙ୍କା ଲେଖାଏଁ ଅଗ୍ରୀମ ଦେଇଥିଲେ । କାମ କରିବାର ୧୫ଦିନ ପରେ ଶ୍ରମିକମାନେ ଇଟାଭାଟି ମାଲିକ କପିଳ ସେଟ୍ଙ୍କୁ ପାରିଶ୍ରମିକ ଟଙ୍କା ମାଗିବାରୁ ଦାଦନ ସର୍ଦ୍ଦାର ତାହା ନେଇ ସାରିଥିବା କହିଥିଲେ ଏବଂ କାମ କରିବାକୁ ବାଧ୍ୟ କରିଥିଲେ । ହାତରେ ଟଙ୍କା ପଇସା କିଛି ନ ଥିବା ଯୋଗୁ ଶ୍ରମିକମାନେ ସେଠାରୁ ଘରକୁ ଫେରି ଆସିବାକୁ କହିବାରୁ ଇଟାଭାଟି ମାଲିକ ସେମାନଙ୍କୁ ଆଉ ଛାଡ଼ି ନ ଥିଲେ ଏବଂ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ତେବେ କୌଶଳକ୍ରମେ ୨ଣ ଶ୍ରମିକ ପ୍ରହଲ୍ଲାଦ ସୁନା ଓ ସନ୍ତୋଷ ହରିପାଲ ସେଠାରୁ ଖସି ଆସି ଗାଁରେ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପଦ୍ମପୁର ଥାନା ଖଇରପାଲି ଗ୍ରାମର ଅଶ୍ୱିନୀ ତାଣ୍ଡି ଓ ଲବ ତାଣ୍ଡି ତାଙ୍କ ଭଉଣୀ, ଭଉଣୀ ଜ୍ୱାଇଁ ଏବଂ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ଶ୍ରମମନ୍ତ୍ରୀଙ୍କୁ ଭେଟିବା ସହିତ ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ମଧ୍ୟ ଫେରାଦ ହୋଇଥିଲେ ।

ସେଠାରେ ବନ୍ଧା ପଡ଼ିଥିବା ରାକେଶଙ୍କ ନବଜାତ ଶିଶୁପତ୍ରର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଖବର ପାଇ ସ୍ଥାନୀୟ କେନ୍ଦୁଭଟା ଗ୍ରାମର ସାମାଜିକ କର୍ମୀ ବିଶ୍ୱପତି ସାହୁଙ୍କ ସମେତ ଲୁହାରପାଲିର ବିଭିଷଣ ଭେସ୍ରା, ବରିହାପାଲିର ବିଶ୍ୱଜିତ ବାରିକ, ଖଇରପାଲିର ଲବ ତାଣ୍ଡି ସେଠାକୁ ପହଞ୍ଚିଥିଲେ ଏବଂ ସେମାନଙ୍କୁ ଛାଡ଼ି ଦେବା ପାଇଁ ଇଟାଭାଟି ମାଲିକଙ୍କୁ ନିବେଦନ କରିଥିଲେ । ତେବେ ସମ୍ପୃକ୍ତ ଇଟାଭାଟି ମାଲିକ ରାକେଶ, ସ୍ତ୍ରୀ ରଶ୍ମିତା ଓ ଦୁଇ ଶିଶୁପୁତ୍ରଙ୍କୁ ଛାଡଇ ଦେଇଥିବାବେଳେ ଅନ୍ୟମାନଙ୍କୁ ଛାଡ଼ି ନ ଥିଲେ ବୋଲି ସାମାଜିକ କର୍ମୀ ବିଶ୍ୱପତି କହିଛନ୍ତି । ଶିଶୁପତ୍ରଙ୍କ ସହିତ ଉଦ୍ଧାର ଦମ୍ପତିଙ୍କୁ ଧରି ଉପରୋକ୍ତ ସାମାଜିକ କର୍ମୀମାନେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ କରିବା ସହିତ ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ପୁଣି ଗୁହାରୀ କରିଥିଲେ । ଏହି ଘଟଣାକୁ ନେଇ ଗତ ମାସରୁ ବାରମ୍ବାର ଜିଲା ଶ୍ରମ ଅଧିକାରୀ, ଜିଲାପାଳଙ୍କ, ଶ୍ରମମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବନ୍ଧା ପଡ଼ିଥିବା ଶ୍ରମିକମାନେ ଉଦ୍ଧାର ହୋଇ ନ ପାରିବା ଶ୍ରମ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି ।

### ତେଜାଗୋଲା ସ୍କୁଲର ବାର୍ଷିକୋତ୍ସବରେ ମତପ୍ରକାଶ
## ସହଶିକ୍ଷାର ଗୁରୁତ୍ୱ ରହିଛି

**ଭଟଲି,୩।୪(ଡି.ଏନ.ଏ.)**

ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ସହିତ ସହଶିକ୍ଷା କାର୍ଯ୍ୟକ୍ରମର ଗୁରୁତ୍ୱ ରହିଛି। କେବଳ ଶିକ୍ଷାଦାନ କରି ଚାଲିଲେ ଗୁଣାତ୍ମକ ଶିକ୍ଷା ହାସଲ ହୋଇ ପାରି ନ ଥାଏ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଯୋଗାଇଦେବାକୁ ହେଲେ ସହଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ କରିବା ନିହାତି ଆବଶ୍ୟକ । ଏହାସହିତ ସହଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଗଢ଼ିବାରେ ମଧ ସହାୟକ ହୋଇଥାଏ ବୋଲି ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମତପ୍ରକାଶ ପାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତା ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଦ୍ୟାଳୟ ଅନୁ ନିରୀକ୍ଷକ ପ୍ରେମରାଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ପ୍ରଥମେ ଶୃଙ୍ଖଳିତ ହେଲେ ଶିକ୍ଷା ଗ୍ରହଣର ମାନ ବୃଦ୍ଧି ପାଇବ ବୋଲି ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଏବିଇଓ ଅରୁଣ କୁମାର ବେହେରା, ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ, ସାମାଜିକ କର୍ମୀ କୁଞ୍ଜ ବିହାରୀ ସାହୁ, ଗୋପାଳ ଚନ୍ଦ୍ର ଖମାରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁରଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ଲମ୍ବୋଧର ପଧାନ ବିବରଣୀ ପଠନ କରିଥିବାବେଳେ ଉପେନ୍ଦ୍ର ଖମାର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାର ଶ୍ରେଷ୍ଠ ଛାତ୍ରୀ ହର୍ଷିତା ସାହୁଙ୍କ ସମେତ ଅନ୍ୟ କୃତି ପ୍ରତିଯୋଗୀମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଏହାସହିତ ମୋ ସ୍କୁଲ ଅଭିଯାନର ଦାତାମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷକ ସଞ୍ଜୀବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିଶୁଙ୍କୁ ମିଳୁନି ହେପାଟାଇଟିସ୍ ବି ଟିକା

**ବରଗଡ଼ ଅଫିସ୍,୩।୪**

ଶିଶୁ ମୃତ୍ୟୁହାର ରୋକିବାରେ ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ରହିଛି । ଫଳରେ ଶିଶୁର ଜନ୍ମ ଦିବସଠାରୁ ତାକୁ ଟିକା ଦିଆଯାଇଥାଏ । ମାତ୍ର ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବାରମ୍ବାର ପ୍ରତିଷେଧକ ଟିକା ହେପାଟାଇଟିସ୍ ବି(ବାର୍ଥ ଡୋଜ୍) ଅଭାବ ଏବଂ ସେହି ଟିକା ପାଇବାରୁ ନବଜାତ ଶିଶୁମାନେ ବଞ୍ଚିତ ହେବା ଘଟଣା ଏଠାରେ ଆଲୋଡ଼ନ ଖେଳାଇ ଦେଇଛି ।

ଜନ୍ମହେବାର ୨୪ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ବିସିଜି, ଓପିଭି ଏବଂ ହେପାଟାଇଟିସ୍ ବି(ବାର୍ଥ ଡୋଜ୍) ଟିକା ଦିଆଯାଇଥାଏ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ମା' ଏବଂ ଶିଶୁ ସୁରକ୍ଷା କାର୍ଡ଼ (ଏମସିପି)ରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । କିନ୍ତୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଆବଶ୍ୟକ ଅନୁପାତରେ ଗଚ୍ଛିତ ନ ଥିବା ଯୋଗୁ ଶିଶୁମାନଙ୍କୁ ସେହି ଟିକା ମିଳିପାରୁ ନାହିଁ। ଗତ ୨ ମାସ ତଳେ ଏଠାରେ ଏଭଳି ସମସ୍ୟା ଦେଖାଯାଇଥିଲା । ଏବେ ଜିଲା ମୁଖ୍ୟ ଡାକ୍ତରଖାନାରେ ସେହି ସମସ୍ୟାର ପୁନରାବୃତ୍ତି ହୋଇଛି ।

ବରଗଡ଼ର ନିମାଇଁ ରଥ କହିଛନ୍ତି, ବୁଧବାର ତାଙ୍କ ପୁତ୍ରବଧୂ ଏକ ଶିଶୁପୁତ୍ର ପ୍ରସବ କରିଛନ୍ତି । କିନ୍ତୁ ଶିଶୁକୁ ହେପାଟାଇଟିସ୍ ବି(ବାର୍ଥଡୋଜ୍) ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । ଟିକା ଦେବାକୁ କହିଲେ ଡାକ୍ତରଖାନାରେ ସେହି ଟିକା ଉପଲବ୍ଧ ନାହିଁ ବୋଲି ବିଭାଗୀୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ପ୍ରକାଶ କରିଥିବା ସେ କହିଛନ୍ତି । କେବଳ ଏହି ଶିଶୁଙ୍କ କ୍ଷେତ୍ରରେ ନୁହେଁ, ଜିଲା ମୁଖ୍ୟ ଡାକ୍ତରଖାନାରେ ନିୟମିତ ଏକାଧିକ ନବଜାତ ଶିଶୁ ଜନ୍ମଲାଭ କରୁଥିବାବେଳେ ଏଠାରେ ଏଭଳି ଟିକାର ଅଭାବ ରହିବା ଏବଂ ସେଥିରୁ ଶିଶୁମାନେ ବଞ୍ଚିତ ହେବା ସ୍ୱାସ୍ଥ୍ୟ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି । ସାମାଜିକ କର୍ମୀ ଶିବାନନ୍ଦ ମଟାରୀ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଭଳି ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଅବହେଳା ଆଦୌ ଗ୍ରହଣୀୟ ନୁହେଁ ଏବଂ ତୁରନ୍ତ ଏହି ଟିକା ଡାକ୍ତରଖାନାକୁ ଆଣି ଶିଶୁମାନଙ୍କୁ ଦେବାକୁ ସେ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନନ୍ଦ କିଶୋର ପାଢ଼ୀଙ୍କୁ ପଚାରିବାରୁ ସେ କହିଥିଲେ, ପୂର୍ବରୁ ଡାକ୍ତରଖାନାରେ ହେପାଟାଇଟିସ୍ ବି(ବାର୍ଥଡୋଜ୍) ନ ଥିଲା। ଫଳରେ ତାହା ଅଣାଯାଇ ଡାକ୍ତରଖାନାରେ ଗଚ୍ଛିତ ରଖାଯାଇଥିଲା । ମାତ୍ର ଏବେ ପୁଣି ସରି ଯାଇଛି ଏବଂ ସେହି ଟିକା ଯୋଗାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ସେ କହିଥିଲେ ।

## ଜାରିଂରେ ଭାଜପାର କର୍ମୀ ସମ୍ମିଳନୀ

**ବିଜେପୁର, ୩।୪ (ଡି.ଏନ.ଏ)**

ବିଜେପୁର ନିର୍ବାଚନ ମଣ୍ଡଳୀର ଜାରିଂରେ ବୁଧବାର ଭାଜପା ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଦଳୀୟ କର୍ମୀମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ବାଇକ ଶୋଭାଯାତ୍ରାରେ ବାହାରି ବିଜେପୁର ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରା ଜାରିଂରେ ପହଞ୍ଚିବା ପରେ ମଣ୍ଡଳ ସଭାପତି ଯୋଗେନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ଆରମ୍ଭ ହୋଇଥିଲା । ଏଥିରେ ବରିଷ୍ଠ ନେତା ସୁରେଶ୍ୱର ଶତପଥି, ସୌରୀଚରଣ ବାରିକ, ସୁକାନ୍ତ ଦାଶ, ଅଜିତ ସାହୁ, ବିଧାୟକ ପ୍ରାର୍ଥୀ ସନତ କୁମାର ଗଡତିଆ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରି ରାଜ୍ୟ ସରକାରଙ୍କ ମନମୁଖି କାର୍ଯ୍ୟକଳାପ ଉପରେ ନେତାମାନେ ବର୍ଷିଥିଲେ । ଦେଶରେ ସୁଶାସନ ବଜାୟ ରଖିବାକୁ ଭାଜପାକୁ ବିପୁଳ ମାତ୍ରାରେ ମତଦାନ କରି ବିଜୟୀ କରିବାକୁ କର୍ମୀମାନଙ୍କୁ ଉତ୍ସାହିତ କରାଯାଇଥିଲା । କଂଗ୍ରେସ ନେତା ବିଜୟ ଦାଶ, ରାମଚନ୍ଦ୍ର ପଧାନ ଓ ମକରଧ୍ୱଜ ପଧାନ ଏବଂ ବିଜେଡିର ପ୍ରେମଲାଲ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଯାଇଥିଲା । ମଦନ ସେଠ, ଗୌରହରି ସେଠ, ମହେଶ ଦେବତା, ନୀଳମଣି ମେହେର, ମଧୁ ଖମାରୀ ପ୍ରମୁଖ ବିଭିନ୍ନ ଅଞ୍ଚଳର ନେତା ଓ କର୍ମୀ ଯୋଗ ଦେଇଥିଲେ । ସେହିପରି ପୁଷ୍ପିପଥରରେ ମଧ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

# ବରଗଡ଼ରେ ଜମୁଛି ପ୍ରାର୍ଥୀଙ୍କ ପ୍ରଚାର

**ବରଗଡ଼ ଅଫିସ୍,୩।୪**

ସାଧାରଣ ନିର୍ବାଚନ ପାଇଁ ମତଦାନକୁ ଆଉମାତ୍ର ଦୁଇ ସପ୍ତାହ ବାକି ରହିଲା । ଫଳରେ ଜିଲାରେ ନିର୍ବାଚନୀ ବାତାବରଣ ସରଗରମ ହେବାରେ ଲାଗିଛି । ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀମାନେ ସଭା, ସମିତି, କର୍ମୀ ସମ୍ମିଳନୀ ତଥା ଘର ଘର ବୁଲି ସେମାନଙ୍କ ସପକ୍ଷରେ ମତଦାନ ପାଇଁ ମତଦାତାଙ୍କୁ କହୁଥିବା ଦେଖିବାକୁ ମିଳୁଛି । ସେହିପରି ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ମିଶ୍ରଣ ପର୍ବର ଆୟୋଜନ କରାଯାଉଛି ଏବଂ ଅନ୍ୟ ଦଳର ନେତା,କର୍ମୀଙ୍କୁ ପ୍ରାର୍ଥୀମାନେ ନିଜ ଦଳରେ ସାମିଲ କରୁଛନ୍ତି ।

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦରେ ବିଜେଡ଼ିର ଏକ କର୍ମୀ ସମ୍ମିଳନୀ ହୋଇଥିଲା । ଏଥିରେ ଦଳର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନୀ ପ୍ରଚାର କରିଥିଲେ । ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ ଅଧ୍ୟକ୍ଷତା କରିଥିବାବେଳେ ସମୀର ସିଂ, ଉମେଶ ପଣ୍ଡା, ନିତ୍ୟାନନ୍ଦ ନାଏକ ପୁରନ୍ଦର ସେଠ ପ୍ରମୁଖ ଉପସ୍ଥିତ ଥିଲେ । ବୁଦେଲପାଲିରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ସମେତ ପୂର୍ବତନ ବିଧାୟକ ସାଧୁ ନେପାକ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବିଜେଡ଼ି ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ । ସେହିପରି ବିଜେଡ଼ିର ପ୍ରଚାରରେ ଦେବେଶଙ୍କ ସ୍ତ୍ରୀ ମହାଶ୍ୱେତା, ପୂର୍ବତନ ପୌରାଧ୍ୟକ୍ଷା ପ୍ରଶାନ୍ତ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ, ପୂର୍ବତନ ପୌର ଉପାଧ୍ୟକ୍ଷା କଳ୍ପନା ମାଝି ମଧ୍ୟ ସାମିଲ୍ ହୋଇଥିବା ଦେଖିବାକୁ ମିଳିଥିଲା ।

ଅନ୍ୟପଟେ କଂଗ୍ରେସ ଓ ଭାଜପା ମଧ୍ୟ ପଛରେ ପଡ଼ି ନାହାନ୍ତି । ଉଭୟ ଦଳର ପ୍ରଚାର ଜୋର୍ ଧରିବାରେ ଲାଗିଛି। କଂଗ୍ରେସର ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ଦେବତା, ବିଧାନସଭା ପ୍ରାର୍ଥୀ ନିପନ ଦାଶ ପ୍ରମୁଖ ସମର୍ଥକଙ୍କ ଗହଣରେ ପ୍ରଚାରକୁ ଆଗେଇ ନେଉଛନ୍ତି। ଭାଜପାର ବରଗଡ଼ ବିଧାନସଭା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ମଧ୍ୟ ଗାଁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସ୍ଥାନରେ ସଭା, ସମିତି, ରାଲି ମାଧ୍ୟମରେ ସେ ଭୋଟରଙ୍କୁ ତାଙ୍କୁ ସପକ୍ଷରେ ମତଦାନ କରିବାକୁ ନିବେଦନ କରୁଛନ୍ତି ।




ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ନିର୍ବାଚନୀ ପ୍ରଚାର ଚାଲିଛି ।

### ଅମିତ ଶାହଙ୍କ ବରଗଡ଼ ଗସ୍ତ ନେଇ ଚର୍ଚ୍ଚା

ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଆସନ୍ତା ୭ ତାରିଖରେ ବରଗଡ଼ ଗସ୍ତରେ ଆସୁଥିବା ନେଇ ଚର୍ଚ୍ଚା ଚାଲିଛି । ତାଙ୍କ ଗସ୍ତ ସୂଚନା ମିଳିବା ପରେ ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଖୋଦ୍ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ରହିଥିବାବେଳେ ପୂର୍ବରୁ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବରଗଡ଼ ଗସ୍ତ ସାରି ଫେରି ଯାଇଛନ୍ତି । ଏବେ ଏଠାକୁ ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶାହଙ୍କ ଗସ୍ତକୁ ନେଇ ରାଜନୈତିକ ତାତି ବଢ଼ି ଚାଲିଛି ।

## ଗାଁ ଗାଁରେ ଚାଲିଛି ଦଳୀୟ ସଭା, ଶୋଭାଯାତ୍ରା

**ଜାମଚିକ୍ରା, ୩।୪ (ଡି.ଏନ.ଏ)**

ନିର୍ବାଚନ ଯେତିକି ପାଖେଇ ଆସୁଛି ନେତାଙ୍କ ଛାତିରେ ସେତିକି ଛନକା ପଶୁଛି। କଳେବଳେ କୌଶଳେ ଜନତାଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି ନେତା। ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକିଥିବା ବେଳେ ସେମାନେ ଶୋଭାଯାତ୍ରାରେ ବାହାରି ଲୋକଙ୍କ ନିକଟର ହୋଇ ଭୋଟ ଭିକ୍ଷା କରୁଛନ୍ତି। ଅତାବିରା ବିଧାନସଭା ଆସନ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ଭାଜପା ପ୍ରାର୍ଥୀ ମିଳନ ସେଟ। ସେ ମୋଦିଙ୍କ ବିକାଶମୂଳକ ଯୋଜନା ନେଇ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସ ପ୍ରାର୍ଥୀ ନିହାରରଞ୍ଜନ ମହାନନ୍ଦ, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଲକ୍ଷ୍ମଣ କୁମାର ଭୋଇ ଓ ବହୁଜନ ସମାଜ ପାର୍ଟିର ରବିନ୍ଦ୍ର ମେଘ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏପ୍ରିଲ ୧୮ ତାରିଖରେ ଏହି ଆସନରେ ମତଦାନ ଗ୍ରହଣ କରାଯିବ। ଏଥିପାଇଁ ରାଜନୈତିକ ଉଷ୍ମତା ବଢ଼ିଛି। ଗାଁ ଗାଁରେ ଦଳୀୟ ପ୍ରାର୍ଥୀମାନେ ସାଧାରଣ ସଭା କରୁଛନ୍ତି ।

## ଫଟୋରେ ଖବର







ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅଏଁଲାପାଲି ଗ୍ରାମରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ପ୍ରଚାର କରୁଛନ୍ତି (ବାମ) । ଲୁପୁରସିଂହା ଅଞ୍ଚଳରେ ଭାଜପା ପକ୍ଷରୁ ସଭା କରାଯାଉଛି (ମଧ) । ପପଙ୍ଗାରେ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ଦେବତା ପ୍ରଚାର କରୁଛନ୍ତି ।



“ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବା
- -ହର୍‌ବର୍ଟ ସାଇମନ୍‌ସ



## ସଂକ୍ଷେପରେ

### ଦୁର୍ଘଟଣାରୁ ବର୍ତ୍ତିଲା କୋଇଲା ବୋଝେଇ ଟ୍ରକ

**ଡୁଙ୍ଗୁରିପାଲି,୩।୪(ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାମପୁର ରୋଡରେ ବୁଧବାର ଏକ କୋଇଲା ବୋଝେଇ ଟ୍ରକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି । ମିଳିଥିବା ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଶାଖାପାଟନାରୁ ଝାରସୁଗୁଡ଼ା ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ (ନଂ.ୟୁପି ୮୧ ବିଟି ୪୬୪୫) ଡୁଙ୍ଗୁରିପାଲି ରାମପୁର ରୋଡ ରେଳ ଫାଟକ ନିକଟରେ ଅନ୍ୟ ଏକ ଗାଡିକୁ ସାଇଡ ଦେବା ଯାଇ ରାସ୍ତା କଡରେ ଦବି ଯାଇ ଅଧା ଓଲଟିବା ଅବସ୍ଥାରେ ରହିଯାଇଥିଲା। ଅପରାହ୍ନରେ ଏକ କ୍ରେନ ସାହାର୍ଯ୍ୟରେ ଟ୍ରକକୁ ବାହାର କରାଯାଇଥିଲା। ଅନ୍ୟପକ୍ଷେ ନିମ୍ନମାନର ରାସ୍ତା କାମ ଯୋଗୁ ଟ୍ରକ ରାସ୍ତା କଡରେ ଦବି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ବିଜେଡିରେ ସାମିଲ ହେଲେ ଭାଜପା ମଣ୍ଡଳ ସଭାପତିଙ୍କ ସହ ୩୨ କର୍ମୀ

**ଅମରପାଲି/ବୀରମହାରାଜପୁର, ୩।୪ (ଡି.ଏନ.ଏ.)-** ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଜୋନ-୨ ସୁବଳୟା ଭାଜପା ମଣ୍ଡଳ ସଭାପତିଙ୍କ ସହ ଭାଜପାର ୩୨ କର୍ମୀ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ବହଲପଦର-ଘିଚାପାଲି ନିକଟସ୍ଥ ମେଟାକାନୀଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସୁବଳୟା ମଣ୍ଡଳ ସଭାପତି ଗଙ୍ଗାଧର ମିଶ୍ରଙ୍କ ସହ ୩୨ କର୍ମୀ ପୂର୍ବତନ ଏମ୍‌ପି ତଥା ବିଜେଡିର ଷ୍ଟାର ପ୍ରଚାରକ ଅନଙ୍ଗ ଉଦୟ ସିଂଦେଓ ଓ ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି । ଏପରି କି ଉଲୁଣ୍ଡା ବ୍ଲକ ଅଧୀନ କାଦୋଦର ପଞ୍ଚାୟତ ପୂର୍ବତନ ସରପଞ୍ଚ ତଥା କଂଗ୍ରେସ କର୍ମୀ ବାଞ୍ଛା ମିସ୍ତ୍ରୀ ଓ ସରଣ ପାଣ୍ଡେ ବିଜେଡିରେ ଯୋଗଦେଇଛନ୍ତି। ଦଳୀୟ କର୍ମକର୍ତ୍ତା ନୂତନ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ।

### ଟ୍ରକ୍ ଚାପାରେ ଛାତ୍ର ମୃତ

**କୋଲିମାଟି, ୩।୪(ଡି.ଏନ.ଏ.):** ଘସିପୁରା ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥ ଧକୋଠା ବନ୍ଧ ଗାଁ ନିକଟରେ ବୁଧବାର ଅପରାହ୍ନ ୪ଟା ୫୦ ମିନିଟ ସମୟରେ ଏକ ଟ୍ରକ୍ ଚାପାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ମହାକୁଡ (୧୫)। ଘଟଗାଁ ପଟରୁ ଆସୁଥିବା ଏକ ସିମେଟ ବୋଜେଇ ଟ୍ରକ୍ କନ୍ତୋ ଗଉଡ ସାହିରୁ ସାଇକେଲରେ ଧକୋଠା ବଜାର ଯାଉଥିବା ଚନ୍ଦନଙ୍କୁ ଚାପି ଦେଇଥିଲା। ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା ଲୋକଙ୍କୁ ବୁଝାସୁଝା କରିଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୩।୪:** ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମାର୍ଟ ସିଟି ରାଉରକେଲାର ସ୍ୱାଧୀନ ନିର୍ଦ୍ଦେଶିକା ପ୍ରଫେସର ଡ. କଲ୍ୟାଣୀ ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ।

କଂଗ୍ରେସରେ ନାଟକୀୟ ବୟାନବାଜି

# କଂଗ୍ରେସ ଦଳ ଛାଡ଼ିଲେ ୯ ପୁରୁଖା ନେତା

**ବଲାଙ୍ଗୀର ଅଫିସ, ୩।୪**






ସାମ୍ବାଦିକ ଭବନଠାରେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ନେତାଙ୍କ ଖବରଦାତା ସମ୍ମିଳନୀ (ବାମ) । ଏକ ଘରୋଇ ହୋଟେଲରେ କଂଗ୍ରେସ ଦଳର ଖବରତାଦା ସମ୍ମିଳନୀ ।

- ନରସିଂହଙ୍କ ବିରୋଧରେ ଅଭିଯୋଗ ଆଣିଲେ ଲକ୍ଷ୍ମଣ
- ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନ ହେବାରୁ ପ୍ରାୟୋଜିତ ବିଦ୍ରୋହ: କଂଗ୍ରେସ

ବଲାଙ୍ଗୀର କଂଗ୍ରେସରେ ବୁଧବାର ଏକ ବଡଧରଣର ହଲଚଲ ହୋଇଛି। ଦଳର ୯ ପୁରୁଖା ନେତା ଓ କାର୍ଯ୍ୟକର୍ତ୍ତା ବୁଧବାର ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରି କଂଗ୍ରେସରୁ ଇସ୍ତଫା ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ବ୍ୟକ୍ତିଗତ ସ୍ୱାର୍ଥପୂରଣ ନ ହେବାରୁ କେତେଜଣ ଦଳୀୟ ନେତା ନିର୍ବାଚନ ସମୟରେ ପ୍ରାୟୋଜିତ ଇସ୍ତଫା ନାଟକବାଜି କରିଛନ୍ତି ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ବୁଧବାର କଂଗ୍ରେସର ଦଳୀୟ କନ୍ଦଳ ନିର୍ବାଚନୀ ମାହୋଲକୁ ସରଗରମ କରିଦେଇଛି ।

ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଭଗବାନ ବରଗର୍ତ୍ତୀ ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଦଳରୁ ତାଙ୍କ ସହ ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ନଗରପାଳ ତଥା କଂଗ୍ରେସ ଓବିସି ସେଲ ଅଧକ୍ଷ ପ୍ରଦୀପ ସାହୁ, ଜିଲା କଂଗ୍ରେସ ଲିଗାଲ ସେଲ ପୂର୍ବତନ ଅଧକ୍ଷ ପ୍ରବୀଣ ମିଶ୍ର, ଜିଲା କଂଗ୍ରେସ କମିଟି ପୂର୍ବତନ ଉପସଭାପତି ରାଧାକାନ୍ତ ନାୟକ, ଦେଓଗାଁ ବ୍ଲକ ପୂର୍ବତନ ଉପାଧକ୍ଷ ଜନ୍ମେଜୟ ସାହୁ, ଲୋଇସିଂହା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ମହେନ୍ଦ୍ର ଜାଲ ଓ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଦଳର ପୁରୁଖା ନେତା, ବିଧାୟକ ଓ ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ । କଂଗ୍ରେସରେ ନରସିଂହ ମନମୁଖୀ ଶାସନ ଚଳାଇଛନ୍ତି। ପୁରୁଣା କର୍ମୀ ଓ ନେତାଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଉଛି। ପରିବାରବାଦ୍ କଥା ଉଠାଇ ଏଆଇସିସି ନିୟମ ଉଲ୍ଲଂଘନ କରି ବିରୋଧୀଦଳ ନେତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ରଙ୍କୁ ଦଳୀୟ ଲୋକ ସଭା ପ୍ରାର୍ଥୀ କରିଥିବା ଲକ୍ଷ୍ମଣ ମେହେର ଅଭିଯୋଗ କରିଥିଲେ । ବିରୋଧୀଦଳ ନେତାଙ୍କୁ ମିଛୁଆ କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ତାଙ୍କର ଭିତିରି ସମ୍ପର୍କ ରହିଥିବା ସେ ଅଭିଯୋଗ କରିଥିଲେ । ଏପରି କି କୁନ୍ଦୁଳି ପ୍ରସଙ୍ଗ ଉଠାଇ ସମାଲୋଚନା କରିଥିଲେ । ୨୦୧୪ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ଦେବେ ବୋଲି ପାଟଖଣ୍ଡା ପୀଠରେ ବିଧାୟକ ମିଶ୍ର ଶପଥ କରିଥିଲେ ମଧ ପରବର୍ତ୍ତୀ ସମୟରେ ସେ ପ୍ରତିଶ୍ରୁତି ରକ୍ଷା କରି ନ ଥିବା ଲକ୍ଷ୍ମଣ ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ଭାବେ ତାଙ୍କୁ ଅନେକ ମାନସିକ ନିର୍ଯାତନା ନିଆଯାଇଥିବା ସେ କହିଛନ୍ତି। ଭଗବାନ ବରଗର୍ତ୍ତୀ ମଧ ନରସିଂହ ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର ୨୦୧୪ ନିର୍ବାଚନରେ ନରସିଂହଙ୍କୁ ଲୋକେ ଅନେକ ଆଶା ନେଇ ଭୋଟ ଦେଇଥିଲେ ମଧ ସେ ଆଶା ପୂରଣ କରି ନ ଥିବା କହିଥିଲେ। ସେହିପରି ନରସିଂହ କଂଗ୍ରେସକୁ ଧ୍ୱଂସ କରିଦେଇଥିବା ପୂର୍ବତନ ନଗରପାଳ ପ୍ରଦୀପ ସାହୁ ଅଭିଯୋଗ ଆଣିଛନ୍ତି।

ଅନ୍ୟପକ୍ଷେ ସ୍ଥାନୀୟ ଏକ ହୋଟେଲରେ କଂଗ୍ରେସ ଜିଲା ନିର୍ବାଚନୀ ପ୍ରଚାର କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା । ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ ୯ ନେତା ଦଳରୁ ଇସ୍ତଫା ଦେବା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଏହା ଶାସକ ଦଳର ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି କହିଥିଲେ । ନରସିଂହଙ୍କ ବିରୋଧରେ ଆଣିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରି ବ୍ୟକ୍ତିଗତ ସ୍ୱାର୍ଥସାଧନ ନ ହେବାରୁ କିଛି ଅଦୃଶ୍ୟ ଶକ୍ତି ଇସାରାରେ ନିର୍ବାଚନୀ ସମୟରେ ବିଧାୟକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କୁତ୍ସାରଟନା କରିଥିବା କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀରବାସୀ ମିଶ୍ରଙ୍କୁ ବିଧାୟକ ଭାବେ ନିର୍ବାଚିତ କରି ଯେଉଁ ଦାୟିତ୍ୱ ଦେଇଥିଲେ ନରସିଂହ ତାହା ତୁଲାଇଛନ୍ତି। ଏଣୁ ଇସ୍ତଫା ନାଟକ ନିର୍ବାଚନରେ କିଛି ବି ପ୍ରଭାବ ପକାଇବ ନାହିଁ ବୋଲି ପଟ୍ଟନାୟକ କହିଥିଲେ। ଲକ୍ଷ୍ମଣ ମେହେର ନିଜ ସ୍ତ୍ରୀ ଓ ପୁତୁରାଙ୍କୁ କେଉଁ ଯୁଗରୁ ରାଜନୀତିକୁ ଆଣି ପରିବାରବାଦ୍ ଆରମ୍ଭ କରିଥିଲେ ମଧ ବିଧାୟକଙ୍କ ବିରୋଧରେ ଏଭଳି ପରିବାରବାଦ୍ ଅଭିଯୋଗ ଆଣିବା ହାସ୍ୟାସ୍ପଦ ବୋଲି କହିଥିଲେ । କଂଗ୍ରେସ ଦଳ ଓ ବିଧାୟକ ମିଶ୍ରଙ୍କ ଠାରୁ ସବୁପ୍ରକାର ସହାୟତା ବାଇପା ପରେ ନିର୍ବାଚନ ସମୟରେ ବିଧାୟକ ମିଶ୍ରଙ୍କ କ୍ଷତି ପହଞ୍ଚାଇବା ପାଇଁ ମେହେର ଶାସକ ଦଳ ଇସାରାରେ ଏଭଳି ଗୋଷ୍ଠୀ କରି ଇସ୍ତଫା ନାଟକବାଜି କରୁଛନ୍ତି ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା କେତେଜଣ ନେତାଙ୍କ ଇସ୍ତଫା ଓ ନରସିଂହଙ୍କ ବିରୋଧରେ ବୟାନବାଜିକୁ ଏକ ନିର୍ବାଚନୀ ଚାଲ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, କଂଗ୍ରେସ ସମ୍ପାଦକ ସୁଦାମ ସାହୁ, ସନ୍ତକ ବହିଦାର ଉପସ୍ଥିତ ଥିଲେ ।

## ବଲାଙ୍ଗୀର କଂଗ୍ରେସରେ ଦଳୀୟ କନ୍ଦଳ

### ପୁତ୍ର ମୋହରୁ ମହାଭାରତ, ସ୍ତ୍ରୀ ମୋହରୁ ରାମାୟଣ

**ବଲାଙ୍ଗୀର ଅଫିସ, ୩।୪**

ନିର୍ବାଚନ ଅବ୍ୟବହତି ପୂର୍ବରୁ ବୁଧବାର ବଲାଙ୍ଗୀର କଂଗ୍ରେସ ଦଳର ୯ ଜଣ ପୁରୁଖା ନେତା ଇସ୍ତଫା ଦେବା ଘଟଣା ଜିଲା ରାଜନୀତିକୁ ସରଗରମ କରିଛି । ଦୁଇଟି ପୃଥକ୍ ଖବରତାଦା ସମ୍ମିଳନୀରେ କଂଗ୍ରେସ ନେତାମାନେ ପରସ୍ପର ପ୍ରତି ବୟାନବାଜି କରି ଦଳୀୟ କନ୍ଦଳକୁ ଉଜାଗର କରିଛନ୍ତି। ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ସମାଲୋଚନ କରି ଏଆଇସିସି ସଦସ୍ୟ ଲକ୍ଷ୍ମଣ ମେହେର ଗୁରୁତର ଅଭିଯୋଗ କରିଥିଲେ। ପୁତ୍ର ମୋହରୁ ଯେମିତି ମହାଭାରତ ଯୁଦ୍ଧ ହୋଇଥିଲା ସେମିତି ଏଠାରେ ମଧ ପୁତ୍ର ମୋହରୁ ମହାଭାରତ ଆରମ୍ଭ ହୋଇଯାଇଛି ବୋଲି ଲକ୍ଷ୍ମଣ କହିଥିଲେ। ଏହାର ଉତ୍ତର ଦେବାକୁ ଯାଇ କଂଗ୍ରେସର ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ ଲକ୍ଷ୍ମଣଙ୍କୁ କଡା ଜବାବ ଦେଇଛନ୍ତି । ସ୍ତ୍ରୀ ମୋହରୁ ରାମାୟଣର ରାବଣ ଓ ବିଭୀଷଣଙ୍କ କଥା ସଭିଏ ଜାଣିଛନ୍ତି । ଆଗାମୀ ଦିନରେ ସ୍ତ୍ରୀ ମୋହରୁ କିଏ ରାବଣ ଓ କିଏ ବିଭୀଷଣ ଜଣାପଡିଯିବ ବୋଲି ପଟ୍ଟନାୟକ କହି ଲକ୍ଷ୍ମଣଙ୍କ ପରିବାରବାଦ୍‌କୁ ଟାର୍ଗେଟ କରିଥିଲେ। ବିଦ୍ରୋହୀ ଗୋଷ୍ଠୀ ଓ କଂଗ୍ରେସ ଦଳର ଖବରଦାତା ସମ୍ମିଳନୀରେ ମହାଭାରତ ଓ ରାମାୟଣ ଉପାଖ୍ୟାନ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା ।

ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍‌ର ତନଖି

# ୨ ବାଇକ୍‌ରୁ ମିଳିଲା ୨.୨୩ ଲକ୍ଷ ଟଙ୍କା



ବିନିକାରେ ଟଙ୍କା ଜବତ କରାଯାଉଛି ।

**ବିନିକା,୩।୪ (ଡି.ଏନ.ଏ)**

ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ବୁଧବାର ବିନିକାର ଅତିରିକ୍ତ ତହସିଲଦାର ରାଜେଶ ଅଗ୍ରୱାଲାଙ୍କ ନେତୃତ୍ୱରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ସେଲେଡି ଛକରେ ତନଖି କରୁଥିବା ବେଳେ ୨ଟି ବାଇକ୍‌ରୁ ନଗଦ ୨ଲକ୍ଷ, ୨୩ ହଜାର ୬୦୦ଟଙ୍କା ଜବତ କରିଛି । ସୋନପୁର-ବିନିକା ରାସ୍ତାରେ ବାଇକ୍ ନଂ ଓଆର୧୫କେ-୬୭୧୬ରେ ଦୁଇ ଜଣଙ୍କୁ ତନଖି କରାଯାଇଥିଲା । ରାମପୁରର ସୁବାସ ମେହେରଙ୍କ ଠାରୁ ୫୦ହଜାର ୬୦୦ଟଙ୍କା ଓ ବରଗଡ଼ ଜିଲା ରେଶମ ଗାଁର ଚନ୍ଦ୍ରମଣି ସୁନାଙ୍କ ଠାରୁ ୫୫ହଜାର ଟଙ୍କା ମିଳିଥିଲା । ସେହିପରି ସେଲେଡି ଛକରେ ଅନ୍ୟ ଏକ ବାଇକ୍ ଆରୋହୀଙ୍କୁ ତନଖି ବେଳେ ବିନିକା ବ୍ଲକ ସେଲେଡି ଗ୍ରାମର କୁବେର ପେରାଙ୍କଠାରୁ ୧ଲକ୍ଷ ୧୮ହଜାର ଟଙ୍କା ଜବତ ହୋଇଛି । କେଉଁ ପରିସ୍ଥିତିରେ ଏତେ ମାତ୍ରାରେ ନଗଦ ଟଙ୍କା ଗାଡିରେ ନେଉଥିଲେ ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଉଛି । ବିନିକା ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି।

### ଗଳ୍ପ ସଙ୍କଳନ କଥା କଦମ୍ବର ଫାଶ ଉନ୍ମୋଚିତ

**ସୋନପୁର,୩।୪ (ନି.ପ୍ର.)**

ବିଶିଷ୍ଟ ଗାଳ୍ପିକ, ନାଟ୍ୟକାର ଡ. ଜ୍ୟୋତି ରଞ୍ଜନ ବହିଦାରଙ୍କ ତୃତୀୟ ଗଳ୍ପ ସଙ୍କଳନ କଥା କଦମ୍ବର ଫାଶ ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ ଅଧାପକ ପୁରୁଷୋତ୍ତମ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଡ. ବହିଦାର ଯୋଗ ଦେଇ ନିଜ ଲେଖକୀୟ ଅନୁଭୂତି ପ୍ରକାଶ କରିଥିଲେ। ଏହି ପୁସ୍ତକରେ ୨୦ଟି ଗପ ରହିଛି । ଏହା ସମସ୍ତଙ୍କ ମନକୁ ଛୁଇଁବ ବୋଲି ସେ କହିଥିଲେ। ପୁସ୍ତକର ପ୍ରକାଶକ ପ୍ରଭୁଦତ୍ତ ରଥ ଯୋଗଦେଇ ଗଳ୍ପ ସଂକଳନ ତାଙ୍କ ଆକାର ପ୍ରକାଶନୀ ସଂସ୍ଥାର ପ୍ରଥମ ପୁସ୍ତକ ବୋଲି ସୂଚନା ଦେଇଥିଲେ । ତାଙ୍କ ସଂସ୍ଥା ଭାଷା ଓ ସାହିତ୍ୟ ପ୍ରତି ଅଙ୍ଗୀକାର ବଦ୍ଧ ବୋଲି ରଥ ମତପ୍ରକାଶ କରିଥିଲେ । ଗାଳ୍ପିକ ଡ. ବହିଦାରଙ୍କ ସହଧର୍ମିଣୀ ତଥା ସୋନପୁର ମହିଳା କଲେଜର ଅଧକ୍ଷା କିରଣବାଳା ଦାସ ମଞ୍ଚାସିନ ଥିଲେ । କବି ମନୋଜ ସାହୁ ଓ ଗାଳ୍ପିକା ସସ୍ମିତା ମେହେର ପୁସ୍ତକର ସବୁଜ ସୁଖ ଶିର୍ଷକ ଗପକୁ ପାଠ କରିଥିଲେ । ପ୍ରାରମ୍ଭିକ କ୍ରେତାମାନେ ପୁସ୍ତକକୁ ସାବଜନୀନ ଭାବେ ଏକ ନିଆରା ଢଙ୍ଗରେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ଗାଳ୍ପିକ ଓ ସାହିତ୍ୟିକ ଉପସ୍ଥିତ ଥିଲେ ।

# ମା’ ସମଲେଶ୍ୱରୀ ମନ୍ଦିରର ଭୂମିପୂଜନ, ସୁନ୍ଦରାକାଣ୍ଡ ପାରାୟଣ

**ବିନିକା,୩।୪ (ଡି.ଏନ୍.ଏ.)**



ମା’ ସମଲେଶ୍ୱରୀ ମନ୍ଦିରର ଭୂମିପୂଜନ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମା’ ଘଣ୍ଟେଶ୍ୱରୀ ପବିତ୍ର ପୀଠସ୍ଥଳିରେ ମା’ ସମଲେଶ୍ୱରୀଙ୍କ ମନ୍ଦିର ନିର୍ମାଣ ନେଇ ବୁଧବାର ମଧାହ୍ନ ୧୨ଟାରେ ଭୂମି ପୂଜନ କାର୍ଯ୍ୟ ସହ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ଏଥିରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପଶ୍ଚିମ ଓଡିଶା ଯାଦବ ସମାଜ ସଭାପତି ବଳରାମ ସିଂ ଯାଦବଙ୍କ ଦ୍ୱାରା ଭୂମିପୂଜନ କାର୍ଯ୍ୟ ହୋଇଥିଲା। ଏହି ଅବସରରେ ବଳରାମ ସିଂ ଯାଦବ ନିଜସ୍ୱ ଖର୍ଚ୍ଚରେ ମନ୍ଦିର ନିର୍ମାଣ କରିବେ ବୋଲି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବ୍ଲକରୁ ଯାଦବ ସମାଜର ସଭାପତି ଉପସ୍ଥିତ ଥିଲେ। ଯାଦବ ସମାଜର ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଳରାମ କିଭଳି ଯାଦବ ସମାଜ ଏକଜୁଟ୍ ହୋଇ ବିଲୁପ୍ତପ୍ରାୟ ସମାଜର ସଂସ୍କୃତି, ପରମ୍ପରାକୁ ଉଜ୍ଜିବୀତ କରିପାରିବ ସେ ହେଲେ କହିଥିଲେ । ଭୂମିପୂଜନ କାର୍ଯ୍ୟରେ ଆଚାର୍ଯ୍ୟ ଭାବେ ତନୋଜ ପାଢୀ ପୂଜାର୍ଚ୍ଚନା କରିଥିଲେ। ସୁନ୍ଦରାକାଣ୍ଡ ପାରାୟଣରେ ବ୍ୟାସ ଭାବେ ସବିତା ପଣ୍ଡା ଯୋଗଦେଇ ପୁରାଣ ପାଠ କରିଥିଲେ। ଅପରାହ୍ନ ପ୍ରାୟ ୩ଟା ୪୦ ମିନିଟ୍‌ରେ ପୂର୍ଣ୍ଣାହୂତି ସହ ସୁନ୍ଦରାକାଣ୍ଡ ପାରାୟଣ ଶେଷ ହୋଇଥିଲା। କାର୍ଯ୍ୟକ୍ରମ ସୁଭାକର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ସିଂଘିଯୁବା ପଞ୍ଚାୟତ ଯାଦବ ସମାଜ ସଭାପତି ଚକ୍ରଧର ଭୂଏ, ଗୋବିନ୍ଦ ଭୂଏ, ଗୋବିନ୍ଦ ଖରସେଲଙ୍କ ସହ ସ୍ଥାନୀୟ ଯାଦବ ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଭକ୍ତମାନଙ୍କ ପାଇ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଖପ୍ରାଖୋଲ ପୋଲିସର ଗାଡ଼ି ଯାଞ୍ଚ

**ଖପ୍ରାଖୋଲ,୩।୪ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଗାଡି ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଇଛି। ବିଭିନ୍ନ ଛକରେ ପୋଲିସ ଅଧିକାରୀଙ୍କ ସହ ନିର୍ବାଚନ ସ୍କ୍ୱାର୍ଡ ମିଳିତ ଭାବେ ଯାଞ୍ଚ କରୁଛନ୍ତି। ବୁଧବାର ହରିଶଙ୍କର ଛକଠାରେ ନିର୍ବାଚନ ସ୍କ୍ୱାର୍ଡ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖପ୍ରାଖୋଲ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ, ଥାନା ଏଏସ୍‌ଆଇ ଜି. ମିଶ୍ର, ଏସ୍. ଠାକୁରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏ ନେଇ ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ତନଖି କାର୍ଯ୍ୟ ଚାଲିଥିବା ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣପୁରରେ ନିରଞ୍ଜନଙ୍କ ପ୍ରଚାର

**ସୋନପୁର,୩।୪ (ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ବିଜେଡି ନିର୍ବାଚନ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛି। ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ନିରଞ୍ଜନ ପୂଜାରୀ କର୍ମୀ ଓ ନେତୃବୃନ୍ଦଙ୍କ ଗହଣରେ ୧ ନଂ ୱାର୍ଡର ଡି କଲୋନି, ଝୁପୁଡିପଡ଼ାରୁ ବୁଧବାର ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ । ପଥପ୍ରାନ୍ତ ସଭାରେ ସହରର ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏପରି କି ନବୀନ ପଟ୍ଟନାୟକ ସରକାରଙ୍କ ଲୋକାଭିମୁଖୀ ଓ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇ ଭୋଟ ଭିକ୍ଷା କରିଥିଲେ । ପରେ ୨ ନଂ ୱାର୍ଡର ମାଳିପଡା, କଳିଙ୍ଗନଗର, ଆମ୍ବେଡକରଛକ, ୩ନଂ ଓ ୪ ନଂ ୱାର୍ଡର ଘୋଡାଘାଟପଡା, ପଟାଭାଡି ଓ ମଝିପଡାରେ ସନ୍ଧ୍ୟା ପଯର୍ୟନ୍ତ ଲୋକଙ୍କୁ ଭେଟିବା ସହ ପଥପ୍ରାନ୍ତ ସଭା କରିଥିଲେ । ମନ୍ତ୍ରୀଙ୍କ ସହିତ ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ରାଜ କୁମାର ସୁନା, ଜିତେନ୍ଦ୍ର ସାହୁ, ଛାତ୍ର ନେତା ଶାଶ୍ୱତ କୁମାର ମିଶ୍ର, ଅମୀୟ ରଞ୍ଜନ ଦାସ, ତାପସ କୁମାର ବେଉରା, ଦଧି ହରିପାଲ, ପ୍ରକାଶ ବେବର୍ତ୍ତା, ମହାଦେବ ମଲ୍ଲିକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



ଝୁପୁଡିପଡ଼ାରେ ପଥପ୍ରାନ୍ତ ସଭାରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ବିଜେଡିରେ ମିଶିଲେ ସରପଞ୍ଚଙ୍କ ସହ ୧୧ ୱାର୍ଡ ସଭ୍ୟାସଭ୍ୟ

**ଟିଟିଲାଗଡ଼, ୩।୪ (ଡି.ଏନ.ଏ.)**

ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଧବାର ଟିଟିଲାଗଡ଼ ବ୍ଲକ ଅଧୀନ ବାନ୍ଧୁପଲା ସରପଞ୍ଚ ରଘୁନାଥ କୁମ୍ଭାର, ନାଏବ ସରପଞ୍ଚ ଜ୍ୟୋତ୍ସ୍ନା କୁମ୍ଭାରଙ୍କ ନେତୃତ୍ୱରେ ୧୧ଜଣ ୱାର୍ଡ ସଭ୍ୟାସଭ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁଙ୍କ ଟିଟିଲାଗଡ଼ସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସରପଞ୍ଚ ଜ୍ୟୋତ୍ସ୍ନାଙ୍କ ସମେତ ୱାର୍ଡ ସଭ୍ୟ ନନ୍ଦଲାଲ ସାହୁ, ଗୋବର୍ଦ୍ଧନ ମାଝି, ଗଣେଶରାମ ନାଗ, ମୋତିଲାଲ କୁମ୍ଭାର, ଶିବ ସାହୁ, ନାଏବ ସରପଞ୍ଚ ଜ୍ୟୋତ୍ସ୍ନା କୁମ୍ଭାରଙ୍କ ସ୍ୱାମୀ ମାଞ୍ଜେସ କୁମ୍ଭାର, ୱାର୍ଡମେମ୍ବର ରଶ୍ମି କୁମ୍ଭାରଙ୍କ ସ୍ୱାମୀ ବସନ୍ତ କୁମ୍ଭାର, ପଦ୍ମିନୀ ବାଗଙ୍କ ସ୍ୱାମୀ ମନୋହର ବାଗ, ବନିତା ବଗର୍ତ୍ତିଙ୍କ ସ୍ୱାମୀ ଗିରିଧାରି ବଗର୍ତ୍ତି, ସେବତୀ ମାଝିଙ୍କ ସ୍ୱାମୀ ଦୁଲମଣୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ପ୍ରାର୍ଥୀ ସାହୁ ଏବଂ ବରିଷ୍ଠ ନେତା ଶମ୍ଭୁପ୍ରସାଦ ସାହୁ ଯୋଗଦେଇଥିବା ସରପଞ୍ଚ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।



ବିଜେଡି ପ୍ରାର୍ଥୀ ଟୁକୁନି ସାହୁଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମୀ।



"କୌଣସି ମହତ୍ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ନାଟ୍ୟକାର ପ୍ରବୀଣ ସିଂଦେଓଙ୍କ ବିୟୋଗରେ ଶୋକସଭା

**ଖଡ଼ିଆଳ,୩।୪(ଡି.ଏନ.ଏ.)-** ଖଡିଆଳ ରାଜ ପରିବାରର ଦାୟାଦ ତଥା ନାଟ୍ୟକାର ପ୍ରବୀଣ ସିଂଦେଓଙ୍କ ଅକାଳ ବିୟୋଗର ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକ ସଭାରେ ତାଙ୍କର ଅମର ଆତ୍ମା ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ଆୟକର ବିଭାଗ ଅବସରପ୍ରାପ୍ତ କମିଶନର ଶ୍ରୀକାନ୍ତ ଚଟର୍ଜି, ପ୍ରାକ୍ତନ ଅଧକ୍ଷ ନ୍ୟାସନାଲ କଲେଜ ନୂଆପଡାର ରାମଚନ୍ଦ୍ର ମିଶ୍ର, ମନୋରଞ୍ଜନ ମହାପାତ୍ର, ପବିତ୍ର ପ୍ରଧାନ, ପଦ୍ମଲୋଚନା ବର୍ମା, ସୁଶାନ୍ତ ବିଶି, ସୁରେନ୍ଦ୍ର କୁମାର, ଲାଲୁ ଦଣ୍ଡସେନା, କିଶୋର ଅଗସ୍ତି, ସତ୍ୟ ଦାଶ, ବିମଳ ସିଂ ଦଳପତି ଓ ତପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# କଲେକ୍ଟୋରେଟ୍ ଲିଫ୍ଟରେ ଫସିଲେ କର୍ମଚାରୀ

**ନୂଆପଡା ଅଫିସ,୩।୪**

- ଘଣ୍ଟାଏ ପରେ ଉଦ୍ଧାର ହେଲେ
- ନିମ୍ନମାନର ଲିଫ୍ଟ ଥିବା ସନ୍ଦେହ

ନୂଆପଡା କଲେକ୍ଟୋରେଟ ବିଲଡିଂରେ ନୂଆଁ କରି ଲାଗିଥିବା ଲିଫ୍ଟରେ ଜଣେ କର୍ମଚାରୀ ଦୀର୍ଘ ଘଣ୍ଟା ଏକାଳ ଫସି ରହିଥିଲେ । ଶେଷରେ ଅଗ୍ନୀଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଏହା କିଛି ଦିନ ତଳେ ଲଗାଯାଇଥିବା ବେଳେ ଏହାର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବୁଧବାର ଦେଢଟାରେ ଖାଇବା ଛୁଟିରେ କର୍ମଚାରୀମାନେ ଲିଫ୍ଟ ଜରିଆରେ ଓହ୍ଲାଇଥିଲେ । ଏହି ସମୟରେ ଜମି ଅଧିଗ୍ରହଣ ବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଥିବା ଅଫତାବ ଅଲି ଖାନ (୩୨) ନାମକ ଜଣେ କର୍ମଚାରୀ ଏକାକି ଓହ୍ଲାଇବା ବେଳକୁ ବିଜୁଳି ଚାଲିଗଲା । ହଠାତ ଲିଫ୍ଟ ଅଟକି ରହିଗଲା । ଅଫତାବ ଅଣନିଶ୍ୱାସୀ ହୋଇ ରହିଗଲେ। ମୋବାଇଲ ଫୋନ ଯୋଗେ ବାହାରକୁ ଜଣାଇଥିଲେ । ବିଭାଗୀୟ କର୍ମଚାରୀମାନେ ଅଗ୍ନୀଶମ ବିଭାଗକୁ ଜଣାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦିନ ୨ଟାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ ।



ଦୀର୍ଘ ଘଣ୍ଟାଏକାଳ ଲିଫ୍ଟରେ ଫସି ରହିବା ପରେ ଉଦ୍ଧାର ହୋଇଥିବା କର୍ମଚାରୀ ।

ବହୁ ପ୍ରୟାସ ପରେ ଅପରାହ୍ନ ୨ଟା ୨୦ ମିନିଟରେ ଲିଫ୍ଟ ଗେଟ ଭାଙ୍ଗି ବାହାର କରିଥିଲେ। ଏହାକୁ ଦେଖିବାକୁ ସବୁ ବିଭାଗ କର୍ମଚାରୀମାନେ ଠୁଳ ହୋଇଥିଲେ। ଖବର ନେବାରେ ଏହାକୁ ନିର୍ମାଣ କରିଥିବା ଆରୋହୀ ନାମକ କମ୍ପାନୀ ଆଜି ଯାଏଁ କଲେକ୍ଟୋରେଟକୁ ହସ୍ତାନ୍ତର କରି ନ ଥିବା କୁହାଯାଉଛି । ହେଲେ ଏହାକୁ ଆଜକୁ ୮ ଦିନ ହେବ ନିର୍ବାଚନ ଡ୍ୟୁଟି ପାଇଁ ବ୍ୟବହାର କରାଯାଉଛି । ଏପରିକି ଜିଲାପାଳଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକମାନେ ମଧ୍ୟ ବହୁ ସମୟରେ ଯିବା ଆସିବା କରୁଛନ୍ତି । କିଛିଦିନ ତଳେ ଏଭଳି ଜଣେ କର୍ମଚାରୀ ୫/୧୦ ମିନିଟ ପାଇଁ ଫସି ରହିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟର କେତେଗୋଟି ମୋଡେଲ କଲେକ୍ଟୋରେଟ ମଧ୍ୟରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ଗୋଟିଏ । ଜିଲାର ପ୍ରଥମ କରି ଏଥିରେ ଲିଫ୍ଟ ଲଗାଯାଇଛି । ଅନ୍ୟୂନ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପିଡବ୍ଲ୍ୟୁଡି ବିଭାଗ ଆରୋହୀ ନାମକ ଏକ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ । ଏହି କମ୍ପାନୀ ତରବରିଆ ଭାବେ ନିର୍ମାଣ କରି ଛାଡି ଚାଲିଗଲେ। ଏହାର ବ୍ୟବହାର କରିବାକୁ ଏକ ସ୍ୱତନ୍ତ୍ର ଚାବି ବ୍ୟବହାର କରାଯାଇଥାଏ । ହେଲେ ଏହି ଚାବି ଜିଲାପାଳଙ୍କ ଅଫିସକୁ ହସ୍ତାନ୍ତର କରାଯାଇ ନ ଥିଲା । ଏହି ଚାବି ଜରୁରୀକାଳୀନ ସ୍ଥିତିରେ କାମକୁ ଆସିଥାଏ । ଏଭଳି ଏକ ଚରମ ଅବହେଳାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଏହା ଯେ ନିମ୍ନମାନର ହୋଇଥିବା ସନ୍ଦେହ କରାଯାଉଛି । ଏହା ଉପରେ ଏସଡିଓ କ୍ଷୀରଧର କନ୍ଦପାଣିଙ୍କୁ ପଚାରିବାରୁ ଏହାର କାମ ସରି ନ ଥିଲା। ଏହାକୁ ଜିଇଡିକୁ ଦାୟିତ୍ୱ ଦିଆଯାଇଛି। ପରୀକ୍ଷା ମୂଳକ ଭାବେ ବ୍ୟବହାର କରାଯାଉଛି। ବିଜୁଳି ସରବରାହରେ କିଛିଟା ତ୍ରୁଟି ରହିଛି । ଏହା ଉପରେ ଆମେ ଦୃଷ୍ଟି ଦେଉଛୁ ବୋଲି କହିଛନ୍ତି ।

# ବାସନ୍ତିକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

**ବେଲପାହାଡ଼,୩।୪(ଡି.ଏନ୍.ଏ.)** ଆସନ୍ତା ଶନିବାରରୁ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହେବ । ଏଥିପାଇଁ ବେଲପାହାଡ଼ରେ ବିଭିନ୍ନ ପୂଜା ଅନଷ୍ଠାନ ପକ୍ଷରୁ ଜୋରାଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ପୂଜା ଆୟୋଜନ ପାଇଁ ଗତ ରବିବାର ଗାନ୍ଧୀନଗରସ୍ଥିତ ନବଦୁର୍ଗା ମନ୍ଦିର ଓ ଗୁମାଡ଼େରା ବାଟମଙ୍ଗଳା ମନ୍ଦିରରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଏଥିରେ ପୂଜା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ନବଦୁର୍ଗା ମନ୍ଦିରରେ ଆସନ୍ତା ଶୁକ୍ରବାର ଅମାବାସ୍ୟା ତିଥିରେ କଳସ ସ୍ଥାପନା ହେବ । ଶନିବାର ୬ ତାରିଖ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ୧୪ ତାରିଖ ମହାଦଶମୀ ତିଥି ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


# ଛାତ୍ରୀଛାତ୍ରଙ୍କ ନେଚର କ୍ୟାମ୍ପିଂ କାର୍ଯ୍ୟକ୍ରମ

**ଭବାନୀପାଟଣା,୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବନ ବିଭାଗ ତରଫରୁ ଗତ ରବିବାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନେଚର କ୍ୟାମ୍ପିଂ ପ୍ରୋଗ୍ରାମ ନାମକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଛାତ୍ରୀଛାତ୍ରମାନେ ପରିବେଶର ସୁରକ୍ଷା ପାଇଁ ବୃକ୍ଷ ରାଜିର ଆବଶ୍ୟକତା, ପ୍ରାକୃତିକ ପରିବେଶ କିଭଳି ଜନମାନସକୁ ପ୍ରଭାବିତ କରେ ଆଦି ବିଭିନ୍ନ କାରଣ ସମ୍ପର୍କରେ ପ୍ରତ୍ୟେକ୍ଷ ଜ୍ଞାନ ଆହୋରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡର ଦୁଇ ଡିଏଫ୍ଓଙ୍କ ମିଳିତ ଉଦ୍ୟମରେ ଭବାନୀପାଟଣାର ବାଳଗୋପାଳ ସେବା ନିକେତନ, ନେହେରୁ ସେବା ସଙ୍ଘ ଅନାଥାଶ୍ରମ, ମ୍ୟୁନିସିପାଲିଟି ଉ.ପ୍ରା ବିଦ୍ୟାଳୟ, ହାଇସ୍କୁଲ, ଇଚ୍ଛାପୁର ସରକାରୀ ହାଇସ୍କୁଲ, ବ୍ରଜମୋହନ ହାଇସ୍କୁଲ, ପୋଲିସ ମାଣିକେଶ୍ୱରୀ ହାଇସ୍କୁଲ ଓ ପୋଲିସ ଉ.ପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଜିଲାର ଅଗ୍ରଣୀ ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ବଲାଙ୍ଗୀର ଜିଲା ହରିଶଙ୍କର ପରିଦର୍ଶନ କରିଥିଲେ। ସେମାନଙ୍କ ସାଙ୍ଗରେ ଯାଇଥିବା ଗାଇଡ୍ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ, ହେମନ୍ତ କୁମାର ମୁଣ୍ଡ, ରବି କାନୁନ୍‌ଗୋ, ପ୍ରକାଶ ନିଶଙ୍କ, ଅମରେଶ ନେଗୀ, ନିଳାମ୍ବର ନାୟକ, କବିତା ମହାନ୍ତି, ବିଜୟଲକ୍ଷ୍ମୀ ତ୍ରିପାଠି, ଦୀପ୍ତିଲତା ଧଳ ଓ ସ୍ନେକ୍ ହେଲ୍ପଲାଇନ୍‌ର ନିଖିଳ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଳାହାଣ୍ଡି ଉତ୍ତର ବନଖଣ୍ଡର ଏସିଏଫ୍ ବଂଶୀଧର ସ୍ୱାଇଁଙ୍କ ନେତୃତ୍ୱରେ ରେଞ୍ଜ ଅଫିସର ହରେକୃଷ୍ଣ ଦୋରା ଓ ଅନ୍ୟାନ୍ୟ ଜଙ୍ଗଲ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

**କଳାହାଣ୍ଡି ଜିଲା ବନ ବିଭାଗ**



ଭବାନୀପାଟଣାଠାରେ ନେଚର କ୍ୟାମ୍ପ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।


**ପୂର୍ବ ତଟ ରେଳପଥ**

**ଚୁକ୍ତି ଭିତ୍ତିରେ ଫାର୍ମାସିଷ୍ଟ/ଇସିଜି(ECG) ଟେକ୍‌ନିସିଆନ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

ନିଯୁକ୍ତି ବିଜ୍ଞାପନ ସଂଖ୍ୟା. 1/2019-Med/Para-med., ତା.28.03.2019ରିଖ

ପୂର୍ବ ତଟ ରେଳପଥର କେନ୍ଦ୍ରୀୟ ଚିକିତ୍ସାଳୟ, ଭୁବନେଶ୍ୱର ନିମନ୍ତେ ଚୁକ୍ତି ଭିତ୍ତିରେ ପାରା-ମେଡ଼ିକାଲ ଷ୍ଟାଫ୍ (Paramedical Staff)ର ନିମ୍ନ ବର୍ଣ୍ଣିତ ପଦବୀଗୁଡ଼ିକରେ ନିଯୁକ୍ତି ନିମନ୍ତେ ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଯୋଗ୍ୟତା, ବୟସସୀମା, ଅଭିଜ୍ଞତା ଏବଂ ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନେ ସମସ୍ତ ମୂଳ ପ୍ରାସଙ୍ଗିକ ପ୍ରମାଣପତ୍ର / ପ୍ରଶଂସାପତ୍ର ଏବଂ ପ୍ରତ୍ୟେକଙ୍କ ସ୍ୱ-ସତ୍ୟାପିତ ହୋଇଥିବା ପ୍ରତ୍ୟେକ ନକଲ ସହିତ ନିମ୍ନ ପ୍ରଦତ୍ତ ଫର୍ମାଟ୍‌ରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସାକ୍ଷାତକାର ନିମନ୍ତେ ବୋର୍ଡ ନିକଟରେ ଉପସ୍ଥିତ ହୋଇପାରିବେ ।

**(କ୍ରମ ସଂ.1)** ପଦବୀ ନାମ : ଫାର୍ମାସିଷ୍ଟ, ପଦବୀ ସଂଖ୍ୟା : **02**-ଅଣସଂରକ୍ଷିତ, ବୟସସୀମା : **20-35** ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ **10+2** କିମ୍ବା ସମତୁଲ୍ୟ ସହିତ ଫାର୍ମାସୀରେ ଦୁଇ ବର୍ଷୀୟ ଡିପ୍ଲୋମା ଏବଂ ଭାରତୀୟ ଫାର୍ମାସୀ କାଉନ୍‌ସିଲ୍ କିମ୍ବା ରାଜ୍ୟ ଫାର୍ମାସୀ କାଉନ୍‌ସିଲ୍ ଦ୍ୱାରା ପଞ୍ଜିକରଣ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.**29,200/-** ସହିତ ଲାଗୁହେଉଥିବା ଭତ୍ତା ।

**(କ୍ରମ ସଂ.2)** ପଦବୀ ନାମ : ଇସିଜି (ECG) ଟେକ୍‌ନିସିଆନ, ପଦବୀ ସଂଖ୍ୟା : **01**-ଅଣସଂରକ୍ଷିତ, ବୟସସୀମା : **18-33** ବର୍ଷ, ସର୍ବନିମ୍ନ ଶିକ୍ଷାଗତ / ବୃତ୍ତିଗତ / ବୈଷୟିକ ଯୋଗ୍ୟତା ଆବଶ୍ୟକ : ବିଜ୍ଞାନରେ **10+2** / ସ୍ନାତକ ଅଥବା ଯେକୌଣସି ସ୍ୱୀକୃତି ପ୍ରାପ୍ତ ସଂସ୍ଥାରୁ ଇସିଜି(ECG) ଲାବୋରେଟୋରୀ / କାର୍ଡିଓଲୋଜି / କାର୍ଡିଓଲୋଜି ଟେକ୍‌ନିସିଆନ୍ / କାର୍ଡିଓଲୋଜି ଟେକ୍‌ନିକ୍ସ (Techniques)ରେ ଡିଗ୍ରୀ / ଡିପ୍ଲୋମା ପ୍ରମାଣପତ୍ରଧାରୀ । ପ୍ରମାଣପତ୍ର ସର୍ବନିମ୍ନ ଏକ ବର୍ଷର ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ । ଉପରୋକ୍ତ ଯୋଗ୍ୟତା ଡିଷ୍ଟାନ୍ସ ଲର୍ଣ୍ଣିଂ ମୋଡ୍ (Distance Learning Mode) ମାଧ୍ୟମରେ ସମ୍ପାଦିତ ନ ହୋଇ ପୂର୍ଣ୍ଣକାଳୀନ ଅବଧି ମଧ୍ୟରେ ପ୍ରାପ୍ତ ହୋଇଥିବା ଆବଶ୍ୟକ, ପାରିଶ୍ରମିକ : ଟ.**25,500/-** ସହିତ ଲାଗୁହେଉଥିବା ଭତ୍ତା ।

**ଚୁକ୍ତି ଅବଧି :** ଏହି ନିଯୁକ୍ତି **ତା.30.06.2019**ରିଖ ପର୍ଯ୍ୟନ୍ତ କିମ୍ବା ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ ଦ୍ୱାରା ପଦୋନ୍ନତି / ନିୟମିତ ନିଯୁକ୍ତି ମାଧ୍ୟମରେ ବିଭାଗୀୟ ପ୍ରାର୍ଥୀମାନଙ୍କ ଦ୍ୱାରା ଖାଲି ପଦବୀଗୁଡ଼ିକ ପୂରଣ ହେବା ପର୍ଯ୍ୟନ୍ତ ଯେଉଁଟି ଶୀଘ୍ର ହେବ । ରେଲୱେ ବୋର୍ଡ ଦ୍ୱାରା ଆବଶ୍ୟକ ସ୍ଥଳେ ସ୍କିମ୍‌ର ସଂପ୍ରସାରଣ ହେବା କ୍ଷେତ୍ରରେ ପରବର୍ତ୍ତୀ ସଂପ୍ରସାରଣ ଉପରେ ବିଚାର କରାଯାଇପାରେ ।

| 'ୱାକ୍-ଇନ୍-ଇଣ୍ଟରଭ୍ୟୁ'ର ସ୍ଥାନ | ତାରିଖ / ରିପୋର୍ଟ କରିବା ସମୟ / "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର | ତା.18.04.2019ରିଖ / 0930 ଘଟିକା ଠାରୁ 1000 ଘଟିକା ପର୍ଯ୍ୟନ୍ତ / ଇଣ୍ଟରଭ୍ୟୁ 1000 ଘଟିକା ଠାରୁ ଆରମ୍ଭ |

ବି.ଦ୍ର. ଦରଖାସ୍ତ ଫର୍ମାଟ୍ ତଥା ଅନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ : www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ/ ଭୁବନେଶ୍ୱର

PR - 03/K/19-20



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ। 0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

**FINANCE**
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

**!!ଋଣ ଋଣ ଋଣ!!**
**ଗୁରୁ କୃପା ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

**ଋଣ ଋଣ ଋଣ**
**ବିଏଫ୍‌ସି ଫାଇନାନ୍ସ**
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
**CITY FINANCE GROUP LTD.**
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ : ବଶୀକରଣ ଓ ମୁଠକରଣୀ
**ବାବା ଆଲାମ ଖାନ**
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**SMS JOB**
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**FINANCE**
**ଜଗନ୍ନାଥ ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
**SHIVAM Corporation**
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD**
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

**!! ଭଟକିବାରୁ ବଞ୍ଚନ୍ତୁ !!**
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
**ବାବା ଅଘୋରୀ ତାନ୍ତ୍ରିକ**
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଠାରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରିବର୍ତ୍ତନ ସହିତ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ।
-ଫ୍ରାନ୍ସିସ ବେକନ



## ସଂକ୍ଷେପରେ

### ରିଷିଡ଼ା ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ

**ରିଷିଡା,୩।୪(ଡି.ଏନ.ଏ.)-** କଳହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରାମଲୀଳାର ଆଦିପୀଠ ରିଷିଡାଠାରେ ରାମଲୀଳାର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାମକୃଷ୍ଣ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ହେଉଥିବା ରାମଲୀଳା କମିଟି ସଭାପତି ସୁନିଲ କୁମାର କେଡିଆଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବର୍ଷିୟାନ କଳାକାର ଡମ୍ବରୁଧର ପାତ୍ର, କମ୍ବୁପାଣି ସାହୁ, ଲଳିତ ମୋହନ ଦାସ, ଅନ୍ତର୍ଯ୍ୟାମୀ ମଲ୍ଲିକ, ଫକୀର ସାହୁ, ସୁଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ରାମଲୀଳା ଆକର୍ଷଣୀୟ କରିବା ପାଇଁ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ସଭ୍ୟ ନରୋତ୍ତମ ସେଲମା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର କୁନି କଳାକାରଙ୍କ ଦ୍ୱାରା ରାମଲୀଳା ଅନୁଷ୍ଠିତ ହେବା ପାଇଁ ଏକତ୍ରିତ ହୋଇଥିଲେ ।



### ଆଞ୍ଚଳିକ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

**ସେରଗଡ଼/କର୍ଲାମୁଣ୍ଡା, ୨।୪(ଡି.ଏନ.ଏ.)** କଳାହାଣ୍ଡି ଜିଲା ମ. ରାମପୁର, କର୍ଲାମୁଣ୍ଡ, ନର୍ଲା ଓ କେସିଙ୍ଗା ବ୍ଲକର ବ୍ରାହ୍ମଣମାନଙ୍କୁ ନେଇ ଗଠିତ ଯୋରାଡୁବୁରା ଆଞ୍ଚଳିକ ବ୍ରାହ୍ମଣ ସମାଜ ତରଫରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଯୋରାଡୁବୁରା ଗ୍ରାମପଞ୍ଚାୟତ ଯୋରାଡୁବୁରାରେ ଗୀତାଯଜ୍ଞ, ଗାୟତ୍ରୀ ଯଜ୍ଞ, ଚଣ୍ଡି ପାଠ ଓ ୧୪ ଜଣଙ୍କୁ ସାମୂହିକ ବ୍ରତୋପନୟ କରାଯାଇଛି। ଏହା ଗତ ୩୦ ତାରିଖରେ ଅଧିବାସ କର୍ମ, ୩୧ରେ ଚାରୀକର୍ମ ଓ ୧ ତାରିଖରେ ସବିତ୍ରୀ ପ୍ରଦାନ ଓ ପୂର୍ଣ୍ଣାହୂତି ହୋଇଥିଲା। ଏଥିରେ ବହୁ ଦୂରଦୂରାନ୍ତରୁ ବହୁ ଗରିବ ବ୍ରାହ୍ମଣ ପିଲାଙ୍କୁ ବ୍ରାହ୍ମଣ ସମାଜର ଖର୍ଚ୍ଚରେ କରାଯାଇଥାଏ ବୋଲି ସଭାପତି ରବି ନନ୍ଦ କହିଛନ୍ତି। ଯଜ୍ଞରେ ମୁଖ୍ୟ କର୍ତ୍ତା ଭାବେ ଗିରିଧାରୀ ଦାଶ, ସୁବାଶିନୀ ଦାଶ, ବ୍ରହ୍ମା ତଥା କମିଟି ସମ୍ପାଦକ ଡୋଳାମଣି ରଥ (ବନ୍ଧପଡ଼ା), ଆଚାର୍ଯ୍ୟ ରମେଶ ଚନ୍ଦ୍ର ମିଶ୍ର (ଗୋବିନ୍ଦପୁର), କୋଷାଧକ୍ଷ ଅରୁଣ ଦାଶ ଶର୍ମା (ଯୋରାଡୁବୁରା), ସହଯୋଗକାରୀ ଉମାକାନ୍ତ ଦାଶ, ଗୋବର୍ଦ୍ଧନ ମିଶ୍ର, ଛନ୍ଦା ଚରଣ ନାୟକ, ସନ୍ତୋଷ ନନ୍ଦ, ପୂର୍ବତନ ସମ୍ପାଦକ ଉମାଶଙ୍କର ମିଶ୍ର, ବବ୍ରୁବାହନ ନାୟକ, ଚିତ୍ର ସେନ ଦାଶ, ବୃନ୍ଦାବନ ମିଶ୍ର, ଧର୍ମ ରାଜ ମିଶ୍ର, ଦୁର୍ଗା ପ୍ରସାଦ ସତପଥୀ, ଘନଶ୍ୟାମ ମହାପାତ୍ର, ସନ୍ତୋଷ କୁମାର ନାୟକ, ସୁଦାମ ଚରଣ ଦାଶ, ପ୍ରିୟ ରଞ୍ଜନ ଦାଶ, ଦେବାନନ୍ଦ ମିଶ୍ର, ସନ୍ତୋଷ କୁମାର ବେହେରା ରଜନୀ କାନ୍ତ ମିଶ୍ର, ରାଧେଶ୍ୟାମ ତ୍ରିପାଠୀ, ଚୁଡା ମଣି ନାୟକ, କ୍ଷୀର ସାଗର ଦାଶ ପ୍ରମୁଖ ସହଯୋଗ କରିଥିଲେ ।

## ପାଣି ଟାଙ୍କି କାମ ନିମ୍ନମାନର ଅଭିଯୋଗ

# ପାଣି ପାଇଁ ଡହଳବିକଳ ତାଲଭଅଁରାବାସୀ

■ ୨ ବର୍ଷ ହେଲା ପାଣି ଟାଙ୍କି ନିର୍ମାଣ ଶେଷ ହେଉନି

**ପଲମ,୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଲମ ଫାଣ୍ଡି ଅଧୀନ ବେଲଖଣ୍ଡି ପଞ୍ଚାୟତସ୍ଥିତ ତାଲଭଅଁରା ଗ୍ରାମରେ ଗତ ୨ ବର୍ଷ ହେଲା ଆରଡବ୍ଲ୍ୟୁଏସ୍ଏସ୍ ଦ୍ୱାରା ଜଳ ଯୋଗାଣ ପାଇଁ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ପାଣି ଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏପରିକି ପାଣି ଟାଙ୍କିରୁ ପାଣି ଝରିବା ସହ ପାଇପ ଦେବାରେ ମଧ ଠିକାଦରଙ୍କ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଗ୍ରାମର ବ୍ୟକ୍ତି ତଥା ସ୍ଥାନୀୟ ସରପଞ୍ଚ ଝଶନେତ୍ରୀ ଭୋଇ ଏବଂ ସମିତି ସଭ୍ୟ ଘନଶ୍ୟାମ ଭୋଇ ଜଣାଇଥିଲେ ମଧ ଠିକାଦାର ଗୁରୁତ୍ୱ ଦେଇ ନ ଥିଲେ। ତତ୍‌ସହିତ କାର୍ଯ୍ୟରତ ଥିବା ମୁନସି କୌଣସି ଲୋକଙ୍କ କଥା ଏଠି ଶୁଣାଯିବ ନାହିଁ ବୋଲି କହିଥିଲେ। ଏହି ସମସ୍ତ ଅନିୟମିତା ଦେଖି ପାଣି ପାଇଁ ଡହକ ବିକଳ ହେଉଥିବା ତାଲଭଅଁରା ମହିଳା ଗୋଷ୍ଠୀମାନେ ଏହାର ଉଚିତ ପ୍ରତିକାର ପାଇଁ ଦାବି କରିଛନ୍ତି। ଠିକାଦାରଙ୍କୁ ଫୋନ ମାଧମରେ ଯୋଗାଯୋଗ କରିବାରୁ କୌଣସି କାରଣବଶତଃ କାର୍ଯ୍ୟ ବନ୍ଦ ରହିଛି, ଆମ୍ଭେ ଆସନ୍ତା ୭ ଦିନ ମଧରେ ଉକ୍ତ କାର୍ଯ୍ୟ କରିବୁ ବୋଲି ପ୍ରକାଶ କରିଥିଲେ। ଆରଡବ୍ଲ୍ୟୁଏସ୍ଏସ୍ ଜେଇଙ୍କୁ ଉକ୍ତ କାର୍ଯ୍ୟ ନେଇ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ କଲ ଗ୍ରହଣ କରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।



ନିର୍ମାଣାଧୀନ ଓଭରହେଡ଼ ପାଣିଟାଙ୍କି।

**ଆରଡବ୍ଲ୍ୟୁଏସ୍ଏସ୍**

### ମହିଳା ଗୋଷ୍ଠୀ ଯାହା କୁହନ୍ତି...



“ଆଜକୁ ୨ବର୍ଷ ହେଲା ପାଣି ଟାଙ୍କି ନିର୍ମାଣ ହୋଇ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ତେଣୁ ପାଣିର ବିଶେଷ ଅସୁବିଧା ହେତୁ ଆମ୍ଭେ ଉଚିତ ପଦକ୍ଷେପ ନେବା ପାଇଁ ସ୍ଥିର କରିଛୁ । - କମଳିନୀ ସିଂ, ୱାର୍ଡମେମ୍ବର



“ବର୍ତ୍ତମାନ ପାଣିର ଅଭାବ ଯୋଗୁ ଅନେକ ପ୍ରକାର ସମସ୍ୟା ଦେଖା ଦେଉଛି । ପାଣି ଟାଙ୍କିର ଅବ୍ୟବସ୍ଥା ଦେଖି ଆମ୍ଭେ ବିହିତ ପଦକ୍ଷେପ ନେବା ପାଇଁ ଦାବି କରୁଛୁ । - ରୀନା ସିଂ



“ଟାଙ୍କି ନିର୍ମାଣକୁ ୨ ବର୍ଷ ହୋଇଥିଲେ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ । ଅନ୍ୟପକ୍ଷରେ ନିର୍ମାଣ ନ ହେଉଣୁ ପାଣି ଝରୁଛି ଏବଂ ସମସ୍ତଙ୍କ ନିକଟକୁ ପାଣି ପାଇପ ମଧ ପହଞ୍ଚି ପାରି ନାହିଁ । ଅଧା କାର୍ଯ୍ୟ ବନ୍ଦ ହୋଇ ପଡିରହିଛି । - ଲଳିତା ପୂଜାରୀ



“ଆମ ଗାଁରେ ବିଶେଷ ଭାବେ ପାନିୟ ଜଳର ଅଭାବ ଦେଖାଦେଇଛି । ଏହି ପାଣି ଟାଙ୍କି ଦ୍ୱାରା ପାଣିର ବ୍ୟବସ୍ଥା ଠିକ ହେବ ବୋଲି ଆଶା କରିଥିଲେ। କିନ୍ତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପାଣି ସପ୍ଲାଇ ହୋଇ ପାରୁ ନାହିଁ । - ଲକ୍ଷ୍ମୀ ସିଂ

### ଟ୍ରେନରେ ଗୋଡ କଟି ଯୁବତୀଙ୍କ ମୃତ୍ୟୁ

**କେସିଙ୍ଗା,୩।୪(ଡି.ଏନ.ଏ.)**

ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ଟିଟିଲାଗଡ କେସିଙ୍ଗା ମଝିରେ ଜଣେ ମାନସିକ ଯୁବତୀଙ୍କ ଟ୍ରେନରେ ଗୋଡ କଟି ବୁଧବାର ମୃତ୍ୟୁ ଘଟିଛି । ଟିଟିଲାଗଡ ସହରରୁ ୨ କି.ମି. ଦୂରବର୍ତ୍ତୀ ବାନ୍ଧୁପଲା ଗ୍ରାମର ରେଣୁକା ପୋଢ଼ (୨୧) ନାମୀ ଜଣେ ଯୁବତୀ ୮ରୁ ୧୦ ବର୍ଷ ହେଲା ମାନସିକ ରୋଗରେ ପୀଡିତଥିଲେ । ସେ ବହୁବାର ଘରୁ ପଳାଇ ଯାଉଥିଲେ। ବୁଧବାର ସକାଳେ ଘରୁ ପଳାଇ ଟିଟିଲାଗଡ–କେସିଙ୍ଗା ମଝିରେ ସମ୍ବଲପୁର–ରାୟଗଡା ୧୮୦୩୦୧ ଏକ୍ସପ୍ରେସ ଗାଡିରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ଟ୍ରେନରେ ଗୋଡ କଟି ଯାଇଥିଲା। ଉକ୍ତ ଟ୍ରେନ ପାଇଲଟ ଅଟକାଇ କେସିଙ୍ଗା ଷ୍ଟେଶନକୁ ନେଇଥିଲେ । ଷ୍ଟେଶନରୁ କେସିଙ୍ଗା ଗୋଷ୍ଠୀ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ଯୁବତୀଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜିଆରପି ପୋଲିସ ପ୍ରକାଶ କରିଛି। ଏ ନେଇ ଟିଟିଲାଗଡ ଜିଆରପି ଓଆଇସିଙ୍କୁ ପଚାରିବାରୁ ମୃତ ପରିବାର ଲୋକ ମୃତଦେହ ଆଣିବ ପାଇଁ ଭବାନୀପାଟଣା ଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଆମ ପାଖରେ ପରିବାର ପକ୍ଷରୁ କେସ କରି ନ ଥିବା ପ୍ରକାଶ କରିଥିଲେ ।

## କଂଗ୍ରେସରେ ଯୋଗଦେଲେ ମ. ରାମପୁର ବ୍ଲକ ବିଜେଡି କର୍ମୀ



କଂଗ୍ରେସରେ ଯୋଗଦେଇଥିବା ମ.ରାମପୁର ବ୍ଲକ ବିଜେଡି କର୍ମୀଙ୍କ ସହଭକ୍ତ ଚରଣ ଦାସ ।

**ଭବାନୀପାଟଣା,୩।୪ (ଡି.ଏନ.ଏ.)**

ରାଜ୍ୟର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ମାତ୍ର ୮ ଦିନ ବାକି ରହିଥିବା ବେଳେ ଦଳ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିବା ଦଳୀୟ ବ୍ୟକ୍ତିମାନଙ୍କ ଦଳ ଅଦଳବଦଳ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବୁଧବାର କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଯୁବ ବିଜେଡି ସଭାପତି ପ୍ରଭାସ କୁମାର ସାହୁଙ୍କ ନେତୃତ୍ୱରେ ଉକ୍ତ ବ୍ଲକର ୧୯ଟି ଗ୍ରାମପଞ୍ଚାୟତରୁ ପ୍ରାୟ ୮୦ ଜଣ ଯୁବ ବିଜେଡି କର୍ମୀ କଂଗ୍ରେସରେ ଯୋଗଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲା ଏମ୍‌ପି ପ୍ରାର୍ଥୀ ଭକ୍ତ ଚରଣ ଦାସଙ୍କ ବାସଗୃହରେ ବୁଧବାର ପୂର୍ବାହ୍ନରେ ଉପରୋକ୍ତ ବ୍ୟକ୍ତିମାନେ କଂଗ୍ରେସରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ଦାସ ଦଳୀୟ ଉତ୍ତରୀୟ ଓ ଫୁଲମାଳ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ।

## ଲଇକେରାରେ ଜମୁଛି ପ୍ରଚାର

**ଲଇକେରା, ୩।୪ (ଡି.ଏନ.ଏ)**

ଲଇକେରା ଅଞ୍ଚଳରେ ନିର୍ବାଚନୀ ପ୍ରଚାର ଚୋର ଧରୁଛି। ବୁଧବାର ମୁଦ୍ରାଜୋର ମକର ପଡିଆରେ କଂଗ୍ରେସର ପୁରୁଖା କର୍ମୀ କୃଷ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଝାରସୁଗୁଡା ବିଧାନସଭା ଆସନର ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାଏକ ଯୋଗଦେଇ ନିଜ ସପକ୍ଷରେ ଭୋଟ ମାଗିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ନାଏକ, ପ୍ରଶାନ୍ତ ତ୍ରିପାଠୀ, ବିଜୟ ଦାସ, ବଳଭଦ୍ର ଅଡ଼ା ଯୋଗଦେଇ ବିଜେଡି ବିଧାୟକ ପ୍ରାର୍ଥୀ ନବ ଦାସ ଓ ଭାଜପା ଉପରେ ବର୍ଷିଥିଲେ ।

### ଗ୍ରୀଷ୍ମ ପ୍ରବାହରେ ରାସ୍ତାଘାଟ ଜନଶୂନ୍ୟ

**ଭବାନୀପାଟଣା,୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ସମେତ ଜିଲା ବିଭିନ୍ନ ଅଞ୍ଚଳରେ ଗତ ୫ରୁ ୬ ଦିନ ମଧ୍ୟରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଛି । ଅସହ୍ୟ ଗରମ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ସକାଳ ୧୧ଟା ପରେ ଲୋକେ ଘରୁ ବାହାରୁ ନାହାନ୍ତି। ପ୍ରଚଣ୍ଡ ଖରା ଯୋଗୁ ଗାନ୍ଧୀଛକ, ଷ୍ଟେଚ୍ୟୁ ଛକ, ମାଣିକେଶ୍ୱର ହାଇସ୍କୁଲ ଛକ, କଲେଜ ଛକ, ନକଟିଗୁଡା ଛକ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଦିନ ଦ୍ୱିପହରରେ ବସ ଚଳାଚଳକୁ ବାରଣ କରାଯିବା ସହିତ ଯାତ୍ରୀବାହୀ ବସରେ ଓଆରଏସ ପିଇବା ପାଣି ସୁବିଧା କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ପ୍ରଚୁର ପରିମାଣରେ ଓଆରଏସ ପାଉଡର ସହିତ ଶୀତତାପ ନିୟନ୍ତ୍ରିତ କୋଠରି ସହିତ ଅନ୍ୟାନ୍ୟ ଔଷଧ ଗଚ୍ଛିତ ରଖିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି। ଅସହ୍ୟ ତାତି ସାଙ୍ଗକୁ ନଈ, ନାଳ, ପୋଖରୀ ଭଳି ପ୍ରାକୃତିକ ଜଳାଶୟ ଶୁଖିଲା ପଡିଲାଣି। ଜଙ୍ଗଲ ଜନ୍ତୁ ପାଣି ପାଇଁ ଗାଁ ମୁହାଁ ହୋଇ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ପାଣି ସମସ୍ୟା ଯୋଗୁ ଗ୍ରାମାଞ୍ଚଳ ଲୋକେ ଡହଳବିକଳ ହେଉଛନ୍ତି । ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଆବଶ୍ୟକତାଠାରୁ ଅଧିକ ଜଳଛତ୍ର ସବୁସ୍ଥାନରେ ଖୋଲାଯିବା ଜରୁରି ରହିଛି। ଏଥିସହିତ ଆଦିବାସୀ ବହୁଳ ଗ୍ରାମରେ ପିଇବା ପାଣି ସମସ୍ୟା ମୁଣ୍ଡ ଟେକି ଥିବାରୁ ପାଣି ସମସ୍ୟା ଟ୍ୟାଙ୍କରେ ଯୋଗେ ପାଣି ଯୋଗାଇବାକୁ ଦାବି ହେଉଛି।

## ଭାଜପା ପାଇଁ ପ୍ରଚାର କଲେ ରାଜ ପରିବାର, ମିନି ଅଟଳ ସୁନୀଲ ଅଗ୍ରୱାଲ

**କଲମପୁର,୩।୪ (ଡି.ଏନ.ଏ.)**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଯେତେ ପାଖେଇ ଆସୁଛି କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀରେ ସେହି ପରିମାଣରେ ନିର୍ବାଚନୀ ଉଷ୍ମତା ବଢିବାରେ ଲାଗିଛି। ଏହି ନିର୍ବାଚନ ମଣ୍ଡଳୀରୁ ଭାଜପା ବିଧାୟକ ପ୍ରାର୍ଥୀ ଯୁବରାଜ ଅନନ୍ତ ପ୍ରତାପ ଦେଓ ନିର୍ବାଚନ ଲଢୁଥିବା ଦଳ ପକ୍ଷରୁ ଏକ ରୋଡ ଶୋ କଲମପୁର ବ୍ଲକ ଚୁରାଗାଁରୁ କଲମପୁର ଯାଏ କରାଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରତାପ ଦେଓ ଏବଂ ଏମ୍‌ପି ପ୍ରାର୍ଥୀ ବସନ୍ତ କୁମାର ପଣ୍ଡାଙ୍କ ପାଇଁ କଳାହାଣ୍ଡି ମହାରାଜା ଉଦିତ ପ୍ରତାପ ଦେଓ, ମହାରାଣୀ ପଦ୍ମା ମଞ୍ଜରୀ ଦେବୀ, ଯୁବରାଣୀ ରିତୁଜା କୁମାରୀ ଦେବୀ ଏହି ରୋଡ ଶୋରେ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ଉତ୍ତରାଖଣ୍ଡରୁ ଆସିଥିବା ଭାଜପାର ପୂର୍ବତନ ରାଷ୍ଟ୍ରୀୟ ଷ୍ଟାର ପ୍ରଚାରକ ମିନି ଅଟଲ ସୁନୀଲ ଅଗ୍ରୱାଲ ମଧ୍ୟ ଚୁରାଗାଁ, ପୋରୁଆଗୁଡା, ଟେମରା, ପାତ୍ରବସା ଏବଂ କଲମପୁରଠାରେ ଆୟୋଜିତ ପଥପ୍ରାନ୍ତ ନିର୍ବାଚନୀ ସଭାରେ ଭୋଟ ଭିକ୍ଷା କରିଥିଲେ । ଏହି ରୋଡ ଶୋରେ ସୁମନ୍ତ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, ବ୍ୟୋମକେଶ ପାଣିଗ୍ରାହୀ, ରାଜ୍ୟ ଦଳିତ ମୋର୍ଚ୍ଚା ସଂଯୋଜକ କୈଶବ ବିହାରୀ, ରବୀନ୍ଦ୍ର ନାଏକ ଏବଂ ଶତାଧିକ ଦଳୀୟ କର୍ମୀ ପ୍ରଚାର କରିଥିଲେ । ବିଧାୟକ ପ୍ରାର୍ଥୀ ଅନନ୍ତ ପ୍ରତାପ ଦେଓ ଭୋଟଭିକ୍ଷା କରିବା ସହ ଜନ ସାଧାରଣଙ୍କ ସେବା କରିବା ପାଇଁ ତାଙ୍କୁ ସୁଯୋଗ ଦେବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ ।



କଲମପୁରରେ ଆୟୋଜିତ ଭାଜପାର ନିର୍ବାଚନୀ ପଥପ୍ରାନ୍ତ ସଭାରେ ଦଳୀୟ ପ୍ରାର୍ଥୀ ଓ କର୍ମୀମାନେ ଭୋଟଭିକ୍ଷା କରୁଛନ୍ତି ।

## ସୋରିଷମାଳ ସ୍କୁଲ ଛାତ୍ରୀଛାତ୍ର ଦିନସାରା ଖରାରେ ବସି ପାଠପଢ଼ା ଘଟଣା

# ଡିଇଓ, ବିଇଓଙ୍କୁ ନୋଟିସ

**ଜୁନାଗଡ,୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ସୋରିଷମାଳ ସ୍କୁଲ ଛାତ୍ରୀଛାତ୍ର ଗତ ମାର୍ଚ୍ଚ ୧୪ ତାରିଖରେ ଦିନତମାମ ଖରାରେ ବସି ପାଠ ପଢିଥିଲେ। ଏହିଘଟଣା ସମ୍ପର୍କରେ ‘ଧରିତ୍ରୀ’ରେ ଏକ ରିପୋର୍ଟ ପ୍ରକାଶ ପରେ ଶିକ୍ଷା ବିଭାଗର ଚେତା ପଶିଥିଲା। ଏହି ଘଟଣା ନେଇ ଗତ ୧୬ ତାରିଖରେ ଭବାନୀପାଟଣା ଅନ୍ତ୍ୟୋଦୟ ଅଧକ୍ଷ ଦିଲୀପ କୁମାର ଦାଶ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନଙ୍କୁ ଅଭିଯୋଗ ଦାଖଲ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆବେଦନ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କମିଶନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ମାମଲା (ନଂ. ୯୪/୨୦୧୯) ପଞ୍ଜୀକରଣ କରି ଗତ ୧୯।୩।୧୯ରେ ରିପୋର୍ଟ ଦାଖଲ କରିଥିଲେ । କଳାହାଣ୍ଡି ଜିଲା ଶିକ୍ଷା ଧିକାରୀ (ଡିଇଓ) ଓ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କୁ ୪।୪।୨୦୧୯ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନୋଟିସ ଜାରି କରିଛି। ସୂଚନାଯୋଗ୍ୟ ଯେ, ଗତ ୮ ମାସ ଧରି ଉକ୍ତ ସ୍କୁଲ ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଥିଲା। ଘର ମାଲିକ ନିଜ ବ୍ୟକ୍ତିଗତ ସମସ୍ୟା ପାଇଁ ତାଙ୍କ ଘରେ ସ୍କୁଲ କରିବାକୁ ମନା କରି ଦେଇଥିଲେ। ଫଳରେ ବାଧ ହୋଇ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ଖରାରେ ବସି ପାଠ ପଢିଥିଲେ।

## ଖବରଦାତା ସମ୍ମିଳନୀରେ ବିଜେଡିର ଅଭିଯୋଗ

# ଦେବା ପାଇଁ ନୁହେଁ କଳାହାଣ୍ଡିକୁ ମାଗିବାକୁ ମୋଦି ଆସିଥିଲେ

**ଭବାନୀପାଟଣା,୩।୪ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ହେବାର ୫ ବର୍ଷ ପରେ କଳାହାଣ୍ଡିକୁ ଦେବା ପାଇଁ ନୁହେଁ କଳାହାଣ୍ଡିକୁ ମାଗିବାକୁ ମୋଦି ଆସିଥିଲେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ବୁଧବାର ସ୍ଥାନୀୟ ଭାଗୀରଥି ଇନ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି । ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥଙ୍କ ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ନର୍ଲା ବିଧାୟକ ପ୍ରାର୍ଥି ଭୁପିନ୍ଦର ସିଂହ, ବିଜେଡି ଜିଲା ସଭାପତି ତଥା ଲୋକ ସଭା ଏମ୍‌ପି ପ୍ରାର୍ଥି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ ବିଧାୟକ ପ୍ରାର୍ଥି ଦିବ୍ୟ ଶଙ୍କର ମିଶ୍ର, ଭବାନୀପାଟଣା ବିଧାୟକ ପ୍ରାର୍ଥି ଦୁଷ୍ମନ୍ତ ନାଏକ, ବିଜେଡି ଜିଲା ସମ୍ପାଦକ ଭବାନୀ ଶଙ୍କର ନିଆଲ, ପୂର୍ବତନ ନଗରପାଳ ତଥା ବିଜୁ ଯୁବ ଜନତା ଜିଲା ସଭାପତି ଆଦିତ୍ୟ ନନ୍ଦ, ବିଜୁଛାତ୍ର ଜନତା ଜିଲା ସଭାପତି ଅବିନାଶ ଠାକୁର, ମହିଳା ନେତ୍ରୀ କଲ୍ୟାଣି ନାଏକ ପ୍ରମୁଖ ଉପସ୍ଥିତ ରହି ନରେନ୍ଦ୍ର ମୋଦିଙ୍କ କଳାହାଣ୍ଡି ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ କଳାଧନ ଉଦ୍ଧାର, ବୁଲେଟ ଟ୍ରେନ୍ ଚଳାଇବା ଓ ଗଙ୍ଗା ସଫେଇ ଆଦି କାର୍ଯ୍ୟକ୍ରମ ଧୂଆଁ ବାଣ ବୋଲି ଅଭିଯୋଗ କରିଛନ୍ତି । ୨୦୧୪ ନିର୍ବାଚନ ପୂର୍ବରୁ ଦେଇଥିବା ୨ ଲକ୍ଷ ଯୁବକଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଓ ଜନ ଲୋକପାଳ ବିଲ ଆଦି ପାଣିର ଗାର ପାଲଟିଛି ବୋଲି ଦଳ ପକ୍ଷରୁ ଗୁରୁତର ଅଭିଯୋଗ କରାଯାଇଛି। ନିର୍ବାଚନର ମାତ୍ର ୯ ଦିନ ପୂର୍ବରୁ କଳାହାଣ୍ଡି ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବାନୀପାଟଣାଠାରେ ଏକ ନିର୍ବାଚନୀ ସଭାରେ କଳାହାଣ୍ଡିର କିଭଳି ବିକାଶ ହୋଇପାରିବ ସେ କଥା ନ କହି କେବଳ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବିଜେଡିର ନେତାମାନେ ଆହୁରି କହିଥିଲେ ଯେ ୨୦୧୪ ନିର୍ବାଚନ ଇସ୍ତାହାରରେ ଭାଜପା ଶାସନକୁ ଆସିଲେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯିବ ହେଲେ ସେ ସ୍ୱପ୍ନ ଏବେ ବହୁ ଦୂରରେ ରହିଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ବିଜେଡି ଅଭିଯୋଗ କରିଛି ଯେ, ୪୦ ଲକ୍ଷ ଲୋକଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯାଇଥିବା ଭାଜପା ମନ୍ତ୍ରୀ କହୁଥିବା ବେଳେ ସେମାନଙ୍କ ମଧ୍ୟରୁ ୮୦ ଭାଗ ଗ୍ରାହକ ସେମାନଙ୍କ ଦ୍ୱିତୀୟ ସିଲିଣ୍ଡର ଆଜି ପର୍ଯ୍ୟନ୍ତ ଆଣିନାହାନ୍ତି। ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଜୁନାଗଡଠାରୁ ଆଗକୁ ଆଉ ଇଞ୍ଚଟିଏ ମଧ ଆଗକୁ ରେଳ ଲାଇନ ବଢାଇପାରି ନାହାନ୍ତି ବୋଲି ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାସନ କ୍ଷମତାରେ ୫ ବର୍ଷ ରହିବା ଭିତରେ କେବେ କଳାହାଣ୍ଡି କଥା ଚିନ୍ତା କରିନାହାନ୍ତି କିମ୍ବା କଳାହାଣ୍ଡିକୁ କିଛି ସ୍ୱତନ୍ତ୍ର ଅନୁଦାନ ଦେଇ ନାହାନ୍ତି ବୋଲି ଦଳ ଅଭିଯୋଗ କରିଛି । ବିଜେଡିର ଅଭିଯୋଗ ଉପରେ ଭାଜପା ଜିଲା ସଭାପତି ତଥା ଲୋକସଭା ପ୍ରାର୍ଥୀ ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ଯିଏ ଯାହା କହିଲେ ବି ଆମର ଯାଏଆସେ ନାହିଁ। ଆମେ ଲୋକଙ୍କ ସେବା କରୁଛୁ। ଲୋକ ସମ୍ପର୍କ ଆମ ସହିତ ରହିଛି ବୋଲି କହିଛନ୍ତି।




ଖବରଦାତା ସମ୍ମିଳନୀରେ ବିଜେଡି ନେତୃମଣ୍ଡଳୀ ସୂଚନା ଦେଉଛନ୍ତି।

## ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ରଙ୍କ ମାରାଥନ ପ୍ରଚାର

**ଧର୍ମଗଡ,୩।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ପାଢଯୋଷୀ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି । ଏହି ଅବସରରେ ବୁଧବାର ରବୀନ୍ଦ୍ର ଧର୍ମଗଡ ବ୍ଲକ ବୋଡେନ, ନନ୍ଦଗାଁ, ମଝେନପଦର, ଧର୍ମଗଡ, ଝାରକୁଣ୍ଡାମାଲ, ରଙ୍ଗାବାହାଲ, ହଳଦୀ, ସରଧାପୁର, ମାଲପଡା ଆଦି ଅଞ୍ଚଳରେ ପ୍ରଚାର କରିଛନ୍ତି। ଧର୍ମଗଡ ନିର୍ବାଚନମଣ୍ଡଳୀ ଦୀର୍ଘ ବର୍ଷ ହେଲା ନିର୍ବାଚନମଣ୍ଡଳୀ ବାହାରର ବ୍ୟକ୍ତିଙ୍କୁ ବିଧାୟକ ଭାବେ ଦେଖି ଆସୁଥିବା ବେଳେ ଚଳିତ ଥର ସ୍ଥାନୀୟ ଲୋକଙ୍କୁ ବିଧାୟକ ଭାବରେ ବାଛିବା ପାଇଁ ଜନସାଧାରଣ ନିଷ୍ପତ୍ତି ନେଇସାରିଛନ୍ତି। ତାଙ୍କୁ ସମ୍ମାନ ଦେବା ପାଇଁ ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଏହି ଲଢେଇ ଜାରି ରଖିଛି ବୋଲି ମଝେନପଦରଠାରେ ଏକ ନିର୍ବାଚନୀ ସଭାରେ ରବୀନ୍ଦ୍ର ଉଦବୋଧନ ଦେଇ ଏହା ପ୍ରକାଶ କରିଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ପାଢଯୋଷୀ ନିର୍ବାଚନୀ ପ୍ରଚାର କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୪ ଏପ୍ରିଲ ୨୦୧୯



ଯଦି ବହୁକାଳ ଧରି କିଛି କାମରେ ନ ଲାଗିଲା,
ତେବେ ବୁଦ୍ଧିରେ ମଧ କଳଙ୍କି ଲାଗିଯିବ।
- -ହର୍‌ବର୍ଟ ସାଇମନ୍‌ସ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଟ୍ରାକ୍ଟର ଡ୍ରାଇଭର ମୃତ

**ଟିଟିଲାଗଡ଼, ୩।୪ (ଡି.ଏନ.ଏ.):** ଟିଟିଲାଗଡ଼ ଥାନା ଅନ୍ତର୍ଗତ ନାରେନ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟିକ୍ରାପଡ଼ା ଗ୍ରାମର ଟ୍ରାକ୍ଟର ଡ୍ରାଇଭର ବିଜୟ ନାଗ। ମିଳିଥିବା ସୂଚନା ମୁତାବକ, ଟ୍ରାକ୍ଟର ଡ୍ରାଇଭର ବିଜୟ ବୁଧବାର ଟ୍ରାକ୍ଟରରେ ମାଟି ବୋଝେଇ କରି ନାରେନ ଗାଁକୁ ଯାଇଥିଲେ। ସେଠାରେ ମାଟି ଅନଲୋଡ କରୁଥିବା ବେଳେ ଟ୍ରଲିଟି ବିଦ୍ୟୁତ୍ ତାର ସଂପର୍ଶରେ ଆସି ଯାଇଥିଲା। ଫଳରେ କରେଣ୍ଟ ଲାଗି ବିଜୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟିଟିଲାଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଟିଟିଲାଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ରାମପୁରରେ ନିର୍ବାଚନୀ ସଭା

**ଲୋଇସିଂହା,୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଆଗଲପୁର ବ୍ଲକ ରାମପୁରଠାରେ ସ୍ୱାଧୀନ ପ୍ରାର୍ଥୀ ବଳରାମ ସାଙ୍କ ନେତୃତ୍ୱରେ ଏକ ନିର୍ବାଚନୀ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ବେନ୍ଦ୍ରା ପଞ୍ଚାୟତ ଅଧୀନ ରାମପୁର, ଧଉଁରାଦାଦର, ଝାରବନ୍ଧଲି ଓ ବେନ୍ଦ୍ରା ଗ୍ରାମବାସୀ ଯୋଗଦେଇଥିଲେ । ସଭାରେ ଗଜେନ୍ଦ୍ର ଦଣ୍ଡସେନା ଅଧକ୍ଷତା କରି ସ୍ୱାଧୀନ ପ୍ରାର୍ଥୀ ବଳରାମଙ୍କୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ବଳରାମ କହିଥିଲେ ଯେ, ଅଞ୍ଚଳର ଜନସାଧାରଣଙ୍କ ମତ ଅନୁସାରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ସେ ଅଞ୍ଚଳର ବିକାଶ ପାଇଁ କାମ କରିବାକୁ କହିଥିଲେ। ଏପରି କି ଉପସ୍ଥିତ ଜନତାଙ୍କୁ ଆଶୀର୍ବାଦ କରିବାକୁ କହିଥିଲେ। ଏଥିରେ ଦୀନବନ୍ଧୁ ସାହୁ, ଯୁଗଳ ସା, ବସୁଦେବ ମାଝି, ଅଶ୍ୱିନୀ ପଟ୍ଟନାୟକ, ଜୟକୃଷ୍ଣ ଗୁରୁ, ଟଙ୍କ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଟ୍ରକ୍ ଚାପାରେ ଛାତ୍ର ମୃତ

**କୋଲିମାଟି, ୩।୪(ଡି.ଏନ.ଏ.):** ଘସିପୁରା ଥାନା ଅଧୀନ ୨୦ ନଂ ଜାତୀୟ ରାଜପଥ ଧକୋଠା ବନ୍ଧ ଗାଁ ନିକଟରେ ବୁଧବାର ଅପରାହ୍ନ ୪ଟା ୫୦ ମିନିଟ ସମୟରେ ଏକ ଟ୍ରକ୍ ଚାପାରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ମହାକୁଡ (୧୫)। ଘଟଗାଁ ପଟରୁ ଆସୁଥିବା ଏକ ସିମେଟ ବୋଜେଇ ଟ୍ରକ୍ କନ୍ତୋ ଗଉଡ ସାହିରୁ ସାଇକେଲରେ ଧକୋଠା ବଜାର ଯାଉଥିବା ଚନ୍ଦନଙ୍କୁ ଚାପି ଦେଇଥିଲା। ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା ଲୋକଙ୍କୁ ବୁଝାସୁଝା କରିଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ

ରାଉରକେଲା ଅଫିସ,୩।୪: ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମାର୍ଟ ସିଟି ରାଉରକେଲାର ସ୍ୱାଧୀନ ନିର୍ଦ୍ଦେଶିକା ପ୍ରଫେସର ଡ. କଲ୍ୟାଣୀ ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ।

କଂଗ୍ରେସରେ ନାଟକୀୟ ବୟାନବାଜି

# କଂଗ୍ରେସ ଦଳ ଛାଡ଼ିଲେ ୯ ପୁରୁଖା ନେତା

**ବଲାଙ୍ଗୀର ଅଫିସ, ୩।୪**





ସାମ୍ବାଦିକ ଭବନଠାରେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ନେତାଙ୍କ ଖବରଦାତା ସମ୍ମିଳନୀ (ବାମ) । ଏକ ଘରୋଇ ହୋଟେଲରେ କଂଗ୍ରେସ ଦଳର ଖବରଦାତା ସମ୍ମିଳନୀ ।

ବଲାଙ୍ଗୀର କଂଗ୍ରେସରେ ବୁଧବାର ଏକ ବଡଧରଣର ହଲଚଲ ହୋଇଛି। ଦଳର ୯ ପୁରୁଖା ନେତା ଓ କାର୍ଯ୍ୟକର୍ତ୍ତା ବୁଧବାର ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ନରସିଂହ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରି କଂଗ୍ରେସରୁ ଇସ୍ତଫା ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ବ୍ୟକ୍ତିଗତ ସ୍ୱାର୍ଥପୂରଣ ନ ହେବାରୁ କେତେଜଣ ଦଳୀୟ ନେତା ନିର୍ବାଚନ ସମୟରେ ପ୍ରାୟୋଜିତ ଇସ୍ତଫା ନାଟକବାଜି କରିଛନ୍ତି ବୋଲି ଜିଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ବୁଧବାର କଂଗ୍ରେସର ଦଳୀୟ କନ୍ଦଳ ନିର୍ବାଚନୀ ମାହୋଲକୁ ସରଗରମ କରିଦେଇଛି ।

ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଭଗବାନ ବଗର୍ତ୍ତୀ ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଦଳରୁ ତାଙ୍କ ସହ ଏଆଇସିସି ସଦସ୍ୟ ତଥା ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ନଗରପାଳ ତଥା କଂଗ୍ରେସ ଓବିସି ସେଲ ଅଧକ୍ଷ ପ୍ରଦୀପ ସାହୁ, ଜିଲା କଂଗ୍ରେସ ଲିଗାଲ ସେଲ ପୂର୍ବତନ ଅଧକ୍ଷ ପ୍ରବୀଣ ମିଶ୍ର, ଜିଲା କଂଗ୍ରେସ କମିଟି ପୂର୍ବତନ ଉପସଭାପତି ରାଧାକାନ୍ତ ନାୟକ, ଦେଓଗାଁ ବ୍ଲକ ପୂର୍ବତନ ଉପାଧକ୍ଷ ଜନ୍ମେଜୟ ସାହୁ, ଲୋଇସିଂହା ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ମହେନ୍ଦ୍ର ଜାଲ ଓ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଦଳର ପୁରୁଖା ନେତା, ବିଧାୟକ ଓ ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଥିଲେ । କଂଗ୍ରେସରେ ନରସିଂହ ମନମୁଖୀ ଶାସନ ଚଳାଇଛନ୍ତି। ପୁରୁଣା କର୍ମୀ ଓ ନେତାଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଉଛି। ପରିବାରବାଦ୍ କଥା ଉଠାଇ ଏଆଇସିସି ନିୟମ ଉଲ୍ଲଂଘନ କରି ବିରୋଧୀଦଳ ନେତାଙ୍କ ପୁତ୍ର ସମରେନ୍ଦ୍ର ମିଶ୍ରଙ୍କୁ ଦଳୀୟ ଲୋକ ସଭା ପ୍ରାର୍ଥୀ କରିଥିବା ଲକ୍ଷ୍ମଣ ମେହେର ଅଭିଯୋଗ କରିଥିଲେ । ବିରୋଧୀଦଳ ନେତାଙ୍କୁ ମିଛୁଆ କହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ତାଙ୍କର ଭିତିରି ସମ୍ପର୍କ ରହିଥିବା ସେ ଅଭିଯୋଗ କରିଥିଲେ । ଏପରି କି କୁନ୍ଧୁଳି ପ୍ରସଙ୍ଗ ଉଠାଇ ସମାଲୋଚନା କରିଥିଲେ । ୨୦୧୪ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ଦେବେ ବୋଲି ପାଟଖଣ୍ଡା ପୀଠରେ ବିଧାୟକ ମିଶ୍ର ଶପଥ କରିଥିଲେ ମଧ ପରବର୍ତ୍ତୀ ସମୟରେ ସେ ପ୍ରତିଶ୍ରୁତି ରକ୍ଷା କରି ନ ଥିବା ଲକ୍ଷ୍ମଣ ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ଭାବେ ତାଙ୍କୁ ଅନେକ ମାନସିକ ନିର୍ଯାତନା ନିଆଯାଇଥିବା ସେ କହିଛନ୍ତି। ଭଗବାନ ବଗର୍ତ୍ତୀ ମଧ ନରସିଂହ ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଦେଓଗାଁ ବ୍ଲକ ଅଧକ୍ଷା ରୀନା ମେହେର ୨୦୧୪ ନିର୍ବାଚନରେ ନରସିଂହଙ୍କୁ ଲୋକେ ଅନେକ ଆଶା ନେଇ ଭୋଟ ଦେଇଥିଲେ ମଧ ସେ ଆଶା ପୂରଣ କରି ନ ଥିବା କହିଥିଲେ। ସେହିପରି ନରସିଂହ କଂଗ୍ରେସକୁ ଧ୍ୱଂସ କରିଦେଇଥିବା ପୂର୍ବତନ ନଗରପାଳ ପ୍ରଦୀପ ସାହୁ ଅଭିଯୋଗ ଆଣିଛନ୍ତି।

- ନରସିଂହଙ୍କ ବିରୋଧରେ ଅଭିଯୋଗ ଆଣିଲେ ଲକ୍ଷ୍ମଣ
- ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନ ହେବାରୁ ପ୍ରାୟୋଜିତ ବିଦ୍ରୋହ: କଂଗ୍ରେସ

ଅନ୍ୟପକ୍ଷେ ସ୍ଥାନୀୟ ଏକ ହୋଟେଲରେ କଂଗ୍ରେସ ଜିଲା ନିର୍ବାଚନୀ ପ୍ରଚାର କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା । ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ ୯ ନେତା ଦଳରୁ ଇସ୍ତଫା ଦେବା ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଏହା ଶାସକ ଦଳର ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି କହିଥିଲେ । ନରସିଂହଙ୍କ ବିରୋଧରେ ଆଣିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରି ବ୍ୟକ୍ତିଗତ ସ୍ୱାର୍ଥସାଧନ ନ ହେବାରୁ କିଛି ଅଦୃଶ୍ୟ ଶକ୍ତି ଇସାରାରେ ନିର୍ବାଚନୀ ସମୟରେ ବିଧାୟକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କୁତ୍ସାରଟନା କରିଥିବା କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀରବାସୀ ମିଶ୍ରଙ୍କୁ ବିଧାୟକ ଭାବେ ନିର୍ବାଚିତ କରି ଯେଉଁ ଦାୟିତ୍ୱ ଦେଇଥିଲେ ନରସିଂହ ତାହା ତୁଲାଇଛନ୍ତି। ଏଣୁ ଇସ୍ତଫା ନାଟକ ନିର୍ବାଚନରେ କିଛି ବି ପ୍ରଭାବ ପକାଇବ ନାହିଁ ବୋଲି ପଟ୍ଟନାୟକ କହିଥିଲେ। ଲକ୍ଷ୍ମଣ ମେହେର ନିଜ ସ୍ତ୍ରୀ ଓ ପୁତୁରାଙ୍କୁ କେଉଁ ଯୁଗରୁ ରାଜନୀତିକୁ ଆଣି ପରିବାରବାଦ୍ ଆରମ୍ଭ କରିଥିଲେ ମଧ ବିଧାୟକଙ୍କ ବିରୋଧରେ ଏଭଳି ପରିବାରବାଦ୍ ଅଭିଯୋଗ ଆଣିବା ହାସ୍ୟାସ୍ପଦ ବୋଲି କହିଥିଲେ । କଂଗ୍ରେସ ଦଳ ଓ ବିଧାୟକ ମିଶ୍ରଙ୍କ ଠାରୁ ସବୁପ୍ରକାର ସହାୟତା ବାଇପା ପରେ ନିର୍ବାଚନ ସମୟରେ ବିଧାୟକ ମିଶ୍ରଙ୍କ କ୍ଷତି ପହଞ୍ଚାଇବା ପାଇଁ ମେହେର ଶାସକ ଦଳ ଇସାରାରେ ଏଭଳି ଗୋଷ୍ଠୀ କରି ଇସ୍ତଫା ନାଟକବାଜି କରୁଛନ୍ତି ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା କେତେଜଣ ନେତାଙ୍କ ଇସ୍ତଫା ଓ ନରସିଂହଙ୍କ ବିରୋଧରେ ବୟାନବାଜିକୁ ଏକ ନିର୍ବାଚନୀ ଚାଲ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, କଂଗ୍ରେସ ସମ୍ପାଦକ ସୁଦାମ ସାହୁ, ସନ୍ତକ ବହିଦାର ଉପସ୍ଥିତ ଥିଲେ ।

## ବଲାଙ୍ଗୀର କଂଗ୍ରେସରେ ଦଳୀୟ କନ୍ଦଳ

### ପୁତ୍ର ମୋହରୁ ମହାଭାରତ, ସ୍ତ୍ରୀ ମୋହରୁ ରାମାୟଣ

**ବଲାଙ୍ଗୀର ଅଫିସ, ୩।୪**

ନିର୍ବାଚନ ଅବ୍ୟବହତି ପୂର୍ବରୁ ବୁଧବାର ବଲାଙ୍ଗୀର କଂଗ୍ରେସ ଦଳର ୯ ଜଣ ପୁରୁଖା ନେତା ଇସ୍ତଫା ଦେବା ଘଟଣା ଜିଲା ରାଜନୀତିକୁ ସରଗରମ କରିଛି । ଦୁଇଟି ପୃଥକ୍ ଖବରତାଦା ସମ୍ମିଳନୀରେ କଂଗ୍ରେସ ନେତାମାନେ ପରସ୍ପର ପ୍ରତି ବୟାନବାଜି କରି ଦଳୀୟ କନ୍ଦଳକୁ ଉଜାଗର କରିଛନ୍ତି। ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ସମାଲୋଚନ କରି ଏଆଇସିସି ସଦସ୍ୟ ଲକ୍ଷ୍ମଣ ମେହେର ଗୁରୁତର ଅଭିଯୋଗ କରିଥିଲେ। ପୁତ୍ର ମୋହରୁ ଯେମିତି ମହାଭାରତ ଯୁଦ୍ଧ ହୋଇଥିଲା ସେମିତି ଏଠାରେ ମଧ ପୁତ୍ର ମୋହରୁ ମହାଭାରତ ଆରମ୍ଭ ହୋଇଯାଇଛି ବୋଲି ଲକ୍ଷ୍ମଣ କହିଥିଲେ। ଏହାର ଉତ୍ତର ଦେବାକୁ ଯାଇ କଂଗ୍ରେସର ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ ଲକ୍ଷ୍ମଣଙ୍କୁ କଡା ଜବାବ ଦେଇଛନ୍ତି । ସ୍ତ୍ରୀ ମୋହରୁ ରାମାୟଣର ରାବଣ ଓ ବିଭୀଷଣଙ୍କ କଥା ସଭିଏ ଜାଣିଛନ୍ତି । ଆଗାମୀ ଦିନରେ ସ୍ତ୍ରୀ ମୋହରୁ କିଏ ରାବଣ ଓ କିଏ ବିଭୀଷଣ ଜଣାପଡିଯିବ ବୋଲି ପଟ୍ଟନାୟକ କହି ଲକ୍ଷ୍ମଣଙ୍କ ପରିବାରବାଦ୍‌କୁ ଟାର୍ଗେଟ କରିଥିଲେ। ବିଦ୍ରୋହୀ ଗୋଷ୍ଠୀ ଓ କଂଗ୍ରେସ ଦଳର ଖବରଦାତା ସମ୍ମିଳନୀରେ ମହାଭାରତ ଓ ରାମାୟଣ ଉପାଖ୍ୟାନ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା ।

# ଯାତ୍ରୀବାହୀ ବସ୍ ଓଲଟି ୪ ଗୁରୁତର

**ତେଲକୋଇ, ୩।୪(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ପଞ୍ଚାୟତ ଅଧୀନ ମଲଣ୍ଡା ଗ୍ରାମ ବୁଲାଣିରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୪ ଜଣ ଗୁରୁତର ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଉକ୍ତ ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ସେମାନଙ୍କୁ ତେଲକୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧ୍ୟରେ ଗଙ୍ଗାରାମ ତିରିଆ (୫୦), ସୂର୍ଯ୍ୟ ବେହେରା (୫୨), କିରାଣୀ ଚମ୍ପିଆ (୬୦), ମୁନୀ ସୋରେନ(୪୨) ରହିଛନ୍ତି। ସେମାନଙ୍କୁ କଟକ ଚିକିତ୍ସାଳୟକୁ ନିଆଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ହରିଶଙ୍କର ଛକଠାରେ ବୁଧବାର ଗାଡି ଯାଞ୍ଚ କରାଯାଉଛି।

# ପୋଲିସର ଗାଡ଼ି ଯାଞ୍ଚ

**ଖପ୍ରାଖୋଲ,୩।୪ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଗାଡି ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଇଛି। ବିଭିନ୍ନ ଛକରେ ପୋଲିସ ଅଧିକାରୀଙ୍କ ସହ ନିର୍ବାଚନ ସ୍କ୍ୱାର୍ଡ ମିଳିତ ଭାବେ ଯାଞ୍ଚ କରୁଛନ୍ତି। ବୁଧବାର ହରିଶଙ୍କର ଛକଠାରେ ନିର୍ବାଚନ ସ୍କ୍ୱାର୍ଡ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖପ୍ରାଖୋଲ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ, ଥାନା ଏଏସ୍ଆଇ ଜି. ମିଶ୍ର, ଏସ୍. ଠାକୁରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏ ନେଇ ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ତନଖି କାର୍ଯ୍ୟ ଚାଲିଥିବା ପ୍ରକାଶ କରିଛନ୍ତି।

## ବାଟବଣା ହାତୀପଲଙ୍କ ଉପଦ୍ରବ

**ବଡ଼ସାହି, ୩।୪(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାକୁ ପଶି ଆସି ବାଟବଣା ହୋଇଥିବା ଝାଡ଼ଖଣ୍ଡହାତୀପଲ ମଙ୍ଗଳବାର ରାତିଠାରୁ ବଡ଼ସାହି ବ୍ଲକର ଭୀମିଦା-ମାଣତ୍ରୀ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି । ଏହି ହାତୀପଲରେ ୩ଟି ଦନ୍ତା, ଗୋଟିଏ ମାଈ ଓ ଗୋଟିଏ ଶାବକ ହାତୀ ରହିଥିବା ଜଣାପଡ଼ିଛି। ସେମାନେ ନୀଳଗିରି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଘଉଡାଇବାରୁ ବାଟବଣା ହୋଇଥିବା କୁହାଯାଉଛି।

ବୁଧବାର ଏହି ହାତୀପଲ ଗଙ୍ଗାହାର ନଦୀ ସଂଲଗ୍ନ ଉଈଡ଼ିହ ପାଳ ଜମିରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି। ପାଳଜମିରେ ଚାଷ ହୋଇଥିବା ବ୍ୟାପକ ପନିପରିବା ଫସଲ ସେମାନେ ନଷ୍ଟ କରି ଦେଇଛନ୍ତି। ଦେଖଣାହାରୀ ଲୋକେ ଭିଡ଼ ଜମାଉଥିବାରୁ ସେମାନେ କୁଆଡ଼େ ନ ଯାଇ ସ୍ଥିର ଭାବେ ରହିଛନ୍ତି । ଡୁକୁରା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନକର୍ମଚାରୀ ଜଗିରହିଛନ୍ତି । ରାତିରେ ବେତନଟୀ ଓ ଉଦଳା ରେଞ୍ଜ କର୍ମଚାରୀ ପହଞ୍ଚିଲେ ହାତୀପଲଙ୍କୁ ଘଉଡ଼ାଇ ଟେଙ୍ଗୁଆ-ମଙ୍ଗଳପୁର ଦେଇ ନୀଳଗିରି ଅଭିମୁଖେ ଛଡାଯିବ ବୋଲି ଜଣାପଡ଼ିଛି ।

# ଖପ୍ରାଖୋଲ ବ୍ଲକରେ ବିଜେଡିର ପ୍ରଚାର



ବିଜେଡି ବିଧାୟକ ପ୍ରାର୍ଥୀ ସରୋଜ ମେହେର ବୁଧବାର ନିର୍ବାଚନୀ ପ୍ରଚାର କରୁଛନ୍ତି।

**ଖପ୍ରାଖୋଲ,୩।୪ (ଡି.ଏନ.ଏ.)**

ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସରୋଜ ମେହେର ବୁଧବାର ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ସେ ପ୍ରଥମେ ମାଲପଡ଼ା ପଞ୍ଚାୟତ ଜଳପାଁକେଲ ଗାଁରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରି ଫୁଲଝର, କନ୍ଦେଇଛାପର, ଜାମଚୂଆଁ, ମାଲପଡ଼ା, ସାହାଜପାଣି, ବାଗଡ଼ିଆ, ସୁଲିଆବାହାଲ, ଫୁଲକିମୁଣ୍ଡା, ଚଚରାଭଟା, ଘୁନସର ପ୍ରମୁଖ ଗାଁରେ ଘର ଘର ବୁଲି ପ୍ରଚାର କରିବା ସହ ସଭା ମାଧ୍ୟମରେ ନବୀନ ସରକାରଙ୍କ ସଫଳତା ବଖାଣି ଭୋଟ ଭିକ୍ଷା କରିଥିଲେ। ଏପରି କି ଅଞ୍ଚଳର ଉନ୍ନତି ପାଇଁ କାମ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଜୁ ଜନତା ଦଳର ବ୍ଲକ ସଭାପତି ସତ୍ୟନାରାୟଣ ମେହେର, ପଞ୍ଚୁଦେବ ସାହୁ, କଳାକାହ୍ନୁ ବାରିକ, ହୃଦାନନ୍ଦ ପୁଟେଲ, ମହମ୍ମଦ ଏଜାଜ୍, ବ୍ଲକ ଉପାଧକ୍ଷ ପ୍ରକାଶ ମେହେର, ପ୍ରଦୀପ ବାଗ, ନରେନ୍ଦ୍ର ଭୋଇ ପ୍ରମୁଖ କର୍ମୀ ସାମିଲ ହୋଇଥିଲେ।

# ସପ୍ତକ କଳା ପ୍ରକାଶିକା ଅନୁଷ୍ଠାନ ଉଦ୍‌ଘାଟିତ

**ଲୋଇସିଂହା,୩।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାଠାରେ ସପ୍ତକ କଳା ପ୍ରକାଶିକା ଅନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲୋଇସିଂହା ଅଞ୍ଚଳର ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ତବଲା ବାଦ୍ୟ, କଣ୍ଠ ସଂଗୀତ, ବାଦ୍ୟଯନ୍ତ୍ର ଓ ନୃତ୍ୟ ଉପରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ଅନୁଷ୍ଠାନ ସହାୟକ ହେବ ବୋଲି ମୁଖ୍ୟଅତିଥି ତ୍ରିପାଠୀ ପ୍ରକାଶ କରିଥିଲେ। ଶିବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ତ୍ରିପାଠୀ ମୁଖ୍ୟଅତିଥି, ସୁରେଶଚନ୍ଦ୍ର ଅଗ୍ରୱାଲ, ଦୀପକ ଷଡଙ୍ଗୀ, ଧ୍ରୁବଚରଣ ଅଗ୍ରୱାଲ, କମଳ କିଶୋର ଅଗ୍ରୱାଲ, ନିଶାର ଅହମ୍ମଦ ନିସାର, ସରୋଜ ମହାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନରେ ୮ ଜଣ ଛାତ୍ରୀଛାତ୍ର ତାଲିମ ନେଉଥିବା ବେଳେ ୪ଜଣ ଗୁରୁ ତାଲିମ ପ୍ରଦାନ କରୁଛନ୍ତି।



ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଡୁଙ୍ଗୁରା ଏନ୍‌ଏସିରେ ବୁଧବାର ବେଆଇନ ଭାବେ ଲାଗିଥିବା ବ୍ୟାନର ଏବଂ ପୋଷ୍ଟରକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଉଛି।

# ବିଜେଡିରେ ମିଶିଲେ ସରପଞ୍ଚଙ୍କ ସହ ୧୧ ୱାର୍ଡ ସଭ୍ୟାସଭ୍ୟ

**ଟିଟିଲାଗଡ଼, ୩।୪ (ଡି.ଏନ.ଏ.)**

ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଧବାର ଟିଟିଲାଗଡ଼ ବ୍ଲକ ଅଧୀନ ବାନ୍ଧୁପଲା ସରପଞ୍ଚ ରଘୁନାଥ କୁମ୍ଭାର, ନାଏବ ସରପଞ୍ଚ ଜ୍ୟୋସ୍ନା କୁମ୍ଭାରଙ୍କ ନେତୃତ୍ୱରେ ୧୧ଜଣ ୱାର୍ଡ ସଭ୍ୟାସଭ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡି ବିଧାୟିକା ପ୍ରାର୍ଥୀ ଟୁକୁନୀ ସାହୁଙ୍କ ଟିଟିଲାଗଡ଼ସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସରପଞ୍ଚ ଜ୍ୟୋସ୍ନାଙ୍କ ସମେତ ୱାର୍ଡ ସଭ୍ୟ ନନ୍ଦଲାଲ ସାହୁ, ଗୋବର୍ଦ୍ଧନ ମାଝି, ଗଣେଶରାମ ନାଗ, ମୋତିଲାଲ କୁମ୍ଭାର, ଶିବ ସାହୁ, ନାଏବ ସରପଞ୍ଚ ଜ୍ୟୋସ୍ନା କୁମ୍ଭାରଙ୍କ ସ୍ୱାମୀ ମାଞ୍ଜେସ କୁମ୍ଭାର, ୱାର୍ଡମେମ୍ବର ରଶ୍ମି କୁମ୍ଭାରଙ୍କ ସ୍ୱାମୀ ବସନ୍ତ କୁମ୍ଭାର, ପଦ୍ମିନୀ ବାଗଙ୍କ ସ୍ୱାମୀ ମନୋହର ବାଗ, ବନିତା ବଗର୍ତ୍ତିଙ୍କ ସ୍ୱାମୀ ଗିରିଧାରି ବଗର୍ତ୍ତି, ସେବତୀ ମାଝିଙ୍କ ସ୍ୱାମୀ ଦୁଲମଣୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ପ୍ରାର୍ଥୀ ସାହୁ ଏବଂ ବରିଷ୍ଠ ନେତା ଶମ୍ଭୁପ୍ରସାଦ ସାହୁ ଯୋଗଦେଇଥିବା ସରପଞ୍ଚ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।



ବିଜେଡି ପ୍ରାର୍ଥୀ ଟୁକୁନି ସାହୁଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମୀ।

## ସରକାରୀ ଜମିରୁ ବେଆଇନ ମାଟି ଉଠାଣ

**ଭଦ୍ରକ ଅଫିସ, ୩।୪**

ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠାଣ ନେଇ ଭଦ୍ରକ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ବେଆଇନ ଭାବେ ବିଷ୍ଣୁପୁରବିନ୍ଧା ସ୍କୁଲ ନିକଟ ଦିନାରୀଲେଙ୍କାସାହି ନିକଟରୁ ଜେସିବି ସାହାଯ୍ୟରେ ଟ୍ରାକ୍ଟର ଲଗାଇ ମାଟି ଉଠାଣ ହୋଇଥିବା ଅଭିଯୋଗ ହେବା ପରେ ତହସିଲଦାର ପ୍ରଦୀପ ସାହୁ ତୁରନ୍ତ ଅନ୍ନପାଳ ଆର୍‌ଆଇଙ୍କୁ ପଠାଇ ମାଟି ଉଠାଣ ବନ୍ଦ କରାଇଥିଲେ। ଆବାଦଯୋଗ୍ୟ ଅନାବାଦି ଖାତା(ପତିତ) ଯବାନମାନଙ୍କ ପାଇଁ ସଂରକ୍ଷିତ ଏହି ଜାଗାରୁ ଗାଁର କେତେକ ମୁଷ୍ଟିମେୟ ବ୍ୟକ୍ତି ମାଟି ଉଠାଇ ବିକ୍ରି କରିଆସୁଥିବା ଅଭିଯୋଗ ହୋଇଥିଲା।



❝ ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।

- ସାରଳା ଦାସ



## ସଂକ୍ଷେପରେ

### କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

**ରାଉରକେଲା ଅଫିସ,୩।୪:** ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଫର୍ଟିଲାଇଜର ଟାଉନଶିପ ଓ ନିକଟ ହାତୀବନ୍ଧା ପଞ୍ଚାୟତରେ ବୁଧବାର ରଘୁନାଥପାଲି ବିଧାନସଭା କ୍ଷେତ୍ର କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ଲୋକଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ନିଜ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ସେ କହିଥିଲେ, ଶାସକ ବିଜେଡି ଦ୍ୱାରା ଉପେକ୍ଷିତ ଏହି ଅଞ୍ଚଳବାସୀଙ୍କ ଅନେକ ମୌଳିକ ସମସ୍ୟା ସମାଧାନ ହୋଇନାହିଁ। ଆଜିପର୍ଯ୍ୟନ୍ତ କେତେଜଣ ବସ୍ତିବାସିନ୍ଦା ବିଜୁଳି ଆଲୋକ ଦେଖିନାହାନ୍ତି। ଚିକିତ୍ସା ବ୍ୟବସ୍ଥା କହିଲେ କିଛି ସାଧନ ନାହିଁ। ସ୍ୱାଧୀନତାର ୭୨ ବର୍ଷ ପରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଟିଏ ନାହିଁ। ଅନେକ ଗରିବ ବସ୍ତିବାସିନ୍ଦା ସରକାରୀ ଯୋଜନାରୁ ସୁଫଳ ପାଇପାରି ନାହାନ୍ତି। ଇସ୍ପାତ କାରଖାନା ପାଚେରି କଡ଼ରେ ରହୁଥିବା ବେରୋଜଗାରଙ୍କୁ ଠିକାକାମ ସୁଦ୍ଧା ମିଳୁନି। ବେକାରୀ ସମସ୍ୟା ଅଞ୍ଚଳରେ ଅତି ଉତ୍କଟ। ଯୁବସମାଜ ଚାହିଁଲେ ଆଗାମୀ ଦିନରେ ସମସ୍ୟା ସମାଧାନର ବାଟ ଫିଟିବ। ସମସ୍ତେ ମିଳିମିଶି ପ୍ରଶାନ୍ତଙ୍କୁ ସହଯୋଗ କରିବାକୁ ତାଙ୍କ ସମର୍ଥକ ନିବେଦନ କରିଥିଲେ।

### କୋମଳ ଗାନ୍ଧାର ଏକାଡେମୀର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୩।୪:** କୋମଳ ଗାନ୍ଧାର ଏକାଡେମୀର ଦ୍ୱିତୀୟ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବଂଶୀବାଦକ ଶ୍ରୀନିବାସ ଶତପଥୀ ଓ ବିଶିଷ୍ଟ ତବଲାବାଦକ ବିଶ୍ୱରଞ୍ଜନ ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ବଲଜିତ ସିଂ, ନୈବେଦ୍ୟ ଦାସ, ମନଲୀତା ନାୟକ, ସୁଶାନ୍ତ ଗିରି, ପ୍ରେମାନନ୍ଦ ସ୍ୱାଇଁ, ଦିବ୍ୟାଲକ୍ଷ୍ମୀ ମାଝି, ଧନେଶ୍ୱର ମଲ୍ଲିକ ଓ ଆଶୁତୋଷ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ବଂଶୀବାଦନ କଳାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଥିବା ଏହି ଅନୁଷ୍ଠାନ ଆଗାମୀ ଦିନରେ ନିଶ୍ଚିତ ରୂପେ ଏହାର ଲକ୍ଷ୍ୟ ସାଧନ କରିପାରିବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ନରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଷ୍ଠିତ କଳାକାର ଯୋଗଦେଇଥିଲେ।

### ବାସନ୍ତିକ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି

**ବେଲପାହାଡ଼,୩।୪(ଡି.ଏନ୍.ଏ.):** ଆସନ୍ତା ଶନିବାରରୁ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହେବ । ଏଥିପାଇଁ ବେଲପାହାଡ଼ରେ ବିଭିନ୍ନ ପୂଜା ଅନଷ୍ଠାନ ପକ୍ଷରୁ ଜୋରାଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ପୂଜା ଆୟୋଜନ ପାଇଁ ଗତ ରବିବାର ଗାନ୍ଧୀନଗରସ୍ଥିତ ନବଦୁର୍ଗା ମନ୍ଦିର ଓ ଗୁମାଡ଼େରା ବାଟମଙ୍ଗଳା ମନ୍ଦିରରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଏଥିରେ ପୂଜା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ । ନବଦୁର୍ଗା ମନ୍ଦିରରେ ଆସନ୍ତା ଶୁକ୍ରବାର ଅମାବାସ୍ୟା ତିଥିରେ କଳସ ସ୍ଥାପନା ହେବ । ଶନିବାର ୬ ତାରିଖ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ୧୪ ତାରିଖ ମହାଦଶମୀ ତିଥି ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ । ପ୍ରଥମ ଦିନ ପ୍ରତିପଦା ତିଥିରେ ମା ଶୈଳପୁତ୍ରୀଙ୍କ ପୂଜା ହେବ । ଦ୍ୱିତୀୟାରୁ ନବମୀ ପର୍ଯ୍ୟନ୍ତ ମା ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ସେହିପରି ବାଟମଙ୍ଗଳା ମନ୍ଦିରରେ ଶନିବାରରୁ ସମ୍ପୁଟ ଚଣ୍ଡୀଯଜ୍ଞ ସହିତ ମା' ଦୁର୍ଗାଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହେବ ବୋଲ ପୂଜା କମିଟିର ମୁଖ୍ୟ ଉପଦେଷ୍ଟା ବୁଲୁ ପଣ୍ଡା ପ୍ରକାଶ କରିଛନ୍ତି।

# ଗରିବଙ୍କ ଝୁମ୍ପୁଡ଼ି ଭାଙ୍ଗୁଛି ଲ୍ୟାଣ୍ଡ ବିଭାଗ

**ରାଉରକେଲା ଅଫିସ,୩।୪**

ଆର୍‌ଏସ୍‌ପି ଅଧିକୃତ ଜମି ଉପରେ ଲୋକେ ୫୦ବର୍ଷ ହେବ ବସବାସ କରି ଆସୁଛନ୍ତି। ଏହା କୌଣସି ଗୋଟିଏ ଅଞ୍ଚଳ ଭିତରେ ସୀମିତ ହୋଇ ରହିନାହିଁ। ଏମିତି ଲକ୍ଷାଧିକ ପରିବାର ଅଛନ୍ତି ଷ୍ଟିଲ ସିଟିରେ ଯେଉଁମାନେ ଆର୍‌ଏସ୍‌ପି, ଆର୍‌ଏମ୍‌ସି କିମ୍ବା ରେଲୱେ ଜମି ଉପରେ ରହୁଛନ୍ତି। ଆର୍ଥିକ ସମ୍ପନ୍ନ ଲୋକେ ଏହା ଉପରେ ରାତିଅଧିଆ ଛାତ ଘର ବି ନିର୍ମାଣ କରୁଛନ୍ତି। ହେଲେ ଗରିବଙ୍କ ଉପରେ ଦାଉ ସାଧୁଛି କାରଖାନା ଲ୍ୟାଣ୍ଡ ଗାର୍ଡ। ଥିଲାବାଲାଙ୍କ ପାଇଁ ସବୁ ମାଫ୍। ଆମେ ଗରିବ ଲୋକ। ବାରମ୍ବାର ଇଟା ବାଲି କିଣିବାକୁ କ୍ଷମତା ଆମର ନାହିଁ। ମୂଲମଜୁରି କରି ମା' ଝିଅ ଯାହା ଆଣୁ ସେଥିରେ ଆର୍‌ଏସ୍‌ପି ପାଚେରିକୁ ଲାଗି ଝୁମ୍ପୁଡ଼ି ଘର ଖଣ୍ଡେ ତିଆରି କରିଛୁ। ଘରେ ପାଣି, ପାଇଖାନା କିମ୍ବା ବିଜୁଳି ଆଦି ସର୍ବନିମ୍ନ ସୁବିଧା ମଧ୍ୟ ନାହିଁ। ଏମିତି ଅବସ୍ଥାରେ ରୋଷେଇ ଘର ଖଣ୍ଡେ ପାଇଁ କାମ ଆରମ୍ଭ କରିଥିବାବେଳେ ଇଟା ଯୋଡ଼େଇ କାନ୍ଥକୁ ଭାଙ୍ଗିଦେଲେ ଆର୍‌ଏସ୍‌ପି ଲ୍ୟାଣ୍ଡ ଗାର୍ଡ। ଥରେ ନୁହେଁ, ଏକାଧିକ ଥର ଏମିତି ଭଙ୍ଗାଗଲାଣି। ଆମ ବାମ ଓ ଡାହାଣକୁ ଲାଗି ଶତାଧିକ ବେଆଇନ ଘର ତୋଳାଯାଇଛି। ହେଲେ ଆମଭଳି ଗରିବ ପରିବାର ଉପରେ ଦାଉ ସାଧିବା କେତେ ସମିଚୀନ ତାହା ବିଭାଗ ବିଚାର କରିବା ଆବଶ୍ୟକ।



ଲ୍ୟାଣ୍ଡ ବିଭାଗ ଦ୍ୱାରା ଭଙ୍ଗାଯାଇଥିବା ରେଶ୍ମା ଖାଁଙ୍କ ଘର।

ଏମିତି ଦୁଃଖରେ ଭାଙ୍ଗି ପଡ଼ିଥିବା ମହିଳା ଜଣକ ହେଉଛନ୍ତି ଟାଙ୍ଗରପାଲି ଥାନା ଅନ୍ତର୍ଗତ ମଡର୍ନ ଇଣ୍ଡିଆ ବଜାର ଦୁର୍ଗା ମଣ୍ଡପ ଗଳି ବାସିନ୍ଦା ରେଶ୍ମା ଖାଁ (୫୧)। ସ୍ୱାମୀ ରାଜକପୁର ଖାଁ ଆରପାରିକୁ ଚାଲିଗଲା ପରେ ନିଜ ପରିବାର ସହ ଏକ ବଖୁରିଆ ଝୁମ୍ପୁଡ଼ି ଘରେ ରହୁଛନ୍ତି ରଶ୍ମା। ସେ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ତାଙ୍କର ଜଣେ ବିବାହିତା ଝିଅ ପର ଘରେ ବାସନ ମାଜି ଚଳନ୍ତି। ନିକଟରେ ସାନ ଝିଅ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଖୋଲା ଆକାଶ ତଳେ ରୋଷେଇ ହେଉଥିବା ଦେଖିଲେ କାଳେ ନୂଆବନ୍ଧୁ ଖରାପ ଭାବିବେ ସେଥିପାଇଁ ଏକ ଛୋଟ ରୋଷେଇ ଘର ପାଇଁ ମା' ଝିଅ ନିଜ ସଞ୍ଚୟ ଟଙ୍କାରୁ କିଛି ବ୍ୟୟ କରି କାମ ଆରମ୍ଭ କରିଥିଲେ। ଯାହାକୁ ଆର୍‌ଏସ୍‌ପି ଲ୍ୟାଣ୍ଡ ବିଭାଗ କର୍ମଚାରୀ ୨ ଥର ଭାଙ୍ଗି ସାରିଲେଣି। ଏହାର ପୁନଃ ନିର୍ମାଣ ନେଇ ଆମ ପାଖରେ ଆଉ ସମ୍ବଳ ନାହିଁ। ଝିଅ ବାହାଘର ପୂର୍ବରୁ ଆମକୁ ଏମିତି ହୀନସ୍ତା ହେବାକୁ ପଡୁଛି। ଯାହା ସ୍ୱଳ୍ପ ସଞ୍ଚୟ ଥିଲା ତାହା ମଧ ବରବାଦ ହୋଇଗଲା। ବଡ଼ବଡ଼ିଆଙ୍କ ପାଇଁ କୌଣସି ଆଇନ ନାହିଁ। ଆମ ଭଳି ଗରିବଙ୍କ କୁଡ଼ିଆ ଉପରେ ଲ୍ୟାଣ୍ଡ କର୍ମଚାରୀ ଦାଉ ସାଧୁଛନ୍ତି। ସରକାର ସହରାଞ୍ଚଳ ବାସିନ୍ଦାଙ୍କୁ ଥଇଥାନ କଥା କହୁଛନ୍ତି। ଏଠି ଝୁମ୍ପୁଡ଼ି ଘର ଖଣ୍ଡେ ତୋଳିବାକୁ ଆମ ଅଧିକାର ନାହିଁ। ଦୀର୍ଘବର୍ଷ ହେବ ଘରେ ଡିବି ଜାଳି ଚଳୁଛୁ। ଏପରି ଅବସ୍ଥାରେ ଖରା ଦାଉରୁ ରକ୍ଷା ପାଇଁ ମୁଣ୍ଡ ଗୁଞ୍ଜିବାକୁ ଦେଉନାହିଁ ଲ୍ୟାଣ୍ଡ ବିଭାଗ। ନିର୍ବାଚନ ଲଢୁଥିବା ଓ ଲୋକଙ୍କୁ ଭରସା ଦେଉଥିବା ନେତା ମଧ ଆମ ଗୁହାରି ଶୁଣିବାକୁ ଉଚିତ ମଣିନାହାନ୍ତି। ନିଷ୍ପତ୍ତି କରିଛୁ ଏଥର ପୂରା ପରିବାର ଭୋଟଦାନରୁ ବିରତ ରହିବୁ ବୋଲି ରେଶ୍ମାଙ୍କ ବଡ଼ ଝିଅ ସୀମା କହିଛନ୍ତି।

# ଗାନ୍ଧୀଛକରେ ଖୋଲିଲା ଭାଜପା ନିର୍ବାଚନୀ କାର୍ଯ୍ୟାଳୟ

**ବ୍ରଜରାଜନଗର, ୩।୪ (ଡି.ଏନ.ଏ.)**

ଗାନ୍ଧୀ ଛକଠାରେ ଭାଜପାର ଏକ ନିର୍ବାଚନୀ କାର୍ଯ୍ୟାଳୟ ଖୋଲିଛି । ଦଳର ବରିଷ୍ଠ ନେତା ସୁଧାଂଶୁ ପୁରୋହିତ ଏହି କାର୍ଯ୍ୟାଳୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅଭୟପୁରର ନେତା ସୁରେଶ ବେହେରାଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିଲେ। ଏହି କର୍ମୀମାନଙ୍କୁ ନେଇ ଭାଜପା ଶିବିର ଉତ୍ସାହିତ । ହେଲେ ଏହି କର୍ମୀମାନେ କେତେଦିନ ଦଳରେ ରହି ପାରିବେ ତାହା ସମୟ କହିବ । କାରଣ ଏହି ନେତା ୩ମାସ ତଳେ ଭାଜପା ତ୍ୟାଗ କରି ତତ୍‌କାଳୀନ କଂଗ୍ରେସ ନେତା ବିଶାଳ ଦାଶଙ୍କ ନେତୃତ୍ୱରେ କଂଗ୍ରେସରେ ମିଶିଥିଲେ । ଆଉ ଆଜି କଂଗ୍ରେସ ଛାଡି ପୁଣି ଭାଜପାରେ ମିଶିଛନ୍ତି। ଅନୀଲ ନାଏକ, ସୁନିଲ ଦାଶ, କ୍ରିଷ୍ଣା ମୁରାଲୀ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।



ଗାନ୍ଧୀ ଛକଠାରେ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଅତିଥି ଓ କର୍ମକର୍ତ୍ତା।

# ଟିଆର୍‌ଏଲ କ୍ରୋସାକିରେ ଜରୁରୀ ପରିସ୍ଥିତି ପାଇଁ ମକ୍‌ଡ୍ରିଲ




ଫ୍ୟାକ୍ଟ୍ରି ଓ ବଏଲର୍ସ ନିର୍ଦ୍ଦେଶକ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ବିଷୟରେ କର୍ମଚାରୀମାନଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି।

**ବେଲପାହାଡ଼,୩।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜରେ ବୁଧବାର ଜରୁରିକାଳିନ ପରିସ୍ଥିତିର ମୁକାବିଲା ପାଇଁ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ସମ୍ବଲପୁରଠାରେ ଅବସ୍ଥାପିତ ଫ୍ୟାକ୍ଟ୍ରି ଓ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା ଓ ସହକାରୀ ନିର୍ଦ୍ଦେଶକ ଅନିଲ କୁମାର ନନ୍ଦ ଯୋଗ ଦେଇଥିଲେ। ବେଦାନ୍ତ ଏବଂ ଓପିଜିସି ସମେତ ଆଖପାଖ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଆସିଥିବା ସୁରକ୍ଷା ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟିଆର୍‌ଏଲ କ୍ରୋସାକିର ଉପସଭାପତି (କର୍ପୋରେଟ୍) ଡ଼ଃ ତାରାପଦ ଦାଶ ଓ ଉପସଭାପତି (ପ୍ରଡକ୍ସନ) ପ୍ରଶାନ୍ତକୁମାର ନାୟକଙ୍କ ସମେତ ସୁରକ୍ଷା, ନିରାପତ୍ତା, ଉତ୍ପାଦନ, ମାନବ ସମ୍ବଳ, ସୂଚନା ଓ ଲୋକ ସମ୍ପର୍କ ଏବଂ ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଗ୍ରୀଷ୍ମ ପ୍ରବାହରେ ରାସ୍ତାଘାଟ ଜନଶୂନ୍ୟ

**ଭବାନୀପାଟଣା,୩।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ସମେତ ଜିଲା ବିଭିନ୍ନ ଅଞ୍ଚଳରେ ଗତ ୫ରୁ ୬ ଦିନ ମଧ୍ୟରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଛି । ଅସହ୍ୟ ଗରମ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ସକାଳ ୧୧ଟା ପରେ ଲୋକେ ଘରୁ ବାହାରୁ ନାହାନ୍ତି। ପ୍ରଚଣ୍ଡ ଖରା ଯୋଗୁ ଗାନ୍ଧୀଛକ, ଷ୍ଟେଚ୍ୟୁ ଛକ, ମାଣିକେଶ୍ୱର ହାଇସ୍କୁଲ ଛକ, କଲେଜ ଛକ, ନକଟିଗୁଡା ଛକ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡିକରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଦିନ ଦ୍ୱିପହରରେ ବସ ଚଳାଚଳକୁ ବାରଣ କରାଯିବା ସହିତ ଯାତ୍ରୀବାହୀ ବସରେ ଓଆରଏସ ପିଇବା ପାଣି ସୁବିଧା କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ପ୍ରଚୁର ପରିମାଣରେ ଓଆରଏସ ପାଉଡର ସହିତ ଶୀତତାପ ନିୟନ୍ତ୍ରିତ କୋଠରି ସହିତ ଅନ୍ୟାନ୍ୟ ଔଷଧ ଗଚ୍ଛିତ ରଖିବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ

**ରାଉରକେଲା ଅଫିସ,୩।୪**

ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମାର୍ଟ ସିଟି ରାଉରକେଲାର ସ୍ୱାଧୀନ ନିର୍ଦ୍ଦେଶିକା ପ୍ରଫେସର ଡ. କଲ୍ୟାଣୀ ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଅଭୟ ଦାସ ସଂଘ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ କପିଳେଶ୍ୱର ମହାରଣା ବାର୍ଷିକ ବିବରଣୀ ପାଠ କରିବା ସହ ସଂଘର ଦୀର୍ଘ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ସୁବାସ ଦାସ ବକ୍ତବ୍ୟ ପ୍ରଦାନ କରି ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ମିଶ୍ର ତାଙ୍କ ଅଭିଭାଷଣରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଉଚ୍ଚକୋଟୀର ବୋଲି କହିଥିଲେ। ପ୍ରେମାନନ୍ଦ ସାମଲ ମଞ୍ଚ ପରିଚାଳନା କରିଥିବାବେଳେ କିଶୋର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ଭରପୁର ଉପଭୋଗ କରିଥିଲେ। ଅରବିନ୍ଦ ପାତ୍ର, ଅନିରୁଦ୍ଧ ଦାସ, ଧନଞ୍ଜୟ ଦାସ, ଶତ୍ରୁଘ୍ନ ଜେନା, ଜଗନ୍ନାଥ ମହନ୍ତ, ନୀଳମଣି ଗିରି, ବିରଜା ଦାସ, ଧରଣୀଧର ସାମଲ, ସଚ୍ଚିଦାନନ୍ଦ ମିଶ୍ର, ଚାନ୍ଦମଣି ବେହୁରା, ପ୍ରଫୁଲ୍ଲ ସିଂ, କୃତୀବାସ ମହାପାତ୍ର, ବିଷ୍ଣୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ବିଜେଡିର ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନବ ଦାସ ପ୍ରଚାର କରୁଛନ୍ତି।

# ପ୍ରଚାରରେ ବ୍ୟସ୍ତ ନବ

**ଲଇକେରା, ୩।୪ (ଡି.ଏନ.ଏ)**

ବିଜେଡିର ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନବ ଦାସ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଲଇକେରା ବ୍ଲକର ଭାତଲଇଡା ପଞ୍ଚାୟତର କେନ୍ଦୁଡିହି, ଭୁଲିଆଡିହି, ଓଡିଆପାଲି, ବାଗଡିହି ମୁରାଦୀପାଲି ଆଦି ଗ୍ରାମ ବୁଲି ବୁଲି ସେ ନିଜ ସପକ୍ଷରେ ଭୋଟ ମାଗି ପ୍ରଚାରକୁ ସରଗରମ କରିଛନ୍ତି । ଅଞ୍ଚଳରେ ପୂର୍ବରୁ କରିଥିବା ବିକାଶମୂଳକ କାର୍ଯ୍ୟକୁ ମୁଦ୍ଦା କରି ଚଳିତ ନିର୍ବାଚନୀ ବୈତରଣୀ ପାରି ହେବାକୁ ଅଣ୍ଟା ଭିଡିଛନ୍ତି । ପ୍ରଚାରରେ ବିଜେଡି ବ୍ଲକ ଉପସଭାପତି ଅଶୋକ ମାଝି, ଶ୍ରୀବନ୍ତ ପଟେଲ, ଜଗନ୍ନାଥ ଜେନା, ଉମାଶଙ୍କର ପ୍ରଧାନ ପ୍ରମୁଖ ସାମିଲ ହୋଇଛନ୍ତି।



ବ୍ରଜରାଜନଗର ସହରାଞ୍ଚଳର ରାମପୁର କ୍ରିକେଟ ପଡିଆରେ ଷଷ୍ଠ ପିପି ପଣ୍ଡା ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।



ଝାରସୁଗୁଡ଼ା ଜିଲା ଲଇକେରାରେ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ସଭାରେ କଂଗ୍ରେସର ନେତୃମଣ୍ଡଳୀ।



ଲଇକେରାରେ ଭାଜପା ପକ୍ଷରୁ ଅନୁଷ୍ଠିତ ନିର୍ବାଚନୀ ପ୍ରଚାର ପାଇଁ ଭାଜପା ପ୍ରାର୍ଥୀ ଶୋଭାଯାତ୍ରାରେ ଯାଉଛନ୍ତି।

# ଲଇକେରାରେ ଜମୁଛି ପ୍ରଚାର

**ଲଇକେରା, ୩।୪ (ଡି.ଏନ.ଏ)**

ଲଇକେରା ଅଞ୍ଚଳରେ ନିର୍ବାଚନୀ ପ୍ରଚାର ଚୋର ଧରୁଛି। ବୁଧବାର ମୁଦ୍ରାଜୋର ମକର ପଡିଆରେ କଂଗ୍ରେସର ପୁରୁଖା କର୍ମୀ କୃଷ୍ଣଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଝାରସୁଗୁଡା ବିଧାନସଭା ଆସନର ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାଏକ ଯୋଗଦେଇ ନିଜ ସପକ୍ଷରେ ଭୋଟ ମାଗିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ନାଏକ, ପ୍ରଶାନ୍ତ ତ୍ରିପାଠୀ, ବିଜୟ ଦାସ, ଶିଆରାମ ଦାସ, ସଞ୍ଜୟ ମହାପାତ୍ର, ଅଶ୍ୱିନୀ ବିଶ୍ୱାଳ, ବଳଭଦ୍ର ଅଡ଼ା ଯୋଗଦେଇ ବିଜେଡି ବିଧାୟକ ପ୍ରାର୍ଥୀ ନବ ଦାସ ଓ ଭାଜପା ଉପରେ ବର୍ଷିଥିଲେ । ଅନ୍ୟପଟେ ଭାଜପାର ବରଗଡ ଏମ୍‌ପି ପ୍ରାର୍ଥୀ ସୁରେଶ ପୂଜାରୀ ଓ ଦିନେଶ ଜୈନ ମଧ୍ୟ ପ୍ରଚାରରେ ଆସିଥିଲେ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ସୁନ୍ଦରଗଡଗସ୍ତ ୬ରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ବରିଷ୍ଠ ପୋଲିସ ଅଧିକାରୀ

**ସୁନ୍ଦରଗଡ, ୩।୪ (ଡି.ଏନ୍.ଏ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୬ରେ ନିର୍ବାଚନ ପ୍ରଚାର ପାଇଁ ସୁନ୍ଦରଗଡ ଆସୁଛନ୍ତି। ତାଙ୍କ ଗସ୍ତକୁ ଆଖି ଆଗରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥାନୀୟ ଜିଲା ପୋଲିସ ମୁଖ୍ୟାଳୟଠାରେ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିସହ ବରିଷ୍ଠ ଅଧିକାରୀମାନେ ନିର୍ବାଚନୀ ସଭା ହେବାକୁ ଥିବା କିରେଇ ନିକଟସ୍ଥ ରୂପିଡିହି ପଡିଆ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିଦିନ ପ୍ରଧାନମନ୍ତ୍ରୀ ମୋଦି ଏକ ସ୍ୱତନ୍ତ୍ର ବିମାନରେ ଝାରସୁଗୁଡା ପହଞ୍ଚି ହେଲିକେପ୍ଟର ଯୋଗେ ଏଠାକୁ ଆସିବେ। ପୂର୍ବାହ୍ନ ୧୦ଟାରେ ଜନସଭାକୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ସ୍ୱାଗତ ଓ ତାଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭାଜପା ପକ୍ଷରୁ ମଧ୍ୟ ପ୍ରସ୍ତୁତି ହୋଇଛି ।

### ଦୁଇ ରାଜା ବିଜେଡିର ପ୍ରଚାର ଅଭିଯାନରେ ସାମିଲ

**ହେମଗିର, ୩।୪ (ଡି.ଏନ.ଏ):** ଦିନକୁ ଦିନ ବିଜେଡି ପ୍ରଚାର ଅଭିଯାନକୁ ଯୋରଦାର କରିବାରେ ଲାଗିଛି। ସଦର ନିର୍ବାଚନ ମଣ୍ଡଳୀର ହେମଗିର ବ୍ଲକରେ ଦୁଇ ରାଜା ସାହେବ ସୁନିଲ ସିଂଦେଓ ଓ ସୁନ୍ଦରଗଡ ରାଜା ସାହେବ ସମରେନ୍ଦ୍ର ଶେଖର ଦେଓ ଷ୍ଟାର ପ୍ରଚାରକ ଭାବେ ପ୍ରଚାରର ମଙ୍ଗ ଧରିଛନ୍ତି। ଏହି ଅବସରରେ ହେମଗିର ବ୍ଲକର କାଉଦରହ, ବେନ୍ଦ୍ରିଚୁଆଁ, କୁଟ୍ରାଯୋର ଗ୍ରାମରେ ବିଜେଡି ତଥା ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ଅନୁରୋଧ କରିଥିଲେ। ଉଭୟ ରାଜା ସାହେବଙ୍କୁ ଗ୍ରାମବାସୀ ପାଖରେ ପାଇ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ବିଜେଡ଼ିର ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଏଥିରେ ବିଜେଡ଼ି ବ୍ଲକ ସଭାପତି ସୁକାନ୍ତ ପତି, ଶାନ୍ତ ଧୁଆ, ମୁସ୍ତାକ ଅହମ୍ମଦ, ମିଳନ ନାଏକ, ମୁନୁ ଘୋଷ, ବ୍ରିଜଲାଲ ପଟେଲ, ପ୍ରକାଶ ବହିଦାର ତଥା ବହୁ କର୍ମୀ ଉପସ୍ଥିତ ଥିଲେ।

### ଭାଜପାର ସୁନ୍ଦରଗଡ଼ ଜିଲା ନୂତନ ଉପସଭାପତି

**ସୁନ୍ଦରଗଡ଼, ୩।୪ (ଡି.ଏନ୍.ଏ):** ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା ସଭାପତି ବଟକିଶୋର ମିଶ୍ର ତାଙ୍କ ଜିଲା ପଦାଧିକାରୀ ତାଲିକାକୁ ସମ୍ପ୍ରସାରିତ କରିଛନ୍ତି। ନୂତନ ତାଲିକାରେ ମିଶ୍ର ତାଙ୍କ ଟିମ୍‌ରେ ଉପାଧ୍ୟାୟ ପାଣିଗ୍ରାହୀଙ୍କୁ ଜିଲାର ନୂତନ ଉପସଭାପତି ଭାବେ ମନୋନୀତ କରିଛନ୍ତି। ନୂତନ ଉପସଭାପତି ପାଣିଗ୍ରାହୀ ପୂର୍ବରୁ ବଡ଼ଗାଁ ପଞ୍ଚାୟତସମିତି କଲେଜର ବିଜ୍ଞାନ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ଚାକିରୀରୁ ଅବସର ନେବା ପରେ ସେ ଭାଜପାରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟଦକ୍ଷତାକୁ ଉପଲବ୍ଧି କରି ତାଙ୍କୁ ଏହି ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜିଲା ସଭାପତି ମିଶ୍ର ପ୍ରକାଶ କରିଛନ୍ତି। ତାଙ୍କ ନିଯୁକ୍ତି ପରେ ଦଳ ଆହୁରି ଶକ୍ତିଶାଳୀ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ରିଷିଡ଼ା ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ

**ରିଷିଡା,୩।୪(ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରାମଲୀଳାର ଆଦିପୀଠ ରିଷିଡାଠାରେ ରାମଲୀଳାର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାମକୃଷ୍ଣ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ହେଉଥିବା ରାମଲୀଳା କମିଟି ସଭାପତି ସୁନିଲ କୁମାର କେଡିଆଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବର୍ଷିୟାନ କଳାକାର ଡମ୍ବରୁଧର ପାତ୍ର, କମ୍ବୁପାଣି ସାହୁ, ଲଳିତ ମୋହନ ଦାସ, ଅନ୍ତର୍ଯ୍ୟାମୀ ମଲ୍ଲିକ, ଫକୀର ସାହୁ, ସୁଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ରାମଲୀଳା ଆକର୍ଷଣୀୟ କରିବା ପାଇଁ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ସଭ୍ୟ ନରୋତ୍ତମ ସେଲମା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର କୁନି କଳାକାରଙ୍କ ଦ୍ୱାରା ରାମଲୀଳା ଅନୁଷ୍ଠିତ ହେବା ପାଇଁ ଏକତ୍ରିତ ହୋଇଥିଲେ।

## ସୁନ୍ଦରଗଡ଼ ଲୋକ ସଭାକ୍ଷେତ୍ର, ଜମୁଛି ନିର୍ବାଚନୀ ପ୍ରଚାର

# ନେତା ଏବେ ଗ୍ରାମାଞ୍ଚଳମୁହାଁ

**ସୁନ୍ଦରଗଡ଼, ୩।୪ (ଡି.ଏନ୍.ଏ)**

ଆସନ୍ତା ୧୮ରେ ସୁନ୍ଦରଗଡ଼ ଲୋକସଭାକ୍ଷେତ୍ର ଓ ଏହାର ଅଧୀନସ୍ଥ ୭ ବିଧାନସଭା କ୍ଷେତ୍ରରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମନ୍ତେ ନିର୍ବାଚନୀ ପ୍ରଚାର ଧୀରେ ଧୀରେ ଜମିବାରେ ଲାଗିଲାଣି। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ପ୍ରାର୍ଥୀମାନେ ବର୍ତ୍ତମାନ ବିଶେଷକରି ଗ୍ରାମାଞ୍ଚଳ ଭୋଟରମାନଙ୍କୁ ହାତେଇବା ପାଇଁ ନିଜର ରଣ କୌଶଳ ଆରମ୍ଭ କରିଛନ୍ତି। ବିଶେଷକରି ସହର ଅପେକ୍ଷା ପ୍ରାର୍ଥୀମାନେ ଗାଁକୁ ଗାଁ ବୁଲି ପଦଯାତ୍ରା, ସଭାସମିତି ଜରିଆରେ ଭୋଟରଙ୍କ ନିକଟତର ହୋଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଦିନେ ଯେଉଁ ଗାଁରେ ପାଦ ପଡ଼ି ନ ଥିଲା, ଆଜି ସେହି ଗାଁକୁ ନେତାମାନେ ଯାଉଛନ୍ତି। ଗାଁଠୁ ସହର ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରଚାର ବ୍ୟାନର ହୋର୍ଡିଂ ସାଙ୍ଗକୁ ବିଭିନ୍ନ ଦଳର ନିର୍ବାଚନ ସଙ୍ଗୀତ ପ୍ରଚାରଗାଡି ନିର୍ବାଚନୀ ପରିବେଶକୁ ସରଗରମ କଲାଣି। ଜିଲାର ଏକମାତ୍ର ଲୋକସଭା ଆସନ ସମେତ ୭ଟି ବିଧାନସଭା ଆସନରେ ବାଜିମାତ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ନିଜ ଦଳର ହେଭିୱେଟ ନେତାମାନଙ୍କୁ ଆଣି ପ୍ରଚାର କରିବା କାର୍ଯ୍ୟକ୍ରମ ରଖିଛନ୍ତି। ସୁନ୍ଦରଗଡ଼ ଲୋକସଭା ଆସନରେ ୪ଥର ଏମ୍‌ପି ହୋଇଥିବା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭାଜପା ଏଥର ପୁଣି ପ୍ରାର୍ଥୀ କରି ଏହି ଆସନକୁ ନେବା ପାଇଁ ଆଶାବାନ୍ଧିଛି। କଂଗ୍ରେସ ଓ ବିଜୁ ଜନତା ଦଳ (ବିଜେଡ଼ି) ଏହି ଆସନରେ ନୂଆଁମୁହଁକୁ ଟିକେଟ ଦେଇଛି। ଜିଲାର ଟାଣୁଆ ଆଦିବାସୀ ନେତା ତଥା ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କୁ କଂଗ୍ରେସ ପ୍ରାର୍ଥୀ କରି ପାରମ୍ପରିକ ଭୋଟ ସହ ବିଶେଷକରି ଆଦିବାସୀଙ୍କ ଭୋଟକୁ ହାତେଇ ବିଜୟୀ ହେବା ପାଇଁ ଲକ୍ଷ୍ୟ ରଖିଛି। ସେହିପରି ବିଜୁ ଜନତା ଦଳ ଶାସନ କ୍ଷମତାକୁ ଆସିବା ପରେ ଏହି ସଂସଦୀୟ ଆସନକୁ ହାତେଇବା ପାଇଁ ସଫଳ ହୋଇ ନ ଥିବାବେଳେ ଚଳିତ ନିର୍ବାଚନରେ ସମ୍ପୂର୍ଣ୍ଣ ନୂଆଁମୁହଁ ମହିଳା ପ୍ରାର୍ଥୀ ଭାବେ ସୁନିତା ବିଶ୍ୱାଳଙ୍କୁ ଛିଡ଼ା କରିଛି। ରାଜ୍ୟରେ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ଆଖି ଆଗରେ ରଖି ବିଜେଡି ପ୍ରାର୍ଥୀ ଏହି ଆସନରେ ନିଶ୍ଚିତ ଭାବେ ବିଜୟୀ ହେବେ ବୋଲି ଦଳନେତୃବୃନ୍ଦ ଦୃଢୋକ୍ତି ବାଢିଛନ୍ତି। ୭ଟି ବିଧାନସଭା ଆସନଗୁଡିକରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ବିଶେଷକରି ସୁନ୍ଦରଗଡ ବିଧାନସଭା ଆସନ ଚଳିତ ନିର୍ବାଚନରେ ବେଶ ଚର୍ଚ୍ଚାରେ ରହିଛି। ୩ ପ୍ରମୁଖ ଦଳରେ କଂଗ୍ରେସରେ ଅମିତା ବିଶ୍ୱାଳ ପ୍ରଥମ କରି ନିର୍ବାଚନ ମୈଦାନକୁ ଓହ୍ଲାଇଥିବା ବେଳେ ଭାଜପା ଓ ବିଜେଡିରେ ପୁରୁଣାମୁହଁକୁ ନୂଆଚିହ୍ନକୁ ନେଇ ଲଢେଇ ହେବ। ଗତ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ଚଳିତ ନିର୍ବାଚନରେ ଭାଜପା ଟିକେଟରେ ନିର୍ବାଚନ ଲଢୁଥିବାବେଳେ ଏହି ଆସନରୁ କଂଗ୍ରେସ ଟିକେଟରେ ୨ଥର ବିଧାୟକ ହୋଇଥିବା ଯୋଗେଶ କୁମାର ସିଂ ଏଥର ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି। ମୁଖ୍ୟତଃ କୁସୁମ ଓ ଯୋଗେଶଙ୍କ ଲଢେଇ ଓ ହାରଜିତ ଉପରେ ସମସ୍ତଙ୍କର ନଜର ରହିଛି। ଏହି ଦୁଇଜଣଙ୍କ ଚେହେରା ଭୋଟରଙ୍କ ପାଇଁ ନୂଆଁ ନ ଥିବାବେଳେ ଦଳବଦଳ ପରେ ଉଭୟ ପ୍ରାର୍ଥୀଙ୍କ ପାଇଁ ଏହି ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି। ସେହିପରି ତଳସରା ଆସନରେ ବିଧାୟକ ଡା. ପ୍ରଫୁଲ୍ଲ ମାଝିଙ୍କ ଭାଜପାର ଭବାନୀ ଭୋଇ ଓ ବିଜେଡିର ଷ୍ଟିଫେନ ସୋରେଙ୍ଗ ସହିତ ପ୍ରତିଦ୍ୱନ୍ଦିତା ହେବ। ରାଜଗାଙ୍ଗପୁର ଆସନରେ ବିଜେଡିର ବରିଷ୍ଠ ନେତା ମଙ୍ଗଳା କିଷାନଙ୍କ ସହିତ ନୂଆଁମୁହଁ କଂଗ୍ରେସର ଡା. ସିଏସରାଜେନ ଏକ୍କା ଓ ଭାଜପାର ନରସିଂହ ମିଞ୍ଜଙ୍କ ମଧ୍ୟରେ ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବ। ଏଠାରେ ସ୍ୱାଧୀନ ପ୍ରାର୍ଥୀଙ୍କ ଯୋଗୁ ଦଳୀୟ ପ୍ରାର୍ଥୀମାନେ କଡା ମୁକାବିଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ସେହିପରି ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା ଓ ବଣାଇଁ ଆସନକୁ ଅକ୍ତିଆର କରିବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡିକ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଆସନ୍ତା ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ସକାଶେ ସୁନ୍ଦରଗଡ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ପ୍ରିୟଙ୍କା ଗାନ୍ଧୀ ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସମେତ ଦଳର ଅନ୍ୟ ହେଭିୱେଟ ନେତା ସୁନ୍ଦରଗଡ ଆସିବା କାର୍ଯ୍ୟକ୍ରମ ରହିଥିବା ଜିଲା କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି ।



ବିଜେଡ଼ି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ଲକସ୍ତରୀୟ ନେତା ଓ କର୍ମୀ।

## ୨୦ କଂଗ୍ରେସ କର୍ମୀ ବିଜେଡ଼ିରେ ମିଶିଲେ

**କୁଆଁରମୁଣ୍ଡା,୩।୪(ଡି.ଏନ.ଏ)**

ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ଏବେ ଅନ୍ୟ ଦଳର କର୍ମୀଙ୍କୁ ବିଜେଡ଼ି ନିଜ ଦଳରେ ସାମିଲ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଏହି ମର୍ମରେ ବୁଧବାର କଂଗ୍ରେସର କୁଆଁରମୁଣ୍ଡା ବ୍ଲକ ଯୁବ କଂଗ୍ରେସ ସଭାପତି ସୁଶୀଲ ସାହୁ, ଉପସଭାପତି ବିନୋଦ ରାଉତଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତସ୍ତରୀୟ ଟାଣୁଆ କର୍ମୀ ବୁଧବାର କଂଗ୍ରେସ ଛାଡି ଆନୁଷ୍ଠାନିକଭାବେ ବିଜେଡ଼ିରେ ସାମିଲ ହୋଇଛନ୍ତି। ଦଳରେ ନୂତନଭାବେ ଯୋଗ ଦେଇଥିବା ଉକ୍ତ କର୍ମୀମାନଙ୍କୁ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସଙ୍ଗଠନକୁ ଆହୁରି ମଜଭୁତ କରି ଆଗାମୀ ଦିନରେ ବୀରମିତ୍ରପୁର ନିବାଚନମଣ୍ଡଳୀରେ ଦଳ କିଭଳି ଏକ ନମ୍ବରରେ ରହିବ ସେଥିପାଇଁ ସମସ୍ତ ନେତା ଓ କର୍ମୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକ ଜିଲା ପରିଷଦ 'ଖ'ଜୋନରେ ଆଗାମୀ ଦିନରେ ବିଜେଡ଼ି ପକ୍ଷରୁ ପଞ୍ଚାୟତ ସଭାପତିମାନଙ୍କୁ ନେଇ ମାରାଥନ ବୈଠକ ଓ ରଣନୀତି ପ୍ରସ୍ତୁତ କରିବାକୁ ଏହି ଅବସରରେ ସ୍ଥିର କରାଯାଇଥିବା ଦଳର ଅନ୍ୟତମ ଯୁବନେତା ରାଜେଶ ଖାଲଖୋ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ବହୁ ପୁରୁଣା ଓ ବରିଷ୍ଠ ନେତା ବିଶେଷକରି ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷା ନିମନ୍ତୀ ଲୁଗୁନ, ଜିଓ କିଷାନ, 'ଖ' ଜୋନ ଜିଲାପରିଷଦ ସଭ୍ୟା ସୁନିତା ଅହିର, ବାଞ୍ଛାନିଧି ସାହୁ, ପାଉଲ ବେକ୍, ପୂର୍ବତନ ସମିତି ସଭ୍ୟ କ୍ଷୀତିପତି ରାଉତ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସମ୍ପର୍କିତ ଦୀର୍ଘ ଦିନର ଅଭିଜ୍ଞତା ସମ୍ପର୍କରେ ଉପସ୍ଥିତ ଯୁବନେତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ମିଶ୍ରଣ କାର୍ଯ୍ୟକ୍ରମକୁ ବିଜେଡ଼ି ଜିଲା ଯୁବ ସାଧାରଣ ସମ୍ପାଦକ ଶରତ ତନ୍ତୀ, ବ୍ଲକ ସଂଖ୍ୟାଲଘୁ ସେଲର ସମ୍ପାଦକ ଏମଡି ଅବଦୁଲଙ୍କ ସହ ଅନ୍ୟମାନେ ଆଗେଇ ନେଇଥିଲେ ।

## ଦେଶୀ, ବିଦେଶୀ ମଦ ଜବତ: ୩ ଗିରଫ



ଅବକାରୀ ବିଭାଗ କର୍ମଚାରୀଙ୍କ ସହ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**ଲହୁଣୀପଡା, ୩।୪ (ଡି.ଏନ.ଏ)**

ଲହୁଣୀପଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମହୁଲିମଦ, ବିଦେଶୀ ମଦ ଏବଂ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡା ବ୍ଲକ ଟାଙ୍ଗଯୋଡା ଗ୍ରାମର ନିରାଶ ମୁଣ୍ଡା ଘରୁ ଦୁଇଟି ଟିୟୁବରେ ପ୍ରାୟ ୪୦ ଲିଟର ଦେଶୀ ମହୁଲିମଦ ଏବଂ ତାଙ୍କ ଘରର ଅନତିଦୂରରେ ବ୍ରାହ୍ମଣୀ ନଦୀ କୂଳରୁ ୩୦ ବସ୍ତା ମହୁଲ ପୋଚ ଜବତ କରାଯାଇଥିବାବେଳେ ବଡଗୋଗୁଆ ଗ୍ରାମର ବଳରାମ ସାହୁ ଘରୁ ୨୪ଟି ବିଦେଶୀ ମଦ ବୋତଲ ଏବଂ କଣ୍ଡେଇଢ଼ିପା ଗ୍ରାମର ଫଗୁ କିଷାନ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନସିପେକ୍ଟର ପଦ୍ମଲୋଚନ ପ୍ରଧାନ, ସବ୍‌ଇନସପେକ୍ଟର ମାନୁ ଅଏଲ, ସୁରେଶ ଚନ୍ଦ୍ର ତାଣ୍ଡି, ନିରଞ୍ଜନ ନାୟକ ସମେତ ଅବକାରୀ ବିଭାଗ କର୍ମଚାରୀମାନେ ସାମିଲ ଥିଲେ।

## ଜାତୀୟ ରାଜପଥରେ ଦୁର୍ଘଟଣା: ବାଇକ୍ ଚାଳକ ଗୁରୁତର

**ବଣାଇ, ୩।୪ (ସ୍ୱ.ପ୍ର.)**

ବୁଧବାର ସନ୍ଧ୍ୟାରେ ୧୪୩ନମ୍ବର ଜାତୀୟ ରାଜପଥର ଧରଣୀଧରପାଲିଠାରେ ଏକ ଦଶଚକିଆ ଟ୍ରକ- ବାଇକକୁ ଧକ୍କା ଦେଇଛି। ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକଙ୍କ ନାମ ଗୁଣନିଧି କିଷାନ ଏବଂ ତାଙ୍କ ଘର କନ୍ତସରା ଗ୍ରାମରେ ବୋଲି ଜଣାପଡିଛି। ବଣାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି ।

## ଡାଲମିଆ ସିମେଣ୍ଟରେ ସୁରକ୍ଷା ମାସ ଉଦ୍‌ଯାପିତ

**ରାଜଗାଙ୍ଗପୁର, ୩।୪ (ଡି.ଏନ.ଏ)**

ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡରେ ଗତ ଏକ ମାସ ଧରି ଚାଲିଥିବା ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ମାସ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଶ୍ରେଣୀର କର୍ମଚାରୀ ଓ ଅଧିକାରୀ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପରିଚାଳନା କର୍ତ୍ତୃପକ୍ଷଙ୍କ ସୁରକ୍ଷା ପ୍ରତି ଥିବା ଅଙ୍ଗୀକାରବଦ୍ଧତାର ଏହା ସୂଚକ ଥିଲା। ବୁଧବାର ପୂର୍ବାହ୍ନରେ ଡାଲମିଆ ସିମେଣ୍ଟ ଅଡିଟୋରିୟମରେ ଆୟୋଜିତ ଭବ୍ୟ ଉଦ୍‌ଯାପନୀ ଉତ୍ସବରେ ରାଉରକେଲାରେ ଅବସ୍ଥାପିତ ସହକାରୀ ନିର୍ଦ୍ଦେଶକ (କାରଖାନା ଏବଂ ବାଷ୍ପୀୟ) ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ଏବଂ ଅଧିକାରୀମାନଙ୍କୁ ଦୁର୍ଘଟଣା ବିନା ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। କାରଖାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା କାରଖାନାକୁ ଦୁର୍ଘଟଣାମୁକ୍ତ କରିବା ପାଇଁ ସମସ୍ତ କର୍ମଚାରୀ ଶପଥ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷା ବିଧି ଉପରେ ଏକ ପାଲା ମଧ୍ୟ ପରିବେଷଣ କରାଯାଇଥିଲା । ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଡାଲମିଆ ସିମେଣ୍ଟର ଅନ୍ୟତମ ବରିଷ୍ଠ ଅଧିକାରୀ ସିପିପି ମୁଖ୍ୟ ନବଘନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଞ୍ଜିନିୟରିଂ ବିଭାଗର ସିନିୟର ଜିଏମ ଅରବିନ୍ଦ ସିଂ ମାସିକ ସୁରକ୍ଷା ବିବରଣୀ ପାଠ କରିଥିଲେ। ସୁରକ୍ଷା ମାସ ପାଳନ ସମୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜୟୀଙ୍କୁ ଉଦ୍‌ଯାପନୀ ସମାରୋହରେ ପୁରସ୍କୃତ କରାଯାଇଥିଲା। ଟେକ୍ନିକାଲ ବିଭାଗର ଏଇଡି ଲୋକେଶ ବାହେତି ଏବଂ ସୁରକ୍ଷା ବିଭାଗର ଏଜିଏମ ବିଚିତ୍ର କୁମାର ବଳ ଏହି ଉପଲକ୍ଷେ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାରଖାନା ମଧରେ କିଭଳି ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ ଏବଂ ଦୁର୍ଘଟଣା ଏଡାଯିବ ସେ ସମ୍ପର୍କରେ ବିଭିନ୍ନ ତଥ୍ୟ ଜଣାଇଥିଲେ। କ୍ୱାଲିଟି ବିଭାଗର ସୁରେଶ କୁମାର ବାରିକ ଏହି ସଭାକୁ ପରିଚାଳନା କରିଥିଲେ। ଦୁର୍ଗେଶ କୁମାର ମିଶ୍ର ଧନ୍ୟବାଦ କରିଥିଲେ।



କୁଆଁରମୁଣ୍ଡା ଟେଲିପୋଷ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସୁନ୍ଦରଗଡ଼ ଜିଲା ଶିକ୍ଷା ଅଧିକାରୀ ରଂଜନ ଗିରି ଉଦ୍‌ବୋଧନ ଦେଉଛନ୍ତି।

## ଟ୍ରେନରେ ଗୋଡ କଟି ଯୁବତୀଙ୍କ ମୃତ୍ୟୁ

**କେସିଙ୍ଗା,୩।୪(ଡି.ଏନ.ଏ.)**

ଟିଁଲାଗଡ କେସିଙ୍ଗା ମଝିରେ ଜଣେ ମାନସିକ ଯୁବତୀଙ୍କ ଟ୍ରେନରେ ଗୋଡ କଟି ବୁଧବାର ମୃତ୍ୟୁ ଘଟିଛି । ଟିଁଲାଗଡ ସହରରୁ ୨ କି.ମି. ଦୂରବର୍ତ୍ତୀ ବାକ୍ସୁପଲା ଗ୍ରାମର ରେଣୁକା ପୋଢ଼ (୨୧) ମାନସିକ ରୋଗରେ ପୀଡିତଥିଲେ । ବୁଧବାର ସକାଳେ ଘରୁ ପଳାଇ ଟିଁଲାଗଡ-କେସିଙ୍ଗା ମଝିରେ ସମ୍ବଲପୁର-ରାୟଗଡା ଏକ୍ସପ୍ରେସରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ବେଳେ ଟ୍ରେନରେ ଗୋଡ କଟିଯାଇଥିଲା।

## ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ରାଏବୋଗା ସ୍କୁଲ ପଡିଆରେ ଭାଜପାର ନିର୍ବାଚନୀ ସମାବେଶ

# ଓଡ଼ିଶାରେ ଆଖିଦୃଶିଆ ପ୍ରଗତି ହୋଇନାହିଁ

**କୁଆଁରମୁଣ୍ଡା, ୩।୪(ଡି.ଏନ.ଏ)**

ପାଖାପାଖି ଦୁଇ ଦଶନ୍ଧି ଧରି ଓଡିଶାରେ ଶାସନ କରୁଥିବା ବିଜୁ ଜନତା ଦଳ (ବିଜେଡ଼ି) ରାଜ୍ୟରେ ସେଭଳି କିଛି ଆଖିଦୃଶିଆ ବିକାଶ କରିନାହିଁ। ବିଜୁଜନତା ଦଳ ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଆ ଭାଷା ଭଲଭାବେ କହି ନ ପାରିବା ପ୍ରତ୍ୟେକ ଓଡିଆଙ୍କ ପାଇଁ ନିଶ୍ଚିତ ଭାବେ ଦୁଃଖର ବିଷୟ। ଓଡିଶା ଓ ଝାଡଖଣ୍ଡ ରାଜ୍ୟ ମଧ୍ୟରେ ତୁଳନା କଲେ ଝାଡଖଣ୍ଡରେ କେନ୍ଦ୍ରୀୟ ଯୋଜନାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ବ୍ୟବସ୍ଥା ଇତ୍ୟାଦିର ଉନ୍ନତି ଓଡିଶା ରାଜ୍ୟଠାରୁ ଢେର ଆଗରେ ରହିଛି। ସେହିପରି ଝାଡଖଣ୍ଡରେ ବିଧବାଭତା ମାସକୁ ୧୦୦୦ଟଙ୍କା ହୋଇଥିବା ବେଳେ ଗରିବ ଲୋକଙ୍କ ପାଇଁ ଓଡିଶା ଠାରୁ ଢେର ଅଧିକ ଯୋଜନା କରାଯାଇ ଲୋକଙ୍କର ବିକାଶ କରାଯାଉଛି ।ଏହା ସମ୍ଭବ ହେବାର ମୁଖ୍ୟ କାରଣ ହେଉଛି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ସାଙ୍ଗକୁ ଝାଡ଼ଖଣ୍ଡରେ ମଧ୍ୟ ଭାଜପା ସରକାର। ତେଣୁ ଓଡିଶାରେ ଆଗାମୀ ନିର୍ବାଚନରେ ଯଦି ବର୍ତ୍ତମାନର ସରକାର ବଦଳି ଭାଜପା ସରକାର ଗଠନ କରେ ତେବେ ରାଜ୍ୟର ବିକାଶ ପୂର୍ବ ଅପେକ୍ଷା ଢେର ଗୁଣ ବଢିପାରିବ ବୋଲି ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବୀର ଦାସ ବୁଧବାର ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ନିବାଚନମଣ୍ଡଳୀର ରାଏବୋଗା ସ୍କୁଲ ପଡିଆରେ ଆୟୋଜିତ ଭାଜପା ନିର୍ବାଚନୀ ସମାବେଶରେ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଏପରିକି ଓଡିଶାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଜଣେ ପ୍ରଶାସକଙ୍କ ଅଙ୍ଗୁଳି ନିର୍ଦ୍ଦେଶରେ ଶାସନ ଚାଲିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ସେ କଟାକ୍ଷ କରିଥିଲେ। ତେଣୁ ଚଳିତ ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଡବଲ ଇଞ୍ଜିନଭଳି ରାଜ୍ୟର ବିକାଶ ହୋଇପାରିବ ବୋଲି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଦାସ ଏହି ଅବସରରେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ନିବାଚନୀ ପ୍ରଚାର ସମାବେଶରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ, ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଲଡୁଆ ଯୁବନେତା ସଞ୍ଜିବ ପ୍ରତାପ ସିଂଦେଓ, ଛତିଶଗଡର ଟାଣୁଆ ଭାଜପା ନେତା ରଞ୍ଜନ ପଟେଲ ପ୍ରମୁଖ ମଞ୍ଚାସୀନ ରହି ଦଳର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଜନସାଧାରଣଙ୍କ ସାହାଯ୍ୟ ଲୋଡିଛନ୍ତି। ଏହି ଅବସରରେ ବିଜେଡ଼ି, କଂଗ୍ରେସ ଦଳର ବହୁ ପୁରୁଣା କର୍ମୀମାନେ ଭାଜପାରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସମ୍ପାଦକ ଶଙ୍କର ପୂଜାରୀ, ସରିତା ପଟ୍ଟନାୟକ, ରୀନା ମେହେର, ବୀରମିତ୍ରପୁର ପୌରପାଳିକା କାଉନସିଲର କୋଇଲି ଭଗତ, ବୀରମିତ୍ରପୁର ଟାଉନ ସଭାପତି ସୁନିଲ ତିୱାରୀ, କୁଆଁରମୁଣ୍ଡା ବ୍ଲକ ସଭାପତି ମନୋଜ ବାର୍ଲା, ଦିଲ୍ଲୀପ ପଟେଲ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।





ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରାଏବୋଗା ସ୍କୁଲ ପଡିଆରେ ଆୟୋଜିତ ଭାଜପା ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

### ବହୁ ପୁରୁଣା ବିଜେଡ଼ି, କଂଗ୍ରେସ କର୍ମୀ ଭାଜପାରେ ମିଶିଲେ

## ବାଇକ୍ ଉପରେ ଚଢ଼ିଗଲା ହାଇୱା: ୨ ଯୁବକ ମୃତ

**ଟେନ୍‌ସା, ୩।୪ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୋଇଡା ଥାନା ଅନ୍ତର୍ଗତ ଶଙ୍ଖପଡା ଛକ ନିକଟରେ ବୁଧବାର ମଧାହ୍ନରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଥିରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବଡଇନ୍ଦିପୁର ଗ୍ରାମର ଲୋଛନ ମୁଣ୍ଡା ଏବଂ ତାଙ୍କ ସହଯୋଗ ସପନ ମୁଣ୍ଡା କୌଣସି କାମରେ ବାଇକ ଯୋଗେ କୋଲମଙ୍ଗ ଯାଇ ଘରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଏକ ଆଇରନ ବୋଝେଇ ବାର ଚକିଆ ହାଇୱା ସାନଇନ୍ଦିପୁର ନିକଟ ଶଙ୍ଖପଡ଼ା ଛକ ନିକଟରେ ବାଇକକୁ ଧକ୍କା ଦେଇ ଚଢ଼ିଯାଇଥିଲା। ଫଳରେ ଲଛମନ ଓ ତାଙ୍କ ସହଯୋଗୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଉଭୟଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ। ହାଇୱା ଗାଡିର ଡ୍ରାଇଭର, ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। କୋଇଡା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।